# ଧରିତ୍ରୀ
DHARITRI

ବୁଧବାର, ଏପ୍ରିଲ ୨୨/୨୦୨୦ (୧୮ ପୃଷ୍ଠା) | Wednesday, April 22/2020

୪୬ଶ ଭାଗ ୧୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଉର୍ବଶୀ ମନେପକାଇଲେ ପୁରୁଣା ସ୍ମୃତି**

ଅଭିନେତ୍ରୀ ଉର୍ବଶୀ ରୌତେଲା ଲକ୍‌ଡାଉନ୍‌ରେ ନିଜର ଅନେକ ସୁନ୍ଦର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏବେ ଏଗୁଡ଼ିକ ଭାଇରାଲ ହେବାରେ ଲାଗିଛି।

୦୭

୧୮

**ଗାଭାସ୍କରଙ୍କ ଅଭିନବ ପ୍ରସ୍ତାବ**

ଟି୨୦ ବିଶ୍ୱକପ୍‌ର ଆୟୋଜନ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅଦଳବଦଳ କରିବାକୁ ପ୍ରସ୍ତାବ ଦେଇଛନ୍ତି କ୍ରିକେଟ କିମ୍ବଦନ୍ତୀ ସୁନୀଲ ଗାଭାସ୍କର।



# ବାଲେଶ୍ୱରରେ ଆଉ ୫ ଚିହ୍ନଟ

- ୪୪ ନମ୍ବର କରୋନା ଆକ୍ରାନ୍ତଙ୍କ ମୃତ୍ୟୁ
- କ୍ୟାନ୍ସରରେ ମରିଥିବା ସୂଚନା
- ୭୯ରେ ପହଞ୍ଚିଲା କରୋନା ପଜିଟିଭ୍‌ଙ୍କ ସଂଖ୍ୟା
- ସୁସ୍ଥ ହେଲେ ୫ରୋଗୀ
- କରୋନା ମୁକ୍ତ ହେଲା ୪ଜିଲା

**ଭୁବନେଶ୍ୱର, ୨୧।୪(ବ୍ୟୁରୋ)**

ରାଜ୍ୟରେ ମଙ୍ଗଳବାର ଆଉ ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭୯ରେ ପହଞ୍ଚିଛି। ନୂତନ ଚିହ୍ନଟ ହୋଇଥିବା ସମସ୍ତ ଆକ୍ରାନ୍ତ ବାଲେଶ୍ୱରର। ଏମାନଙ୍କ ମଧ୍ୟରେ ଜଣେ ନାବାଳକ, ୨ ଜଣ ମହିଳା ଓ ୨ ଜଣ ପୁରୁଷ ରହିଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚିହ୍ନଟ ହୋଇଥିବା ଏହି ସମସ୍ତ ଆକ୍ରାନ୍ତ ପୂର୍ବରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତ ତଥା ୬୧ ନମ୍ବର କରୋନା ସଂକ୍ରମିତଙ୍କ ନିକଟ ସମ୍ପର୍କୀୟ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଦୁଇ ମହିଳାଙ୍କ ବୟସ ୩୪ ହୋଇଥିବାବେଳେ ୨ ପୁରୁଷ ଆକ୍ରାନ୍ତଙ୍କ ବୟସ ୩୮ ଓ ୨୬ବର୍ଷ। ଅନ୍ୟଜଣେ ଚିହ୍ନଟ ନାବାଳକଙ୍କ ବୟସ ୧୨ବର୍ଷ। ଏହି ୫ଜଣଙ୍କୁ ମିଶାଇଲେ ବାଲେଶ୍ୱରରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮ରେ ପହଞ୍ଚିଛି।



ଅନ୍ୟପଟେ ମଙ୍ଗଳବାର ରାଜ୍ୟର ୪୪ ନମ୍ବର କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ତେବେ ତାଙ୍କର କରୋନାରେ ନୁହେଁ, ବରଂ ଅନ୍ୟ ରୋଗ ଥିବାରୁ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୭୦ବର୍ଷୀୟ ଏହି ରୋଗୀଜଣଙ୍କ ଗତ ୭ ତାରିଖରେ ପଶ୍ଚିମବଙ୍ଗ ମେଦିନାପୁରରୁ ବାହାରି ୮ତାରିଖରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ☞ପୃଷ୍ଠା-୪

## ୩ ଜିଲା ପାଇଁ ରାପିଡ୍ ରେସ୍ପନ୍ସ ଟିମ୍

**ଭୁବନେଶ୍ୱର, ୨୧।୪(ବ୍ୟୁରୋ)**

ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ସରକାରଙ୍କ ନିଦ ହଜାଇଦେଲାଣି। ଗତ ଦୁଇଦିନରେ ଏହି ତିନି ଜିଲାରେ ଏକାଥରକେ ୧୭ଜଣ ଆକ୍ରାନ୍ତ ହୋଇସାରିଲେଣି। ଯାହା ଜିଲା ପ୍ରଶାସନ ପାଇଁ ମଧ୍ୟ ଚିନ୍ତାର କାରଣ ପାଲଟିଯାଇଛି। ପରିସ୍ଥିତିର ଅନୁଧ୍ୟାନ ପାଇଁ ମଙ୍ଗଳବାର ୩ଟି ଷ୍ଟେଟ୍ ରାପିଡ୍ ରେସ୍ପନ୍ସ ଟିମ୍ ଗଠିତ ହୋଇଛି। ଏହି ତିନୋଟି ଟିମ୍ ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଗସ୍ତ କରିବେ। ଯାଜପୁର ଜିଲାକୁ ଏସ୍‌ସିବି ମେଡିକାଲ କଲେଜର ଟେକ୍ନିକାଲ ଟିମ୍ ଗସ୍ତ କରିବେ। ଫକୀର ମୋହନ ମେଡିକାଲ କଲେଜର ଟେକ୍ନିକାଲ ଟିମ୍ ବାଲେଶ୍ୱର ଓ ଭଦ୍ରକ ଜିଲା ଗସ୍ତ କରିବେ। ଏହାଛଡ଼ା ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ବାଲେଶ୍ୱର, ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଭଦ୍ରକ ଏବଂ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଯାଜପୁର ଗସ୍ତ କରି କାର୍ଯ୍ୟର ତଦାରଖ କରିବେ। ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ ମେଡିକାଲ କଲେଜ, ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ରାଜ୍ୟସ୍ତରୀୟ ରାପିଡ୍ ରେସ୍ପନ୍ସ ଟିମ୍‌ର ବିଶେଷଜ୍ଞଙ୍କୁ ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲାର ଆବଦ୍ଧ ଅଞ୍ଚଳ(କଣ୍ଟେନମେଣ୍ଟ ଜୋନ୍)ରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ତଦାରଖ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।



ପୁରୀ ବେଳାଭୂମିରେ ମଙ୍ଗଳବାର ଅଲଟେରାଇନ୍ ଭେହିକିଲ୍‌ରେ ପୋଲିସ ପାଟ୍ରୋଲିଂ କରୁଛି।

# ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ ସୁରକ୍ଷା

## କାର୍ଯ୍ୟରେ ଥାଇ ମୃତ୍ୟୁ ଘଟିଲେ ମିଳିବ ଶହୀଦ ମାନ୍ୟତା



- ପରିବାରବର୍ଗ ପାଇବେ ୫୦ ଲକ୍ଷ ଟଙ୍କା
- ଅବସର ଯାଏ ମିଳିବ ସମ୍ପୂର୍ଣ୍ଣ ଦରମା, ପେନ୍‌ସନ୍
- ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ ଆକ୍ରମଣକୁ ରାଜ୍ୟ ବିରୋଧରେ ଆକ୍ରମଣ ଧରାଯିବ
- ଅଭିଯୁକ୍ତଙ୍କ ବିରୋଧରେ ଲାଗିବ ଏନ୍‌ଏସ୍‌ଏ

**ଭୁବନେଶ୍ୱର,୨୧।୪(ବ୍ୟୁରୋ)**

କରୋନା(କୋଭିଡ୍-୧୯)ମୁକାବିଲା କ୍ଷେତ୍ରରେ ଆଗରେ ଥିବା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ପାରାମେଡିକାଲ କର୍ମଚାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏକ ବଡ ଘୋଷଣା କରିଛନ୍ତି। ଯଦି କର୍ତ୍ତବ୍ୟ ପାଳନ ବେଳେ ଡାକ୍ତର କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କର ମୃତ୍ୟୁ ଘଟେ ତେବେ ସେମାନଙ୍କୁ ଶହୀଦ ମାନ୍ୟତା ମିଳିବ। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ମୃତକଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ। ଏହା ସହିତ ପରିବାରକୁ ୫୦ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ସେହିପରି ମୃତକଙ୍କ ପରିବାରକୁ ଅବସର ସମୟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଦରମା ମିଳିବା ସହିତ ପେନ୍‌ସନ୍ ମଧ୍ୟ ଦିଆଯିବ। ସେମାନଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ପ୍ରତିବର୍ଷ ଜାତୀୟ ଦିବସରେ ପୁରସ୍କାର ଦେବାର ବ୍ୟବସ୍ଥା କରାଯିବ। କେବଳ ସେତିକି ନୁହେଁ କାର୍ଯ୍ୟରତ ଡାକ୍ତର କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ମୁଖ୍ୟମନ୍ତ୍ରୀ କଡା ଚେତାବନୀ ଦେଇଛନ୍ତି। ଯଦି କୌଣସି ବ୍ୟକ୍ତି ଡାକ୍ତରଙ୍କୁ ଆକ୍ରମଣ କିମ୍ବା କର୍ତ୍ତବ୍ୟ ବେଳେ ବାଧା ସୃଷ୍ଟି କରିବେ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଭିଡିଓ ବାର୍ତ୍ତାରେ ସୂଚନା ଦେଇଛନ୍ତି। ଏପରିକି ଅଭିଯୁକ୍ତଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ(ଏନ୍‌ଏସ୍‌ଏ) ଲାଗୁ କରାଯିବ। ଏହା ରାଜ୍ୟ ପ୍ରତି ଆକ୍ରମଣ ବୋଲି ଧରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସମଗ୍ର ମାନବଜାତି କରୋନା ମହାମାରୀ ବିରୋଧରେ ଲଢୁଛି। ଗତ ୩ ମାସରେ ବିଶ୍ୱରେ ଏଥିଯୋଗୁ ୧.୭ ଲକ୍ଷ ଲୋକଙ୍କର ଜୀବନ ଗଲାଣି। ଏହି ଅଦୃଶ୍ୟ ଶତ୍ରୁ ବିଶ୍ୱର କୌଣସି ଦେଶକୁ ବାଦ୍ ଦେଇ ନାହିଁ। ସେହି ଶତ୍ରୁ ସହ ଚାଲିଥିବା ଯୁଦ୍ଧରେ ଆଗ ଧାଡିର ଯୋଦ୍ଧା ସାଜିଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଜ ଜୀବନକୁ ବାଜି ଲଗାଇଛନ୍ତି। ସେମାନେ ନିଜକୁ ବିପଦରେ ପକାଇ କାର୍ଯ୍ୟ କରୁଛନ୍ତି। ଦେଶ ସୁରକ୍ଷା ପାଇଁ ଜୀବନ ଦେଉଥିବା ଯୋଦ୍ଧାମାନଙ୍କୁ ଆମେ ସମ୍ମାନ ଦେଇ ଆସିଛୁ। ଏହା ଆମର ଏକ ମହାନ ପରମ୍ପରା। ସେହିପରି କୋଭିଡ୍ ୧୯ ଯୋଦ୍ଧାମାନଙ୍କୁ ସେମାନଙ୍କର ସର୍ବୋତ୍ତମ କର୍ତ୍ତବ୍ୟ ପାଇଁ ସମ୍ମାନ ଦେବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କର ☞ପୃଷ୍ଠା-୪

# ଆଉଟସୋର୍ସିଂ ନିଯୁକ୍ତି କ୍ଷେତ୍ର କ୍ଷତିଗ୍ରସ୍ତ

- ଲକ୍‌ଡାଉନ ଯୋଗୁ କାମ ଠପ୍
- ନିରାପତ୍ତା ଲାଗି ୱାର୍କ ଫ୍ରମ୍ ହୋମ୍ ମନା
- ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାରକୁ ଗୁରୁତ୍ୱ
- ଆଉଟସୋର୍ସିଂ ମଡେଲ ଉପରେ ପୁନର୍ବିଚାର ଆବଶ୍ୟକ

**ମୁମ୍ବାଇ,୨୧।୪**

ଆଉଟସୋର୍ସିଂ ଶିଳ୍ପ ଉପରେ ଲକ୍‌ଡାଉନ୍‌ର ଗଭୀର ପ୍ରଭାବ ପଡ଼ିଛି। ଦେଶର ପ୍ରମୁଖ ଆଇଟି ହବ୍ କୁହାଯାଉଥିବା ବାଙ୍ଗାଲୋର କିମ୍ବା ଫିଲିପାଇନ୍ସର ମାନିଲା ଭଳି ଅନ୍ୟ ସ୍ଥାନଗୁଡ଼ିକରେ ଏବେ ଲକ୍‌ଡାଉନ ଯୋଗୁ ଆଉଟସୋର୍ସିଂ କାମ ପ୍ରଭାବିତ ହୋଇଛି। ଫଳରେ କମ୍ପାନୀଗୁଡ଼ିକର ନିଯୁକ୍ତି କ୍ଷତିଗ୍ରସ୍ତ ହେଉଥିବା ଜଣାପଡିଛି। ଲୋକମାନେ କାମ କ୍ଷେତ୍ରକୁ ଆସିପାରୁ ନାହାନ୍ତି। ଅଧିକ ଲୋକଙ୍କୁ କାମରେ ରଖିବା ଅପେକ୍ଷା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାରକୁ ଏବେ ଅଧିକ ଗୁରୁତ୍ୱ ଦିଆଯାଉଥିବା ଦେଖାଯାଉଛି। ଲକ୍‌ଡାଉନ କଟକଣା ଲାଗି ବିଭିନ୍ନ ଦେଶରେ ସାଧାରଣ ଜନଜୀବନ ପ୍ରଭାବିତ ହୋଇଛି। ଏହାବାଦ ଲଜିଷ୍ଟିକ କ୍ଷେତ୍ରରେ ସମସ୍ୟା ଦେଖାଯାଇଛି। ଫଳରେ କଲ୍ ସେଣ୍ଟରଗୁଡ଼ିକରେ କାମ କରୁଥିବା ମ୍ୟାନେଜରମାନେ ଅଫିସ ଆସିବାକୁ ସକ୍ଷମ ହେଉନାହାନ୍ତି। ସେହିଭଳି ବିଦେଶୀ କମ୍ପାନୀଗୁଡିକ ପାଇଁ ବ୍ୟାକ୍ ଅଫିସ କାର୍ଯ୍ୟ କରୁଥିବା ସଂସ୍ଥାଗୁଡିକର କାମରେ ବାଧା ଉପୁଜିଛି। ଏଥିଯୋଗୁ ବିଦେଶୀ କମ୍ପାନୀଗୁଡିକ ସେମାନଙ୍କ କାମକୁ ବାହାରୁ କରାଇବାକୁ ଚାହୁଁନାହାନ୍ତି। ଫଳରେ ଉକ୍ତ କ୍ଷେତ୍ର ଲାଗି ଆଉଟସୋର୍ସିଂରେ କାମ କରୁଥିବା ଲୋକଙ୍କ ଉପରେ ଏହାର ପ୍ରଭାବ ସିଧାସଳଖ ପଡୁଛି ବୋଲି ବଜାର ବିଶେଷଜ୍ଞ କହିଛନ୍ତି।

ଆଉଟସୋର୍ସିଂ କମ୍ପାନୀଗୁଡ଼ିକରେ କାମ କରୁଥିବା କର୍ମଚାରୀଙ୍କୁ ୱାର୍କ ଫ୍ରମ୍ ହୋମ୍ ସୁବିଧା ଦେବାରେ ମଧ୍ୟ ଅସୁବିଧା ରହିଛି। କାରଣ ସ୍କଟ୍‌ଲାଣ୍ଡ ଏବଂ ସାନ୍‌ଫ୍ରାନ୍‌ସିସ୍କୋ ଭଳି ସ୍ଥାନର ବ୍ୟାଙ୍କ ଗ୍ରାହକଙ୍କ ଆର୍ଥିକ ଟ୍ରାଞ୍ଜାକଶନ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମ୍ୟାଟେରିଆଲ ପରିଚାଳନା ଏହି କମ୍ପାନୀଗୁଡିକ କରିଥାନ୍ତି। ଏଗୁଡିକୁ ଘରୁ କରିବା କଟକଣା ରହିଛି। ଭାରତ ସମେତ ଫିଲିପାଇନ୍ସ ଭଳି ଦେଶଗୁଡିକରେ ବ୍ରଡ୍‌ବ୍ୟାଣ୍ଡ ସୁବିଧାରେ ବିଭିନ୍ନ ଅସୁବିଧା ଦେଖାଯାଇଥାଏ। ସେହିଭଳି ସବୁ କର୍ମଚାରୀଙ୍କୁ ଲାପ୍‌ଟପ୍ ପ୍ରଦାନ କରିବା ସ୍ଥିତିରେ କମ୍ପାନୀ ନ ଥାନ୍ତି। ☞ପୃଷ୍ଠା-୪



**ଜୁମ୍ ଆପ୍‌କୁ ହାଇକୋର୍ଟଙ୍କ ନା**

୪

**ଆଜିର ସମ୍ପାଦକୀୟ**

**ଡାକ୍ତରଙ୍କ ସୁରକ୍ଷା**

**ଆଜିର ମନ୍ତବ୍ୟ**

“ ଗରିବଙ୍କ ଚାଉଳରେ ଧନୀଙ୍କ ପାଇଁ ହ୍ୟାଣ୍ଡ ସାନିଟାଇଜର ପ୍ରସ୍ତୁତ କରୁଛନ୍ତି ସରକାର।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

# ରାପିଡ୍ ଟେଷ୍ଟ କିଟ୍‌ରେ ତ୍ରୁଟି

- ଦୁଇଦିନ ବ୍ୟବହାର ନ କରିବାକୁ ପରାମର୍ଶ
- ୧.୨୪ କୋଟି କରୋନା ଯୋଦ୍ଧାଙ୍କ ପୋର୍ଟାଲ ପ୍ରସ୍ତୁତ

**ନୂଆଦିଲ୍ଲୀ,୨୧।୪(ପି.ଟି.)**

କୋଭିଡ୍-୧୯ର ଦ୍ରୁତ ପରୀକ୍ଷା ପାଇଁ ବ୍ୟବହୃତ ଉପକରଣ (ରାପିଡ୍ ଟେଷ୍ଟ କିଟ୍)ରେ ତ୍ରୁଟି ଥିବା ଅଭିଯୋଗ ମିଳିବା ପରେ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ଦୁଇଦିନ ପାଇଁ ଏହାର ବ୍ୟବହାର ବନ୍ଦ ରଖିବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛି। ଉକ୍ତ ଉପକରଣଗୁଡ଼ିକର କ୍ଷେତ୍ର ବୈଧତା ଯାଞ୍ଚ ପରେ ଆଡଭାଇଜରି ଜାରି କରାଯିବ ବୋଲି ଆଇସିଏମ୍‌ଆର୍ କହିଛି। ରାପିଡ୍ ଟେଷ୍ଟ କିଟ୍‌ରେ ତ୍ରୁଟି ଥିବା ନେଇ ସୋମବାର ଏକ ରାଜ୍ୟରୁ ଅଭିଯୋଗ ମିଳିବା ପରେ ଆଇସିଏମ୍‌ଆର୍ କର୍ତ୍ତୃପକ୍ଷ ଏନେଇ ତିନୋଟି ରାଜ୍ୟ ସହ ଆଲୋଚନା କରିଥିଲେ। ରାପିଡ୍ ଟେଷ୍ଟ କିଟ୍ ଏବଂ ଆର୍‌ଟି-ପିସିଆର୍ କିଟ୍‌ର ଫଳାଫଳରେ ଯଥେଷ୍ଟ ତଫାତ୍ ରହୁଥିବା ଜଣାପଡିବାରୁ ରାଜ୍ୟଗୁଡ଼ିକୁ ଆଗାମୀ ଦୁଇଦିନ ଏହାର ବ୍ୟବହାର ନ କରିବାକୁ କୁହାଯାଇଥିବା ଆଇସିଏମ୍‌ଆର୍‌ର ଉପନିର୍ଦ୍ଦେଶକ ଡ. ରମଣ ଆର୍ ଗଙ୍ଗାଖେଡ୍‌କର କହିଛନ୍ତି। ଯାଞ୍ଚରୁ ଯଦି ତ୍ରୁଟି ଜଣାପଡେ ତେବେ ଉକ୍ତ କିଟ୍‌ଗୁଡ଼ିକୁ ବଦଳାଇବା ଲାଗି ସମ୍ପୃକ୍ତ କମ୍ପାନୀକୁ କୁହାଯିବ। ବର୍ତ୍ତମାନ ସୁଦ୍ଧା ଦେଶରେ ମୋଟ ୪,୪୯,୮୧୦ ଜଣଙ୍କର କୋଭିଡ୍-୧୯ ପରୀକ୍ଷା କରାଗଲାଣି। ଆଇସିଏମ୍‌ଆର୍ ନେଟ୍‌ୱର୍କରେ ଥିବା ୨୦୧ଟି ଲାବ୍‌ରେ ୨୯,୭୭୬ ନମୁନା ପରୀକ୍ଷା ହୋଇଥିବାବେଳେ ☞ପୃଷ୍ଠା-୪




# ଆମେରିକାରେ କରୋନା କାଳ

# କୃଷ୍ଣକାୟଙ୍କୁ ଦୋହରା ମାଡ଼

କୋଭିଡ୍-୧୯ ଭାଇରସ୍‌ରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଶକ୍ତିଶାଳୀ ରାଷ୍ଟ୍ର ଆମେରିକା, ଯେଉଁଠି ୭୯୨, ୯୩୮ ସଂକ୍ରମିତ ଥିବାବେଳେ ୪୨,୫୧୮ ଜଣଙ୍କ ମୃତ୍ୟୁ ଘଟିଛି। ଇତିମଧ୍ୟରେ ସମସ୍ତଙ୍କୁ ଚକିତ କରିଦେବା ଭଳି ତଥ୍ୟ ସାମ୍ନାକୁ ଆସିଛି। ଆମେରିକାରେ କରୋନା ସଂକ୍ରମିତ ଓ ମୃତକଙ୍କ ମଧ୍ୟରେ ସବୁଠୁ ବେଶି କୃଷ୍ଣକାୟ ଅଛନ୍ତି। ଜନସଂଖ୍ୟା ତୁଳନାରେ ଅଣଶ୍ୱେତାଙ୍ଗଙ୍କ ମୃତ୍ୟୁହାରରେ ତାରତମ୍ୟର ଅନେକ କାରଣ ମଧ୍ୟରୁ ମେଡିକାଲ ସୁବିଧାର ଉପଲବ୍ଧତା, ଚାଲିଚଳଣି ଓ ଆର୍ଥିକ ସାମର୍ଥ୍ୟ ଅନ୍ୟତମ। ତେବେ ଗ୍ରସେରି ଦୋକାନ ଓ ପରିବହନ କ୍ଷେତ୍ରରେ କାର୍ଯ୍ୟରତ କୃଷ୍ଣକାୟଙ୍କଠାରେ ଏହି ଭୂତାଣୁ ସଂକ୍ରମଣର ଆଶଙ୍କା ଅଧିକ ରହିଛି। ଏଡ୍‌ସ ସଂକ୍ରମିତ କୃଷ୍ଣକାୟଙ୍କ କ୍ଷେତ୍ରରେ କରୋନା ଅଧିକ ଘାତକ ସାଜିଥିବାରୁ ଏହାକୁ ‘ବୋଝ ଉପରେ ନଳିତା ବିଡ଼ା’ ବୋଲି ଅଭିହିତ କରିଛନ୍ତି ଅନେକେ।

**ବୋଝ ଉପରେ ନଳିତା ବିଡ଼ା**

**ୱାଶିଂଟନ,୨୧।୪**

ଆମେରିକାରେ କରୋନା ଭାଇରସ୍ ଏକ ବିଚିତ୍ର ରୋଗ ଭାବେ ଆବିର୍ଭୂତ, ଯହିଁରେ ଏକ ନିର୍ଦ୍ଦିଷ୍ଟ ବର୍ଣ୍ଣର ଲୋକେ ଅଧିକ ସଂକ୍ରମିତ ହେଉଛନ୍ତି। କୃଷ୍ଣକାୟଙ୍କଠାରେ ଏହାର କ୍ରୂରତା ଅଧିକ ଦେଖିବାକୁ ମିଳୁଛି। ମୃତକଙ୍କ ମଧ୍ୟରେ ଏପରି ଅନେକ ଅଛନ୍ତି, ଯେଉଁମାନେ ଏକୁଟିଆ ବା ପରିବାରଠାରୁ ଅଲଗା ହୋଇ ଜୀବନ ଜିଉଥିଲେ। ଏହି ଭାଇରସ୍ ଅନିୟନ୍ତ୍ରିତ ହୋଇଥିବାରୁ ହସ୍ପିଟାଲରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀମାନେ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ଯାଇଛନ୍ତି। ଏହାକୁ ଅଙ୍ଗେ ନିଭାଇଛନ୍ତି ପର୍ନେସା ସିଲେ, ଯିଏକି ୧୯୮୦ ଦଶକର ଦ୍ୱିତୀୟ ଭାଗରେ କୃଷ୍ଣକାୟ ସମୁଦାୟର ବିନାଶ ଘଟାଇଥିବା ଏଡ୍‌ସକୁ ଅତି ନିକଟରୁ ଦେଖିଥିଲେ। ସେତେବେଳେ ସେ ହାର୍ଲେମ ହସ୍ପିଟାଲରେ ଜଣେ ଇମ୍ୟୁନୋଲୋଜିଷ୍ଟ ଭାବେ କାର୍ଯ୍ୟ କରୁଥିଲେ।



ଶିକାଗୋ, ନ୍ୟୁୟର୍କ, ଡେଟ୍ରୋଇଟ୍, ନ୍ୟୁ ଓର୍ଲିଏନ୍ସ ଓ ଅନ୍ୟ ସ୍ଥାନଗୁଡ଼ିକରେ ବର୍ତ୍ତମାନ କରୋନା ଭାଇରସ୍ ଆଫ୍ରିକୀୟ ଆମେରିକୀୟଙ୍କୁ ସର୍ବାଧିକ ଟାର୍ଗେଟ କରୁଥିବାବେଳେ ସେ ପୂର୍ବାବସ୍ଥାର ସ୍ମୃତିଚାରଣ କରିଛନ୍ତି। ହ୍ୟୁମାନ୍ ଇମ୍ୟୁନୋଡେଫିସିଏନ୍ସି ଭାଇରସ୍ (ଏଚ୍‌ଆଇଭି) ବା ଏଡ୍‌ସରେ ଅନ୍ୟ ସମୁଦାୟ ତୁଳନାରେ କୃଷ୍ଣକାୟମାନେ ବେଶି ଆକ୍ରାନ୍ତ ହୋଇ ମରୁଥିବାରୁ ସେମାନଙ୍କ ପାଇଁ କୋଭିଡ୍-୧୯ ପାଲଟିଛି ଦ୍ୱିତୀୟ ମହାମାରୀ। ଏକକାଳୀନ ଦୁଇ ଦୁଇଟି ଦୁରାରୋଗ୍ୟ ବ୍ୟାଧିର ଭାଇରସ୍ ସେମାନଙ୍କ ଉପରେ ବର୍ଷାଇଛି କରୋଡ଼ା ମାଡ଼। ଏହି ପରିପ୍ରେକ୍ଷୀରେ ଆଫ୍ରିକୀୟ ବଂଶୋଦ୍ଭବଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୩୧ ବର୍ଷ ଧରି କାର୍ଯ୍ୟରତ ଅଣଲାଭକାରୀ ସଂସ୍ଥା ‘ଦି ବାମ୍ ଇନ୍ ଗିଲେଆଡ୍’ର ପ୍ରତିଷ୍ଠାତା ତଥା ସିଇଓ ☞ପୃଷ୍ଠା-୪

## ମୃତ୍ୟୁର ବାଟ କଢ଼ାଉଛି ଦାରିଦ୍ର୍ୟ

ସେଣ୍ଟର୍ସ ଫର୍ ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ ପ୍ରିଭେନ୍‌ଶନ ତଥ୍ୟାନୁସାରେ ଆମେରିକାର ମୋଟ ଜନସଂଖ୍ୟାର ୧୩% ହେଉଛନ୍ତି ଆଫ୍ରିକୀୟ କୃଷ୍ଣକାୟ। କିନ୍ତୁ ମୋଟ ଏଚ୍‌ଆଇଭି ଆକ୍ରାନ୍ତଙ୍କ ମଧ୍ୟରୁ ୪୨% ଏହି ସମୁଦାୟର। ଆମେରିକାରେ ବହୁସଂଖ୍ୟକ ଏଚ୍‌ଆଇଭି ଆକାନ୍ତ ଅତ୍ୟାଧୁନିକ ଚିକିତ୍ସା ଗ୍ରହଣ କରି ଅଧିକ ଦିନ ବଞ୍ଚୁଛନ୍ତି। କିନ୍ତୁ ଦାରିଦ୍ର୍ୟ ମଧ୍ୟରେ ବଞ୍ଚୁଥିବା କୃଷ୍ଣକାୟଙ୍କ ବ୍ୟୟବହୁଳ ଚିକିତ୍ସା ପାଇଁ ନା ଅଛି ସମ୍ବଳ ନା ବିଶ୍ୱାସ।

# ଆପ୍ରବାସନ ଉପରେ ଟ୍ରମ୍ପଙ୍କ କଟକଣା

**ୱାଶିଂଟନ,୨୧।୪(ପି.ଟି.)**

କରୋନା ଯୋଗୁ ଆମେରିକାରେ ଅସମ୍ଭାଳ ସ୍ଥିତି ସୃଷ୍ଟି ହେଲାଣି। ଦେଶର ପ୍ରାୟ ୭ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଥିବାବେଳେ ୪୨ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏଭଳିସ୍ଥିତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମୟିକ ଭାବେ ଆପ୍ରବାସନ ଉପରେ କଟକଣା ଜାରି କରିବାକୁ ଯାଉଛନ୍ତି। ଆମେରିକାରେ ଦେଖାଦେଇଥିବା କରୋନା ଭୟାବହତା ଏବଂ ଏହାର ନାଗରିକଙ୍କ ନିଯୁକ୍ତି ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ଖୁବ୍‌ଶୀଘ୍ର ଏନେଇ ଏକ ନିର୍ଦ୍ଦେଶନାମା ସ୍ୱାକ୍ଷର କରିବେ ବୋଲି ଟ୍ରମ୍ପ ସୋମବାର ରାତିରେ ଟୁଇଟ ଜରିଆରେ ସୂଚନା ଦେଇଛନ୍ତି। ଟ୍ରମ୍ପଙ୍କ ଏହି ରହସ୍ୟମୟ ଟୁଇଟ ଆପ୍ରବାସନ, ଆମେରିକାରେ ରହୁଥିବା ଆପ୍ରବାସନଙ୍କ ପରିବାର କିମ୍ବା ଆମେରିକାକୁ ☞ପୃଷ୍ଠା-୪



ଡୋନାଲ୍ଡ ଟ୍ରମ୍ପ

**ତାଲିକାରୁ ୧୮୦୦ ଆତଙ୍କବାଦୀଙ୍କ ନାଁ ହଟାଇଛି ପାକିସ୍ତାନ**

ଏଫ୍‌ଏଟିଏଫ୍‌ର ନୂଆ ନିର୍ଦ୍ଧାରଣ ପୂର୍ବରୁ ପାକିସ୍ତାନ ଆତଙ୍କବାଦୀ ତଦାରଖ ତାଲିକାରୁ ୧୮୦୦ ଜଣଙ୍କ ନାଁ ହଟାଇଦେଇଛି। ସେମାନଙ୍କ ମଧ୍ୟରେ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଲକ୍ଷର କମାଣ୍ଡର ଜାକିଉର୍ ରେହମାନ ଲକ୍‌ଭି ରହିଛନ୍ତି। ପାକିସ୍ତାନର ଜାତୀୟ ଆତଙ୍କବାଦ ବିରୋଧୀ କର୍ତ୍ତୃପକ୍ଷ ଦ୍ୱାରା ସନ୍ଦିଗ୍ଧଙ୍କୁ ନେଇ ଏହି ତାଲିକା ପ୍ରସ୍ତୁତ କରାଯାଇଛି।





ଆମେରିକାର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମେନ୍ ରାଜଧାନୀ ଅଗଷ୍ଟାସ୍ଥିତ 'ଘରେ ରୁହ' ବିରୋଧୀ ଶୋଭାଯାତ୍ରା ବେଳେ ବିକ୍ଷୋଭ ପ୍ରଦର୍ଶନ।

# ଆଗକୁ ଉଗ୍ର ହେବ ସ୍ଥିତି

**ଜେନିଭା,୨୧।୪:** କୋଭିଡ୍-୧୯ର ପ୍ରକୋପ ଆଗକୁ ଅଧିକ ଭୟଙ୍କର ହେବା ଆଶଙ୍କା ରହିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ସତର୍କ କରାଯାଇଛି। ଏବେ ବିଶ୍ୱରେ ମାତ୍ର ୨ରୁ ୩% ବ୍ୟକ୍ତି ରକ୍ତରେ ଆଣ୍ଟିବଡି ବିକଶିତ

**ସତର୍କ କଲା ଡବ୍ଲ୍ୟୁଏଚ୍‌ଓ**

କରି କରୋନା ଭୂତାଣୁରେ ଆକ୍ରାନ୍ତ ହୋଇଛନ୍ତି। ଏଭଳି ବିଭିନ୍ନ ଦେଶରେ ଲୋକମାନେ ଆଣ୍ଟିବଡି ବ୍ୟବହାର କରୁଛନ୍ତି, ଯାହାଙ୍କଠାରେ ଭୂତାଣୁ ଆକ୍ରାନ୍ତ ଚିହ୍ନଟ ହୋଇପାରୁ ନାହିଁ। ଏହା ଭୟଙ୍କର ରୂପ ନେବା ପୂର୍ବରୁ ଲକ୍‌ଡାଉନ ଯୋଗୁ ସାମାଜିକ ସଂକ୍ରମଣକୁ ରୋକିବାରେ କିଛିଟା ସଫଳତା ମିଳିଛି। ଏହି କଟକଣା କୋହଳ କଲେ କରୋନା ମହାମାରୀରୁ ମୁକ୍ତି ମିଳିବା କଷ୍ଟକର ହୋଇପଡ଼ିବ ବୋଲି ଜେନିଭାରେ ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଡଃ ଟେଡ୍ରୋସ ଆଧାନମ୍ ଘେବ୍ରେୟେସସ୍ କହିଛନ୍ତି।

ଷ୍ଟାଣ୍ଡଫର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା କାଲିଫର୍ଣ୍ଣିଆର ସାନ୍ତା କ୍ଲାରାରେ କରାଯାଇଥିବା ଏକ ସର୍ବେକ୍ଷଣରୁ



କଲମ୍ବସ୍‌ର ଅହିଓ ଷ୍ଟେଟ୍ ହାଉସ୍ ବାହାରେ ଜଣେ ବିକ୍ଷୋଭକାରୀ।

ଜଣାପଡ଼ିଛି ଯେ, ସରକାରୀ ଭାବେ ଘୋଷଣା କରାଯାଇଥିବା ଭୂତାଣୁ ଆକ୍ରାନ୍ତଙ୍କଠାରୁ ପ୍ରକୃତ ଆକ୍ରାନ୍ତଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ଆଣ୍ଟିବଡି ଟେଷ୍ଟ ଦ୍ୱାରା ଏହି ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେମାନଙ୍କଠାରେ ଲକ୍ଷଣ ଜଣାପଡ଼ି ନ ଥିଲା। ଏଭଳି ସଂକ୍ରମଣ ଆଗକୁ ଭୟଙ୍କର ସ୍ଥିତି ସୃଷ୍ଟି କରିବା ଆଶଙ୍କା ରହିଛି। ନେଦରଲାଣ୍ଡରେ ୭ ହଜାର ରକ୍ତଦାତାଙ୍କ ମଧ୍ୟରୁ ୩%ଙ୍କ ନିକଟରେ ଆଣ୍ଟିବଡି ଲକ୍ଷଣ ଦେଖାଯାଇଥିଲା। ଏଭଳି ଆଣ୍ଟିବଡି ଲକ୍ଷଣ ଥିବା ଲୋକଙ୍କ ମଧ୍ୟରେ ଜର୍ମାନୀ ଓ ଫ୍ରାନ୍ସର ୧୪% ପର୍ଯ୍ୟନ୍ତ ଥିବା ଜଣାପଡ଼ିଛି। ସେମାନେ ସଂକ୍ରମଣ ମୁକ୍ତ ବୋଲି କୁହାଯାଇପାରିବ ନାହିଁ। କୌଣସି ସେରୋଲୋଜିକାଲ ଟେଷ୍ଟ ଦ୍ୱାରା ଜଣେ ବ୍ୟକ୍ତିଙ୍କୁ ଭୂତାଣୁ ସଂକ୍ରମଣ କରିପାରିବ ନାହିଁ ବୋଲି କୁହାଯାଇ ପାରିବନି। ଏଭଳି ଲକ୍ଷଣ ମଧ୍ୟ ବାହାରିବ, ଯାହାକି ବିଶ୍ୱରେ କରୋନା ଭୂତାଣୁର ପ୍ରକୋପକୁ ଅଧିକ ଭୟଙ୍କର କରିବାର ଆଶଙ୍କା ରହିଛି ବୋଲି ସତର୍କ କରାଯାଇଛି।

# ଗଣମାଧ୍ୟମର ତଣ୍ଟି ଚିପୁଛି କରୋନା

*ଘାତକ ଭୂତାଣୁ କରୋନା ୨୧୦ରୁ ଊର୍ଦ୍ଧ୍ୱ ଦେଶକୁ ବ୍ୟାପି ମୁଣ୍ଡ ପରେ ମୁଣ୍ଡ ନେଇ ଚାଲିଛି। ଏହି ଭାଇରସ୍ କେବଳ ଜୀବନ ଜୀବିକା ଉଜାଡୁଛି ତାହା ନୁହେଁ, ବରଂ ଶିଳ୍ପ, ସ୍ୱାସ୍ଥ୍ୟସେବା ଓ ମିଡିଆ ଭଳି ଅନ୍ୟ କ୍ଷେତ୍ରଗୁଡ଼ିକୁ ମଧ୍ୟ କବଳିତ କରିଛି। ଏହିକ୍ରମରେ ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ସ୍ଥିତ 'ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ' ପକ୍ଷରୁ ସଦ୍ୟ ଜାରି କରାଯାଇଥିବା ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ପ୍ରଘଟ ତଥ୍ୟ ସମଗ୍ର ବିଶ୍ୱର ଚିନ୍ତା ବଢ଼ାଇଦେଇଛି।*

**ପ୍ୟାରିସ୍,୨୧।୪**

କରୋନା ମହାମାରୀ ସାରା ବିଶ୍ୱରେ ଗଣମାଧ୍ୟମ ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରିଥିବା 'ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ' ପକ୍ଷରୁ ସତର୍କ କରିଦିଆଯାଇଛି। ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତାର ବାର୍ଷିକ ମୂଲ୍ୟାୟନ ରିପୋର୍ଟରେ ମଙ୍ଗଳବାର ଏହି ମିଡିଆ ୱାଚ୍‌ଡଗ୍ କହିଛି, ସ୍ୱାସ୍ଥ୍ୟ ସଙ୍କଟକୁ ବାହାନା ଭାବେ ନେଇ ବିଭିନ୍ନ ଦେଶର ସରକାର ସ୍ୱାଭାବିକ ସମୟରେ ଅସମ୍ଭବ ଥିବା ପଦକ୍ଷେପମାନ ଲାଗୁ କରିପାରନ୍ତି। ମହାମାରୀ ଯୋଗୁ ରାଜନୈତିକ କାର୍ଯ୍ୟକ୍ରମ ବନ୍ଦ ଥିବାରୁ ସରକାର ଏହାର ଫାଇଦା ନେବେ। ଏହି ସମୟରେ ଜନସାଧାରଣ ମଧ୍ୟ ପ୍ରତିବାଦ କରିପାରିବେ ନାହିଁ ବୋଲି ଏହି ସଂସ୍ଥା ପକ୍ଷରୁ କୁହାଯାଇଛି।

ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ ପକ୍ଷରୁ ସଦ୍ୟ ଜାରି କରାଯାଇଥିବା ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କରେ ଉତ୍ତର କୋରିଆ ନିମ୍ନରେ ରହିଛି। ଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ନରୱେ ଶୀର୍ଷରେ ରହିଛି। ମୋଟ ୧୮୦ଟି ଦେଶ ଓ ଭୂଖଣ୍ଡକୁ ନେଇ ଏହି ର୍‍ୟାଙ୍କ ପ୍ରସ୍ତୁତ କରାଯାଇଛି। ରିପୋର୍ଟରେ ଆମେରିକାର ପ୍ରେସ୍ ସ୍ୱାଧୀନତା ସନ୍ତୋଷଜନକ ବୋଲି କୁହାଯାଇଛି। ସେଠାରେ ଖବରଦାତାଙ୍କୁ ସର୍ବସାଧାରଣରେ ଅପମାନ, ଧମକ ଓ ହଇରାଣ କରାଯିବା ଗତବର୍ଷ ବଡ଼ ସମସ୍ୟା ଥିଲା। ପ୍ରେସ୍ ସ୍ୱାଧୀନତା ତାଲିକାରେ ଆମେରିକା ୪୫ତମ ସ୍ଥାନରେ ରହିଛି। ୟୁରୋପ, ଆଫ୍ରିକା, ଏସିଆ, ଓସିଆନିଆ, ଦକ୍ଷିଣ ଆମେରିକା ଓ କାରିବିଆନ୍ ଦେଶଗୁଡ଼ିକ ଏହି କ୍ଷେତ୍ରରେ ଆମେରିକାଠାରୁ ଆଗରେ ରହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର କେତେକ ଖବରଦାତା ଓ ଗଣମାଧ୍ୟମ ସଂସ୍ଥା ପ୍ରତି ରହିଥିବା ଶତ୍ରୁତା ମନୋଭାବ ସମ୍ପର୍କରେ ମଧ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି କାରଣରୁ ବିଭିନ୍ନ ସମୟରେ ସେଠାରେ ଗଣମାଧ୍ୟମ ପ୍ରତିନିଧି ଆକ୍ରମଣର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ କରୋନା ମହାମାରୀ ଏହି ସମସ୍ୟାକୁ ଆହୁରି ଜଟିଳ କରିଦେଇଛି।

## ଦୁଇପାଦ ତଳକୁ ଖସିଛି ଭାରତ

ୱାର୍ଲ୍ଡ ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସରେ ପ୍ରକାଶିତ ତଥ୍ୟାନୁସାରେ ଭାରତ ଦୁଇପାଦ ତଳକୁ ଖସିଯାଇଛି। ୨୦୧୯ରେ ଗଣମାଧ୍ୟମ ସ୍ୱାଧୀନତା କ୍ଷେତ୍ରରେ ଭାରତ ୧୪୦ତମ ସ୍ଥାନରେ ଥିବାବେଳେ ଚଳିତ ବର୍ଷ ୧୪୨ତମ ସ୍ଥାନ ଅଧିକାର କରିଛି। ନରେନ୍ଦ୍ର ମୋଦି ସରକାରଙ୍କ ହିନ୍ଦୁତ୍ୱ ବିଚାରଧାରାକୁ ଏଥିପାଇଁ ଦାୟୀ କରାଯାଇଛି। ସୋସିଆଲ ମିଡିଆରେ ଖବରଦାତାମାନଙ୍କ ବିରୋଧରେ ଚାଲିଥିବା ଘୃଣା ଅଭିଯାନ ଏବଂ ପୋଲିସର ବର୍ବରତା ସ୍ଥିତିକୁ ଅଧିକ ସଙ୍ଗିନ କରିଥିବା ଏଥିରେ ଦର୍ଶାଯାଇଛି। ଅନ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଉତ୍ତର କୋରିଆ (୧୮୦), ଭିଏତ୍‌ନାମ (୧୭୫), ସିରିଆ (୧୭୪), ସ୍ଥାନରେ ରହିଛି। ସେହିପରି ପାକିସ୍ତାନ ୧୪୫ତମ ଓ ବାଂଲାଦେଶ ୧୫୧ତମ ସ୍ଥାନ ଅଧିକାର କରିଛି। ସୂଚକାଙ୍କରେ ଶ୍ରୀଲଙ୍କା ଓ ନେପାଳର ସ୍ଥାନ ରହିଛି ଯଥାକ୍ରମେ ୧୨୭ ଓ ୧୧୨।

**ୱାର୍ଲ୍ଡ ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସ ରିପୋର୍ଟ**




## ଭୂତାଣୁଠାରୁ ଭୟଙ୍କର ଗୁଜବ

'ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ' ଅନୁସାରେ ଭବିଷ୍ୟତର ସାମ୍ବାଦିକତା ପ୍ରତି ଅର୍ଥନୈତିକ ଓ ଛଟେଇ ବିପଦ ରହିଛି। ଡିଜିଟାଲ ପ୍ରଯୁକ୍ତିର ଦୁର୍ବଳ ନିୟନ୍ତ୍ରଣ ସୂଚନା ଅରାଜକତା ସୃଷ୍ଟି କରିଛି। ତଥ୍ୟ, କାଳ୍ପନିକ କାହାଣୀ, ପ୍ରଚାର ଏବଂ ବିଜ୍ଞାପନ ମଧ୍ୟରେ ଏକ ଅସ୍ପଷ୍ଟ ରେଖା ଦେଖାଦେଇଛି। ମହାମାରୀକୁ ନେଇ ଗୁଜବ ଓ ମିଥ୍ୟା ଖବର ଭୂତାଣୁ ବ୍ୟାପିବା ଭଳି ଦ୍ରୁତଗତିରେ ପ୍ରସାରିତ ହେଉଛି। ଏପରି ସମୟରେ ସାମ୍ବାଦିକମାନଙ୍କୁ ସମାଜର ବିଶ୍ୱସ୍ତ ତୃତୀୟ ପକ୍ଷ ଭାବେ ସେମାନଙ୍କ ଭୂମିକା ନିର୍ବାହ ଲାଗି ସମର୍ଥ କରାଇବାରେ ସଚେତନତା ସୃଷ୍ଟି ଲାଗି ଜନସାଧାରଣ ଆଗେଇ ଆସିବା ଆବଶ୍ୟକ ବୋଲି ଏହି ସଙ୍ଗଠନ ପକ୍ଷରୁ କୁହାଯାଇଛି।

# ରାଷ୍ଟ୍ରପତି ଭବନ ପରିସରରେ କରୋନା

**ନୂଆଦିଲ୍ଲୀ,୨୧।୪(ପି.ଟି.):** ରାଷ୍ଟ୍ରପତିଙ୍କ ଇଷ୍ଟେଟ୍‌ରେ ହାଉସ୍‌କିପିଙ୍ଗ ବିଭାଗରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ପରିବାରରୁ ଜଣେ କରୋନା ଆକ୍ରାନ୍ତ ହେବାପରେ ସେଠାରେ ଥିବା ୧୧୫ଟି ପରିବାରକୁ ସେଲ୍ଫ ଆଇସୋଲେଶନରେ ରଖାଯାଇଛି। କେନ୍ଦ୍ରୀୟ ଦିଲ୍ଲୀର ଜଣେ କୋଭିଡ୍-୧୯ ରୋଗୀଙ୍କର ଗତ ୧୩ ତାରିଖରେ ମୃତ୍ୟୁ ହୋଇଥିଲା। ସେ ରାଷ୍ଟ୍ରପତିଙ୍କ ସଚିବାଳୟର କର୍ମଚାରୀ ନୁହନ୍ତି କିମ୍ବା ତାଙ୍କ ଇଷ୍ଟେଟରେ ରହୁ ନ ଥିଲେ। ତେବେ କଣ୍ଟାକ୍ଟ ଟ୍ରେସିଂ

**ସେଲ୍ଫ ଆଇସୋଲେଶନରେ ୧୧୫ ପରିବାର**

ବେଳେ ରାଷ୍ଟ୍ରପତି ସଚିବାଳୟର ଜଣେ କର୍ମଚାରୀ ଉକ୍ତ ମୃତକଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡିଥିଲା। ଉକ୍ତ ପରିବାରକୁ ୧୬ ତାରିଖରୁ କ୍ୱାରାଣ୍ଟାଇନରେ ରଖାଯାଇଥିଲା। ଏହି ପରିବାରର ଜଣେ ସଦସ୍ୟଙ୍କଠାରେ କରୋନା ପଜିଟିଭ୍ ଜଣାପଡ଼ିବା ପରେ ୧୧୫ ପରିବାରକୁ ସେଲ୍ଫ ଆଇସୋଲେଶନରେ ରଖାଯାଇଛି।

**ଭାରତରେ କରୋନା ତାଣ୍ଡବ**

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୫,୨୧୮ | ୪,୨୪୫ | ୭୨୨ | ୨୫୧ |
| ତାମିଲନାଡୁ | ୧,୫୯୬ | ୯୪୩ | ୬୩୫ | ୧୮ |
| ଦିଲ୍ଲୀ | ୨,୧୫୬ | ୧,୪୯୮ | ୬୧୧ | ୪୭ |
| ତେଲଙ୍ଗାନା | ୯୨୮ | ୭୧୧ | ୧୯୪ | ୨୩ |
| କେରଳ | ୪୨୬ | ୧୧୭ | ୩୦୭ | ୨ |
| ଉତ୍ତରପ୍ରଦେଶ | ୧,୩୩୭ | ୧,୧୭୯ | ୧୪୦ | ୧୮ |
| ଆନ୍ଧ୍ରପ୍ରଦେଶ | ୭୫୭ | ୬୩୯ | ୯୬ | ୨୨ |
| ରାଜସ୍ଥାନ | ୧,୬୫୯ | ୧,୪୦୪ | ୨୩୦ | ୨୫ |
| ମଧ୍ୟପ୍ରଦେଶ | ୧,୫୫୨ | ୧,୩୨୪ | ୧୪୮ | ୮୦ |
| କର୍ଣ୍ଣାଟକ | ୪୧୮ | ୨୭୨ | ୧୨୯ | ୧୭ |
| ଗୁଜରାଟ | ୨,୧୭୮ | ୧,୯୫୭ | ୧୩୧ | ୯୦ |
| ହରିୟାଣା | ୨୫୫ | ୧୦୫ | ୧୪୭ | ୩ |
| ଜମ୍ମୁ-କଶ୍ମୀର | ୩୮୦ | ୨୯୪ | ୮୧ | ୫ |
| ପଶ୍ଚିମବଙ୍ଗ | ୩୯୨ | ୩୦୪ | ୭୩ | ୧୫ |
| ପଞ୍ଜାବ | ୨୫୧ | ୧୮୬ | ୪୯ | ୧୬ |
| ଓଡ଼ିଶା | ୭୯ | ୪୯ | ୨୯ | ୧ |
| ବିହାର | ୧୨୬ | ୮୨ | ୪୨ | ୨ |
| ଉତ୍ତରାଖଣ୍ଡ | ୪୬ | ୨୭ | ୧୯ | - |
| ଆସାମ | ୩୫ | ୧୫ | ୧୯ | ୧ |
| ଚଣ୍ଡିଗଡ଼ | ୨୭ | ୧୩ | ୧୪ | - |
| ଲଦାଖ | ୧୮ | ୪ | ୧୪ | - |
| ହିମାଚଳ ପ୍ରଦେଶ | ୩୯ | ୨୧ | ୧୬ | ୨ |
| ଆଣ୍ଡାମାନ ଓ ନିକୋବର | ୧୭ | ୬ | ୧୧ | - |
| ଛତିଶଗଡ଼ | ୩୬ | ୧୧ | ୨୫ | - |
| ଗୋଆ | ୭ | | ୭ | - |
| ପୁଡୁଚେରୀ | ୭ | ୩ | ୪ | - |
| ଝାଡ଼ଖଣ୍ଡ | ୪୬ | ୪୦ | ୪ | ୨ |
| ମଣିପୁର | ୨ | | ୨ | - |
| ଅରୁଣାଚଳ ପ୍ରଦେଶ | ୧ | | ୧ | - |
| ନାଗାଲାଣ୍ଡ | ୧ | ୧ | - | - |
| ମିଜୋରାମ | ୧ | ୧ | - | - |
| ତ୍ରିପୁରା | ୨ | ୧ | ୧ | - |
| ମୋଟ | ୨୦,୦୦୪ | ୧୫,୪୬୨ | ୩,୯୦୧ | ୬୪୧ |

https://www.covid19india.org ତଥ୍ୟ ଅନୁଯାୟୀ (ମଙ୍ଗଳବାର ରାତି ୯ଟା ୩୦ ସୁଦ୍ଧା)

# ଶିବରାଜଙ୍କ କ୍ୟାବିନେଟରେ ୨ କଂଗ୍ରେସ ବିଦ୍ରୋହୀ

**ନୂଆଦିଲ୍ଲୀ,୨୧।୪(ପି.ଟି.):** ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ଭାଜପା ନେତା ଶିବରାଜ ସିଂ ଚୌହାନ ଶପଥ ଗ୍ରହଣ କରିବାର ମାସେ ପରେ ମଙ୍ଗଳବାର ତାଙ୍କ କ୍ୟାବିନେଟ ସମ୍ପ୍ରସାରଣ କରିଛନ୍ତି। ପ୍ରଥମ ଥର ପାଇଁ ସେ ମନ୍ତ୍ରିମଣ୍ଡଳରେ ୫ ଜଣଙ୍କୁ ସାମିଲ କରିଥିବାବେଳେ ସେମାନଙ୍କ ମଧ୍ୟରେ ୨ ଜଣ ବିଦ୍ରୋହୀ କଂଗ୍ରେସ ବିଧାୟକ ଅଛନ୍ତି। ସେମାନେ ନିକଟରେ ଭାଜପାରେ ସାମିଲ ହୋଇଥିଲେ। ମଙ୍ଗଳବାର ଅପରାହ୍ନରେ ରାଜଭବନରେ ରାଜ୍ୟପାଳ ଲାଲ୍‌ଜୀ ଟଣ୍ଡନ ୫ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଲକ୍‌ଡାଉନ ଯୋଗୁ ଶପଥ ଗ୍ରହଣ ଉତ୍ସବକୁ ନିରାଡମ୍ବର କରାଯିବା ସହ ସାମାଜିକ ଦୂରତ୍ୱ ବଜାୟ ରଖାଯାଇଥିଲା। କ୍ୟାବିନେଟରେ ସାମିଲ ହୋଇଥିବା ଦୁଇ ପୂର୍ବତନ କଂଗ୍ରେସ ବିଧାୟକ ତୁଳସୀ ସିଲାୱତ ଏବଂ ଗୋବିନ୍ଦ ସିଂ ରାଜପୁତ ହେଉଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସମର୍ଥକ। ଗତ ମାସରେ ଏମାନଙ୍କ ସହ ୨୨ କଂଗ୍ରେସ ବିଧାୟକ ଦଳ ଛାଡ଼ି ଭାଜପାରେ ଯୋଗଦେଇଥିଲେ। ଶପଥ ନେଇଥିବା ଅନ୍ୟ ୩ ଜଣ ମନ୍ତ୍ରୀ ହେଲେ ନରୋତ୍ତମ ମିଶ୍ରା, ମୀନା ସିଂ ଏବଂ କମଲ ପଟେଲ। ସମସ୍ତେ ଭାଜପା ବିଧାୟକ।

# ସ୍ୱିଡେନରେ ନାହିଁ ଲକ୍‌ଡାଉନ

**ଷ୍ଟକ୍‌ହୋମ,୨୧।୪:** ସ୍ୱିଡେନ୍‌ରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୪,୭୭୭ରେ ପହଞ୍ଚି ଥିବାବେଳେ ୧,୫୮୦ ଜଣଙ୍କ ଜୀବନ ଯାଇଛି। ତେବେ ଏହାର ମୁକାବିଲା ପାଇଁ ସ୍ୱିଡେନରେ ଲକ୍‌ଡାଉନ କଟକଣା ସେଭଳି ଫଳପ୍ରଦ ନୁହେଁ ବୋଲି କୁହାଯାଇଛି। ଭୂତାଣୁଠାରୁ ଲୋକଙ୍କୁ ଦୂରେଇ ରଖିବା ଲାଗି ଲକ୍‌ଡାଉନର କୌଣସି ଆବଶ୍ୟକତା ନ ଥିବା ଏଦେଶ କହିଛି। ଏବେ ଏଠାରେ ସ୍କୁଲ, ଜିମ୍, ବାର୍, କାଫେ, ରେଷ୍ଟୁରାଣ୍ଟ ଆଦି ଖୋଲା ରହିଛି। ଲୋକମାନେ ଦାୟିତ୍ୱବାନ ହୋଇ କେବଳ ସାମାଜିକ ଦୂରତ୍ୱ ଅବଲମ୍ବନ

- ସ୍କୁଲ, ଜିମ୍, ବାର୍, କାଫେ, ରେଷ୍ଟୁରାଣ୍ଟ ଖୋଲା
- କେବଳ ସାମାଜିକ ଦୂରତ୍ୱ ଲାଗି ପରାମର୍ଶ

କରିବା ଲାଗି ପରାମର୍ଶ ଦିଆଯାଇଛି। ଲକ୍‌ଡାଉନ ଯୋଗୁ ଆର୍ଥିକ ସ୍ଥିତି ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଥିବାରୁ ଏଭଳି ରଣନୀତି ପ୍ରସ୍ତୁତ କରାଯାଇଛି।

ସ୍ୱିଡେନର ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥାଠାରୁ ଆରମ୍ଭ କରି ହସ୍ପିଟାଲ, ଡାକ୍ତରୀ ଚିକିତ୍ସା, ଯନ୍ତ୍ରପାତି ସବୁ ବିଶ୍ୱସ୍ତରୀୟ। ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଲାଗି ଏଠାକାର ସରକାର ପୂର୍ଣ୍ଣ ପ୍ରସ୍ତୁତ। ହେଲେ ଲକ୍‌ଡାଉନ ଏଠାରେ ପାଳନ କରିବା ସମ୍ଭବପର ନୁହେଁ ବୋଲି ଦର୍ଶାଯାଇଛି। ମହାମାରୀ ବିଶେଷଜ୍ଞମାନେ କରୋନା ଭୂତାଣୁର ଭୟାବହତା ସମ୍ପର୍କରେ ଅବଗତ କରାଇଥିଲେ ବି ସରକାର କଠୋର ପଦକ୍ଷେପ ଗ୍ରହଣ କରିନାହାନ୍ତି। ପ୍ରଧାନମନ୍ତ୍ରୀ ଷ୍ଟିଫେନ ଲୋଫ୍‌ଭେନ ପରିସ୍ଥିତିର ସମୀକ୍ଷା କରୁଛନ୍ତି। ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ କହିଛନ୍ତି।

# ଆଣିପାରିଲେନି ଦାଦନଙ୍କ ମୃତଦେହ

**ଗୋରଖପୁର,୨୧।୪(ପି.ଟି.)**

ଦାଦନ ଶ୍ରମିକଙ୍କ ମୃତଦେହ ଶତାଧିକ କିଲୋମିଟର ଦୂରରେ ଥିବାବେଳେ ତାଙ୍କ ପୁତ୍ତଳିକାରେ ବର୍ଷକର ଶିଶୁପୁତ୍ର ମୁଖାଗ୍ନି ଦେଇ ନକଲି ଶେଷକୃତ୍ୟ ସମ୍ପନ୍ନ କରିବାର ହୃଦୟବିଦାରକ ଦୃଶ୍ୟ ଉତ୍ତରପ୍ରଦେଶର ଚୌରିଚୋରା ଥାନା ଅନ୍ତର୍ଗତ ଦୁବ୍ରିଖୁର୍ଦ୍ଦ ଗ୍ରାମରେ ଦେଖିବାକୁ ମିଳିଛି।

ଦିଲ୍ଲୀରେ ଦାଦନ ଭାବେ କାର୍ଯ୍ୟ କରୁଥିବା ସୁନୀଲଙ୍କର ଗତ ସପ୍ତାହରେ ମୃତ୍ୟୁ ହୋଇଥିଲା। ଦୁବ୍ରିଖୁର୍ଦ୍ଦରେ ରହୁଥିବା ତାଙ୍କ ପରିବାର ଦାରିଦ୍ର୍ୟ ଓ ଲକ୍‌ଡାଉନ କଟକଣା ଯୋଗୁ ମୃତଦେହକୁ ଗାଁକୁ ଆଣିପାରି ନ ଥିଲେ କି ସେଠାକୁ ଯାଇ ଅନ୍ତ୍ୟେଷ୍ଟି କ୍ରିୟା କରିବାକୁ ସେମାନଙ୍କ ପାଖରେ ସମ୍ବଳ ନ ଥିଲା। ଫଳରେ ପରିବାର ବାଧ୍ୟ ହୋଇ ତାଙ୍କ ପୁତ୍ତଳିକାରେ

**କୁଶ ପୁତ୍ତଳିକାରେ ବର୍ଷକର ପୁଅ ଦେଲା ମୁଖାଗ୍ନି**



ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ଦିଲ୍ଲୀରେ ଶବବ୍ୟବଚ୍ଛେଦ ପରେ ବୁଧବାର ଅନ୍ତିମ ସଂସ୍କାର କରାଯିବ ବୋଲି ଚୌରିଚୌରା ଏସ୍‌ଡିଏମ୍ ଅର୍ପିତା ଗୁପ୍ତା କହିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୁନୀଲଙ୍କ ସ୍ତ୍ରୀ ପୁନମ୍‌ଙ୍କ ବ୍ୟାଙ୍କ ଆକାଉଣ୍ଟରେ ୭୫,୦୦୦ ଟଙ୍କା ଜମା କରାଯାଇଛି।

# ଚାଇନା ମାନଚିତ୍ରରେ ଅରୁଣାଚଳପ୍ରଦେଶ

**ନୂଆଦିଲ୍ଲୀ,୨୧।୪(ଆଇଏଏନ୍‌ଏସ୍)**

ଚାଇନା ଏହାର ଅନ୍ତର୍ଜାତୀୟ ସୀମା ମଧ୍ୟରେ ଅରୁଣାଚଳପ୍ରଦେଶର କେତେକ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରିଛି। ସ୍କାଏ ମ୍ୟାପ୍ ପକ୍ଷରୁ ଜାରି ଚାଇନା ମାନଚିତ୍ରର ସଂଶୋଧିତ ସଂସ୍କରଣରେ ଏହା ଦେଖିବାକୁ ମିଳିଛି। ବେଜିଂର ଜାତୀୟ ସର୍ବେକ୍ଷଣ ଓ ମାନଚିତ୍ର ପ୍ରସ୍ତୁତି ଭୌଗୋଳିକ ସୂଚନା ବ୍ୟୁରୋ ନିୟନ୍ତ୍ରଣରେ କାର୍ଯ୍ୟ କରୁଥିବା ସ୍କାଏ ମ୍ୟାପ୍ ଦେଶର ମାନଚିତ୍ରକୁ ନୂଆ ରୂପ ଦେଇଛି। ଏହାର ଅନ୍ତର୍ଜାତୀୟ ସୀମା ମଧ୍ୟରେ ଅରୁଣାଚଳପ୍ରଦେଶ ରହିଥିବା ଡିଡବ୍ଲ୍ୟୁ ମିଡିଆ ରିପୋର୍ଟରେ ପ୍ରକାଶ ପାଇଛି। ତିବ୍ବତ ସୀମାକୁ ଲାଗି ରହିଥିବା ପାର୍ବତ୍ୟାଞ୍ଚଳ ରାଜ୍ୟ ଅରୁଣାଚଳପ୍ରଦେଶ ୧୯୧୩-୧୪ରେ ବ୍ରିଟିଶ ଇଣ୍ଡିଆର ଅଂଶବିଶେଷ ଥିଲା। ୧୯୩୮ରେ ଭାରତ ଓ ତିବ୍ବତ ମଧ୍ୟରେ ମାକ୍‌ମୋହନ ରେଖାକୁ ସୀମା ଭାବେ ଗ୍ରହଣ କରାଗଲାବେଳେ ଅରୁଣାଚଳପ୍ରଦେଶ ଆନୁଷ୍ଠାନିକ ଭାବେ ଭାରତରେ ସାମିଲ ହୋଇଥିଲା। ୧୯୫୧ରେ ଚାଇନା ତିବ୍ବତକୁ ଅକ୍ତିଆର କରିବା ପରେ ଅରୁଣାଚଳପ୍ରଦେଶ ଏହାର ଅଂଶ ବୋଲି ଦାବି କରିଆସୁଛି।

ବର୍ତ୍ତମାନ ପର୍ଯ୍ୟନ୍ତ ଚଳିଆସୁଥିବା ଚାଇନା ମ୍ୟାପ୍ ସ୍କାଏ ମ୍ୟାପ୍‌ର ଜାତୀୟ ସୀମା ଉପରେ ଆଧାରିତ ୧୯୮୯ ସଂସ୍କରଣ। ସେତେବେଳକୁ ରୁଷିଆ ଓ କେନ୍ଦ୍ରୀୟ ଏସୀୟ ଦେଶଗୁଡ଼ିକ ସହ ଚାଇନାର ସୀମା ବିବାଦର ସମାଧାନ ହୋଇଥିଲେ ହେଁ ତାହା ଉକ୍ତ ମ୍ୟାପ୍‌ରେ ପ୍ରଦର୍ଶିତ ହୋଇନାହିଁ। ଏଥିରେ ଭୁଟାନ ଓ ଭାରତକୁ ଲାଗିଥିବା ତିବ୍ବତ ସୀମାକୁ ଲାଲ୍ ରଙ୍ଗ ଦ୍ୱାରା ଚିହ୍ନଟ କରି ଉଲ୍ଲଂଘନ କରାଯାଇଥିବା ସ୍ପଷ୍ଟ ଦେଖିବାକୁ ମିଳିଛି।




ଭାରତ ଓ ଭୁଟାନକୁ ଲାଗିଥିବା ତିବ୍ବତୀୟ କାଉଣ୍ଟି ଚାୟୁ, ମେଡଗ୍, ସୁଓନୋ, ଲଉଓଜା, କଙ୍ଗମା, ୟାଡୋଙ୍ଗ ଉପରେ ଚାଇନା ନିଜର ସାର୍ବଭୌମତ୍ୱ ଦାବି କରୁଛି। ମାକ୍‌ମୋହନ ରେଖା ଦ୍ୱାରା ଏହି କାଉଣ୍ଟିଗୁଡ଼ିକ ବିଭାଜିତ ହୋଇଛି। ଏହାର ଉତ୍ତର ପାର୍ଶ୍ୱ ଚାଇନାରେ ଥିବାବେଳେ ଦକ୍ଷିଣ ପାର୍ଶ୍ୱ ଭାରତର। ଶାନ୍ନାନ ସହରରେ ଥିବା ଲୋଙ୍ଗଜି କାଉଣ୍ଟି ଭାରତୀୟ ସୀମାକୁ ଲାଗି ନ ଥିଲେ ହେଁ ମାକ୍‌ମୋହନ ରେଖା ଏହା ମଧ୍ୟଦେଇ ଯାଇଛି, ଯାହାର ପଶ୍ଚିମପାର୍ଶ୍ୱ ଚାଇନା ଓ ପୂର୍ବପାର୍ଶ୍ୱ ଭାରତ ନିୟନ୍ତ୍ରଣରେ। ତେବେ ଭାରତୀୟ ଅଞ୍ଚଳ ଏବଂ ଚାୟୁ କାଉଣ୍ଟି, ମୋଟୁଓ କାଉଣ୍ଟି, ଲୋଙ୍ଗଜି କାଉଣ୍ଟି ଏବଂ ସୁଓନୋ କାଉଣ୍ଟିକୁ ଦକ୍ଷିଣ ତିବ୍ବତ ଭାବେ ଚାଇନା ଦାବି କରିଆସୁଛି।

ସ୍କାଏ ମ୍ୟାପ୍ ପକ୍ଷରୁ ଜାରି ସଂଶୋଧିତ ମାନଚିତ୍ରରେ ଚାୟୁ କାଉଣ୍ଟିର ଦକ୍ଷିଣ ସୀମା ୧୯୮୯ ସହ ପ୍ରାୟ ସମାନ ରହିଛି। ତେବେ ମୋଟୁଓ କାଉଣ୍ଟିର ଦକ୍ଷିଣ ଭାଗ ଉତ୍ତରଆଡ଼କୁ ସଙ୍କୁଚିତ ହୋଇଛି। ସୁଓନା କାଉଣ୍ଟିର ଦକ୍ଷିଣ ସୀମା ୧୯୮୯ ସୀମା ସହ ପାଖାପାଖି ମେଳ ଖାଉଛି। ଲୋଙ୍ଗଜି କାଉଣ୍ଟି ଭାରତ ସୀମାକୁ ଲାଗି ନ ଥିବା ବେଜିଂ ଦାବି କରୁଛି। ସୁଓନା କାଉଣ୍ଟି ଭାରତ ସମେତ ଭୁଟାନ ସୀମାକୁ ମଧ୍ୟ ଲାଗି ରହିଛି। ଭାରତର ୩୭,୦୦୦ ବର୍ଗ କିଲୋମିଟର ଅକ୍‌ସାଇ ଚୀନ୍‌କୁ ଚାଇନା ଅକ୍ତିଆର କରିରଖିଛି।

## ସଂକ୍ଷେପରେ

### ଅନ୍‌ଲାଇନରେ ବିକ୍ରି ହେବ କୃଷିଜାତ ଦ୍ରବ୍ୟ

**ଭୁବନେଶ୍ୱର,୨୧।୪(ବ୍ୟୁରୋ):** କୃଷିଭିତ୍ତିକ ଦ୍ରବ୍ୟ ଲକ୍‌ଡାଉନ ସମୟରେ ଯେପରି ବଜାରରେ ପହଞ୍ଚିପାରିବ, ସେଥିପାଇଁ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି କ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ ମଙ୍ଗଳବାର ଅନ୍‌ଲାଇନ କୃଷିଜାତ ଦ୍ରବ୍ୟ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି ୱେବସାଇଟ୍‌ର ନାଁ ହେଉଛି, http://odihort.nic.in.।

ବିଶେଷକରି ଉଦ୍ୟାନଭିତ୍ତିକ ଫସଲ ଯଥା ଫଳ, ପନିପରିବା, ଫୁଲ, ମସଲାକୁ ଗୁରୁତ୍ୱ ଦିଆଯାଉଛି। ଏହି ଦ୍ରବ୍ୟଗୁଡ଼ିକ ନିର୍ଦ୍ଦିଷ୍ଟ ସମୟରେ ନଷ୍ଟ ହୋଇଥାଆନ୍ତି। ତେଣୁ ଅନ୍‌ଲାଇନରେ ଯେପରି ଶୀଘ୍ର ବିକ୍ରି ହୋଇପାରିବ, ସେଥିପ୍ରତି ଧ୍ୟାନ ଦିଆଯାଉଛି। ଏହି ୱେବ୍‌ସାଇଟ୍ ଜରିଆରେ ୩୦ ଜିଲାର ଉଦ୍ୟାନ ଅଧିକାରୀମାନେ ତାଙ୍କ ଜିଲାର ବଳକା ଉତ୍ପାଦନ ଦ୍ରବ୍ୟ ବିଷୟରେ ଉଲ୍ଲେଖ କରିବେ। ଏହାକୁ ଆଧାର କରି ଇଚ୍ଛୁକ ବ୍ୟବସାୟୀମାନେ ସେମାନଙ୍କୁ ଯୋଗାଯୋଗ କରି ଦ୍ରବ୍ୟ କ୍ରୟ କରିବେ। ଏହାଦ୍ୱାରା ସେମାନେ ଚାଷୀମାନଙ୍କ ସହ ମଧ ସିଧାସଳଖ ଯୋଗାଯୋଗ ରକ୍ଷା କରିପାରିବେ। ଶୁଭାରମ୍ଭ କରାଯିବାର କେଇ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୫୦୦ ଚାଷୀ ଏଥିରେ ନିଜକୁ ପଞ୍ଜୀକୃତ କରିଥିବା ଜଣାପଡିଛି। ସେହିପରି ବ୍ୟବସାୟୀମାନଙ୍କ ଅବଗତି ନିମନ୍ତେ ରାଜ୍ୟର ଚାଷୀମାନଙ୍କ ପାଖରେ ବଳକା ଥିବା ଉଦ୍ୟାନଭିତ୍ତିକ ଉତ୍ପାଦିତ ଦ୍ରବ୍ୟ ସମ୍ପର୍କରେ ଏସ୍‌ଏମ୍‌ଏସ୍ ଜରିଆରେ ଅବଗତ କରାଯିବ। ଏହି ୱେବ୍‌ସାଇଟ୍ ଉଦ୍‌ଘାଟନ ବେଳେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ସୁରେଶ ବଶିଷ୍ଠ, ଉଦ୍ୟାନ ନିର୍ଦ୍ଦେଶକ ମୁଥୁକୁମାରଙ୍କ ସମେତ ଅନ୍ୟ ଅଧିକାରୀ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏଥିରେ ଅଂଶଗ୍ରହଣ କରିଥିଲେ।

### ସାନତ୍ରିଲୋଚନପୁରରେ ୨୮ ଯାଏ ବଢ଼ିଲା ଶଟ୍‌ଡାଉନ ଅବଧି

**ଯାଜପୁର ଅଫିସ,୨୧।୪:** ଯାଜପୁର ଜିଲାରେ ଗତ ୧୪ ତାରିଖରେ ଦ୍ୱିତୀୟ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଯାଜପୁରର କଣ୍ଟେନମେଣ୍ଟ ଅଞ୍ଚଳ ତଥା ସାନତ୍ରିଲୋଚନପୁର ଓ ସଇପୁର-୩ ଗ୍ରାମକୁ ସେବେଠାରୁ ଶଟ୍‌ଡାଉନ ଘୋଷଣା କରାଯାଇଥିଲା। ଏହି ଶଟ୍‌ଡାଉନ ଅବଧିକୁ ଏପ୍ରିଲ ୨୮ ମଧ୍ୟାହ୍ନ ୧୨ ଯାଏ ବୃଦ୍ଧି କରାଯାଇଥିବା ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ଶଟ୍‌ଡାଉନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଔଷଧ ଯୋଗାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯିବ ଜିଲାପାଳଙ୍କ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

# ଅନ୍‌ଲାଇନ୍ ଗେମିଂର ଡିମାଣ୍ଡ ବଢ଼ିଲା



ସସ୍ମିତା ପାଇକରାୟ
ଭୁବନେଶ୍ୱର, ୨୧।୪ (ବ୍ୟୁରୋ)

**ଲକ୍‌ଡାଉନ ଟାଇମ୍‌ପାସ୍**

କରୋନା ବଦଳାଇ ଦେଇଛି ଲୋକଙ୍କ ଜୀବନଶୈଳୀ। ଲକ୍‌ଡାଉନ୍ ଯୋଗୁ ଲୋକେ ଦିନରାତି ଘରେ ରହୁଥିବାବେଳେ ଟାଇମ୍‌ପାସ୍ ପାଇଁ ଭିନ୍ନ ଭିନ୍ନ ପନ୍ଥା ଆପଣାଇଛନ୍ତି। କିଏ ପିଲାଛୁଆ ଓ ପରିବାର ସହ ବିଭିନ୍ନ ଇନ୍‌ଡୋର ଆକ୍ଟିଭିଟିଜ୍‌ରେ ସାମିଲ୍ ହେଉଛନ୍ତି ତ ଆଉ କିଏ ବାରିବଗିଚା, ରୋଷେଇ ଆଦିରେ କିଛି ସମୟ ଅତିବାହିତ କରୁଛନ୍ତି। ସେହିଭଳି ଟିଭି, ମୋବାଇଲ୍ ଫୋନ୍ ଓ ଇଣ୍ଟରନେଟ୍ ସହ ମଧ ଯୋଡିହୋଇ ରହୁଛନ୍ତି। ତେବେ ଡିଜିଟାଲ ଦୁନିଆ ଓଡ଼ିଶାର ଯୁବପିଢ଼ିଙ୍କ ଫେଭରାଇଟ୍ ଟାଇମ୍‌ପାସ୍ ମାଧ୍ୟମ ହୋଇଥିବାବେଳେ ଅନ୍‌ଲାଇନ୍ ଗେମିଂର ଡିମାଣ୍ଡ ଢେର୍ ବଢ଼ିଯାଇଛି। ଏପରିକି ଲୋକପ୍ରିୟତା କ୍ଷେତ୍ରରେ ଏହା ନେଟ୍‌ଫ୍ଲିକ୍ସ, ଟେଲିଭିଜନ ଶୋ' ଓ ଟିକ୍‌ଟକ୍‌ଠାରୁ ବି ବଳିଯାଇଛି। ତେବେ ଅନ୍‌ଲାଇନ୍ ମଲ୍ଟିପ୍ଲେୟାର ଗେମ୍ ସାଙ୍ଗସାଥିଙ୍କ ସହ ଯୋଡ଼ିହେବାର ସୁଯୋଗ ଆଣିଦେଉଥିବାରୁ ଏଥିପ୍ରତି ପିଲାଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଆକର୍ଷିତ ହୋଇପଡୁଛନ୍ତି। କହିବାକୁ ଗଲେ, କରୋନା ମହାମାରୀ ଗେମିଂ ଇଣ୍ଡଷ୍ଟ୍ରିରେ ଏକ ବିରାଟ ପରିବର୍ତ୍ତନ ଆଣିଛି। 'ଆପ୍ସ ଫ୍ଲାୟର'ର ରିପୋର୍ଟ ମୁତାବକ, ଗତ କିଛି ସପ୍ତାହରେ ଅନ୍‌ଲାଇନ୍ ଗେମିଂ ଆପ୍‌ଗୁଡ଼ିକର ଲାଭାଂଶରେ ୩୦ ପ୍ରତିଶତ ବୃଦ୍ଧି ଘଟିଛି। ଲୁଡୋ କିଙ୍ଗ୍, କ୍ୟାଣ୍ଡି କ୍ରସ୍, ବଲ୍ ପୁଲ୍ ଭଳି କାଜୁଆଲ୍ ଗେମ୍‌ଗୁଡ଼ିକର ଲୋକପ୍ରିୟତା ଲକ୍‌ଡାଉନ୍ ପରେ ଦ୍ୱିଗୁଣିତ ହୋଇଛି।

## ମଲ୍ଟି-ପ୍ଲେୟାର ଗେମ୍

ମଲ୍ଟି-ଗେମ୍ ପ୍ଲାଟ୍‌ଫର୍ମ 'ମୋବାଇଲ୍ ପ୍ରିମିୟର୍ ଲିଗ୍'ରେ ଗତ ଏକମାସ ମଧ୍ୟରେ ବ୍ୟବହାରକାରୀଙ୍କ ସଂଖ୍ୟାରେ ୫୫% ଅଭିବୃଦ୍ଧି ଘଟିଛି। ୱାର୍ଲଡ କ୍ରିକେଟ୍ ଚାମ୍ପିୟନଶିପ୍(ଡବ୍ଲ୍ୟୁସିସି), ପୁଲ୍, ଫ୍ରୁଟ୍ ଚପ୍ ଭଳି ଗେମ୍ ଏହି ପ୍ଲାଟ୍‌ଫର୍ମରେ ଅଧିକ ଖେଳାଯାଇଥିବା ଦେଖିବାକୁ ମିଳିଛି। କେବଳ ଏହି ଗେମ୍ ନୁହେଁ, ରମି କାର୍ଡ ଗେମ୍ ଭଳି ସ୍କିଲ୍-ବେସ୍‌ଡ ଗେମ୍‌ଗୁଡ଼ିକରେ ନୂଆ ବ୍ୟବହାରକାରୀଙ୍କ ସଂଖ୍ୟା ୫୦% ବୃଦ୍ଧି ପାଇଛି। ଆଗରୁ ଓଡ଼ିଶାରେ ସିଙ୍ଗଲ୍ ପ୍ଲେୟାର ଗେମିଂର ଡିମାଣ୍ଡ ଅଧିକ ଥିବାବେଳେ ଏବେ କିନ୍ତୁ ମଲ୍ଟି ପ୍ଲେୟାର ଗେମିଂ ଏହାର ସ୍ଥାନ ନେଇଛି। ଲୋକେ ଏଠାରେ କେବଳ ମନୋରଞ୍ଜନ ପାଇଁ ଖେଳୁନାହାନ୍ତି, ବରଂ ରିୱାର୍ଡ ବା ପୁରସ୍କାର ମଧ ପାଉଛନ୍ତି। ଆଡ୍ଡା ୫୨ ରମି ଭଳି କେତେକ ଗେମ୍ ବ୍ୟବହାରକାରୀଙ୍କୁ ଟାଇମ୍‌ପାସ୍ କରାଇବାସହ ଆକର୍ଷଣୀୟ ରିୱାର୍ଡ ଦେଉଛି। ଲକ୍‌ଡାଉନ୍ ଏପରି ଜାରି ରହିଲେ ଲୋକେ ସିଙ୍ଗିଲ୍ ପ୍ଲେୟାର ପରିବର୍ତ୍ତେ ମଲ୍ଟି-ପ୍ଲେୟାର ଗେମ୍ ସହ ସମ୍ପୂର୍ଣ୍ଣ ଜଡ଼ିତ ହୋଇଯିବେ ବୋଲି ଗେମର୍ ତଥା ଗେମିଂ ଇଣ୍ଡଷ୍ଟ୍ରି ସହ ଜଡ଼ିତ ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ଲୋକପ୍ରିୟ ହେଉଛି 'ଇ-ସ୍ପୋର୍ଟସ'

ଅଲିମ୍ପିକ୍ସ, ଆଇପିଏଲ୍ ଓ ୟୁରୋ କପ୍ ଭଳି ବଡ଼ବଡ଼ କ୍ରୀଡା ଇଭେଣ୍ଟ କରୋନା ପାଇଁ ବନ୍ଦ ରହିଛି। ଏପରିସ୍ଥଳେ 'ଇ-ସ୍ପୋର୍ଟସ' ଭଳି ନୂଆ କନ୍‌ସେପ୍ଟ ସାମ୍ନାକୁ ଆସିଛି। ଫର୍ଟନାଇଟ୍, ଲିଗ୍ ଅଫ୍ ଲିଜେଣ୍ଡସ, କାଉଣ୍ଟର ଷ୍ଟ୍ରାଇକ୍, କଲ୍ ଅଫ୍ ଡ୍ୟୁଟି, ଓଭର୍ ୱାଚ୍ ଏବଂ ମ୍ୟାଡେନ୍ ଏନ୍‌ଏଫ୍‌ଏଲ୍ ଭଳି ଇ-ସ୍ପୋର୍ଟସର ବହୁଳ ଲୋକପ୍ରିୟତା ଦେଖିବାକୁ ମିଳିଛି। ଟ୍ୱିଚ୍ ଏବଂ ୟୁଟ୍ୟୁବ୍ ଭଳି ପ୍ଲାଟ୍‌ଫର୍ମରେ ଲାଇଭ୍ ଷ୍ଟ୍ରିମ୍ ହେଉଥିବା ଏହି ଗେମ୍‌କୁ ଲକ୍ଷ ଲକ୍ଷ ଲୋକ ଦେଖୁଛନ୍ତି। ଲାଇଭ୍ ସ୍ପୋର୍ଟସ ଇଭେଣ୍ଟ ବନ୍ଦ ଥିବା ଯୋଗୁ ଇ-ସ୍ପୋର୍ଟସର ଦର୍ଶକ ସଂଖ୍ୟା ବଢିବା ସହ ସ୍ପନ୍‌ସରଶିପ୍ ଇନ୍‌ଭେଷ୍ଟ ମଧ ବୃଦ୍ଧିପାଇବ ବୋଲି ଆଶା କରାଯାଉଛି।



ହାଉସ୍‌ପାର୍ଟି, ପ୍ଲାଟୋ, ବଞ୍ଚ୍ ଭଳି ଗେମିଂ ଆପ୍‌ରେ ଆମେ କେବଳ ଖେଳୁନୁ, ବରଂ ଏଥିରେ ସାଙ୍ଗମାନଙ୍କ ସହ କଥା ହୋଇପାରୁଛୁ ଓ ଭିଡ଼ିଓ ଚାର୍ଟ ବି କରୁଛୁ। ଘରେ ବସି ବୋର୍ ହେବା ଅପେକ୍ଷା ସାଙ୍ଗମାନଙ୍କ ସହ ଅନ୍‌ଲାଇନ୍‌ରେ ଖେଳିବା ଓ କଥା ହେବାକୁ ଭଲ ଲାଗୁଛି। ଆଗରୁ ଆମେ ମଲ୍ଟିପ୍ଲେୟାର ଗେମିଂ ପ୍ଲାଟଫର୍ମରେ ଏତେ ଆକ୍ଟିଭ୍ ନ ଥିଲୁ। ହେଲେ ଏବେ ଏହି ଗେମ୍ ଟାଇମ୍‌ପାସର ସବୁଠାରୁ ଭଲ ପ୍ଲାଟଫର୍ମ।

- ଚିରଞ୍ଜିବୀ ରଥ



ଗଲ୍‌ଫ କ୍ଲାସ୍, ମାରିଓ କାର୍ଟ, କ୍ଲାସ୍ ରୟାଲ୍, ସୋସିଏବୁଲ୍ ସସର୍, ବଟର୍ ରୟାଲ ଭଳି ମୋବାଇଲ୍ ଗେମ୍‌ର ବହୁତ ଡିମାଣ୍ଡ ରହିଛି। କିଛି ଆଣ୍ଡ୍ରଏଡ୍, ଆଉକିଛି ଆଇଓଏସ୍ ଗେମ୍ ମଧ ଭଲ ଚାଲିଛି। ତେବେ ଓଡ଼ିଶାରେ 'କଲ୍ ଅଫ୍ ଡ୍ୟୁଟି' ଗେମ୍ ୟୁଜରଙ୍କ ସଂଖ୍ୟା ବହୁତ ବଢିଯାଇଛି। ବହୁ ନୂଆ ପ୍ଲେୟାର ଏହି ପ୍ଲାଟ୍‌ଫର୍ମରେ ସାମିଲ ହୋଇଛନ୍ତି।

- ବ୍ରିଜେଶ ପଣ୍ଡା

## ପିଲାଙ୍କ ପାଇଁ ନେଟ୍‌ଫ୍ଲିକ୍ସର ନୂଆ ସେଫ୍‌ଟି ଫିଚର୍

**ଭୁବନେଶ୍ୱର, ୨୧।୪ (ବ୍ୟୁରୋ):** ଦର୍ଶକଙ୍କ ପରାମର୍ଶ ତଥା ଅନୁରୋଧକୁ ରକ୍ଷାକରି ବିଶ୍ୱର ସର୍ବବୃହତ୍ ଭିଡ଼ିଓ ଷ୍ଟ୍ରିମିଂ ସର୍ଭିସ୍ 'ନେଟ୍‌ଫ୍ଲିକ୍ସ' ତା'ର ଫିଚର୍ ଓ ସେବାରେ ପରିବର୍ତ୍ତନ ଆଣିବ। ବିଶେଷକରି ବୟସ୍କ, ମାତାପିତା ଓ ଅଭିଭାବକଙ୍କ ସୁବିଧା ଲାଗି ଏହାର ପରିଚାଳନାକୁ ପୂର୍ବାପେକ୍ଷା ଅଧିକ ବ୍ୟବସ୍ଥିତ ଏବଂ ସୁରକ୍ଷିତ କରାଯିବ। ପିଲାମାନେ ଯେପରି ଏହାକୁ ସହଜରେ ଖୋଲି ନ ପାରିବେ ସେଥିଲାଗି ବ୍ୟକ୍ତିଗତ ପ୍ରୋଫାଇଲ୍‌କୁ ପିନ୍ ଦ୍ୱାରା ସୁରକ୍ଷିତ କରିବା ଲାଗି ସ୍ୱତନ୍ତ୍ର ଫିଚର୍ ଯୋଡ଼ାଯିବ। ଏହାସହ ପିଲାଙ୍କ ବୟସ ଅନୁଯାୟୀ କଣ୍ଟେଣ୍ଟ ତଥା ଶୋ' ଏବଂ ଫିଲ୍ମ ଫିଲ୍‌ଟର୍ କରିବାର ସୁବିଧା ମଧ ରହିବ। ଏହି ସ୍ୱତନ୍ତ୍ର ଫିଲ୍‌ଟର ଦ୍ୱାରା ବ୍ଲକ୍ କରିଥିବା ଫିଲ୍ମ କିମ୍ବା ସିରିଜ ଆଉ ପ୍ରୋଫାଇଲ୍‌ରେ ଦେଖାଇବ ନାହିଁ।

ନୂତନଭାବେ ଯୋଡ଼ାଯିବାକୁ ଥିବା 'ପ୍ରୋଫାଇଲ୍ ଆଣ୍ଡ୍ ପ୍ୟାରେଣ୍ଟାଲ କଣ୍ଟ୍ରୋଲ୍ସ' ହବ୍ ଦ୍ୱାରା ପ୍ରତି ପ୍ରୋଫାଇଲ୍‌କୁ ବ୍ୟବସ୍ଥିତ କରିହେବ। ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋଫାଇଲ୍ କରି ସେମାନେ କ'ଣ ଦେଖୁଛନ୍ତି ତାହାଉପରେ ନଜର ରଖାଯାଇପାରିବ। ଯେକୌଣସି ଲାପଟପ୍ କିମ୍ବା ମୋବାଇଲ୍ ବ୍ରାଉଜର୍‌କୁ ଯାଇ ନେଟ୍‌ଫ୍ଲିକ୍ସର ଆକାଉଣ୍ଟ ସେଟିଙ୍ଗ୍‌ରେ ଏହିସବୁ ପରିବର୍ତ୍ତନ ଆଣିହେବ। ଅନ୍‌ଲାଇନ୍ ସେଫ୍ଟି ବା ସୁରକ୍ଷା ସମସ୍ତଙ୍କ ଚିନ୍ତାର କାରଣ ହୋଇଥିବାରୁ ପିଲାଙ୍କ ପାଇଁ ନେଟ୍‌ଫ୍ଲିକ୍ସକୁ ଅଧିକ ସୁରକ୍ଷିତ କରିବା ପାଇଁ ଏହି ଫିଚର୍ ଅଣାଯାଇଥିବା ନେଟ୍‌ଫ୍ଲିକ୍ସ ପକ୍ଷରୁ କୁହାଯାଇଛି। ଲକ୍‌ଡାଉନ୍ ଯୋଗୁ ସମଗ୍ର ବିଶ୍ୱରେ ଛୋଟପିଲାଙ୍କଠାରୁ ଆରମ୍ଭକରି ବୟସ୍କମାନେ ଏବେ ମନୋରଞ୍ଜନ ପାଇଁ ନେଟ୍‌ଫ୍ଲିକ୍ସ ବ୍ୟବହାର କରୁଛନ୍ତି। ଏଭଳିସ୍ଥଳେ ପିଲାମାନଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ନେଟ୍‌ଫ୍ଲିକ୍ସ ପକ୍ଷରୁ ଏକାଧିକ କିଡ୍‌ସ୍ ଏବଂ ପାରିବାରିକ ଫିଲ୍ମ ଓ ଟେଲିଭିଜନ ଶୋ'ର ଷ୍ଟ୍ରିମିଂ କରାଯାଉଛି। ବହୁଚର୍ଚ୍ଚିତ ଆନିମେଟେଡ୍ ଫିଲ୍ମ 'କ୍ଲସ୍', 'କାର୍‌ମେନ୍ ସାଣ୍ଡିଏଗୋ: ଟୁ ଷ୍ଟିଲ୍ ଅର୍ ନଟ୍ ଟୁ ଷ୍ଟିଲ୍' ଭଳି ଇଣ୍ଟରଆକ୍ଟିଭ ଶୋ' ଏବଂ 'ବସ୍ ବେବି' ଭଳି ସିରିଜ୍ ପିଲାମାନେ ଦେଖିପାରିବେ। ସେହିଭଳି 'ମାଇଟି ଲିଟିଲ୍ ଭିମ୍' ମଧ ନେଟ୍‌ଫ୍ଲିକ୍ସରେ ଦେଖିହେବ।



ମଙ୍ଗଳବାର ବର୍ଷା ପୂର୍ବରୁ ରାଜଧାନୀ ଆକାଶର ଦୃଶ୍ୟ।

# ଖସିଲା ପାରଦ, ରାଜଧାନୀରେ ଡୁହାକୁ ଡୁହା ବର୍ଷା

ଭୁବନେଶ୍ୱର,୨୧।୪(ବ୍ୟୁରୋ)

**ଝଡ଼ବର୍ଷା ଆଣିଲା ଥଣ୍ଡା**
**ମାଲକାନଗିରି, ଟିଟିଲାଗଡ଼ରେ ୪୦.୫ ଡିଗ୍ରୀ ତାପମାତ୍ରା**

ଗତ କିଛି ଦିନ ହେବ ରାଜ୍ୟକୁ ଉତ୍ତପ୍ତ କରିଥିବା ପ୍ରଚଣ୍ଡ ଗ୍ରୀଷ୍ମରୁ ଆଶ୍ୱସ୍ତି ମିଳିଛି। ଝଡବର୍ଷା ଯୋଗୁ ମଙ୍ଗଳବାର ଅଧିକାଂଶ ଜିଲାରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ୍ ତଳକୁ ଖସି ଆସିଛି। ସୂଚନା ଅନୁଯାୟୀ, କନ୍ଧମାଳ ଜିଲା ଫୁଲବାଣୀରେ ସର୍ବାଧିକ ୫୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କେନ୍ଦୁଝରରେ ୧୮, କଟକ ଓ ତାଳଚେରରେ ୧୪ ମିଲିମିଟର ଲେଖାଏ ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁ ତାତି ହ୍ରାସ ପାଇଛି। କେବଳ ଟିଟିଲାଗଡ ଓ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୦.୫ ଡିଗ୍ରୀ ସେଲସିୟସ୍ ଥିବା ବେଳେ ଅନ୍ୟ ସମସ୍ତ ସ୍ଥାନରେ ତାପମାତ୍ରା ୩୧ରୁ ୩୮ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିଛି। ଆସନ୍ତା ଦୁଇଦିନ ଯାଏ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ସର୍ବୋଚ୍ଚ ତାପମାତ୍ରା ୨ ରୁ ୩ ଡିଗ୍ରୀ ତଳକୁ ଖସିବା ସମ୍ଭାବନା ରହିଛି। ଏଥିସହିତ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର ଓ ପୁରୀ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଦିନରେ ପାଗ ମେଘୁଆ ରହିଥିଲା। ସର୍ବୋଚ୍ଚ ତାପମାତ୍ରା ୩୩.୬ ଡିଗ୍ରୀକୁ ଖସି ଆସିଥିଲା। ତେବେ ଅପରାହ୍ନରେ ଝଡବର୍ଷା ହୋଇଥିଲା। ଘଡଘଡି ସହ ଡୁହାକୁ ଡୁହା ବର୍ଷା ସହର ଓ ଏହାର ଆଖ ପାଖ ଅଞ୍ଚଳକୁ ଥଣ୍ଡା କରି ଦେଇଥିଲା। ପ୍ରାୟ ୪୫ ମିନିଟ ଧରି ବର୍ଷା ଲାଗି ରହିଥିଲା।

## ମେ' ୩ ଯାଏ ବିଶ୍ୱବିଦ୍ୟାଳୟ ଛୁଟି

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ରାଜ୍ୟରେ ଉଚ୍ଚଶିକ୍ଷା ବିଭାଗର ପ୍ରଶାସନିକ କ୍ଷମତା ଅଧୀନରେ ଥିବା ସମସ୍ତ ସରକାରୀ ଏବଂ ବେସରକାରୀ ବିଶ୍ୱବିଦ୍ୟାଳୟଗୁଡିକ ଆସନ୍ତା ମେ' ୩ ଯାଏ ବନ୍ଦ ରହିବ। ଏନେଇ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଯଦି ଶିକ୍ଷାନୁଷ୍ଠାନରେ କୌଣସି କାର୍ଯ୍ୟ ପାଇଁ ଆବଶ୍ୟକତା ପଡେ, ତେବେ କୁଳପତି କିମ୍ବା ସମତୁଲ୍ୟ ବ୍ୟକ୍ତି କାର୍ଯ୍ୟାଳୟର କୌଣସି କର୍ମଚାରୀଙ୍କୁ ଡକାଇ ପାରିବେ। ଏହା ମଧ୍ୟରେ ଗ୍ରୁପ-ଏ(ଟିଚିଂ ଏବଂ ନନ୍ ଟିଚିଂ), ଗ୍ରୁପ-ବି, ସି ଏବଂ ଡି ବର୍ଗର କର୍ମଚାରୀ ରହିଛନ୍ତି। ସାମାଜିକ ଦୂରତା ନିୟମକୁ କଡାକଡି ପାଳନ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ସର୍ବନିମ୍ନ ୧୦ ପ୍ରତିଶତ କର୍ମଚାରୀ ହିଁ କାର୍ଯ୍ୟାଳୟକୁ ଆସିବେ ବୋଲି କୁହାଯାଇଛି।

# ସୀମା ସିଲ୍ ସମ୍ଭବ ନୁହେଁ

ଭୁବନେଶ୍ୱର, ୨୧।୪(ବ୍ୟୁରୋ)

- ଓଡ଼ିଶା ସୀମାକୁ ଲାଗିଛି ୪ ରାଜ୍ୟ
- ପଞ୍ଚାୟତ ପ୍ରତିନିଧିଙ୍କ ମାଧ୍ୟମରେ କରାଯିବ ନିୟନ୍ତ୍ରଣ
- ଆଜି ୬,୭୯୮ ପଞ୍ଚାୟତ ପ୍ରତିନିଧିଙ୍କ ସହ କଥା ହେବେ ମୁଖ୍ୟମନ୍ତ୍ରୀ

ପଶ୍ଚିମବଙ୍ଗ ଫେରନ୍ତାଙ୍କ ଯୋଗୁ ରାଜ୍ୟରେ ଗତ ୨ଦିନ ଧରି କରୋନା ସଂକ୍ରମିତଙ୍କ ସଂଖ୍ୟା ବେଶ୍ ବୃଦ୍ଧି ପାଇଛି। ଯାହାକୁ ନେଇ ରାଜ୍ୟ ସରକାର ଚିନ୍ତାରେ ପଡ଼ିଯାଇଛନ୍ତି। ରାଜ୍ୟର ସୀମାବର୍ତ୍ତୀ ସମସ୍ତ ସ୍ଥଳଭାଗକୁ ସିଲ୍ କରିବା ସମ୍ଭବ ନୁହେଁ। ପୋଲିସ ମୁତୟନ କରାଗଲେ ଜାତୀୟ ବା ରାଜ୍ୟ ସଡ଼କରେ ଯାନବାହନ ଉପରେ ଆଖି ରଖାଯାଇପାରିବ। କିନ୍ତୁ ତାହା ସମ୍ଭବ ନୁହେଁ ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ ମଙ୍ଗଳବାର କହିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶାର ସୀମାକୁ ୪ଟି ରାଜ୍ୟ ଯଥା ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଲାଗି ରହିଛି। ପଶ୍ଚିମବଙ୍ଗ ସୀମାକୁ ଓଡ଼ିଶାର ନିକଟସ୍ଥ ଜିଲା ବାଲେଶ୍ୱର ଏବଂ ମୟୂରଭଞ୍ଜ ଲାଗି ରହିଛି ଏବଂ ଏହାର ଅବଧି ବା ପରିଧି ପ୍ରାୟ ୨୦୨ କିଲୋମିଟର। ସେହିଭଳି ଝାଡ଼ଖଣ୍ଡ ସୀମାକୁ ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲା ଲାଗି ରହିଛି। ଏହି ୩ଟି ଜିଲାର ପରିଧି ୫୯୧ କିଲୋମିଟର ରହିଛି। ଅନ୍ୟପଟେ ଛତିଶଗଡ଼ ସୀମାକୁ ଲାଗି ରହିଛି ଓଡ଼ିଶାର ୮ଟି ଜିଲା। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି। ଏହି ସୀମାର ପରିଧି ୧,୨୨୬ କିମି ରହିଛି। ସେହିଭଳି ଆନ୍ଧ୍ରପ୍ରଦେଶ ସୀମାକୁ ଲାଗି ରହିଥିବା ଓଡ଼ିଶାର ୫ଟି ଜିଲା ହେଉଛି କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମ। ଯାହାର ପରିଧି ହେଉଛି ୧,୦୨୪ କିଲୋମିଟର। ଏହା ବ୍ୟତୀତ ସମୁଦ୍ରତଟ କଥା ଯଦି ଦେଖିବା, ତେବେ ଭୌଗୋଳିକ ତଥ୍ୟ ବ୍ୟବସ୍ଥା(ଜିଆଇଏସ୍) ମ୍ୟାପିଂ ଅନୁଯାୟୀ ପ୍ରାୟ ୫୨୨ କିମି ରହିଛି। ଏହି ସବୁ ସୀମାକୁ କୌଣସି ପୋଲିସ ଆରକ୍ଷୀ ଅଟକାଇ ପାରିବେ ନାହିଁ। କାରଣ ଏହି ସ୍ଥଳଭାଗ ସୀମା ଅଧିକାଂଶ ଜଙ୍ଗଲରେ ପରିପୂର୍ଣ୍ଣ। ତେଣୁ ଏହାକୁ ତନ୍ନତନ୍ନ କରି ଜଗିବା ସମ୍ଭବ ହେବ ନାହିଁ। ତେବେ ବର୍ତ୍ତମାନ ସ୍ଥିତିରେ ସୀମା ପାର ହୋଇ ଆସୁଥିବା ଲୋକଙ୍କୁ ସଙ୍ଗରୋଧ କରିବାକୁ ପଞ୍ଚାୟତ ପ୍ରତିନିଧିମାନେ ହିଁ ଆମ ବଳ। ତେଣୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬୭୯୮ ପଞ୍ଚାୟତ ପ୍ରତିନିଧିଙ୍କ ସହ ଭିଡିଓ କନଫରେନ୍ସିଂରେ କଥା ହୋଇ ସେମାନଙ୍କର ସହଯୋଗ ଲୋଡ଼ିବେ ବୋଲି ବାଗ୍‌ଚୀ କହିଛନ୍ତି।

# କରୋନା ବଦଳାଇବ ଖାଦ୍ୟ ଅଭ୍ୟାସ



ନୂଆଦିଲ୍ଲୀ,୨୧।୪

କରୋନା ଭାଇରସ୍‌ର ପ୍ରଭାବ ଆମ ଜୀବନଶୈଳୀକୁ ବହୁଳ ଭାବରେ ବଦଳାଇ ଦେଇଛି। ଘରେ ରହିବାଠାରୁ ଆରମ୍ଭ କରି ଲକ୍‌ଡାଉନ ସହିତ ମୁକାବିଲା କରିବା ପର୍ଯ୍ୟନ୍ତ, ଗତ ପ୍ରାୟ ୪ ସପ୍ତାହ ମଧ୍ୟରେ ଆମେ ସମସ୍ତେ ଜୀବନଶୈଳୀ ପରିବର୍ତ୍ତନର ନୂତନ ଧାରାରେ ଗତି କରୁଛୁ। ଏହି କ୍ରମରେ ବଦଳିବାରେ ଲାଗିଛି ଆମର ଖାଦ୍ୟ ଅଭ୍ୟାସ। ସାଧାରଣତଃ ନିଜସ୍ୱ ରୁଚି ଅନୁଯାୟୀ ଖାଦ୍ୟାଭ୍ୟାସ ଦୀର୍ଘ ସମୟ ଧରି ପ୍ରତ୍ୟେକଙ୍କ ଜୀବନ ସହ ଯୋଡ଼ି ହୋଇରହିଥାଏ। ହେଲେ କରୋନା ମହାମାରୀର ଆତଙ୍କ ଯେଭଳି ବ୍ୟାପିଛି ସେଥିରୁ ବର୍ତ୍ତିବା ପାଇଁ ଲୋକେ ଅନେକ କ୍ଷେତ୍ରରେ ସଚେତନ ହୋଇ ଚଳିବାକୁ ବାଧ ହୋଇଛନ୍ତି, ଯାହାର ପ୍ରଭାବ ଆମ ଖାଦ୍ୟାଭ୍ୟାସରେ ପଡ଼ିଛି।

## ବଢୁଛି ଘରେ ରାନ୍ଧି ଖାଇବା ଅଭ୍ୟାସ

ଏକ ଅନୁସନ୍ଧାନରୁ ମିଳିଥିବା ତଥ୍ୟ ଅନୁଯାୟୀ ୩୨% ବୟସ୍କ ବ୍ୟକ୍ତି ପ୍ରାୟତଃ ରେଷ୍ଟୁରାଣ୍ଟରେ ଖାଇବାକୁ ଯୋଜନା କରନ୍ତି। ରୋଷେଇର ଅନିଚ୍ଛା, ନିୟମିତ ଘରୋଇ ଖାଦ୍ୟ କିମ୍ବା ସ୍ୱାଦର ପରିବର୍ତ୍ତନ ଖୋଜିବା ଏହାର କାରଣ ହୋଇପାରେ। କିନ୍ତୁ ଲକ୍‌ଡାଉନ ଯୋଗୁ ଲୋକମାନେ ଘରେ ରାନ୍ଧିଖାଇବାକୁ ବାଧ ହେଉଛନ୍ତି, ଯାହା ଭବିଷ୍ୟତରେ ମଧ ନିୟମିତ ରାନ୍ଧି ଖାଇବା ଅଭ୍ୟାସକୁ ବଢ଼ାଇବ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଉଥିବା ଖାଦ୍ୟ ପ୍ରତି ଆଗ୍ରହ

କରୋନା ଭାଇରସ୍ ଯେଭଳି ବ୍ୟାପୁଛି ସେଥିରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଏହି ମହାମାରୀର କୌଣସି ଔଷଧ କିମ୍ବା ଟିକା ଏଯାଏ ବାହାରିନାହିଁ। ତେଣୁ ଏହାକୁ ପ୍ରତିରୋଧ କରିବା ପାଇଁ ସାମାଜିକ ଦୂରତ୍ୱ, ବାରମ୍ବାର ହାତ ସଫା କରିବା ଭଳି କେତେକ ଉପାୟ ଅବଲମ୍ବନ କରିବା ନିହାତି ଜରୁରୀ। ଏହି କ୍ରମରେ ଲୋକଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଉଥିବା ଖାଦ୍ୟ ଖାଇବାକୁ ଆଗ୍ରହ ବଢ଼ିଛି। ଭବିଷ୍ୟତରେ ଏହା ନିଶ୍ଚିତ ଭାବରେ ଏକ ଅଭ୍ୟାସରେ ପରିଣତ ହେବ ବୋଲି କୁହାଯାଉଛି।

## ଖାଦ୍ୟ ନିରାପତ୍ତାକୁ ଗୁରୁତ୍ୱ

କୋଭିଡ୍-୧୯ ସଂକ୍ରମଣ ଯୋଗୁ ଖାଦ୍ୟର ସୁରକ୍ଷା ବିଷୟରେ ଲୋକେ ଅଧିକ ସଚେତନ ହୋଇଛନ୍ତି। ଅସୁରକ୍ଷିତ ଖାଦ୍ୟ କିଣିବାଠାରୁ ଲୋକେ ଦୂରେଇ ରହିବା ସହ ସିଲ୍ ହୋଇଥିବା କିମ୍ବା ଡବାରେ ମିଳୁଥିବା ଖାଦ୍ୟକୁ ଅଧିକ ପସନ୍ଦ କରୁଛନ୍ତି। ବାଛିଛନ୍ତି। ଏହା ଲୋକଙ୍କୁ ଫୁଡ୍ ପଇଜନିଂଠାରୁ ମୁକ୍ତି ପାଇଁ ସହାୟକ ହେବ।

## ବିଦେଶୀ ଖାଦ୍ୟକୁ ଭୟ

ଅନେକ ଲୋକ ବିଦେଶୀ ଖାଦ୍ୟକୁ ଭଲ ପାଆନ୍ତି। ବିଶେଷକରି ବିଦେଶୀ ମାଂସ ପାଇଁ ଇଚ୍ଛା କରନ୍ତି। ଅନେକେ କହୁଛନ୍ତି ଯେ, ଚାଇନାର ଉହାନ ସହରରେ ଥିବା ମାଛମାଂସ ବଜାର ହେଉଛି କରୋନା ଭାଇରସ୍‌ର ଉତ୍ପତ୍ତିସ୍ଥଳ। ସେଠାରେ ବହୁଳ ଭାବେ ସାମୁଦ୍ରିକ ଖାଦ୍ୟ ଓ ବିଦେଶୀ ମାଂସ ଉପଲବ୍ଧ ହୋଇଥାଏ। ତାହାକୁ ବିଭିନ୍ନ ସ୍ଥାନକୁ ରପ୍ତାନି ବି ହୋଇଥାଏ। ସେଥିପାଇଁ ବିଦେଶୀ ମାଂସ ଏବଂ ଅନ୍ୟ ଖାଦ୍ୟ ପ୍ରତି ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ସେସବୁ ଖାଦ୍ୟଠାରୁ ଦୂରେଇ ରଖିବାକୁ ଲୋକେ ଉଚିତ ମଣୁଛନ୍ତି।

## ସ୍ଥାନୀୟ ଖାଦ୍ୟର ଚାହିଦା

ଖାଦ୍ୟ ଅଭ୍ୟାସ ପରିବର୍ତ୍ତନ ହେବାର ସର୍ବାଧିକ କାରଣ ହେଉଛି ସ୍ଥାନୀୟ ଖାଦ୍ୟର ପ୍ରତ୍ୟାବର୍ତ୍ତନ। ଲୋକେ ଏବେ ଖାଇବା ପୂର୍ବରୁ ଖାଦ୍ୟର ଉତ୍ସ, ଗୁଣବତ୍ତା ସାଙ୍ଗକୁ କେତେ ପୁଷ୍ଟିକର ଓ ସୁରକ୍ଷିତ ତାହା ଜାଣିବାକୁ ଚାହୁଁଛନ୍ତି। କରୋନାର ଭୟ ଯୋଗୁ ଲୋକେ ଅଧିକ ବାଛବିଚାର କରୁଛନ୍ତି। ବିଶେଷକରି ଚାଷଜମିରୁ ସିଧା ଖାଦ୍ୟ ସାମଗ୍ରୀ ପାଇବାକୁ ଇଚ୍ଛା କରୁଛନ୍ତି। ଏହାସାଙ୍ଗକୁ ଲକ୍‌ଡାଉନ ଯୋଗୁ ସୀମା ବନ୍ଦ ରହିଥିବାରୁ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛନ୍ତି। ଅନ୍ୟ ଅଞ୍ଚଳର ଖାଦ୍ୟ ସାମଗ୍ରୀ ଆମଦାନୀରେ ହ୍ରାସ ଘଟିଛି। ବିଦେଶରୁ ଖାଦ୍ୟ ସାମଗ୍ରୀ ଆମଦାନୀ ପ୍ରାୟତଃ ବନ୍ଦ ହୋଇଯାଇଛି। ଏସବୁର ପ୍ରଭାବରେ ସ୍ଥାନୀୟ ଖାଦ୍ୟ ଚାହିଦା ଓ ଉତ୍ପାଦନ ବୃଦ୍ଧିପାଇବାରେ ଲାଗିଛି। ଅନ୍ୟପକ୍ଷରେ ଖାଇବା ଅଭ୍ୟାସ ଉପରେ ଏଭଳି ହଠାତ୍ ପ୍ରଭାବ ଆମର ସାମଗ୍ରିକ ଜୀବନଶୈଳୀରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିପାରେ।

# ଜୁମ୍ ଆପ୍‌କୁ ହାଇକୋର୍ଟଙ୍କ ନା

## ଭିଡିଓ କନ୍‌ଫରେନ୍ସିଂରେ ଶୁଣାଣି ପ୍ରସଙ୍ଗ

କଟକ ଅଫିସ,୨୧।୪

ସମ୍ପ୍ରତି ଲକ୍‌ଡାଉନ୍ ଜାରିଥିବାରୁ ହାଇକୋର୍ଟରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଶୁଣାଣି ଚାଲିଛି। ଏଥିପାଇଁ ଗତ ୯ ତାରିଖଠାରୁ 'ଓଡ଼ିଶା ହାଇକୋର୍ଟ ଇ-ଫାଇଲିଂ ଆଣ୍ଡ ଭିଡିଓ କନ୍‌ଫରେନ୍ସିଂ ସ୍କିମ୍-୨୦୨୦' ଆରମ୍ଭ ହୋଇଛି। ଏହି ସ୍କିମ୍ ଅନୁଯାୟୀ ଭିଡିଓ କଲ୍, ବିଶେଷ ଭାବେ ହ୍ୱାଟ୍‌ସଆପ୍‌ରେ ଭିଡିଓ କଲ୍ କିମ୍ବା ଜୁମ୍ ଆପ୍‌ରେ ଭିଡିଓ କନ୍‌ଫରେନ୍ସିଂ କରାଯାଉଛି। ତେବେ ଜୁମ୍ ଆପ୍‌କୁ ନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଆପତ୍ତି ଉଠାଇଥିବାରୁ ହାଇକୋର୍ଟରେ ଭିଡିଓ କନ୍‌ଫରେନ୍ସିଂରେ ଏହି ଆପ୍ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ହାଇକୋର୍ଟ ରେଜିଷ୍ଟ୍ରାର୍ ଜେନେରାଲ୍‌ଙ୍କ ପକ୍ଷରୁ ଏହି ନିର୍ଦ୍ଦେଶ ଦିଆଯାଇଛି।

ଅନେକ ଘରୋଇ ଏବଂ ସରକାରୀ ଅନୁଷ୍ଠାନ ନିଜ କର୍ମଚାରୀଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ପାଇଁ ଜୁମ୍ ଆପ୍‌କୁ ବ୍ୟବହାର କରୁଛନ୍ତି। ବର୍ତ୍ତମାନ ଲକ୍‌ଡାଉନ୍ ସମୟରେ ଏହି ଆପ୍ ବହୁଳ ଭାବେ ଲୋକପ୍ରିୟ ହୋଇପାରିଛି। ତେବେ ଗତ ଗୁରୁବାର ଆପ୍‌କୁ ନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଆପତ୍ତି ଉଠାଇଥିଲା। ଆପ୍ ବ୍ୟବହାର ଅସୁରକ୍ଷିତ ଏବଂ ଏହାଦ୍ୱାରା ସାଇବର୍ ଠକେଇର ସମ୍ଭାବନା ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ବ୍ୟବହାରୀଙ୍କ ଗୋପନୀୟ ତଥ୍ୟ ପ୍ରଘଟ ହେଉଥିବା ଏବଂ ଆଗାମୀ ଦିନରେ ଏହାକୁ ସାଇବର୍ ଅପରାଧୀମାନେ ବ୍ୟବହାର କରିପାରନ୍ତି ବୋଲି ମନ୍ତ୍ରଣାଳୟ ସତର୍କ କରାଇଥିଲା। ଏହା ପରେ ହାଇକୋର୍ଟ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଜୁମ୍ ଆପ୍‌ର ବ୍ୟବହାରକୁ ବାରଣ କରାଯାଇଛି। ତେବେ ଆବେଦନକାରୀମାନେ ପୂର୍ବବତ 'ଭିଡୟୋ' ଆପ୍ କିମ୍ବା ହ୍ୱାଟ୍‌ସଆପ୍ ଭିଡିଓ କଲିଂର ବ୍ୟବହାର କରିପାରିବେ। ସେହିଭଳି ହାଇକୋର୍ଟ ପରିସରରେ ଏକ ସ୍ୱତନ୍ତ୍ର ଭିଡିଓ କନଫରେନ୍ସିଂ ହଲ୍ କରାଯାଇଛି। ଯେଉଁମାନେ ଚାହିଁବେ, ସେଠାରୁ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଶୁଣାଣିରେ ଭାଗନେଇପାରିବେ ବୋଲି ହାଇକୋର୍ଟ ରେଜିଷ୍ଟ୍ରାର୍ ଜେନେରାଲ୍‌ଙ୍କ ପକ୍ଷରୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅପାଳକ ରାଇଜକୁ ବିଜୁଳି ଲକ୍ଷେ ଟଙ୍କା।**

ଯେଉଁ ଦେଶରେ ବର୍ଷା ହୁଏ ନାହିଁ ସେଠି ଅପାଳକ ହୁଏ। ବର୍ଷା ହେବା ପୂର୍ବରୁ ମେଘ ଉଠାଏ। ମେଘକୁ ମେଘ ଘଷି ହୋଇ ବିଜୁଳି ସୃଷ୍ଟି ହୁଏ। ବିଜୁଳି ଦେଖିଲେ ମେଘ ହେବାର ଆଶା ଜନ୍ମେ। ଯେଉଁଠି କିଛି ନାହିଁ, ସେଠି ସାମାନ୍ୟ କିଛି ମାତ୍ର ମିଳିଗଲେ ଅପୂର୍ବ ଆନନ୍ଦ ଲାଗିଥାଏ। ଯୋଗ୍ୟ ବ୍ୟକ୍ତି ବା ବସ୍ତୁ ଅଭାବରେ କମ୍ ଜିନିଷ ମୂଲ୍ୟବାନ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଅଶରଣକୁ ଭଉଣୀ ଜୋଇଁ ଘଇତା ଟେକାଟେକି କରି ଦିନ ନଉଥା।**

ସ୍ୱାମୀ ମରିଗଲେ ନିଃସହାୟ ସ୍ତ୍ରୀ ନିଜର ରକ୍ଷଣାବେକ୍ଷଣ ପାଇଁ ଅନ୍ୟର ଶରଣ ପଶିଥାଏ। ଭଉଣୀ ଜ୍ୱାଇଁ କି ଧରି ତାକୁ ମୁରବି ବୋଲି ମାନି ଗୁଜୁରାଣ ମେଣ୍ଟାଇବା ଭଳି ଅସୁବିଧାରୁ ନ କରିବା କଥା ବାଧ୍ୟ ହୋଇ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜାରି ହେଲା ୮ ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରି

## ୫ ହସ୍ପିଟାଲକୁ ୭ ଥର ଯାଇଛନ୍ତି ୬୧ ନମ୍ବର ଆକ୍ରାନ୍ତ

ଭୁବନେଶ୍ୱର, ୨୧।୪(ବ୍ୟୁରୋ)

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ମଙ୍ଗଳବାର ୭୯କୁ ଛୁଇଁଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମଙ୍ଗଳବାର ୮ କରୋନା ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରିର ତଥ୍ୟ ପ୍ରଦାନ କରାଯାଇଛି। ବାଲେଶ୍ୱର, ଭଦ୍ରକ ଓ ସୁନ୍ଦରଗଡ଼ର ୬୧, ୬୨, ୬୩, ୬୪, ୬୫, ୬୬, ୬୮ ଓ ୬୯ ନମ୍ବର ଆକ୍ରାନ୍ତଙ୍କ ଗସ୍ତ ବିବରଣୀ ରାଜ୍ୟ ସରକାର ଦେଇଛନ୍ତି। ୬୧ ନମ୍ବର କରୋନା ଆକ୍ରାନ୍ତ ଜଣଙ୍କ ବାଲେଶ୍ୱର ନେଳିଆବାଗର ୫୮ବର୍ଷୀୟ ବ୍ୟକ୍ତି। ସେ ୧୩ମାର୍ଚ୍ଚରେ ଗାଡ଼ି ଭଡ଼ା କରି ଝାଡ଼ଖଣ୍ଡ ଯାଇ ସେହିଦିନ ଫେରିଥିଲେ। ଏପ୍ରିଲ ୭ରେ ଘରୁ ବାଲେଶ୍ୱର ମେଡିକାଲ ନିଜ ସ୍କୁଟିରେ ଯାଇଥିଲେ। ୧୩ରେ ପୁଣି ଥରେ ଜିଲା ମୁଖ୍ୟ ମେଡିକାଲ ଯାଇ ସେହିଦିନ ଭୁବନେଶ୍ୱର ଆପୋଲୋ ହସ୍ପିଟାଲ ଆସିଥିଲେ। ୧୪ରେ ଆପୋଲୋରୁ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ କିମ୍ସ ମେଡିକାଲ ଗାଡ଼ି ଭଡ଼ା କରି ଯାଇଥିଲେ। ୧୪ରୁ ୧୬ ପର୍ଯ୍ୟନ୍ତ କିମ୍ସ କୋଭିଡ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ୧୬ରେ ଏମ୍ସରେ ଭର୍ତ୍ତି ହେଲେ। ୧୮ରେ ନମୁନାରେ କରୋନା ପଜିଟିଭ ଆସିବା ପରେ ପୁଣି ତାଙ୍କୁ କିମ୍ସ କୋଭିଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେହିପରି ୬୨ନମ୍ବର କରୋନା ଆକ୍ରାନ୍ତ ଜଣଙ୍କ ୫୭ ବର୍ଷୀୟ ବ୍ୟକ୍ତି। ମାର୍ଚ୍ଚ ୨୮ରେ ସେ ଗାଡ଼ି ଭଡ଼ା କରି ୩ ଜଣ ଯାତ୍ରୀଙ୍କ ସହ କୋଲକାତାରୁ ନିଜ ଘର ଭଦ୍ରକ ବାସୁଦେବପୁର ପଦ୍ମପୁର ଆସିଥିଲେ। ୨୮ରୁ ଏପ୍ରିଲ ୧୪ପର୍ଯ୍ୟନ୍ତ ଘରେ ସଙ୍ଗରୋଧରେ ରହିଲେ। ଏପ୍ରିଲ ୧୯ରେ ନମୁନା ପଜିଟିଭ ଆସିବା ପରେ ୨୦ ତାରିଖରେ କଟକ ଅଶ୍ୱିନୀ କୋଭିଡ ହସ୍ପିଟାଲକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା।

ଅନ୍ୟପଟେ ୬୩ ନମ୍ବର ୫୮ ବର୍ଷୀୟ କରୋନା ଆକ୍ରାନ୍ତ ଏପ୍ରିଲ ୯ତାରିଖରେ କୋଲକାତାରୁ ଏକ ଟ୍ରକରେ ନିଜ ଘର ଭଦ୍ରକ ଜିଲା ବାସୁଦେବପୁରର ଖରିଡ଼ା ଗାଁକୁ ଫେରିଥିଲେ। ୯ରୁ ୧୪ ହୋମ୍ କ୍ୱାରାଣ୍ଟାଇନରେ ରହିଥିଲେ। ୧୫ରୁ ୧୯ ସରକାରୀ ସଙ୍ଗରୋଧରେ ରହିବାପରେ ୧୯ରେ ତାଙ୍କ ନମୁନା ପଜିଟିଭ ଆସିଥିଲା। ଏହାପରେ ୨୦ରେ ତାଙ୍କୁ କଟକ ଅଶ୍ୱିନୀ କୋଭିଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେହିପରି ୫୫ ବର୍ଷୀୟ ୬୪ନମ୍ବର ଆକ୍ରାନ୍ତ ଜଣଙ୍କ କୋଲକାତାରୁ ଭଦ୍ରକ ବାସୁଦେବପୁର ମାଟିପକା ଗାଁକୁ ଫେରିଥିଲେ। ମାର୍ଚ୍ଚ ୨୯ରେ ସେ କୋଲକାତାରୁ ଭଡ଼ା ଗାଡ଼ିରେ ଅନ୍ୟ ୭ଜଣ ଯାତ୍ରୀଙ୍କ ସହ ଆସିଥିଲେ। ୨୯ରୁ ଏପ୍ରିଲ ୧୪ ପର୍ଯ୍ୟନ୍ତ ଘରେ ସଙ୍ଗରୋଧରେ ରହିଥିଲେ। ପରେ ଏପ୍ରିଲ ୧୫ରୁ ୧୯ ସରକାରୀ ସଙ୍ଗରୋଧ କେନ୍ଦ୍ରରେ ଥିବା ବେଳେ ୧୯ରେ ନମୁନା ପଜିଟିଭ ବାହାରିଥିଲା। ଏହାପରେ ୨୦ରେ ତାଙ୍କୁ ଅଶ୍ୱିନୀ କୋଭିଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ଭଦ୍ରକ ଭଣ୍ଡାରୀପୋଖରୀ ରାହାଣିଆ ଅଞ୍ଚଳର ୬୬ବର୍ଷୀୟ ଆକ୍ରାନ୍ତ ତଥା ୬୫ନମ୍ବର ଆକ୍ରାନ୍ତ ଜଣଙ୍କ ମାର୍ଚ୍ଚ ୨୮ରେ କୋଲକାତାରୁ ଫେରିଥିଲେ। ମାର୍ଚ୍ଚ ୨୮ରୁ ଏପ୍ରିଲ ୧୪ ଘରେ ସଙ୍ଗରୋଧରେ ରହିଥିଲେ। ୧୫ରୁ ୧୯ ସରକାରୀ ସଙ୍ଗରୋଧ କେନ୍ଦ୍ରରେ ରହିବା ପରେ ୧୯ରେ ନମୁନା ପଜିଟିଭ ଓ ୨୦ରେ ଅଶ୍ୱିନୀ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ୬୬ନମ୍ବର ଆକ୍ରାନ୍ତ ଜଣଙ୍କ ମାର୍ଚ୍ଚ ୨୯ରେ କୋଲକାତାରୁ ଫେରିଥିଲେ। ସେ ଭଦ୍ରକ ଭଣ୍ଡାରୀପୋଖରୀ କୁଶଗଡ଼ିଆ ଅଞ୍ଚଳର ୪୮ ବର୍ଷୀୟ ଆକ୍ରାନ୍ତ। ମାର୍ଚ୍ଚ ୨୯ରୁ ଏପ୍ରିଲ ୧୪ ପର୍ଯ୍ୟନ୍ତ ଘରେ ସଙ୍ଗରୋଧରେ ରହିଥିଲେ। ୧୫ରୁ ୧୯ସରକାରୀ ସଙ୍ଗରୋଧ କେନ୍ଦ୍ରରେ ରହିବା ପରେ ୧୯ରେ ନମୁନା ପଜିଟିଭ ଓ ୨୦ରେ ତାଙ୍କୁ ଅଶ୍ୱିନୀ କୋଭିଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା।

ଅନ୍ୟପଟେ ବାଲେଶ୍ୱର ଜିଲା ନୀଳଗିରି ଅନ୍ତର୍ଗତ ବରହମ୍ପୁର ଗିଗିଡ଼ି ଗାଁର ୨ବର୍ଷର ଝିଅ ତଥା ୬୮ନମ୍ବର ଆକ୍ରାନ୍ତଙ୍କଠାରେ ଏପ୍ରିଲ ୬ତାରିଖ ପର୍ଯ୍ୟନ୍ତ ଥଣ୍ଡା ଓ କାଶ ଲକ୍ଷଣ ଦେଖା ଯାଇଥିଲା। ଏପ୍ରିଲ ୭ରୁ ୧୬ତାରିଖ ମଧ୍ୟରେ ତାଙ୍କୁ ବରହମପୁରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨ଥ ନିଆଯାଇଥିଲା। ଲକ୍ଷଣ ଥିବାରୁ ତାଙ୍କ ନମୁନା ସଂଗ୍ରହ କରାଯାଇଥିଲା ଏବଂ ୧୯ରେ ତାଙ୍କ ପଜିଟିଭ୍ ଆସିଥିଲା। ଏହାପରେ ୨୦ରେ ତାଙ୍କୁ ଅଶ୍ୱିନୀ କୋଭିଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେହିପରି ସୁନ୍ଦରଗଡ଼ ବିଶ୍ରାର ୪୦ବର୍ଷୀୟ ବ୍ୟକ୍ତି ତଥା ୬୯ ନମ୍ବର ଆକ୍ରାନ୍ତ ଜଣଙ୍କ ମାର୍ଚ୍ଚ ୨୧ରୁ ୨୯ପର୍ଯ୍ୟନ୍ତ ନିଜ ଘରେ ରହିଥିଲେ। ୨୯ରୁ ୩୧ତାରିଖ ସେ ରାଉରକେଲାର ନାଲା ରୋଡ୍‌ରେ ଥିଲେ। ପୁଣି ଘରକୁ ଫେରି ଏପ୍ରିଲ ୧ରୁ ୧୯ ଘରେ ରହିଥିଲେ। ଲକ୍ଷଣ ଥିବାରୁ ୨୦ରେ ନମୁନା ପରୀକ୍ଷଣ ହୋଇଥିଲା ଏବଂ ସେହିଦିନ ତାଙ୍କୁ ରାଉରକେଲା ହାଇଟେକ୍ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ତେବେ ଏହି ଆକ୍ରାନ୍ତ ଜଣଙ୍କ ସେଠାକାର ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ ବୋଲି ଜଣାପଡ଼ିଛି।




କରୋନା ସଂକ୍ରମଣ ବିରୋଧରେ ସଚେତନତା ସୃଷ୍ଟି ଲାଗି କୋଲକାତାରେ ପ୍ରତିମୂର୍ତ୍ତିଗୁଡ଼ିକୁ ମାସ୍କ ପିନ୍ଧାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଦ୍ୱିଜା ନକ୍ଷତ୍ର ନିକଟସ୍ଥ ଲୋକଙ୍କୁ ଆପଣାର କରି କାମକୁ ସହଜରେ କରିବା ସକାଶେ ଆନୁଷଙ୍ଗିକ ଅନୁକୂଳ ପାଇପାରିବେ। ତଥାପି କେତେକ କ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ପରିବାରରେ ପାଖରେ ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**ବୃଷ**
ଆଜି ଦିନଟିରେ ମନୋରଞ୍ଜନକୁ ପ୍ରାଧାନ୍ୟ ଦେଇ କାମକୁ ଅବହେଳା କରିବେ। ଅବଶ୍ୟ କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିପାରନ୍ତି। ଦିନଟି ମନ୍ଦ ନୁହେଁ, ଅବଶ୍ୟ ବିଶେଷ ଲାଭବାନ୍ ହେବେ। ପାରିବାରିକ ସମସ୍ୟା କ୍ଷେତ୍ରରେ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ।

**ମିଥୁନ**
ମୃଗଶିରା ନକ୍ଷତ୍ର ବାଧବାଧକତାରେ କର୍ମକ୍ଷେତ୍ରରେ କେତେକ କାମ କରିବାକୁ ବାଧ୍ୟ ହେବେ। ପାଖ, ପଡୋଶୀମାନେ ଈର୍ଷାନ୍ୱିତ ହୋଇ ବିରୁଦ୍ଧାତ୍ମକ କଥାବାର୍ତ୍ତା କରିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟରେ ସ୍ଥିତି ମାନ୍ଦା ହେବନାହିଁ ତଥାପି ସମସ୍ୟା ଲାଗି ରହିବ। ସହଯୋଗ ଅଭାବରୁ କାମଗୁଡିକ ଠିକ୍ ଭାବରେ ନ ହୋଇପାରେ।

**କର୍କଟ**
ପୁଷ୍ୟା ନକ୍ଷତ୍ର ସକାଶେ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ଦେଖାଦେଇପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିପାରନ୍ତି। କୌଣସି ସକାରାତ୍ମକ ଖବର ମନକୁ ଆହ୍ଲାଦିତ କରିବ। ଗୃହୋପଯୋଗୀ ଜମିଜମା ସକାଶେ କୌଣସି ବ୍ୟକ୍ତିଙ୍କ ସହ ଆଲୋଚନାରୁ ସଫଳତା ମିଳିବ।

**ସିଂହ**
ମଘା ନକ୍ଷତ୍ର ସକାଶେ ସରକାରୀ ସ୍ତରରେ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଯିବାର ଆଶଙ୍କା ବଳବତ୍ତର ରହିବ। କର୍ମକ୍ଷେତ୍ରରେ, ପ୍ରତିଯୋଗିତା କ୍ଷେତ୍ରରେ କିମ୍ବା ମାଲିମକଦ୍ଦମାରେ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ଶିଳ୍ପ,ବାଣିଜ୍ୟ ଓ ପରିବହନରେ କେତେକ ବ୍ୟତିକ୍ରମ ସୃଷ୍ଟି ହେବାର ସମ୍ଭାବନା ରହିଛି।

**କନ୍ୟା**
ଚିତ୍ରା ନକ୍ଷତ୍ର ବନ୍ଧୁମାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ସେମାନଙ୍କ ପ୍ରତି ରହିଥିବା ଭଲ ଧାରଣା କ୍ରମଶଃ ହ୍ରାସ ପାଇପାରେ। ପଦାଧିକାରୀଙ୍କ ଚାପରେ କର୍ମକ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରିବାକୁ ପଡିବ। ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡିପାରେ। ସ୍ୱାସ୍ଥ୍ୟ ସମସ୍ୟାକୁ ପ୍ରଯତ୍ନ ନ କରି ଅବହେଳା କଲେ ଅନୁତାପ କରିବାକୁ ପଡିବ।

**ତୁଳା**
ବିଶାଖା ନକ୍ଷତ୍ର ପାଇଁ ନିକଟସ୍ଥ କୌଣସି ବ୍ୟକ୍ତିବିଶେଷ ସମସ୍ୟାର କାରଣ ସାଜିପାରନ୍ତି। ଅନ୍ୟମାନେ ଶତ୍ରୁତା କଲେ ମଧ୍ୟ ଆପଣ କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ପରିସ୍ଥିତି ଏପରି ହେବ ଯେ, ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ କେତେକ କାମ କରିବାକୁ ପଡିବ।

**ବିଛା**
ଅନୁରାଧା ନକ୍ଷତ୍ରର ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟିହେବ। ମୂଲ୍ୟବାନ ଦ୍ରବ୍ୟଲାଭ ସଙ୍ଗକୁ ଅର୍ଥ ଓ ସମ୍ମାନ ପାଇବେ ଏବଂ ରାଜନୈତିକ ସ୍ତରରେ ନେତୃସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି । ପାରିବାରିକ କ୍ଷେତ୍ରରେ ମତାନ୍ତର ଜନିତ କାରଣରୁ ଅଶାନ୍ତି ଆସିବ।

**ଧନୁ**
ଉତ୍ତରାଷାଢା ନକ୍ଷତ୍ର ସକାଶେ ନୂତନ କର୍ମାରମ୍ଭ ପାଇଁ କୌଣସି ଅସୁବିଧା ରହିବ ନାହିଁ । ଅଧିକାଂଶ କ୍ଷେତ୍ରରେ ପର ଉପରେ ନିର୍ଭର କରି ଚିନ୍ତିତ ହେବେ। ଭୁଲ୍ ନିଷ୍ପତ୍ତି ନେଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ପାଇଁ ସମୟ ଭଲ ରହିଲେ ମଧ୍ୟ କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ସକାଶେ କେତେକ ବ୍ୟତିକ୍ରମ ଦେଖାଦେବ।

**ମକର**
ବ୍ୟବହାରରେ ଚିହିଁକି ଉଠି ଅନର୍ଥ ଘଟାଇ ପାରନ୍ତି। ବ୍ୟବସାୟ ଓ ପରିବହନରେ ସମସ୍ୟାର ସରଳ ସମାଧାନ କରିବେ। ଅପରାହ୍ନେ ଆଶା କରୁଥିବା ଜିନିଷଟି ପାଇ ଖୁସୀ ହୋଇପାରନ୍ତି। ନୂତନ କର୍ମାରମ୍ଭ, କଳା, ସାହିତ୍ୟ, ସାମ୍ବାଦିକତା, ବକ୍ତୃତା ଏବଂ ସାମୂହିକ ଆଲୋଚନା ପାଇଁ ଦିନଟି ବହୁତ ଭଲ।

**କୁମ୍ଭ**
ଶତଭିଷା ନକ୍ଷତ୍ରର ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ। ଅନ୍ୟମାନଙ୍କର ଆପଣ ଯେତେ ଉପକାର କରି ଥାଆନ୍ତୁନା କାହିଁକି, ସେହି କଥାକୁ ପଛକୁ ପକାଇ ନିଜର ଲୋକମାନେ ସେମାନଙ୍କର ସ୍ୱାର୍ଥସାଧନକୁ ଗୁରୁତ୍ୱ ଦେବେ। ବାଣିଜ୍ୟ, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

**ମୀନ**
କାର୍ଯ୍ୟଦକ୍ଷତାର ଅସଲ ପରିଚୟ ପ୍ରଦାନ କରି ପ୍ରଶଂସିତ ହେବେ। ଆତ୍ମୀୟ ସ୍ୱଜନାଦିଙ୍କ ବିରୁଦ୍ଧାଚରଣ କେତେକ ସମସ୍ୟା ସୃଷ୍ଟି କରିପାରେ । ସାମାଜିକସ୍ତରରେ ଆନୁଷ୍ଠାନିକ କିମ୍ବା ଧର୍ମାନୁଷ୍ଠାନ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଅବଶ୍ୟ ଭଲ ନ ହେଲେ ମଧ୍ୟ ବିଶେଷ ମନ୍ଦ ହେବନି।

ଆଜି ବୈଶାଖ ଅମାବାସ୍ୟା ବୁଧବାର, ଏପ୍ରିଲ ୨୨ ତାରିଖ, ଧରିତ୍ରୀ ଦିବସ, ରାଶି ନକ୍ଷତ୍ର-ଦିବା ଘ.୦୧.୧୭ମି. ପର୍ଯ୍ୟନ୍ତ ରେବତୀ। ମୀନ, କର୍କଟ ରାଶିର ଘାତବାର, ଅମାବାସ୍ୟାର ଶ୍ରାଦ୍ଧ, ପ୍ରାତଃ ଘ.୦୫.୨୭ମି. ଗତେ ଘ.୦୭.୦୮ମି. ମଧ୍ୟେ, ଘ.୦୯.୩୯ମି. ଗତେ ଘ.୧୧.୨୦ମି. ମଧ୍ୟେ, ଘ.୦୩.୩୨ମି. ଗତେ ଘ.୦୫.୧୨ମି. ମଧ୍ୟେ, ସନ୍ଧ୍ୟା ଘ.୦୬. ୪୮ମି.ଗତେ ଘ.୦୯.୦୫ମି. ମଧ୍ୟେ, ରାତ୍ରି ଘ.୦୧.୩୮ମି. ଗତେ ଘ.୦୫.୨୬ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୧.୫୧ମି. ଗତେ ଘ.୦୩.୩୨ମି. ମଧ୍ୟେ, ରାତ୍ରି ଘ.୦୯.୦୫ମି.ଗତେ ଘ. ୧୦.୩୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୪୫ମି.ଗତେ ଘ.୦୧.୧୯ମି.ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଆଉଟସୋର୍ସିଂ ନିଯୁକ୍ତି ...

ବଜାର ବିଶେଷଜ୍ଞ ତଥା କନ୍‌ସଲଟାଣ୍ଟ ବିବେକ ସୁଦ୍ କହିଛନ୍ତି ଯେ, ୱାର୍କ ଫ୍ରମ୍ ହୋମ୍ ସୁବିଧା ଦେବା ସ୍ଥିତିରେ ଆଉଟସୋର୍ସିଂ ଶିଳ୍ପ ଏବେ ନାହିଁ। କମ୍ପାନୀଗୁଡିକ ନିରାପତ୍ତା ଦୃଷ୍ଟିକୋଣରୁ ବହୁ ପଦକ୍ଷେପ ନେଇଥାନ୍ତି। ଏମିତିକି କର୍ମଚାରୀ ପେନ୍ ଏବଂ ପେନ୍‌ସିଲ ଅଫିସ ବାହାରେ ଛାଡ଼ି ଆସିବାକୁ କୁହାଯାଇଥାଏ। କାମ ଠପ୍ ହୋଇଯିବା ଭୟରେ କିଛି କମ୍ପାନୀ ନିଜର କେତେଜଣ କର୍ମଚାରୀଙ୍କୁ କାର୍ଯ୍ୟସ୍ଥଳରେ ରଖି ନେଇଛନ୍ତି। ଉଦାହରଣ ସ୍ୱରୂପ ଭୋଡାଫୋନ ଇଣ୍ଡିଆ ପକ୍ଷରୁ କର୍ମଚାରୀଙ୍କ ଲାଗି ଡାଟା ସେଣ୍ଟରଗୁଡିକରେ ସାମୟିକ ରହିବା ସୁବିଧା କରାଯାଇଛି। କର୍ମଚାରୀଙ୍କ ଖାଦ୍ୟପାନୀୟ ନିମନ୍ତେ ଗ୍ରୋସେରି ମଧ୍ୟ ଉପଲବ୍ଧ କରାଯାଇଛି। କର୍ମଚାରୀ ଅଫିସ୍‌ରେ କ୍ୱାରାଣ୍ଟାଇନ ଏବଂ ଲକ୍‌ଡାଉନ ହୋଇ ରହିଥିବା ବିଜନେସ ପ୍ରୋସେସ୍ ଆଉଟସୋର୍ସିଂ ଇଣ୍ଡଷ୍ଟ୍ରି ଏମ୍ପ୍ଲଇ ନେଟ୍‌ୱର୍କ ସଭାପତି ମିଲେନ କାବୋଲାନା କହିଛନ୍ତି। କର୍ମଚାରୀ କେତେକ କଲ୍ ସେଣ୍ଟରର ଚଟାଣରେ ଶୋଉଥିବା ଦେଖାଯାଇଛି। କର୍ମଚାରୀ ଏଭଳି ଖରାପ ସ୍ଥିତିରେ କାମ କରୁଥିବାରୁ ଏହାକୁ ନେଇ ସଂଘ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଫିଲିପାଇନ୍ସରେ ଆଉଟସୋର୍ସିଂ କାମ ପ୍ରାୟ ୮୦% ପର୍ଯ୍ୟନ୍ତ ଖସିଛି ବୋଲି ମାନିଲା ଭିତ୍ତିକ ଡାଟା ଫାର୍ମର ଆନାଲିଷ୍ଟ ଆଣ୍ଟୋନୀ ଏସ୍‌ଗୁଏରା କହିଛନ୍ତି। ନ୍ୟୁଜିଲାଣ୍ଡର ଟେଲିକମ୍ କମ୍ପାନୀ ସ୍ପାର୍କ ନିୟୁ, ତାଇୱାନ୍‌ର କମ୍ପ୍ୟୁଟର ମେକର ଏସର ଫିଲିଫାଇନ୍ସ ଫାସିଲିଟି ବ୍ୟବହାର କରିଥାନ୍ତି। ଏହି କମ୍ପାନୀଗୁଡିକ ଅଷ୍ଟ୍ରେଲିଆ ଏବଂ କ୍ୱିୱିର କଲ୍ ସେଣ୍ଟରକୁ ବର୍ତ୍ତମାନ କଲ୍ ନ କରିବା ଲାଗି ଗ୍ରାହକଙ୍କୁ କହି ଦେଇଛନ୍ତି। ସେହିଭଳି ଅଷ୍ଟ୍ରେଲିଆ ଭିତ୍ତିକ ଟେଲଷ୍ଟ୍ରା ଏବଂ ଅପ୍ଟସ, ବ୍ରିଟେନର ଭର୍ଜନ ମେଡିଆ ଭାରତ ଏବଂ ଫିଲିଫାଇନ୍ସର ଅଫ୍‌ସୋର ସେଣ୍ଟର ଉପରେ ନିର୍ଭର କରିଥାନ୍ତି। ଏହି କମ୍ପାନୀଗୁଡିକ ସେମାନଙ୍କ କେତେଜଣ କର୍ମଚାରୀଙ୍କୁ ବିଦା କରିବା ଲାଗି ଘୋଷଣା କରିଛନ୍ତି। କିଛି କମ୍ପାନୀ ପୂର୍ଣ୍ଣକାଳୀନ ପରିବର୍ତ୍ତେ ସାମୟିକ ଭିତ୍ତିରେ ମଧ୍ୟ ନିଯୁକ୍ତି ଦେବେ ବୋଲି କହିଛନ୍ତି।

ଏଭଳି ସ୍ଥିତିରେ ବିଶେଷଜ୍ଞ କହିଛନ୍ତି ଯେ, କର୍ମଚାରୀ ରଖିବା ପରିବର୍ତ୍ତେ କମ୍ପାନୀଗୁଡିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରଯୁକ୍ତି ଉପରେ ଫୋକସ କରୁଛନ୍ତି। ଏହା ୨୪ ଘଣ୍ଟା କାମ କରିବାକୁ ସକ୍ଷମ ହେବ। ଏଥିରେ ସାମାନ୍ୟ ଅସୁବିଧା ରହିପାରେ, ଯାହାକୁ ପରିଚାଳନା କରିବାରେ କୌଣସି ଅସୁବିଧା ହେବ ନାହିଁ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର ଦ୍ୱାରା କେତେକ କମ୍ପାନୀ କଷ୍ଟମର ସର୍ଭିସ କଲ୍‌କୁ ମଧ୍ୟ ଆଗାମୀ ୫ ବର୍ଷରେ ଏକତୃତୀୟାଂଶ କମାଇବା ଉପରେ ଗୁରୁତ୍ୱ ଦେଉଛନ୍ତି। ବାଣିଜ୍ୟକୁ ଡିଜିଟାଇଜ ଏବଂ ଅଟୋମେଟ୍ କରିବା ଉପରେ କମ୍ପାନୀ ଏବେ ଧ୍ୟାନ ଦେଉଥିବା ଦେଖାଯାଉଛି। ମାତ୍ର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର ବଢୁଥିବାରୁ ମଲ୍ଟିନ୍ୟାଶନାଲ କମ୍ପାନୀଗୁଡିକ ଲାଗି ବ୍ୟାକ୍ ଅଫିସ ପରିଚାଳନା କରୁଥିବା ଭାରତର ଆଉଟସୋର୍ସିଂ କମ୍ପାନୀ ଅଧିକ ପ୍ରଭାବିତ ହେବା ଆଶଙ୍କା ଉପୁଜିଛି। ନାସ୍କମ୍ ଡାଟା ମୁତାବକ ୨୦୧୭ ସୁଦ୍ଧା ଭାରତୀୟ ଆଉଟସୋର୍ସିଂ ଶିଳ୍ପରେ ୪୦ ଲକ୍ଷ ଭାରତୀୟ କାମ କରୁଛନ୍ତି। ଉକ୍ତ ଶିଳ୍ପର ରାଜସ୍ୱ ପ୍ରାୟ ୧୫୦ ବିଲିୟନ ଡଲାର ରହିଛି। ସେହିଭଳି ଫିଲିଫାଇନ୍ସରେ ଏହି କ୍ଷେତ୍ରରେ ୧୩ ଲକ୍ଷ ଲୋକ କାମ କରୁଛନ୍ତି। ସେଠାରେ ଉକ୍ତ ଶିଳ୍ପର ଯୋଗଦାନ ମୋଟ ଜିଡିପିକୁ ପ୍ରାୟ ୭.୩% ରହିଛି। ଲକ୍‌ଡାଉନ ଭଳି ସ୍ଥିତି ଲାଗି ରହିଲେ ଆଉଟସୋର୍ସିଂ ମଡେଲ ଉପରେ ପୁନର୍ବିଚାର କରିବାକୁ ହେବ ବୋଲି ବିଶେଷଜ୍ଞ ସୁଦ୍ କହିଛନ୍ତି।

### କୃଷ୍ଣକାୟଙ୍କୁ ଦୋହରା ...

ସିଲେ କହିଛନ୍ତି, କରୋନା ଭାଇରସ୍ ନିରନ୍ତର ବିଶ୍ୱାସଘାତକ। ଏଚ୍‌ଆଇଭି ଆକ୍ରାନ୍ତଙ୍କଠାରେ ଏହି ଭୂତାଣୁ ସଂକ୍ରମଣ ହେବା ଆଶଙ୍କା ଅଧିକ। ଏକସଙ୍ଗେ ଦୁଇଟି ଭାଇରସ୍ ମୃତ୍ୟୁର ବାଟ ଦେଖାଇଥାଏ। କେତେ ସଂଖ୍ୟକ ଏଚ୍‌ଆଇଭି ଆକ୍ରାନ୍ତ କରୋନାରେ ମରୁଛନ୍ତି ତାହା ଏବେ କହିହେବ ନାହିଁ। ତେବେ କୃଷ୍ଣକାୟଙ୍କ ସଂଖ୍ୟା ସର୍ବାଧିକ ବୋଲି ସନ୍ଦେହ ନାହିଁ।

ସେହିପରି ଏଡ୍‌ସ ରିସର୍ଚ୍ଚ ଫାଉଣ୍ଡେଶନର ଏଏମ୍‌ଏଫ୍‌ଏଆର୍ ପବ୍ଲିକ ପଲିସି ନିର୍ଦ୍ଦେଶକ ଗ୍ରେଗୋରିଓ ମିଲେଟଙ୍କ ମତରେ ଏଚ୍‌ଆଇଭି ସଂକ୍ରମିତଙ୍କ ପାଇଁ କୋଭିଡ୍-୧୯ ଏକ ଭୟାନକ ରୂପ ନେଇ ଆସିଛି। ଏହା ବୋଝ ଉପରେ ନଳିତା ବିଡ଼ା ସଦୃଶ। ଜଣେ ବ୍ୟକ୍ତି କୃଷ୍ଣକାୟ ହୋଇଥିଲେ ତାଙ୍କ ସ୍ୱାସ୍ଥ୍ୟ ଖରାପ ହେବା ଅଧିକ ଆଶଙ୍କା ରହିଛି। ଶ୍ୱେତାଙ୍ଗଙ୍କୁ ଥଣ୍ଡା ଧରୁଥିବାବେଳେ କୃଷ୍ଣକାୟଙ୍କ କ୍ଷେତ୍ରରେ ତାହା ନିମୋନିଆ ହୋଇଯାଉଛି। ଅନ୍ୟ ଆମେରିକୀୟଙ୍କ ତୁଳନାରେ କୃଷ୍ଣକାୟମାନେ ଡାଇବେଟିସ୍, ହାର୍ଟ, ଲଙ୍ଗ୍ ଭଳି ରୋଗରେ ଆକ୍ରାନ୍ତ ହୋଇ ଅନ୍ୟ ରୋଗଗୁଡ଼ିକୁ ନିମନ୍ତ୍ରଣ କରୁଛନ୍ତି। ଦେଶର ପରିସଂଖ୍ୟାନକୁ ଦେଖିଲେ ସର୍ବାଧିକ କୃଷ୍ଣକାୟ ଦାରିଦ୍ର୍ୟ ମଧ୍ୟରେ ରହୁଛନ୍ତି। ସେମାନଙ୍କର ସ୍ୱାସ୍ଥ୍ୟ ବୀମା ମଧ୍ୟ ନାହିଁ। ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ମଧ୍ୟ କୃଷ୍ଣକାୟ ଅବିଶ୍ୱାସ କରନ୍ତି। ଆଟଲାଣ୍ଟାସ୍ଥିତ ଭିଜନ୍ ଚର୍ଚ୍ଚ ପ୍ରତିଷ୍ଠାତା ବିଶପ୍ ଓ.ସି. ଆଲେନ୍ ତୃତୀୟ କହିଛନ୍ତି, ଶିକାଗୋରେ ମୋଟ ଜନସଂଖ୍ୟାର ୪୦% କୃଷ୍ଣକାୟ ହୋଇଥିବାବେଳେ ସହରରେ କୋଭିଡ୍-୧୯ ସଂକ୍ରମଣରେ ପ୍ରାଣ ହରାଇଥିବା ୭୨% ହେଉଛନ୍ତି ଏହି ସମୁଦାୟର। ତେଣୁ ଏହି ବର୍ଣ୍ଣର ଏଡ୍‌ସ ଆକ୍ରାନ୍ତଙ୍କ ପାଇଁ ମୃତ୍ୟୁକୁ ସାଙ୍ଗରେ ନେଇ ଆସିଛି ମହାମାରୀ କରୋନା।

### ଆପ୍ରବାସନ ଉପରେ ...

ଯିବାକୁ ଚିନ୍ତା କରୁଥିବା ବ୍ୟକ୍ତିଙ୍କ ମନରେ ଏକ ପ୍ରକାର ଆଶଙ୍କା ସୃଷ୍ଟି କରିଛି। ଆମେରିକାକୁ ପ୍ରତିବର୍ଷ ୧୧ଲକ୍ଷ ନୂଆ ଆପ୍ରବାସନଙ୍କ ଆଗମନ ହୋଇଥାଏ। ସେମାନଙ୍କ ମଧ୍ୟରୁ ୬ଲକ୍ଷ ନୂଆ ଆପ୍ରବାସନ ହେଉଥିବାବେଳେ ବାକି ୫ଲକ୍ଷ ଆମେରିକାରେ ରହି ଯିବା ଆସିବା କରିଥାନ୍ତି, ଯାହାକି ଅନ୍ୟଦେଶର ଦେଶାନ୍ତରଙ୍କ ତୁଳନାରେ ଯଥେଷ୍ଟ ଅଧିକ। ଯଦିଓ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ସାମୟିକ ସମୟ ପାଇଁ ଅଟେ, କିନ୍ତୁ ସମାଲୋଚକମାନେ ଏହାକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ସେମାନଙ୍କ କହିବା ହେଲା ଟ୍ରମ୍ପଙ୍କ ଏହି ପଦକ୍ଷେପ ଧୀରେ ଧୀରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିପାରେ। ଟ୍ରମ୍ପ କେବଳ ଆମେରିକାର ମୂଳ ବାସିନ୍ଦାଙ୍କୁ ସୁରକ୍ଷା ଦେବା ପାଇଁ ଏଭଳି ନୀତି ଆପଣାଉଥିବା କୁହାଯାଉଛି। କାରଣ ଏହି ପଦକ୍ଷେପ ଡେମୋକ୍ରାଟିକ୍ ପାର୍ଟିକୁ ଫାଇଦା ଦେବାକୁ ଥିବାବେଳେ ରିପବ୍ଲିକାନ୍‌ଙ୍କ ପାଇଁ କ୍ଷତିକାରକ ହୋଇପାରେ ବୋଲି ବିବେଚନା କରାଯାଉଛି। ଯଦି ଆମେରିକା ଆପ୍ରବାସନକୁ ସାମୟିକଭାବେ ରଦ୍ଦ କରାଯିବ ତେବେ ଅନେକେ ଏହାର ବିରୋଧ କରିବାର ସମ୍ଭାବନା ରହିଛି ବୋଲି ଆଇନବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ଅନ୍ୟ କେତେକଙ୍କ ମତରେ କରୋନା ମହାମାରୀ ଯୋଗୁ ଆମେରିକାରେ ସୃଷ୍ଟି ହୋଇଥିବା ଆର୍ଥିକ ଅବସ୍ଥାକୁ ସୁଧାରିବାକୁ ଟ୍ରମ୍ପ ତାଙ୍କର ଶ୍ୱେତ ରକ୍ଷଣଶୀଳ ମନୋଭାବକୁ ଜାହିର କରିବାକୁ ଚାହୁଁଛନ୍ତି ବୋଲି କୁହାଯାଉଛି। ଟ୍ରମ୍ପଙ୍କ ଏହି ପଦକ୍ଷେପ କେବଳ ଯେ ଦେଶରେ କରୋନା ସଂକ୍ରମଣ ଏବଂ ମୃତ୍ୟୁ ସଂଖ୍ୟା ରୋକିବାର ବିଫଳତା ଉପରୁ ନଜର ହଟାଇବା ଉଦ୍ଦେଶ୍ୟରେ ନୁହେଁ ବରଂ ଦେଶରେ ଦେଖାଯାଇଥିବା ସଙ୍କଟ ଦୂର ଏବଂ ଆପ୍ରବାସନ ନୀତିକୁ ପ୍ରମାଣ କରାଇବାର ଉଦ୍ଦେଶ୍ୟ ବୋଲି ଟେକ୍ସାସ କଂଗ୍ରେସର ଜୋଆଚିମ୍ କାଷ୍ଟ୍ରୋ ଟୁଇଟ କରି କହିଛନ୍ତି।

### ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ ...

ସାହସିକ ଏବଂ ନିଃସ୍ୱାର୍ଥପର ସେବା ପାଇଁ କୃତଜ୍ଞତା ଜଣାଇବାକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। ଏହି ଯୋଦ୍ଧାମାନଙ୍କ ପଛରେ ରାଜ୍ୟର ସାଢେ ଚାରି କୋଟି ଲୋକ ଛିଡା ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କର୍ତ୍ତବ୍ୟ ପାଳନ ବେଳେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ବିଭିନ୍ନ ସମୟରେ ଆକ୍ରମଣର ଶିକାର ହେଉଛନ୍ତି। ନିକଟରେ ମଧ୍ୟ ପ୍ରଦେଶର ଇନ୍ଦୋର ସହରରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଚେନ୍ନାଇରେ କରୋନା ସଂକ୍ରମିତଙ୍କୁ ଚିକିତ୍ସା କରି ନିଜେ ସେହି ଭୂତାଣୁରେ ପ୍ରାଣ ହରାଇଥିବା ଜଣେ ଡାକ୍ତରଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ଉପରକୁ କେତେଜଣ ଅସାମାଜିକ ବ୍ୟକ୍ତି ଢେଲା ପଥର ମାଡ କରିଥିଲେ। କଟକରେ ମଧ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଆକ୍ରମଣ କରାଯାଇଥିଲା। କେବଳ ଏହି ସମୟରେ ନୁହେଁ, ବିଭିନ୍ନ ସମୟରେ ମଧ୍ୟ ଡାକ୍ତରମାନେ ରୋଗୀଙ୍କ ସମ୍ପର୍କୀୟଙ୍କ ରୋଷର ଶିକାର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଡାକ୍ତର, ନର୍ସ ଓ ପାରାମେଡିକାଲ କର୍ମଚାରୀଙ୍କୁ ସୁରକ୍ଷା ଦେବା ସହ ଡାକ୍ତରଖାନା ସମ୍ପତ୍ତି ନଷ୍ଟ କରୁଥିବା ବ୍ୟକ୍ତିଙ୍କୁ ସାବାଡ କରିବାକୁ ଓଡ଼ିଶା ସ୍ୱାସ୍ଥ୍ୟ ସେବା କର୍ମଚାରୀ ଓ ଡାକ୍ତରଖାନା ଆଇନ(ଓଡ଼ିଶା ମେଡିକେୟାର ସର୍ଭିସ ପର୍ସନ ଆଣ୍ଡ ମେଡିକେୟାର ଇନଷ୍ଟିଚ୍ୟୁଶନ(ପ୍ରିଭେନଶନ ଅଫ ଭାଓଲେନ୍ସ ଆଣ୍ଡ ଡ୍ୟାମେଜ ଅଫ୍ ପ୍ରପର୍ଟି ଆକ୍ଟ)୨୦୦୮ କାର୍ଯ୍ୟକାରୀ କରିଛନ୍ତି। ୨୦୦୯ରୁ ଏହି ଆଇନ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ଏହି ଆଇନରେ ଗଣ୍ଡଗୋଳକାରୀଙ୍କୁ କଠୋର ଦଣ୍ଡ ଦେବାର ବ୍ୟବସ୍ଥା କରାଯାଇଛି। ଯଦି କୌଣସି ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଥିବା ବ୍ୟକ୍ତିଙ୍କୁ ଆକ୍ରମଣ କରନ୍ତି କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ରର କୌଣସି କ୍ଷତି କରିବେ ଉକ୍ତ ଆଇନର ସେକ୍ସନ-୩ ଅନୁଯାୟୀ ଏହାକୁ ଏକ ଦଣ୍ଡନୀୟ ଅପରାଧ ବିବେଚନା କରାଯିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଜାମିନ ମିଳିବ ନାହିଁ। ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡ ସହିତ ୫୦ ହଜାର ଟଙ୍କା ଜରିମାନା କରାଯିବ। ଏଥିସହିତ ଡାକ୍ତରଖାନାର କ୍ଷତି ହୋଇଥିବା ସମ୍ପତ୍ତି ପାଇଁ ମଧ୍ୟ କ୍ଷତିପୂରଣ ଦେବାକୁ ପଡିବ। ଡାକ୍ତରଖାନା ଉପକରଣ ଭାଙ୍ଗିଥିଲେ ସମୁଦାୟ କ୍ରୟ ମୂଲ୍ୟ ଦେବାକୁ ଆଇନରେ ବ୍ୟବସ୍ଥାରେ କରାଯାଇଛି। ଏହାସତ୍ତ୍ୱେ ବିଭିନ୍ନ ସମୟରେ ଡାକ୍ତରଙ୍କ ଉପରେ ଆକ୍ରମଣ ହେଉଛି।

ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହା ଡାକ୍ତରମାନଙ୍କ ମନୋବଳକୁ ବଢାଇବ ବୋଲି ଚିକିତ୍ସା ବିଜ୍ଞାନୀ ମତ ଦେଇଛନ୍ତି। ତେବେ ଏହି ଘୋଷଣା ତୃଣମୂଳସ୍ତରରେ ପାଳନ କରିବା ଉପରେ ସରକାର ଗୁରୁତ୍ୱ ଦେବା ଦରକାର ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ର ସରକାର କୋଭିଡ୍-୧୯ ସହ ଲଢୁଥିବା ଡାକ୍ତରମାନଙ୍କୁ ସୁରକ୍ଷା ଦେବାକୁ ଯାଇ ୫୦ ଲକ୍ଷ ଟଙ୍କାର ବୀମା ରାଶି ଘୋଷଣା କରିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ଆଉ ଦୁଇପାଦ ଆଗକୁ ଯାଇ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ଶହୀଦର ମାନ୍ୟତା, ପ୍ରୋତ୍ସାହନ ରାଶି, ପେନ୍‌ସନ ଦେବା ସହ ଆକ୍ରମଣକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଘୋଷଣା କରିଛନ୍ତି।

### ବାଲେଶ୍ୱରରେ ଆଉ ୫...

ସେହିଦିନ ତାଙ୍କର ନମୁନା ଟେଷ୍ଟ କରାଯାଇଥିଲା ଓ ୯ତାରିଖରେ ରିପୋର୍ଟରେ କରୋନା ପଜିଟିଭ ଆସିଥିଲା। ପରେ ତାଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ, ସମ୍ପୃକ୍ତ ରୋଗୀ ଜଣକ କରୋନାରୁ ସୁସ୍ଥ ହୋଇଥିଲେ। ତାଙ୍କର ଦୁଇଥର କରୋନା ନେଗେଟିଭ୍ ବାହାରିଥିଲା। କିନ୍ତୁ ସେ କ୍ୟାନ୍‌ସର ରୋଗରେ ପୀଡ଼ିତ ଥିଲେ। ଅନ୍ୟ ଜଟିଳ ରୋଗରେ ପୀଡ଼ିତ ଥିବାରୁ ତାଙ୍କୁ ଡିସ୍‌ଚାର୍ଜ କରାଯାଇ ନଥିଲା। ମଲ୍ଟି ଅର୍ଗାନ୍ ଫେଲ୍ ଏବଂ ହାଇପୋପିଟ୍ୟୁଟାରିଜମ୍ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ସମ୍ପୃକ୍ତ ବ୍ୟକ୍ତିଙ୍କ କରୋନାରେ ନୁହେଁ, କ୍ୟାନ୍‌ସରରେ ମୃତ୍ୟୁ ଘଟିଥିବା କରୋନା ଭୂତାଣୁ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ତେବେ ଏହି ରୋଗୀଙ୍କର ଯଦି ଦୁଇଥର କରୋନା ନେଗେଟିଭ୍ ଆସିଥିଲା ତେବେ ତାଙ୍କୁ କୋଭିଡ୍ ହସ୍ପିଟାଲରେ କାହିଁକି ରଖାଯାଇଥିଲା, ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

ଅନ୍ୟପଟେ ରାଜ୍ୟରେ ପଜିଟିଭ୍ ସଂଖ୍ୟା ବଢୁଥିବା ଯୋଗୁ ରାଜ୍ୟବାସୀଙ୍କ ଚିନ୍ତା ବଢ଼ିଥିବାବେଳେ ମଙ୍ଗଳବାର ଆଉ ୫କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି, ଯାହାକି ଓଡ଼ିଶାବାସୀଙ୍କୁ ଆଶ୍ୱସ୍ତି କରିଛି। ଏମାନେ ଭୁବନେଶ୍ୱର, ଢେଙ୍କାନାଳ, କଳାହାଣ୍ଡି, ସୁନ୍ଦରଗଡ଼ ଓ କେନ୍ଦ୍ରାପଡ଼ାର ବୋଲି ଜଣାପଡ଼ିଛି। ତେବେ ୫ଜଣ ଆକ୍ରାନ୍ତ ସୁସ୍ଥ ହେବା ପରେ ରାଜ୍ୟରେ ବର୍ତ୍ତମାନ ସୁସ୍ଥଙ୍କ ସଂଖ୍ୟା ୨୯ରେ ପହଞ୍ଚିବା ସହ ରାଜ୍ୟର ୪ଜିଲା କରୋନା ମୁକ୍ତ ହୋଇଛି। କଳାହାଣ୍ଡିରେ ୨ଆକ୍ରାନ୍ତଙ୍କ ମଧ୍ୟରୁ ପୂର୍ବରୁ ଜଣେ ସୁସ୍ଥ ହୋଇଥିଲେ ଓ ମଙ୍ଗଳବାର ଆଉ ଜଣେ ସୁସ୍ଥ ହେବାପରେ କଳାହାଣ୍ଡି କରୋନା ମୁକ୍ତ ହୋଇଛି। ସେହିପରି ଢେଙ୍କାନାଳର ଜଣେ ମହିଳା ଆକ୍ରାନ୍ତ ଥିବାବେଳେ ସେ ମଧ୍ୟ ସୁସ୍ଥ ହୋଇଛନ୍ତି। ପୂର୍ବରୁ କଟକ ଓ ପୁରୀରୁ ଜଣେ ଲେଖାଏ ଆକ୍ରାନ୍ତ ଥିଲେ ଏବଂ ସେମାନେ ସୁସ୍ଥ ହୋଇଯାଇଥିଲେ। ତେଣୁ ରାଜ୍ୟରେ ଏବେ କଳାହାଣ୍ଡି, ଢେଙ୍କାନାଳ, କଟକ ଏବଂ ପୁରୀ ଆଦି ୪ଜିଲା କରୋନା ମୁକ୍ତ ହୋଇଛି।

### ରାପିଡ୍ ଟେଷ୍ଟ ...

୮୬ ଘରୋଇ ଲାବ୍‌ରେ ୬୯୭୬ ଜଣଙ୍କ ସ୍ୱାବ୍ ପରୀକ୍ଷା ହୋଇଛି। ସ୍ୱାସ୍ଥ୍ୟସେବା କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କର ମାଷ୍ଟର ଡାଟାବେସ୍‌କୁ ନେଇ ସରକାର ଏକ ପୋର୍ଟାଲ ପ୍ରସ୍ତୁତ କରିଛନ୍ତି। କୋଭିଡ୍-୧୯ ବିରୋଧୀ ଲଢ଼େଇରେ ସାମିଲ ହୋଇଥିବା ୧ କୋଟି ୨୪ ଲକ୍ଷ ଲୋକଙ୍କ ବିବରଣୀ ଏହି ପୋର୍ଟାଲରେ ରହିଛି। ଏହି କରୋନା ଯୋଦ୍ଧାମାନଙ୍କୁ ୨୦ଟି ବର୍ଗ ଓ ୪୯ ଉପବର୍ଗରେ ବିଭକ୍ତ କରାଯାଇଛି। ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୮,୬୦୧ରେ ପହଞ୍ଚିଥିବାବେଳେ ୩,୨୫୨ ଜଣ ସୁସ୍ଥ ହେଲେଣି।

# ପାନ, ଗୁଟ୍‌ଖା ଛେପ ପକାଇଲେ ଅର୍ଥଦଣ୍ଡ

■ ବିଧାନସଭା କର୍ମଚାରୀଙ୍କୁ ବାଚସ୍ପତିଙ୍କ ଚେତାବନୀ
■ ବିଧାନସଭାରେ ଖୋଲିବ ନିୟନ୍ତ୍ରଣ କକ୍ଷ
■ ଲୋକ ସଭା ବାଚସ୍ପତିଙ୍କ ସହ ଭିଡିଓ କନଫରେନ୍ସିଂରେ କଥା ହେଲେ ସୂର୍ଯ୍ୟ

ଭୁବନେଶ୍ୱର,୨୧।୪(ବ୍ୟୁରୋ)

କରୋନା ସଂକ୍ରମଣ ଭୟ କେତେକ ଖରାପ ଅଭ୍ୟାସ ଛାଡ଼ିବାକୁ ମଣିଷକୁ ବାଧ କରିଛି। ଛେପ ଓ ଖଙ୍କାର ଦ୍ୱାରା ଏହି ଭୂତାଣୁ ସଂକ୍ରମଣର ଆଶଙ୍କା ରହିଛି। ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବାକୁ ଜନସାଧାରଣଙ୍କୁ ରାଜ୍ୟ ସରକାର ତାଗିଦ କରିଛନ୍ତି। ମାତ୍ର ସରକାରୀ କର୍ମଚାରୀମାନେ ପାନ ଓ ଗୁଟ୍‌ଖା ଖାଇ ଛେପ ପକାଉଛନ୍ତି। ଏ ନେଇ ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମଧ୍ୟ ବିଧାନସଭା କର୍ମଚାରୀଙ୍କୁ ସତର୍କ କରାଇ ଦେଇଛନ୍ତି। ବିଧାନସଭା ପରିସରରେ ଯଦି କୌଣସି କର୍ମଚାରୀ ପାନ, ସୁପାରି କିମ୍ବା ଗୁଟ୍‌ଖା ଛେପ ପକାଇବେ ସେଥିପାଇଁ ସେମାନଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯିବ। ମଙ୍ଗଳବାର ବାଚସ୍ପତି ଏଭଳି କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୨୦ରୁ ବିଧାନସଭାକୁ ସମସ୍ତ ଗ୍ରୁପ-ଏ ଏବଂ ୫୦ ପ୍ରତିଶତ ଗ୍ରୁପ୍-ବି,ସି ଓ ଡି କର୍ମଚାରୀଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଫିସରେ ଅନେକ କର୍ମଚାରୀ ପାନ ଓ ଗୁଟ୍‌ଖା ଖାଇ ଏଣେତେଣେ ଛେପ ପକାଉଛନ୍ତି। ଏହାଦ୍ୱାର ବିଧାନସଭା ବାତାବରଣ ଖରାପ ହେଉଛି। କର୍ମଚାରୀଙ୍କ ଉପରେ କଡ଼ା ନଜର ରଖିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବିଧାନସଭା ପରିସରରେ ଏକ ନିୟନ୍ତ୍ରଣ କକ୍ଷ ଖୋଲିବାକୁ ନିଷ୍ପତ୍ତି ହୋଇଛି। ନିଜ ନିର୍ବାଚନ ମଣ୍ଡଳୀର ଯଦି କୌଣସି ଲୋକ ଅନ୍ୟ ରାଜ୍ୟରେ ଥିବେ ତେବେ ସେମାନଙ୍କର ସମସ୍ତ ବିବରଣୀ ବିଧାୟକମାନେ ଏଠାରେ ଦେଇ ପାରିବେ। ଏହାଦ୍ୱାରା ଲୋକ ସଭା ବାଚସ୍ପତି, ସମ୍ପୃକ୍ତ ରାଜ୍ୟ ବାଚସ୍ପତି ତଥା ସେହି ରାଜ୍ୟ ସରକାରଙ୍କୁ ତୁରନ୍ତ ଖବର ଦେଲେ ସମସ୍ୟାର ସମାଧାନ କରାଯିବ।

ବାଚସ୍ପତି ପାତ୍ର ମଙ୍ଗଳବାର ରାଜ୍ୟରେ କରୋନା ସ୍ଥିତି ନେଇ ଭିଡିଓ କନଫରେନ୍ସିଂରେ ଲୋକ ସଭା ବାଚସ୍ପତି ଓମ୍ ପ୍ରକାଶ ବିର୍ଲାଙ୍କ ସହ ଆଲୋଚନା କରିଥିଲେ। ଏହି ମହାମାରୀକୁ ମୁକାବିଲା କରିବା ନେଇ ବିର୍ଲା ସମସ୍ତ ଏମ୍‌ପି ଓ ବିଧାୟକଙ୍କ ସହଯୋଗ କାମନା କରିଥିଲେ। କୋଭିଡ୍-୧୯ ସଂକ୍ରମଣକୁ କିପରି ହ୍ରାସ କରାଯାଇ ପାରିବ ସେ ନେଇ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ଓଡ଼ିଶା ବାଚସ୍ପତି ଲୋକ ସଭା ବାଚସ୍ପତିଙ୍କୁ ସୂଚନା ଦେଇଥିଲେ। ଓଡ଼ିଶାରେ ଲକ୍‌ଡାଉନ, ସାମାଜିକ ଦୂରତ୍ୱ, ହାତଧୁଆ, କ୍ୱାରାଣ୍ଟାଇନ୍ ଆଦିକୁ କଡ଼ାକଡ଼ି ପାଳନ କରାଯାଉଛି। ସମ୍ଭାବ୍ୟ ସଂକ୍ରମଣକୁ ଦେଖି ରାଜ୍ୟ ସରକାର ବିଦେଶ ଫେରନ୍ତାଙ୍କୁ ବାଧ୍ୟତାମୂଳକ ପଞ୍ଜୀକରଣ ଓ କ୍ୱାରାଣ୍ଟାଇନ୍‌ରେ ରଖିବା ସହ ସମସ୍ତ ଜିଲାରେ କୋଭିଡ୍ ହସ୍ପିଟାଲ ସ୍ଥାପନ କରିବାକୁ ନେଇ ମଧ୍ୟ ପାତ୍ର ସୂଚନା ଦେଇଥିଲେ।

ଏନ୍‌ଆଇସିରେ ଅନୁଷ୍ଠିତ ଭିଡିଓ କନଫରେନ୍ସିଂ ବେଳେ ବିଧାନସଭା ସଚିବ ଦାଶରଥି ଶତପଥୀ, ଏନ୍‌ଆଇସିର ରାଜ୍ୟ ସୂଚନା ଅଧିକାରୀ ପ୍ରତିଭା ସିଂ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

## ‘ଘରେ ଘରେ ଅରୁଣିମା’ କ୍ୟାଲେଣ୍ଡର ଉନ୍ମୋଚିତ



କ୍ୟାଲେଣ୍ଡର ଉନ୍ମୋଚନ କାର୍ଯ୍ୟକ୍ରମରେ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୧।୪(ବ୍ୟୁରୋ)

**ପ୍ରାକ୍-ବିଦ୍ୟାଳୟ ଶିକ୍ଷାଦାନ ଉପରେ ଗୁରୁତ୍ୱ**

ମଙ୍ଗଳବାର ପୂର୍ବାହ୍ନରେ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଶିଶୁଙ୍କ ବିକାଶ ପାଇଁ ‘ଘରେ ଘରେ ଅରୁଣିମା’ କ୍ୟାଲେଣ୍ଡର ଉନ୍ମୋଚନ କରିଛନ୍ତି। ଲକ୍‌ଡାଉନ ଯୋଗୁ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଏବେ ବନ୍ଦ ରହିଛି। ରାଜ୍ୟର ୭୨, ୫୮୭ଟି ଅଙ୍ଗନୱାଡ଼ି କେନ୍ଦ୍ରର ୧୬ ଲକ୍ଷ ୧୩ ହଜାର ୭୭୫ ଶିଶୁ (୩ରୁ ୬ ବର୍ଷ) ପ୍ରାକ୍-ବିଦ୍ୟାଳୟ ଶିକ୍ଷା ଲାଭ ଠାରୁ ଦୂରେଇ ଯାଇଛନ୍ତି। ସେମାନଙ୍କ ମାନସିକ ବିକାଶ ପାଇଁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ୟୁନିସେଫ୍‌ର ସହାୟତାରେ ବିଭିନ୍ନ କୌତୁକପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ବଳିତ ଏହି କ୍ୟାଲେଣ୍ଡର ପ୍ରକାଶ କରାଯାଇଛି। ପିତାମାତା, ଜେଜେବାପା ଓ ଜେଜେମା’ଙ୍କ ସହାୟତାରେ ଏହା କାର୍ଯ୍ୟକାରୀ କରାଯିବ। ଘରେ ଥାଇ ମଧ୍ୟ ପିଲାଙ୍କ ପ୍ରାକ୍-ଶିକ୍ଷା ଏବଂ ସ୍କୁଲ୍ ଯିବା ପାଇଁ ପ୍ରସ୍ତୁତି ସହଜ ହେବ। ଲକ୍‌ଡାଉନ ଏବଂ ସାମାଜିକ ଦୂରତ୍ୱ ପରିପ୍ରେକ୍ଷୀରେ ଏହି କ୍ୟାଲେଣ୍ଡରଗୁଡ଼ିକୁ ଡିଜିଟାଲ ମାଧ୍ୟମରେ ଅଙ୍ଗନୱାଡ଼ି କର୍ମୀମାନଙ୍କ ନିକଟରେ ପହଞ୍ଚାଇ ଦିଆଯିବ। ଯେଉଁଠି ଇଣ୍ଟରନେଟ୍‌ର ସୁବିଧା ନଥିବ, ସେଠାରେ ଏହି ପୁସ୍ତିକାକୁ ପିଲାମାନଙ୍କ ଘରେ ପହଞ୍ଚାଇବା ପାଇଁ ଯଥାସମ୍ଭବ ପ୍ରୟାସ କରାଯିବ।

ଘରେ ପିଲାମାନଙ୍କୁ ନୃତ୍ୟ, ସଂଗୀତ, ଚିତ୍ରକଳା, ଗଳ୍ପକଥନ, ଆଦିରେ ନିୟୋଜିତ ରଖିବା ପାଇଁ ଏହା ପ୍ରସ୍ତୁତ କରାଯାଇଛି। କୋମଳମତି ଶିଶୁମାନଙ୍କ ମାନସିକତା ଉପରେ ଏହା ସକାରାତ୍ମକ ପ୍ରଭାବ ପକାଇବ। ହାତଧୁଆ, ସ୍ୱଚ୍ଛତା, ପରିମଳ, ସାମାଜିକ ଦୂରତ୍ୱ ପ୍ରଭୃତି ଉତ୍ତମ ଅଭ୍ୟାସ ସମ୍ପର୍କରେ ମଧ୍ୟ ଏହି କ୍ୟାଲେଣ୍ଡରରେ ଅନେକ ବାର୍ତ୍ତା ପ୍ରଦାନ କରାଯାଇଛି। ଏହାଦ୍ୱାରା ପରିବାର ଭିତରେ ଆନ୍ତରିକତା ବୃଦ୍ଧି ପାଇବ ବୋଲି ପ୍ରମୁଖ ଶାସନ ସଚିବ ଆଶା ପ୍ରକଟ କରିଛନ୍ତି। ଏହି ଅବସରରେ ଭିଡ଼ିଓ କନ୍‌ଫରେନ୍ସିଂରେ ଡ଼ିଏସଡବ୍ଲ୍ୟୁ ଏବଂ ସିଡ଼ିପିଓଙ୍କୁ ଏ ସମ୍ପର୍କରେ ଆବଶ୍ୟକୀୟ ତାଲିମ ପ୍ରଦାନ କରାଯାଇଥିବା ପ୍ରକାଶ କରାଯାଇଛି।

## ସଂକ୍ଷେପରେ

### ଖୋଲିବ ବହି, ଫ୍ୟାନ୍ ଦୋକାନ

**କେନ୍ଦ୍ରର ନୂଆ ଗାଇଡଲାଇନ୍**



**ନୂଆଦିଲ୍ଲୀ,୨୧।୪(ପି.ଟି.):** ପାଠ୍ୟପୁସ୍ତକ, ଫ୍ୟାନ୍ ବିକ୍ରି ପାଇଁ ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଙ୍ଗଳବାର ଅନୁମତି ଦେଇଛି। ସେହିପରି ଲକ୍‌ଡାଉନ ସମୟରେ ପ୍ରିପେଡ୍ ମୋବାଇଲ ଫୋନ୍ ରିଚାର୍ଜ କରିବାକୁ ଅନୁମତି ମିଳିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଗାଇଡଲାଇନ୍ ଅନୁଯାୟୀ ବରିଷ୍ଠ ନାଗରିକମାନଙ୍କ ଶଯ୍ୟା ପାଖରେ ଆଟେଣ୍ଡାଣ୍ଟ ସେବା ଉପଲବ୍ଧ ହେବ। ସହରାଞ୍ଚଳରେ ପାଉଁରୁଟି କାରଖାନା ଓ ଅଟାକଳ ଚଳାଇବାକୁ ଅନୁମତି ମିଳିଛି। ସେହିପରି ଦୁଗ୍ଧ ପ୍ରକ୍ରିୟାକରଣ କାରଖାନା, ଡାଲି ମିଲ୍ ମଧ ଲକ୍‌ଡାଉନ ବେଳେ ଖୋଲାରହିବ। ଆମଦାନି ଓ ରପ୍ତାନି କାର୍ଯ୍ୟରେ ନିୟୋଜିତ ପ୍ୟାକ୍ ହାଉସ, ବିହନ ଉପଚାର କେନ୍ଦ୍ର, ଉଦ୍ୟାନକୃଷି ଉତ୍ପାଦନ ଓ ଏହାସହ ଜଡ଼ିତ ଗବେଷଣା ପ୍ରତିଷ୍ଠାନକୁ ଲକ୍‌ଡାଉନ କଟକଣାରୁ ବାଦ୍ ଦିଆଯାଇଛି। ସେହିପରି ଫରେଷ୍ଟ ଅଫିସ୍ ଖୋଲାରହିବା ସହ ବନୀକରଣ ଓ ଆନୁଷଙ୍ଗିକ କାର୍ଯ୍ୟ ଚାଲୁରହିବ। ତେବେ କାର୍ଯ୍ୟାଳୟ, କାର୍ଯ୍ୟସ୍ଥଳ, କାରଖାନା ଓ ପ୍ରତିଷ୍ଠାନଗୁଡ଼ିକରେ ନିର୍ଦ୍ଧାରିତ ଦୂରତ୍ୱ ବଜାୟ ରଖିବାକୁ ହେବ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି।

### ମାଲ, ଶ୍ରମିକ ପରିବହନ, ଗାଡ଼ି ମରାମତି ଦୋକାନ ପାଇଁ ଜାରି ହେଲା ଏସ୍‌ଓପି

**କମ୍ପାନୀ ପରିଚୟପତ୍ର ଦେଖାଇ ଯାଇପାରିବେ କର୍ମଚାରୀ**

**ଭୁବନେଶ୍ୱର,୨୧।୪(ବ୍ୟୁରୋ):** ରାଜ୍ୟରେ ୨ୟ ପର୍ଯ୍ୟାୟ ଲକଡାଉନ୍ ଜାରି ରହିଥିବାବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କେତେକ କ୍ଷେତ୍ରକୁ କୋହଳ କରିଛନ୍ତି। ସମସ୍ତ ପ୍ରକାର ମାଲ୍ ପରିବହନ, ଶ୍ରମିକ ଏବଂ ଯାନବାହନ ମରାମତି ଦୋକାନ ଖୋଲିବା ନେଇ ରାଜ୍ୟ ସରକାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜୁଅର(ଏସ୍‌ଓପି) ଜାରି କରିଛନ୍ତି। ଲକ୍‌ଡାଉନ ସମୟରେ ସମସ୍ତଙ୍କୁ ପୋଲିସ କିମ୍ବା ଜିଲା ପ୍ରଶାସନ ପକ୍ଷରୁ ଯିବା ଆସିବା କିମ୍ବା ଦୋକାନ ଖୋଲିବା ପାଇଁ ଅନୁମତି ପତ୍ର ଦେବା ସମ୍ଭବ ନୁହେଁ। ଅନ୍ୟପକ୍ଷରେ ଖୋଲା ଛଡ଼ାଗଲେ ଲୋକମାନେ ମଧ କଟକଣା ପାଇଁ ଜାରି କରାଯାଇଥିବା ଗାଇଡ୍‌ଲାଇନକୁ ଉଲ୍ଲଂଘନ କରିବେ। ଏହାକୁ ଦୃଷ୍ଟିରେ ରଖି ଶ୍ରମିକଙ୍କ ଯାତାୟାତ ଓ ମାଲ ପରିବହନ ଲାଗି ଏସ୍‌ଓପି ଜାରି କରାଯାଇଛି। ଏହାକୁ କଡ଼ାକଡ଼ି ପାଳନ କରିବାକୁ ସମସ୍ତ ଜିଲାପାଳ, ସମସ୍ତ ମହାନଗର ନିଗମ କମିଶନର, କଟକ ଓ ଭୁବନେଶ୍ୱର ପୋଲିସ କମିଶନରଙ୍କୁ ଚିଠି ସରକାର ଲେଖିଛନ୍ତି। କର୍ମଚାରୀଙ୍କ କମ୍ପାନୀ ପରିଚୟ ପତ୍ରକୁ ପ୍ରମାଣ ପତ୍ର ଭାବେ ଗ୍ରହଣ କରାଯିବ। ଦୋକାନୀ ଓ ବ୍ୟବସାୟୀମାନେ ନିଜ କର୍ମଚାରୀଙ୍କ ପାଇଁ ସେମାନଙ୍କ ନାମ ଓ ଠିକଣା ଲେଖି ପ୍ରମାଣ ପତ୍ର ଦେଇ ପାରିବେ। ଚାଲି ଚାଲି ଏବଂ ସାଇକେଲରେ ଯାତାୟତ କରୁଥିବା ଶ୍ରମିକମାନଙ୍କୁ ଯିବାକୁ ଅନୁମତି ଦିଆଯିବ ବୋଲି କୁହାଯାଇଛି।

# ରାଜ୍ୟ ପୋଲିସର ସେବାକୁ ପ୍ରଶଂସା

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ୭ଅବସରପ୍ରାପ୍ତ ଡିଜିପି**

ଭୁବନେଶ୍ୱର,୨୧।୪(ବ୍ୟୁରୋ)

କୋଭିଡ୍-୧୯ ମୁକାବିଲାରେ ଅନ୍ୟତମ ଯୋଦ୍ଧା ସାଜିଛନ୍ତି ପୋଲିସ କର୍ମଚାରୀ। ଏଭଳି ଏକ ବିପଦ ସମୟରେ ଅସହାୟ ଲୋକଙ୍କୁ ଖାଦ୍ୟ ଯୋଗାଇବା ସହ ଜନସାଧାରଣଙ୍କୁ ଘରେ ରହି ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ପରାମର୍ଶ ଦେଉଛନ୍ତି। ଏପରିକି ନିଜ ଜୀବନକୁ ଖାତିରି ନ କରି ଲୋକଙ୍କୁ ସୁରକ୍ଷା ଦେବା ପାଇଁ ରାସ୍ତାରେ ଛିଡ଼ା ହୋଇ ରହୁଛନ୍ତି। ଏହି ଲଢ଼େଇରେ ସାମିଲ ରାଜ୍ୟର ସମସ୍ତ ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କ କାର୍ଯ୍ୟକୁ ଓଡ଼ିଶାର ୭ ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଭୂୟସୀ ପ୍ରଶଂସା କରିଛନ୍ତି। ସେମାନେ ହେଲେ ଶରତ ମିଶ୍ର, ଅମୀୟ ଭୂଷଣ ତ୍ରିପାଠୀ, ନିମାଇଁ ଚରଣ ପାଢ଼ୀ, ବିପିନି ବିହାରୀ ମିଶ୍ର, ସୂଚିତ ଦାସ, ଗୋପାଳ ଚନ୍ଦ୍ର ନନ୍ଦ ଏବଂ ମନମୋହନ ପ୍ରହରାଜ। ଏହାସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲକ୍‌ଡାଉନ୍ ନିଷ୍ପତ୍ତିକୁ ବେଶ୍ ପ୍ରଶଂସା କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଗୃହ ବିଭାଗର ନିରନ୍ତର ପ୍ରୟାସ ଯୋଗୁ ଅତ୍ୟାବଶ୍ୟକୀୟ ସଂସ୍ଥାଗୁଡ଼ିକ ସ୍ୱାଭାବିକ ଭାବେ କର୍ଯ୍ୟ କରୁଛନ୍ତି। ଲୋକେ ପନିପରିବା, ତେଜରାତି ଓ ଔଷଧ ଠିକ୍‌ରେ ଘର ନିକଟରେ ପାଇପାରୁଛନ୍ତି। ଏଭଳି ବ୍ୟବସ୍ଥା ହୋଇ ନ ଥିଲେ ସାଧାରଣ ଲୋକେ ହଇରାଣ ହୋଇଥାନ୍ତେ। ପୋଲିସ କର୍ମଚାରୀଙ୍କ ଖାଦ୍ୟ ବଣ୍ଟନ, ବରିଷ୍ଠନାଗରିକଙ୍କୁ ସହଯୋଗ ଇତ୍ୟାଦି ଜନସେବା ବେଶ୍ ପ୍ରସଂଶନୀୟ ବୋଲି ଉଲ୍ଲେଖ କରିଛନ୍ତି। ଟ୍ୱିନ୍‌ସିଟିରେ ପୋଲିସ ଯେଉଁଭଳି ସମ୍ବେଦନଶୀଳ ଓ ଦକ୍ଷତାର ସହ କାର୍ଯ୍ୟ କରିଛି ତାହା ଉଚ୍ଚକୋଟୀର ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଚିଠିରେ ଲେଖି ଜଣାଇଛନ୍ତି। ଏହାଛଡ଼ା ବରିଷ୍ଠ ଆଇପିଏସ୍ ସଂଘ, ପୋଲିସ ଡଜି ଅଭୟ ଓ ଟ୍ୱିନ୍‌ସିଟିର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ସେମାନେ ପୃଥକ୍ ଚିଠି ଲେଖି ସେମାନଙ୍କ ନେତୃତ୍ୱକୁ ପ୍ରଶଂସା କରିଛନ୍ତି। ରାଜ୍ୟ ପୋଲିସକୁ ଅବସରପ୍ରାପ୍ତ ଡିଜିଙ୍କ ଏଭଳି ପ୍ରସଂଶା ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ବୋଲି ବିଭାଗ ପକ୍ଷରୁ ଆଶା କରାଯାଇଛି।

## ମଙ୍ଗଳାଯୋଡ଼ିରେ ବିରଳ ପକ୍ଷୀ ଚିହ୍ନଟ



ଭୁବନେଶ୍ୱର,୨୧।୪ (ବ୍ୟୁରୋ)

ଓଡ଼ିଶାରେ ପ୍ରଥମ କରି ଠାବ କରାଯାଇଛି ବିରଳ ୱେଷ୍ଟର୍ଣ୍ଣ ରିଫ୍ ଇଗ୍ରେଟ ପକ୍ଷୀ। ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଚିଲିକାର ମଙ୍ଗଳାଯୋଡିଠାରେ ଏହି ପକ୍ଷୀକୁ ଚିହ୍ନଟ କରିଛନ୍ତି ବାର୍ଡ ଗାଇଡ୍ ମଧୁ ବେହେରା। ସୋମବାର ସେଠାରେ ଫଟୋ ଉଠେଇବା ପରେ ବିଭିନ୍ନ ବାର୍ଡ ଫିଲ୍ଡ ଗାଇଡ୍ ସହ ମେଳ କରିଥିଲେ। ଏହି ସମୟରେ ଉକ୍ତ ପକ୍ଷୀଟି ବିରଳ ପ୍ରଜାତିର ୱେଷ୍ଟର୍ଣ୍ଣ ରିଫ ଇଗ୍ରେଟ ବୋଲି ନିଶ୍ଚିତ ହୋଇଥିଲେ। ଏହାର ବୈଜ୍ଞାନିକ ନାଁ ଇଗ୍ରେଟା ଗୁଲାରିସ। ଭାରତରେ ଏମାନଙ୍କ ଉପସ୍ଥିତି ରହିଥିଲେ ମଧ୍ୟ ଓଡ଼ିଶାରେ ପୂର୍ବରୁ କେବେ ଠାବ କରାଯାଇପାରି ନ ଥିଲା।

# ଟ୍ରାନ୍ସଫର୍ମର ମରାମତିବେଳେ ଚାର୍ଜ: କର୍ମଚାରୀ ମୃତ

■ କ୍ଷତି ପୂରଣ ଦାବିରେ ସେସୁ କାର୍ଯ୍ୟାଳୟ ଘେରାଉ

ଚୌଦ୍ୱାର,୨୧।୪(ଡି.ଏନ୍.ଏ)

ବିଦ୍ୟୁତ୍ ବିଭାଗର କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁ ମଙ୍ଗଳବାର ଜଣେ କର୍ମଚାରୀ ଟ୍ରାନ୍ସଫର୍ମର ଉପରେ ଚଢ଼ି ଲାଇନ ମରାମତି କରୁଥିବା ବେଳେ ଚାର୍ଜ କରାଯିବାରୁ ମୃତ୍ୟୁ ଘଟିଛି। ଏଭଳି ଘଟିଛି ଚୌଦ୍ୱାର ଥାନା ଅଞ୍ଚଳରେ ପୌରପାଳିକାର ମରହଟ୍ଟା ସାହି ସୁଲତାନନଗରରେ ଥିବା ୧୧ କେ.ଭି. ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୁଣ୍ଟରେ। ଆଉ ଜଣେ କର୍ମଚାରୀ ଅନ୍ୟ ଏକ ଖୁଣ୍ଟରୁ ପଡ଼ି ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ଓଟିଏମ୍ କଲୋନୀ ୮ ନଂ. ୱାର୍ଡର ଅକ୍ଷୟ ଭୂୟାଁ (୩୦) ଓ ଗୁରୁତର ଆହତ ହେଲେ ଶାଳଗାଁ ପଞ୍ଚାୟତ ପଳାଶିଆ ଗାଁର ପ୍ରସନ୍ନ ମହାନ୍ତି (୪୨)। ସୁଲତାନନଗରରେ ଥିବା ୧୧ କେ.ଭି. ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୁଣ୍ଟରେ ମରାମତି କରିବାକୁ ଅକ୍ଷୟ ଚଢ଼ିଥିଲେ। ଲିବ୍ରା କାର୍ପେଟ ପାଖରେ ଥିବା ଖୁଣ୍ଟରେ ପ୍ରସନ୍ନ କାମ କରୁଥିଲେ। ଖୁଣ୍ଟରେ ଚଢ଼ିବା ପୂର୍ବରୁ ୧ ନଂ. ସେକ୍ସନ ଗ୍ରୀଡ୍‌ରୁ ଲାଇନ ଶଟ୍‌ଡାଉନ କରାଯାଇଥିଲା। ମରାମତି ବେଳେ ହଠାତ୍ ଲାଇନ ଚାର୍ଜ କରାଯିବାରୁ ଅକ୍ଷୟଙ୍କର ମୃତ୍ୟୁ ହୋଇଥିଲା। ପ୍ରସନ୍ନ ଖୁଣ୍ଟରୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବାରେ ବିଳମ୍ବ ହେବାରୁ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଆଇଆଇସି ପଦ୍ମନାଭ ପ୍ରଧାନ ଓ ପୋଲିସ କର୍ମଚାରୀ ପହଞ୍ଚି ବିଦ୍ୟୁତ୍ କର୍ମଚାରୀଙ୍କ ସହାୟତାରେ ଅକ୍ଷୟଙ୍କ ମୃତଦେହକୁ ଟ୍ରାନ୍ସଫର୍ମର ଉପରୁ ଉଦ୍ଧାର କରିବା ସହ ପ୍ରସନ୍ନଙ୍କୁ କଟକ ବଡ ମେଡିକାଲ ପଠାଇଥିଲେ। ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। କ୍ଷତିପୂରଣ ଦାବିରେ ମୃତଦେହକୁ ସେସୁ କାର୍ଯ୍ୟାଳୟ ସମ୍ମୁଖରେ ରଖି ୨ ଘଣ୍ଟା ଧରି ପରିବାର ଲୋକେ ଘେରାଉ କରିଥିଲେ। ସେମାନଙ୍କୁ ବୁଝାଇବାରେ ପୋଲିସ ଓ ସେସୁ କର୍ମଚାରୀ ବିଫଳ ହୋଇଥିଲେ। ଖବରପାଇ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ଉପଜିଲାପାଳ ଶୁଭ୍ରାଂଶୁ ଶେଖର ମିଶ୍ର, ଆଇଆଇସି ପ୍ରଧାନ, ତହସିଲଦାର ନିରଞ୍ଜନ ବେହେରା, ସେସୁ ଜେଇ ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଜିଲା ରେଡ଼କ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କା, ସେସୁ ପକ୍ଷରୁ ୧ ଲକ୍ଷ ଟଙ୍କା ସହ ମୃତକଙ୍କ ସ୍ତ୍ରୀଙ୍କୁ ଅସ୍ଥାୟୀ ଚାକିରି ପ୍ରଦାନ କରାଯିବ ବୋଲି କୁହାଯିବା ପରେ ଘେରାଉ ହଟିଥିଲା।

# ନିର୍ମାଣ ଶ୍ରମିକଙ୍କୁ ମିଳିବ ଆର୍ଥିକ ସହାୟତା

**ଭୁବନେଶ୍ୱର, ୨୧।୪(ବ୍ୟୁରୋ):** ବିଲ୍ଡିଂ ଏବଂ ଅନ୍ୟାନ୍ୟ ନିର୍ମାଣ କର୍ମଚାରୀଙ୍କ ଅର୍ଥନୀତିରେ ସାହାଯ୍ୟ କରିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିଷ୍ପତ୍ତି ନେଇଛି। ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଓ ଜିଲା ଶ୍ରମ କାର୍ଯ୍ୟାଳୟ ଜରିଆରେ ଏହି ସହାୟତା ପ୍ରଦାନ କରାଯିବ। ବିଏମ୍‌ସି ଅଞ୍ଚଳରେ ଥିବା ମୋଟ ୫୭,୦୬୯ ଶ୍ରମିକ ଉପକୃତ ହେବେ। ପ୍ରତ୍ୟକ୍ଷ ଭାବେ ଅଥବା ପଞ୍ଜୀକୃତ ଆକାଉଣ୍ଟକୁ ମୋଟ ୧୫୦୦ ଟଙ୍କା ଦିଆଯିବ। କୋଭିଡ୍-୧୯ ମହାମାରୀ ପାଇଁ ଏହି ସହାୟତା ପ୍ରଦାନ କରାଯିବ ବୋଲି ମଙ୍ଗଳବାର ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ୱାର୍ଡ ସ୍ତରରେ ଏହି କାର୍ଯ୍ୟକୁ ନିୟନ୍ତ୍ରଣ କରିବା ସହ ଖୁବଶୀଘ୍ର ସାରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ସାଲିଆସାହି ଅଞ୍ଚଳରେ ପ୍ରାୟ ୧,୫୦୦ ହିତାଧିକାରୀଙ୍କୁ ସିଧାସଳଖ ସହାୟତା ପ୍ରଦାନ କରାଯିବ। ସହାୟତା ବଣ୍ଟନ ସମୟରେ ସାମାଜିକ ଦୂରତା ବଜାୟ ରଖିବା ପାଇଁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ବିଏମ୍‌ସି, ବିଡିଏ ଏବଂ ବିଏସ୍‌ସିଏଲ୍‌ର ବରିଷ୍ଠ ଅଧିକାରୀମାନେ ବିଭିନ୍ନ କ୍ଷେତ୍ରକୁ ଯିବେ। ବଣ୍ଟନକୁ ସୁଗମ କରିବା ପାଇଁ ଜୋନାଲ ଡେପୁଟି କମିଶନରମାନେ ନିଜ ନିଜ ଜୋନ୍‌ରେ ଯୋଜନା କାର୍ଯ୍ୟକାରୀ କରିବେ। ପୂର୍ବାହ୍ନ ୧୦ରୁ ସନ୍ଧ୍ୟା ୫ଟା ଯାଏ ବଣ୍ଟନ କାର୍ଯ୍ୟ ଚାଲୁ ରହିବ। ଗ୍ରୀଷ୍ମ ଯୋଗୁ ଅପରାହ୍ନ ୧ଟାରୁ ୩ଟା ଯାଏ ବଣ୍ଟନ କାର୍ଯ୍ୟ ବନ୍ଦ ରହିବ। ଆର୍ଥିକ ସହାୟତା ହୋଇଥିବାରୁ ଜିଲା କାର୍ଯ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଯାଞ୍ଚ କରାଯିବ ବୋଲି ବିଏମସିର ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ କହିଛନ୍ତି। ସେଠାରେ ଶିକ୍ଷା ବିଭାଗ, ଗୃହ ବୋର୍ଡର ପୋଲିସ ଏବଂ ସହାୟକ କର୍ମଚାରୀ ରହିବେ।


**୨୩ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଶ୍ରୀମତୀ ବସନ୍ତ କୁମାରୀ ମହାପାତ୍ର**
ସ୍ୱାମୀ: ସ୍ୱର୍ଗତ ଇଂ. ଶ୍ରୀଯୁକ୍ତ ଦୟାନିଧି ମହାପାତ୍ର
ପ୍ଲଟ୍ ନଂ.- ଜି-୫, ବି.ଜେ.ବି. ନଗର,ଭୁବନେଶ୍ୱର-୧୪
ଜନ୍ମ: ୧୫।୦୨।୧୯୩୫ (ବସନ୍ତ ପଞ୍ଚମୀ)
ତିରୋଧାନ: ୦୬।୦୫।୧୯୯୭
(ରୁକ୍ମିଣୀ ଅମାବାସ୍ୟା)
ତୋରି ଦେହର ଅଂଶ ଆମେ ସବୁ, ତୁ ନ'ମାସ ଆମକୁ ରଖିଥିଲୁ। ଆଶୀର୍ବାଦ କର ଚିରଦିନ ପାଇଁ ତୁ ଆମ ପାଖରେ ରହିଥିବୁ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ଗୁହାରି।
ତୋର ଆଦରର ଝିଅ-ଜ୍ୱାଇଁ, ପୁଅ-ବୋହୂ ଓ ନାତି ନାତୁଣୀମାନେ।
ଧ-୬୯୨୬୩



**ZILLA SWASTHYA SAMITY, NUAPADA**
**DISTRICT PROGRAMME MANAGEMENT UNIT, NHM, NUAPADA, ODISHA, 766105**
E-mail: nhmnuapada@gmail.com, Phone: (06678)223346
No.1375 DPMU/NHM/2020 Date: 20.4.2020

**Applications invited from credible NGOs/ Trusts for Management of different projects in partnership mode with ZSS, Nuapada**

ZSS, Nuapada invites applications from credible registered NGOs/Trusts for management of different projects like Maa Gruha, Mobile Health Unit (Arogya Plus) & Vulnerable Commity Programme located in remote & inaccessible areas in partnership mode. The detailed of the Projects locations, ToR and application form is uploaded in the district website **www.nuapada.nic.in.**

Interested NGOs/Trusts fulfilling eligible criteria mentioned in the ToR are required to apply in prescribed application format along with all relevant signed documents through speed post / registered post / courier only to the CDM & PHO-cum-District Mission Director, Nuapada. The complete application should reach the above address latest by 5.00 P.M. on Dt. 15.05.2020. The application must be superscribed "APPLICATION FOR MANAGEMENT OF ____________ PROJECT AT ________ (location) "The authority reserves the right for cancellation of the application and modification of the guidelines of selection without assigning any reason there to. No personal enquiry shall be entertained.

*Sd./- CDM & PHO cum DMD*
*Nuapada*



**WESCO WESCO UTILITY**
Headquarters Office : At/Po- Burla, Dist.-Sambalpur-768017, Odisha Ph:0663-2430417
No- WESCO/WORKS/19-20/04/ 462 Date: 20.04.2020

**TENDER CANCELLATION NOTICE**

Tender Notice for **"Shifting of HT & LT Lines and Conversion of Over Head Line to Underground System at Various Locations Under Sambalpur East Electrical Division on Semi-Turnkey basis."** by General Manager (Works) WESCO Utility, vide tender no- **WESCO/WORKS/19-20/04 Dated:-17.03.2020** is hereby cancelled.

**Sd/- Gen. Manager (Works)**



**OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**

In view of the Pandemic Covid -19 situation in the State of Odisha as well as in India the Online Registration for applying to the post Banking Assistant Grade-II, Assistant Manager Grade-II & System Manager in District Central Cooperative Banks is hereby extended while all other conditions of the Recruitment remains unchanged as rescheduled below. The applicants are advised to visit the website regularly for further updates.

**Tentative Re-Schedule of Events:**

| Sl.No. | Events | Tentative Dates |
|---|---|---|
| 1 | Online Registration | 20.03.2020 to 10.05.2020 |
| 2 | Payment of Application Fees | 20.03.2020 to 10.05.2020 |
| 3 | Download of call letters for Examination | To be hosted in the website |
| 4 | Online Examination | To be rescheduled and hosted in the website |

*Sd./- Registrar*
*Cooperative Societies, Odisha*



**GOVERNMENT OF ODISHA**
**OFFICE OF THE BLOCK DEVELOPMENT OFFICER, SADAR BLOCK, SUNDARGARH**
**INVITATION TENDER CALL NOTICE**

ଓଡ଼ିଶା ସରକାର

No.781 Dt.21.04.2020

38-i: The Block Development Officer, Sadar, Sundargarh on behalf of Governor of Odisha invites Percentage Rate Bids in sealed cover for the following works from the class of eligible contractors as mentioned in Column-7 (seven) registered with the State governments having validity of Electrical Licence and Contractors of equivalent Grades/Class Registered with Central Government/MES/Railways and other state government having validity of Electrical Licence for execution of Electrical works. The proof of registration from the appropriate authority shall be enclosed along with the Bid. The eligible contractors of the state WESCO/GED/GRIDCO for the following works eventually to be drawn up in the P.W.D. P1 forms in conformity with the Detailed Tender Call Notice. The bidders may submit bids for the following works.

| Sl. No. | Location | Name of the work | Amount put to tender in Rs. | Cost of tender paper (non-refundable) in Rs. | Bid security EMD 1% in Rs. | Period of completion | Class of contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Sankara | Shifting and construction of Electrical Poles for const. of Market Complex infront of Parijata Park at Sankara, Sundargarh | 6,99,187/- | 4,000/- | 6,992/- | 15days | 'C' & 'D' Class |

The bid documents and detailed terms and conditions can be downloaded from the District website www.sundargarh.nic.in

*Sd./- Block Development Officer*
*Sadar, Sundargarh*



**ODISHA POLICE**
**STATE POLICE HEADQUARTERS CUTTACK**

**Advertisement for the recruitment of Ex-servicemen (Navy/Coastguard personnel) as technical staff to be deployed in Marine Police Stations of the State**

No.D-01:- Applications along with biodata / service particulars are invited from Ex-Navy and Coastguard personnel having experience on Seaman, Communication, Engineering and Electrical branches for the Post of Master, Syrang, Engine Driver, Dinggi Driver and Seaman Mechanic. Approximately 50 technical posts which may subsequently be varied are required to be filled up for different Marine Police Stations of the State. The applicants must not have exceeded the age of 45 years as on 01.01.2020 and their appointments for the said posts will be purely on contractual basis for a period of one year which may be extended further period basing on their performance / ability/ sincerity and devotion to the duty. Due to COVID-19 lockdown the recruitment scheduled has been changed. The new date of recruitment has been scheduled on 12th & 13th May 2020. The application should reach at this office at O/o Addl. D.G. of Police, Railways and Coastal Security, Odisha, Bhubaneswar by 8th May 2020 for taking follow up action.

Other terms and conditions in this regard remain be same.

*Sd./- A.I. G of Police*
*Marine and Coastal Security*
*Odisha, Bhubaneswar*
OIPR-12029/11/0001/2021

ମନୁଷ୍ୟର ମହତ୍ତ୍ୱ ସେ ଯେଉଁ ଅବସ୍ଥାରେ ବର୍ତ୍ତମାନ ଅଛି– ସେଥିରେ ନାହିଁ। କିନ୍ତୁ ସେ ଯାହା ହୋଇ ଚାଲିଛି ସେଇଥିରେ ଅଛି। ତା'ର ମହତ୍ତ୍ୱ ହେଲା– ତା'ରି ରୁଦ୍ଧ ଗୋପନ କର୍ମଶାଳା ଭିତରେ ଚାଲିଛି ଏକ ଜୀବନ୍ତ ଶ୍ରମ। ତା'ରି ଭିତରେ ବିଶ୍ୱକର୍ମା ଅତିମାନବତ୍ୱକୁ ନିର୍ମାଣ କରିଚାଲିଛନ୍ତି। –ଶ୍ରୀଅରବିନ୍ଦ



# ଡାକ୍ତରଙ୍କ ସୁରକ୍ଷା

କରୋନା ଭୂତାଣୁରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଚିକିତ୍ସା କ୍ଷେତ୍ରରେ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମୀମାନେ ଅନବରତ କାର୍ଯ୍ୟ କରୁଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ କେତୋଟି ବର୍ଗର ସେବାକାରୀଙ୍କୁ କରୋନା ଯୋଦ୍ଧା ବୋଲି ଆଖ୍ୟା ଦିଆଯାଇଛି ସେଥିମଧ୍ୟରେ ଡାକ୍ତରମାନେ ଆଗରେ ଅଛନ୍ତି। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କହିବା ଅନୁଯାୟୀ ଦେଶବାସୀ ସେମାନଙ୍କୁ ସମ୍ମାନ ଜଣାଇ ତାଳି ଓ ଥାଳି ବାଡ଼େଇଥିଲେ। ସଂକ୍ରମିତଙ୍କ ସେବା କରି ଅନେକ ଡାକ୍ତର ମଧ୍ୟ କୋଭିଡ୍‌-୧୯ର ଶିକାର ହୋଇଛନ୍ତି ଓ ସ୍ଥଳବିଶେଷରେ କେତେକଙ୍କ ମୃତ୍ୟୁ ଘଟିସାରିଲାଣି। ୧୯ ଏପ୍ରିଲରେ ଚେନ୍ନାଇର ଆନ୍ନା ନଗର ଅଞ୍ଚଳରେ କରୋନା ଭୂତାଣୁରେ ଆକ୍ରାନ୍ତ ଜଣେ ଡାକ୍ତରଙ୍କ ମୃତ୍ୟୁ ଘଟିଥିଲା। ପରିବାରବର୍ଗ ଓ ତାଙ୍କ ଡାକ୍ତର ବନ୍ଧୁମାନେ ମରଶରୀରକୁ ସମ୍ପୃକ୍ତ ଅଞ୍ଚଳରେ ଥିବା ଶ୍ମଶାନକୁ ନେବା ବେଳେ ସ୍ଥାନୀୟ ଲୋକଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ। ଏପରି କି ମରଶରୀର ବୋହି ଆଣିଥିବା ଆମ୍ବୁଲାନ୍ସ ଉପରେ ଟେକାପଥର ମାଡ଼ କରାଯିବା ସହ ପରିବାର ସଦସ୍ୟଙ୍କ ଉପରେ ଆକ୍ରମଣ କରାଯାଇଥିଲା। ପୋଲିସ ସୁରକ୍ଷା ଯୋଗାଇବା ପରେ କେତେ ଜଣ ଡାକ୍ତରଙ୍କ ସହଯୋଗରେ ତାଙ୍କୁ ସମାଧି ଦିଆଯାଇଥିଲା। ଏହି ଘଟଣାରେ କିଛି ଲୋକଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ଏହା ଏକ ଦୁଷ୍ଟ ମାନସିକତାର ପରିଚୟ ଦେଉଛି। କାରଣ କାର୍ଯ୍ୟ କ୍ଷେତ୍ରରେ ସେବା ଯୋଗାଉଥିବା ବେଳେ ଡାକ୍ତରଙ୍କ ମୃତ୍ୟୁକୁ ଅନ୍ୟଥା ଭାବିବା ଠିକ୍ ନୁହେଁ।

ବର୍ତ୍ତମାନ ସ୍ଥିତିରେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମୀଙ୍କ ସେବା ପାଇଁ କେବଳ ତାଳି ମାରି ପ୍ରଶଂସା କରାଯିବା ଯଥେଷ୍ଟ ନୁହେଁ। ସେମାନଙ୍କୁ ସମାଜର ସବୁ ସ୍ତରରୁ ସମର୍ଥନ ମିଳିବା ଦରକାର। କରୋନା ଭୂତାଣୁ ସହ ଯୁଦ୍ଧ କରୁଥିବାରୁ ସେମାନଙ୍କ ଜୀବନ ପ୍ରତି ନିଶ୍ଚିତ ବିପଦ ରହୁଛି। ଏହାକୁ ଦୃଷ୍ଟିରେ ରଖି କିଛିଦିନ ତଳେ କେନ୍ଦ୍ର ସରକାର ସେମାନଙ୍କ ଲାଗି ୫୦ ଲକ୍ଷ ଟଙ୍କାର ବୀମା ରାଶି ଘୋଷଣା କରିଥିଲେ। ହେଲେ ୨୧ ଏପ୍ରିଲରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯଥେଷ୍ଟ ଆଗକୁ ଯାଇ ଘୋଷଣା କରିଛନ୍ତି ଯେ କୋଭିଡ୍‌-୧୯ ଲଢ଼େଇ ବେଳେ ଯଦି କୌଣସି ଡାକ୍ତର, ନର୍ସ କିମ୍ବା ସ୍ୱାସ୍ଥ୍ୟ କର୍ମୀଙ୍କ ମୃତ୍ୟୁ ଘଟିବ, ସେମାନଙ୍କ ପରିବାରବର୍ଗଙ୍କୁ ୫୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ମିଳିବ। କେବଳ ସେତିକି ନୁହେଁ, ସେମାନଙ୍କୁ ଶହୀଦ ଘୋଷଣା କରାଯାଇ ରାଷ୍ଟ୍ରୀୟ ମର୍ଯ୍ୟାଦା ଦିଆଯିବ। ଏଥିସହ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ଯେ, ଡାକ୍ତରଙ୍କ ସମେତ ସ୍ୱାସ୍ଥ୍ୟ କର୍ମୀଙ୍କୁ ସେମାନଙ୍କ ନିଃସ୍ୱାର୍ଥପର ସେବା ଲାଗି ସମସ୍ତେ କୃତଜ୍ଞତା ଜ୍ଞାପନ କରିବା ଦରକାର। ଯେଉଁମାନେ ଏହି ବର୍ଗଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି। ନିଶ୍ଚିତ ଭାବେ ଏହା ଓଡ଼ିଶା ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସମ୍ଭବତଃ ସମଗ୍ର ଦେଶରେ ଡାକ୍ତରମାନଙ୍କୁ ସୁରକ୍ଷା ଦେବା ଭଳି ଏତେବଡ଼ ଆଶ୍ୱାସନା କେଉଁଠାରେ ଦିଆଯାଇ ନାହିଁ।

ତେବେ ଏଠାରେ ଅନ୍ୟ ଏକ ଦିଗ ଗୁରୁତ୍ୱ ବହନ କରୁଛି। ଅଧିକାଂଶ ଡାକ୍ତର ରୋଗୀଙ୍କ ପ୍ରତି ଠିକ୍ ବ୍ୟବହାର କରୁ ନ ଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ସେମାନଙ୍କ ପାଇଁ ଅର୍ଥ ମୂଳଚାଲ ବଡ଼ ହୋଇଯାଇଥାଏ। ପଡ଼ୋଶୀ ହୋଇ ରହୁଥିବା ଡାକ୍ତର ମଧ୍ୟ କାହାର ବିପଦ ବେଳେ ଛିଡ଼ା ହେବା କ୍ୱଚିତ ଦେଖାଯାଏ। ଯେଉଁ ଡାକ୍ତର ରୋଗୀଙ୍କୁ ବୃତ୍ତିଗତ ଭାବେ ଭଲ ପାଇ ସେବା ଯୋଗାନ୍ତି ସେମାନଙ୍କୁ ଲୋକେ ଭଗବାନ ଭଳି ମାନନ୍ତି। କିନ୍ତୁ କର୍ପୋରେଟ ଡାକ୍ତର ବ୍ୟବସ୍ଥାରେ ରୋଗୀଙ୍କୁ ଡାକ୍ତରମାନେ ଆନ୍ତରିକତା ଦେଖାଉ ନ ଥିବାରୁ ଉଭୟ ମଧ୍ୟରେ ଏକ ବ୍ୟବଧାନ ସୃଷ୍ଟି ହୋଇଯାଉଛି। ଫଳରେ ଅର୍ଥଖୋର ଡାକ୍ତରଙ୍କୁ ଲୋକେ ଶ୍ରଦ୍ଧା କରିପାରୁ ନାହାନ୍ତି।

ଏଠାରେ ପୋଲିସ ଚରିତ୍ରକୁ ମଧ୍ୟ ସମାନ ଭାବେ ଦେଖାଯାଇପାରେ। ଏକ ଶିକ୍ଷିତ ସମାଜର ମୂଳଦୁଆ ଉତ୍ତମ ଆଇନ ଶୃଙ୍ଖଳା ଉପରେ ପର୍ଯ୍ୟବସିତ ହୋଇଥାଏ। ମାତ୍ର ଏବେ ଭାରତବର୍ଷରେ ପୋଲିସର ଆଭିମୁଖ୍ୟ ସମ୍ପୂର୍ଣ୍ଣ ଜନବିରୋଧୀ ଏବଂ ସାମ୍ରାଜ୍ୟବାଦୀ ଆଦବକାଇଦା ପୋଷଣ କରୁଥିବା ଦେଖିବାକୁ ମିଳୁଛି। ଏକ ଗଣତାନ୍ତ୍ରିକ ଦେଶରେ ସରକାର ହୋଇଯାଏ ଅଧିକ ଗୁରୁତ୍ୱପୂର୍ଣ୍ଣ, ଯାହାଫଳରେ ପୋଲିସକୁ ଏକ ଅନ୍ୟାୟ ସପକ୍ଷବାଦୀ ବଳ ଭାବେ ବିବେଚନା କରାଯାଏ। ଯେତେବେଳେ ଜଣେ ପୀଡ଼ିତ ଥାନାକୁ ଯାଏ ତାହାକୁ ପୋଲିସ ପ୍ରଥମେ ସନ୍ଦେହ ଦୃଷ୍ଟିରେ ଦେଖେ। 'ତୁ ନିଜେ କିଛି କରିଥିବୁ, ଯେଉଁଥିପାଇଁ ଏଭଳି ଦଶା ଭୋଗୁଛୁ' କହିବା ହୋଇଯାଇଛି ଭାରତୀୟ ପୋଲିସର ପ୍ରାରମ୍ଭିକ ନୀତି। ସେଥିପାଇଁ ପୋଲିସକୁ ସାଧାରଣ ଲୋକ ମନଖୋଲି ସହଯୋଗ କରିବାକୁ ଆଗେଇ ଆସିପାରୁ ନାହିଁ। ସେମିତି ନୂତନ କର୍ପୋରେଟ ବ୍ୟବସ୍ଥାରେ ଥିବା ଡାକ୍ତରଙ୍କୁ ରୋଗୀ ସହଜରେ ବିଶ୍ୱାସ କରିପାରୁ ନାହିଁ। ସବୁ ଡାକ୍ତର ଯେ ପଇସାଖୋର, ତାହା କୁହାଯାଇପାରିବ ନାହିଁ। କିନ୍ତୁ ଅଧିକାଂଶ ଯେଉଁ ଚିତ୍ର ଆଙ୍କିବେ ତାହା ସମସ୍ତଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହେଲା ଭଳି ମନେହେଉଛି।

# କରୋନା ଲଢ଼େଇର ମହାନାୟକମାନେ



ଅନିଲ କୁମାର ବିଶ୍ୱାଳ

କରୋନାର ପ୍ରଭାବରେ ଏବେ ସାରା ବିଶ୍ୱ ତ୍ରସ୍ତ, ଆତଙ୍କିତ ଓ ବିଷାଦଗ୍ରସ୍ତ । ସାରା ବିଶ୍ୱରେ ଏକ କଳାବାଦଲ ଛାଇ ଯାଇଛି । ସମସ୍ତେ ଏବେ ସନ୍ଦିହାନରେ । ଏଠି ଜୀବିକା ନୁହେଁ, ବର୍ତ୍ତମାନ ଜୀବନ ବଞ୍ଚାଇବା ପାଇଁ ଲଢ଼େଇ ଚାଲିଛି । ଆଖିକୁ ଦେଖାଯାଉ ନ ଥିବା ଏକ ଭୂତାଣୁ ଗୋଟିଏ ପରେ ଗୋଟିଏ ମଣିଷକୁ ମାରିଚାଲିଛି । ତଥାପି ମଣିଷ ଡରିଯାଇନି । ଲଢ଼େଇ ଜାରି ରଖିଛି ଏହି ପ୍ରାଣଘାତକ ଭୂତାଣୁ ବିରୋଧରେ । ଏମିତି କେତେ ମହାମାରୀ ଦେଖିଛି ଏ ମଣିଷ ସମାଜ । କେବେ ଦୁର୍ଭିକ୍ଷ, କେବେ ଭୂମିକମ୍ପ, କେବେ ପ୍ଲେଗ ତ କେବେ ଦେଶ ଦେଶ ଭିତରେ ଯୁଦ୍ଧ, ଏସବୁ ଦିନେ ମଣିଷ ସମାଜକୁ ଛିନ୍ନଭିନ୍ନ କରିଥିଲା । ହେଲେ ମଣିଷ ପୁଣି ସେ ପରିସ୍ଥିତିକୁ ସାମ୍ନା କରି ଅଣ୍ଟା ସଳଖି ଠିଆ ହୋଇଛି । ଏବେ ଏହି କରୋନା ବିରୋଧରେ ଚାଲିଥିବା ଲଢ଼େଇ ବି ସେମିତି ମଣିଷ ଜିତିବ । ଏବେ ସାରା ବିଶ୍ୱର ଅଧା ଲକ୍‌ଡାଉନ୍‌ରେ ଅଛି । ଭାରତ ସମେତ ଅନେକ ଦେଶର ଲୋକମାନେ ଏବେ ୨୪ ଘଣ୍ଟା ପୂରାପୂରି ଘର ଭିତରେ । ଆଉ ଏତିକି ବେଳେ କରୋନା ବିରୋଧରେ ଚାଲିଥିବା ଏହି ମହାସଂଗ୍ରାମରେ ଦାୟିତ୍ୱ ନିଭାଉଛନ୍ତି କିଛି ମହାନାୟକ।

ସର୍ବପ୍ରଥମେ ହେଉଛନ୍ତି ଚିକିତ୍ସା କରୁଥିବା ଡାକ୍ତରମାନେ ଓ ସେମାନଙ୍କୁ ସାହାଯ୍ୟ କରୁଥିବା ସ୍ୱାସ୍ଥ୍ୟକର୍ମୀମାନେ । ଛୁଇଁଲାମାନେ ସଂକ୍ରମଣର ସମ୍ଭାବନା ଥିବା, କାଶିଲେ, ଛିଙ୍କିଲେ ସଂକ୍ରମଣର ସମ୍ଭାବନା ଥିବା ଏହି ବିପଦପୂର୍ଣ୍ଣ ସମୟରେ ବି ସେମାନେ ନିଜର ଜୀବନକୁ ପାଣିଛଡାଇ ରୋଗୀଙ୍କ ସେବାରେ ଲାଗିଛନ୍ତି । ମୁଁ ଏଠାରେ ଖାଲି ଯେ କରୋନା ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ କଥା ବା କେବଳ ସରକାରୀ ଡାକ୍ତରଖାନାରେ କାମ କରୁଥିବା ଡାକ୍ତରଙ୍କ କଥା କହୁନାହିଁ ବରଂ ସାରା ରାଜ୍ୟରେ, ସାରା ଦେଶରେ କାମ କରୁଥିବା ସମସ୍ତ ଡାକ୍ତରଙ୍କ କଥା କହୁଛି । କାରଣ ଯାହାର ଦେହ ଖରାପ ହେଲା ସେ ଆସିଲେ ଡାକ୍ତର ପାଖକୁ । ସେଥିରୁ କାହାକୁ କରୋନା ହୋଇଛି, କିଏ ସଂକ୍ରମିତ ହୋଇଛି ତାହା ଜାଣିବା ମୁସ୍କିଲ । ଡାକ୍ତରମାନେ ହିଁ ହେଉଛନ୍ତି କରୋନାକୁ ପ୍ରଥମେ ସାମ୍ନା କରିବା ଲୋକ । ସେମାନଙ୍କୁ ଯେତେ ଧନ୍ୟବାଦ ଦେଲେ ବି କମ୍ ହେବ । ହେଲେ ବଡ ଦୁଃଖର କଥା ଯାହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁସାରେ ଏବେ ବି ରାଜ୍ୟ ସରକାର ବହୁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ କରୋନା ନିରୋଧୀ କିଟ୍ ଯୋଗାଇ ନାହାନ୍ତି । ଏପରି କି ଯେଉଁ ଏନ୍‌୯୫ ମାସ୍କ ପିନ୍ଧିବା କଥା ତାହା ବି ଅନେକଙ୍କୁ ସରକାର ଦେଇପାରିଲେ ନାହିଁ । ଅଧିକାଂଶ ସ୍ୱାସ୍ଥ୍ୟ କର୍ମଚାରୀମାନେ ନିଜ ବ୍ୟବସ୍ଥାରେ ଏନ୍‌୯୫ ମାସ୍କ ଓ କରୋନାର ଆଗୁଆ ପ୍ରତିକାର ଭାବେ ଔଷଧର ବ୍ୟବସ୍ଥା କରିଛନ୍ତି । ସରକାର ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନଙ୍କୁ ଯେଉଁ ୪ ମାସର ଦରମା ଆଗୁଆ ଦେବା ପାଇଁ ଘୋଷଣା କଲେ ସେତେବେଳେ ବୁର୍ଲା ଡାକ୍ତରଖାନାର ଡାକ୍ତରମାନଙ୍କର ଏକ ଚିଠି ସେମାନଙ୍କର ମହନୀୟତାକୁ ଆହୁରି ପ୍ରଜ୍ୱଳିତ କରିଛି । ସେମାନେ କହିଛନ୍ତି ସରକାର ସେମାନଙ୍କୁ ୪ ମାସର ଦରମା ଆଗୁଆ ନ ଦେଇ ସେହି ଅର୍ଥକୁ କରୋନା ପାଇଁ ଚିକିତ୍ସାରେ, ଭୋକିଲା ରହୁଥିବା ଦିନମଜୁରିଆଙ୍କ ଖାଇବା ପିଇବାରେ ଖର୍ଚ୍ଚ କରନ୍ତୁ । ଏହା ସହିତ ରାଜ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଡାକ୍ତର, ସେବିକା, ଫାର୍ମାସିଷ୍ଟ, ଲାବରେଟୋରିର କର୍ମଚାରୀ ଏ ସମସ୍ତଙ୍କୁ କରୋନା ନିରୋଧୀ କିଟ୍ ଯୋଗାଇ ଦିଅନ୍ତୁ । ଆଶା ସରକାର ସେମାନଙ୍କର ସେହି ପ୍ରସ୍ତାବକୁ ପୂରଣ କରିଥିବେ। ଖାଲି ଡାକ୍ତର ବା ସ୍ୱାସ୍ଥ୍ୟସେବା ଯୋଗାଉଥିବା ମଣିଷମାନେ ନୁହଁ ବରଂ ସେମାନଙ୍କର ପରିବାରମାନଙ୍କୁ ମଧ୍ୟ ଧନ୍ୟବାଦ । କାରଣ ବିନା ପରିବାରର ସହଯୋଗରେ ସେ ମନୋବଳ ଆସିବ ନାହିଁ।

ଏବେ ସାରା ଦେଶରେ ଲକ୍‌ଡାଉନ୍ ସ୍ଥିତିରେ ପୋଲିସର ଭୂମିକା ବହୁଗୁଣିତ ହୋଇଯାଇଛି । ଲକ୍‌ଡାଉନ୍‌ର ଉଦ୍ଦେଶ୍ୟ ମହତ୍ ଓ ଚିକିତ୍ସା ବିଜ୍ଞାନସମ୍ମତ ଅଛି। କାରଣ ବର୍ତ୍ତମାନ ଗୋଷ୍ଠୀ ସଂକ୍ରମଣକୁ ରୋକିବା ହିଁ ସବୁଠାରୁ ବେଶି ଆବଶ୍ୟକ, ନ ହେଲେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବ । ସରକାରଙ୍କ ଏହି ଲକ୍‌ଡାଉନ୍ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଇବାରେ ସବୁଠାରୁ ପ୍ରମୁଖ ଭୂମିକା ହେଉଛି ପୋଲିସର । ଯେଉଁଭଳି ଭାବରେ କିଛି ଲୋକ ଏହି ଲକ୍‌ଡାଉନ୍ ନିଷ୍ପତ୍ତିକୁ ମାନୁନାହାନ୍ତି ସେତେବେଳେ ପୋଲିସର ଦାୟିତ୍ୱ ବଢ଼ିଯାଉଛି । ଟିଭି ଖୋଲିଲେ, ଖବରକାଗଜ ଖୋଲିଲେ ପୋଲିସର ତତ୍ପରତାର ଖବର ଆସୁଛି । କେଉଁଠି ପୋଲିସକୁ ଲକ୍‌ଡାଉନ୍ ଉଲ୍ଲଂଘନକାରୀମାନଙ୍କୁ ଉଠବସ କରାଇବାକୁ ପଡୁଛି ତ କେଉଁଠି ଲାଠିଚାର୍ଜ କରିବାକୁ । ପୋଲିସକୁ କ'ଣ ଖୁସି ଲାଗୁଛି କି ସେମାନେ ଏପରି କରୁଛନ୍ତି । ଆମେମାନେ ଯେଉଁମାନେ ସରକାରଙ୍କ ନିଷ୍ପତ୍ତିକୁ ମାନୁନେ ସେମାନେ ତାଙ୍କୁ ଏପରି କରିବା ପାଇଁ ବାଧ୍ୟ କରୁଛେ । ସେମାନେ ଯଦି ଏପରି କଠୋର ନ ହେବେ ତା'ହେଲେ କରୋନା ବ୍ୟାପିଯିବ। ଲୋକମାନଙ୍କର ଧନ ଜୀବନର ସୁରକ୍ଷା କରିବା ହେଉଛି ପୋଲିସର କାମ, ଯାହା ସେମାନେ ସୁଚାରୁ ରୂପେ କରୁଛନ୍ତି । ଏବେ ସଟ୍‌ଡାଉନ୍ ଏପଟେ ସରକାର ଘୋଷଣା କରୁକରୁ ସେପଟେ ବଜାରରେ ଭିଡ । ଆରେ ବାବୁ ୨ ଦିନ ସଟ୍‌ଡାଉନ୍ । ତାକୁ ନେଇ ଏତେ ବ୍ୟସ୍ତ ହେଇକି ବଜାରରେ ଭିଡ ଜମାଇବାର ଆବଶ୍ୟକତା କ'ଣ ଅଛି । ଯେଉଁଥିପାଇଁ ସରକାର ଲକ୍‌ଡାଉନ୍ ଘୋଷଣା କରୁଛନ୍ତି ଆମେମାନେ ତ ତା'ର ବିପରିତ କାମ କରୁଛେ । ସରକାର ସାମାଜିକ ଦୂରତ୍ୱର କଥା କହୁଛନ୍ତି ହେଲେ ଆମେମାନେ ଟିକିଏ ସୁଯୋଗ ପାଇଲା ମାନେ ବଜାରରେ ଭିଡ କରିବା ପାଇଁ ପଛାଉନେ । ଏପରି ମାନସିକତାରୁ ବାହାରିବାକୁ ପଡିବ । ପୋଲିସର ବି ଜୀବନ ଅଛି । ସେମାନେ ବିନା ବିଶ୍ରାମରେ କାମ କରୁଛନ୍ତି । ଆମ ସୁରକ୍ଷା ପାଇଁ କରୋନା ପ୍ରଭାବିତ ଅଞ୍ଚଳରେ ବାହାରେ ବୁଲୁଛନ୍ତି । ସେମାନଙ୍କର ବି ପରିବାର ଅଛି । ସେମାନଙ୍କର ବି ପିଲାଛୁଆ ଅଛନ୍ତି । ସେମାନଙ୍କର କିଛି ହୋଇଗଲେ କିଏ ତା' ବାପାମାଆଙ୍କୁ ହରାଇବା, କିଏ ପୁଅ ବା ଝିଅକୁ ହରାଇବ । ଆମକୁ ସେସବୁକୁ ବୁଝିବା ଦରକାର । ଯଦି ରାସ୍ତାରେ ଠିଆ ହୋଇ ନିଜ ଜୀବନକୁ ପ୍ରତି ମୁହୂର୍ତ୍ତରେ ବିପଦ ପକାଉଥିବା ସେ ପୋଲିସ, କରୋନା ରୋଗୀଙ୍କ ଚିକିତ୍ସା କଲାବେଳେ ପ୍ରତି ମୁହୂର୍ତ୍ତରେ ନିଜ ମନ ଭିତରେ ଭୟ ପାଉଥିବା ସେ ଡାକ୍ତର ବା କରୋନା ବିଷୟରେ ଘଣ୍ଟାକୁ ଘଣ୍ଟାକୁ ଖବର ଦେଉଥିବା ସାମ୍ବାଦିକମାନଙ୍କ କଥା ମନେପଡନ୍ତା ତା'ହେଲେ ହୁଏତ ଲୋକମାନେ ଏପରି ଭିଡ କରନ୍ତେ ନାହିଁ ।

କରୋନା ବିଷୟରେ ଅହରହ ଖବର ଯୋଗାଉଥିବା ଗଣମାଧ୍ୟମର ରିପୋର୍ଟରଙ୍କଠାରୁ ଆରମ୍ଭ କରି ଡେସ୍କରେ କାମ କରୁଥିବା ସମସ୍ତେ ଆଜିର ସମୟରେ ଏହି ଲଢ଼େଇରେ ସେନାପତି କହିଲେ ଅତ୍ୟୁକ୍ତି ହେବନାହିଁ । ସୂଚନା ଦେବାରେ ଓ ସୂଚାନ ପାଇବାରେ ଯଦି ଅସୁବିଧା ହେବ ତା'ହେଲେ ମହାବିଭ୍ରାଟ ହୋଇଯିବ। ତାକୁ ଗଣମାଧ୍ୟମ ଦୂର କରିଛି। କେତେବେଳେ କରୋନା ବିଷୟରେ ସଚେତନତା କରିଛି ତ କେତେବେଳେ ଲକ୍‌ଡାଉନ୍‌ରେ ଭୋକିଲା ପେଟର ଦୁଃଖ ସରକାରଙ୍କ ପାଖରେ ପହଞ୍ଚାଇଛି । ସରକାରଙ୍କର ସମସ୍ତ ବାର୍ତ୍ତାକୁ ଲୋକଙ୍କ ପାଖରେ ଏକ ସକାରାତ୍ମକ ଢଙ୍ଗରେ ଯେଉଁଭଳି ଭାବେ ଗଣମାଧ୍ୟମ ଦେଖାଇଛି ଓ ଲୋକଙ୍କୁ କରୋନାକୁ ଡରିବା ପାଇଁ ନୁହେଁ ବରଂ କରୋନା ବିରୋଧରେ ଲଢ଼ିବା ପାଇଁ ସାହସ ଦେଇଛି, ସେଥିପାଇଁ ଗଣମାଧ୍ୟମକୁ ବହୁତ ଶୁଭେଚ୍ଛା।

କରୋନା ମହାମାରୀ ଆଜି ବିଶ୍ୱର ସବୁଦେଶକୁ ଆତଙ୍କିତ ଅବସ୍ଥାକୁ ନେଇଯାଇଛି । ଧନୀ, ଗରିବ, ବୃଦ୍ଧା, ଯୁବକ ସମସ୍ତେ ଏବେ ଗୋଟିଏ ଅନିଶ୍ଚିତତା ଆଉ ଭୟର ବାତାବରଣରେ । ପୂରା ବିଶ୍ୱ ଉଭୟ ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ । ମହାମାରୀକୁ ରୋକିବା ପାଇଁ ସବୁଠାରୁ ପ୍ରକୃଷ୍ଟ ମାଧ୍ୟମ ହେଉଛି ସାମାଜିକ ଦୂରତ୍ୱ ରଖିବା। ଏହି ଭୂତାଣୁ ହାତରୁ, ଛିଙ୍କରୁ, ଅନ୍ୟର ଶରୀରକୁ ଯାଇପାରେ । ଯିଏ ସଂକ୍ରମିତ ହୋଇଛି ତାକୁ ଯଥାସମ୍ଭବ ଅନ୍ୟମାନଙ୍କଠାରୁ ଦୂରେଇ ରଖିବା ହେଉଛି ସବୁଠାରୁ ଭଲ ପ୍ରତିଷେଧକ ବ୍ୟବସ୍ଥା। ଏହାଦ୍ୱାରା ମହାମାରୀ ବ୍ୟାପିବାର ଶୃଙ୍ଖଳା ଭାଙ୍ଗି ଥାଏ ଓ ଏହି ମହାମାରୀ ଭୂତାଣୁ ଅନ୍ୟକୁ ଆକ୍ରାନ୍ତ କରିବାରୁ ରୋକି ହୋଇଥାଏ । ସୋସିଆଲ ଡିଷ୍ଟାନ୍‌ସିଙ୍ଗ ହେଉଛି ମହାମାରୀ ବିସ୍ତାରକୁ ରୋକିବାର ଏକ ସଫଳ ଉପାୟ । ଯଦି ଦେଶର ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ପରିବାର ଦେଶର ସରକାରଙ୍କ ସହିତ ଠିଆ ହୁଅନ୍ତି ତା'ହେଲେ ଏହି ମହାମାରୀକୁ ଆମେ ରୋକିପାରିବା। ବର୍ତ୍ତମାନ ପରିସ୍ଥିତିରେ ସାମାଜିକ ଦୂରତ୍ୱକୁ ପାଳନ କରିବା ହେଉଛି ସବୁଠାରୁ ଆବଶ୍ୟକୀୟ କାମ । ଜଳବାୟୁ ପରିବର୍ତ୍ତନ, ଭୂମିକମ୍ପ, ବାତ୍ୟା ଆଦି କିଛି ଅଞ୍ଚଳକୁ କିଛି ସମୟ ପାଇଁ ଅସ୍ତବ୍ୟସ୍ତ କରିଦେଇଥାଏ। କିନ୍ତୁ କରୋନା ସମଗ୍ର ବିଶ୍ୱ ପାଇଁ କାଳ ସାଜିଛି । ଜନମାନସକୁ ପୂରା ବିପତ୍ତିରେ ପକାଇଛି । ଏଭଳି ପରିସ୍ଥିତିରେ କେବଳ ସଚେତନତା ହିଁ ମାନବ ସମାଜକୁ ରକ୍ଷା କରିପାରିବ । ଆମେ କିଭଳି ଏହାର ମୁକାବିଲା କରିପାରିବା ସେଥିନେଇ ସମସ୍ତେ ଯତ୍ନବାନ ଓ ପ୍ରୟାସ କରିବା ଉଚିତ । ସାରା ମାନବ ସମାଜ ଏବେ ସବୁଠାରୁ କଷ୍ଟକର ସମୟ ଦେଇ ଗତିକରୁଛି । ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧଠାରୁ ବି ଏହି ସମୟ ବେଶି କଠିନ।

ହରିରାଜପୁର, ପୁରୀ
ମୋ: ୮୨୪୯୮୬୮୯୬୧

# ଯଥାର୍ଥ ଶିକ୍ଷିତ



ଦ୍ୱିତୀ ଚନ୍ଦ୍ର ସାହୁ

ଗାଁର ପ୍ରବେଶ ପଥରେ ବନ୍ଧା ହୋଇଛି ବାଉଁଶ ଠିକ୍ ଜଙ୍ଗଲ ବିଭାଗର ଅସ୍ଥାୟୀ ଫାଟକ ଭଳି । କାଳେ କିଏ ଭିତରକୁ ବାଟ କାଟି ପଶିଯିବେ ବୋଲି ଦୁଇ ପାଖରେ ଥୁଆ ହୋଇଛି ପଥର । ନାଲି ଅଳତାରେ ଗୋଟିଏ ବିସ୍କୁଟ ପେଟିର ଖଣ୍ଡେ ମଳାଟ ଫଳକରେ ଲେଖା ଅଛି ଭିତରକୁ ପ୍ରବେଶ ମନା । ଗାଁଠାରୁ ସାମାନ୍ୟ ଦୂରତାରେ ଏଭଳି ଫାଟକ ସମସ୍ତଙ୍କ ପରି ମୋତେ ବି ଅଟକାଇ ଦେଲା । ଛୁଟିରେ ସହରଠାରୁ ଦୂର ଗୋଟେ ଆଦିବାସୀ ଗାଁରେ ଏଇ ଚିତ୍ର ଚକିତ କଲା । ପ୍ରତିବର୍ଷ ଡାଲି ପାଇଁ ଏକକାଳୀନ କାନ୍ଦୁଲ କିଣି ଆସୁଥିବାର ଅଭ୍ୟାସ ମୋତେ ସେହି ଗାଁକୁ ଟାଣି ଆଣିଥିଲା । ପ୍ରତିଶ୍ରୁତି ପରେ ବି କାଳେ କୌଣସି ବେପାରୀ କିଣି ନେଇଯିବାର ଲୋଭ ଲକ୍‌ଡାଉନ୍‌ରେ ବି ପଦାକୁ ଗୋଡ ବାହାର କରିବାର ଦୁଃସାହସ କରିବାକୁ ପଡିଥିଲା । ପୂର୍ବ ପରିଚିତି ହେତୁ ସେଇ ଗାଁ ସହ ଭାବଗତ ସମ୍ପର୍କ ଭଲ । କାନ୍ଦୁଲ ପାଇଁ ବରାଦ କରିଥିବା ସେଇ ଗାଁର ଗୋଟେ ପରିବାର ଦୀର୍ଘ ବର୍ଷ ଧରି ବର୍ଷତମାମ ଲାଗି ଆବଶ୍ୟକ କାନ୍ଦୁଲ ଯୋଗାଇ ଆସୁଛି । ଅଥଚ ଲୋଭ ଓ ମୋହରେ ମାୟା ହୋଇ ମଣିଷ ବାୟା ହେବାକୁ ପଡୁଛି । କିନ୍ତୁ ଗାଁରେ ଫାଟକ ଓ ଫାଟକରେ ଲେଖାଥିବା ସୂଚନା ଅବଶ୍ୟ ଚୈତନ୍ୟ ଉଦୟ ଲାଗି ଯଥେଷ୍ଟ ହୋଇପଡିଥିଲା । ତଥାପି କିଛି ଗାଁର ଲୋକ ଫାଟକ ସେପଟୁ ଗାଡିର ଶବ୍ଦ ଶୁଣି ଚାଲି ଆସିଲେ । ବାଇକ ରଖି ଠିଆ ହୋଇଥିବା ପରିଚିତ ମଣିଷକୁ ଦେଖି ଗାଁ ଲୋକର ଅନୁରୋଧ 'ଆଜ୍ଞା! ଗାଁ ଭିତରକୁ ଆସନ୍ତୁ ନାହିଁ । କାହାକୁ ବି ଗାଁ ଭିତରକୁ ପୂରେଇ ଦେଉନୁ । ଗାଁରୁ ବି କାହାକୁ ଯିବାକୁ ଦେଉନୁ।' ସେଥି ଭିତରୁ ଜଣେ କହିଲା ''ଆଜ୍ଞା! କିମିତି ପଦାକୁ ବାହାରି କି ଇଠିକି ଆସିଲ ! ତୁମେ ଜାଣିନ କି ଆଜ୍ଞା ଘରୁ ପଦାକୁ ବାହାରିବାର ନାହିଁ ବୋଲି । ଟିଭି ରେଡିଓରେ ଏତେ କଥା ସରକାର କହୁଛନ୍ତି । ହେଲେ ତୁମେ କିମିତି ଆଇଲ ଆଜ୍ଞା !'' ଏମିତି କଥାରେ ହତବତେଇ ଯାଇ ତା'ର ପ୍ରତ୍ୟୁତ୍ତର କ'ଣ ଦେବି ଚିନ୍ତା କଲାବେଳକୁ ଆଉ ଜଣେ କହିଲା 'ଆଜ୍ଞା ! ଖରାପ ଭାବିବେନି। ଗାଁ ଭିତରକୁ ଆସିବେନି। ଆନ୍ଧ୍ରକୁ କାମକୁ ଯାଇଥିବା ଆମ ଗାଁର ପିଲାମାନଙ୍କୁ ବି ଆମେ ଗାଁରେ ପୂରେଇ ଦେଉନୁ। ସେମାନେ ସ୍କୁଲ ଘରେ ରହୁଛନ୍ତି। ଏଇ କରୋନା ଗାଦିକା ତୁଟିଲେ ଆସିବେ !' ସିଧା ସିଧା ଫେରିଯିବାର ବାଟ ଦେଖେଇଦେଲା ଯେମିତି । କାନ୍ଦୁଲ ପାଇଁ ଆସିଥିବାର ଉଦ୍ଦେଶ୍ୟ କହି ଅଧିକ ଅପମାନିତ ହେବାକୁ ଇଚ୍ଛା ହେଲାନି ।

ନିପଟ ଆଦିବାସୀ ଗାଁରେ କରୋନାକୁ ନେଇ ଏତେ ସର୍ତ୍ତକତା ଅବଲମ୍ବନ ଯଦିଓ ଜୀବନତମାମ ସେମାନେ ସଂଗରୋଧରେ ରହି ଆସୁଛନ୍ତି । ବାହାର ଦୁନିଆ ସହିତ ମିଶିବା ସେମାନଙ୍କ ଅଭ୍ୟାସ ନୁହଁ । ବେଳ ବାହାରିବାର ଢେର ପୂର୍ବରୁ ନିଜର ଘର ଛାଡୁଥିବା ଆଦିବାସୀ ଦିନ ତମାମ ଡଙ୍ଗର, କୁପୁଲି ଭିତରେ ଖଟିଲାବେଳେ ସମୟ ସରିଯାଏ । ତାକୁ ଆହୁରି ସମୟ ନିଅଣ୍ଟ ପଡେ । ନିଜର ନିତ୍ୟକର୍ମ ସାରି ଗାଁକୁ ଫେରିଲା ବେଳକୁ ମୁହଁ ସଞ୍ଜ ହୋଇଯାଏ । ରାତି ପାଇଁ ହଜିଯାଏ । ରାତିରେ ମଜିଯାଏ ନିଜ ନିଜ ଭିତରେ । ଦିନତମାମର ଖଟଣି ଓ ନାଚଗୀତର ଆସର ଭିତରେ ନିଦ କେତେବେଳେ ମାଡି ଆସେ ଜାଣିପାରେନା । ଦିନତମାମ ଗାଁରେ ଖାଲି ବୁଢ଼ୀବୁଢ଼ା ଓ ଛୋଟ ଛୁଆ । ବାହାର ଦୁନିଆକୁ ଯିବାର ଆବଶ୍ୟକତା ବି ବିଶେଷ ଲୋଡେନି କେବେ । ବାଡି ବଗିଚାରେ ଢେର ପରିବା । ମାଣ୍ଡିଆ ଜାଉ । ଶାଗ ପଖାଳ ଲୁଣ ଲଙ୍କା ଭିତରେ ସୁଖୀ ମଣିଷ ଭାବେ ବର୍ଷ ବର୍ଷ ଧରି ବଞ୍ଚି ଆସିଛି । ସାପ୍ତାହିକ ହାଟରୁ ଥରେ କିଣାକିଣି କରିଦେଲେ ତେଣିକି ତେଲଲୁଣର ଦୁନିଆ ପାଇଁ ଚନ୍ତା ନାହିଁ ଆଉ କିଛି । ସଭ୍ୟ ସମାଜ ଭଳି ନିତି ନୂଆ ନୂଆ ପୋଷାକ ବି ଖୋଜେନି । ଜାନିଯାତରେ ନୂଆ ବସ୍ତ୍ରଟି ହୋଇଗଲେ ଯଥେଷ୍ଟ । ସଂଗରୋଧରେ ରହି ଆସିଛି ସେ ବର୍ଷ ବର୍ଷ ଧରି । ପ୍ରକୃତି ସହିତ ବଞ୍ଚିଛି । ପ୍ରକୃତିର କାରକମାନଙ୍କ ସହ ଯୁଝିଛି । ଟାଇଁ ଟାଇଁ ଖରା, ଢୁ ଢୁ ବର୍ଷା ଆଉ ହାଡ ଭଙ୍ଗା ଶୀତକୁ ତା'ର ଖାତିର ନାହିଁ । ରୋଗ ବଇରାଗରେ ସଂଘର୍ଷ କରିଛି । ଆୟୁର୍ବେଦ ଉପରେ ଢେର ଭରସା କରି ଜିଇଛି । ସାଧାରଣ ମଣିଷଠାରୁ ନିଜ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବେଶି ବୋଲି ପ୍ରମାଣିତ କରିଛି । ସହରୀ ସଭ୍ୟତାଠାରୁ ଦୂରରେ ଏବଂ ସର୍ବ ନିମ୍ନ ଆବଶ୍ୟକତା ଭିତରେ ବି ମଣିଷ ସୁଖରେ ବଞ୍ଚି ହେବ ଏକଥାକୁ ଯୁଗେ ଯୁଗେ ପ୍ରମାଣିତ କରି ଆସିଛନ୍ତି ସେମାନେ । ଆମର ଆଶା ଅଧିକ । ଲୋଭ ବହୁତ । ଇଚ୍ଛା ଅପାର । ତାକୁ ମେଣ୍ଟାଇବାର ଭୋକରେ ଆମେ ପ୍ରବଳ ଆଗ୍ରହୀ । ସୁତରାଂ ଆମେ ଏକାନ୍ତରେ ନିଜକୁ ନିଜେ ଚିହ୍ନିବାର ଅବକାଶ ଦେଇପାରୁନୁ । ନିଜ ଲୋକଙ୍କ ସୁଖ ଭିତରେ ବାଣ୍ଟି ହେବାର ସ୍ୱପ୍ନ ଦେଖିନୁ । ନିତି ଆଦିବାସୀ ନିଜକୁ ନିଜେ ଭେଟେ ସବୁବେଳେ ପ୍ରକୃତିର କୋଳରେ । ନିଜ ଶକ୍ତି ସାମର୍ଥ୍ୟକୁ ଆକଳନ କରିପାରେ ସହଜରେ । ସୁଖ ଓ ଦୁଃଖକୁ ବାଣ୍ଟେ ନିଜ ଗୋଷ୍ଠୀ ଭିତରେ । ଏତେସବୁ ବିବିଧତା ଭିତରେ ବି କରୋନାର ମୁକାବିଲା ଲାଗି ସେମାନେ ଗ୍ରହଣ କରିଛନ୍ତି ଯଥାର୍ଥ ପଦକ୍ଷେପ । କରୋନା ବିରୋଧରେ ଲଢ଼ିବା ଲାଗି ଗାଁ ସାମ୍ନାରେ ଫାଟକ ଲଗେଇ ଦେଶର ସଚ୍ଚା ସିପାହିର ଭୂମିକା ନିର୍ବାହ କରିଛନ୍ତି । ବେଶି ସମୟ ରହି ନିଜକୁ ଅପମାନିତ କରାଇବା ଅପେକ୍ଷା ଘର ଭିତରେ ଶାନ୍ତି ଓ ସୁଖରେ ରହିବା ଯଥାର୍ଥ ବୋଲି ମନେକରି ବାଇକକୁ ପଛ ମୁହାଁ କଲି । ଏତିକିବେଳେ ତଥାକଥିତ ଆଦିବାସୀ ମୁରବି କହିଲେ – 'ଆଜ୍ଞା ! ତୁଇ କାନ୍ଦୁଲ ପାଇଁ ମୋ ପାଖକୁ ତନ୍ଦରା ହୋଇ ଆସିଥିଲୁ ଜାଣିଲି । ହେଲେ ତୁଇ ଡରୁନା । କରୋନା ଡର ତୁଟିଗଲେ ମୁଇ କାନ୍ଦୁଲ ନେଇ ତୋ ଘରେ ଖେଟେଇ ଦେଇ ଆଇବି ।' ଯେଉଁ କଥାକୁ ଲୁଚାଇ ବଞ୍ଚିଥିବା ସମ୍ମାନକୁ ଧରି ଫେରିବି ବୋଲି ଭାବୁଥିଲି, ସେତକ ବି ଶେଷରେ ପର୍ଦାଫାଶ ହୋଇସାରିଥିବାରୁ ଅଗତ୍ୟା ସେଠାରେ ନ ରହି ବାଇକ ଷ୍ଟାର୍ଟ କରି ଫେରିଲି ବାଟେ ବାଟେ । କିନ୍ତୁ ସମସ୍ତ ବାରଣ ସତ୍ତ୍ୱେ ବିଭିନ୍ନ ଆଳରେ ପଦାକୁ ବାହାରି ବିପଦକୁ ଆମନ୍ତ୍ରଣ କରୁଥିବା ଶିକ୍ଷିତମାନଙ୍କଠାରୁ ନିପଟ ଆଦିବାସୀ ମଣିଷ ଯଥାର୍ଥରେ ଶିକ୍ଷିତ ବୋଲି ଏଇ ମରମ କଥାକୁ ବୁଝିବାକୁ ଅସୁବିଧା ନ ଥିଲା କିଛି।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା,
ମୋ– ୯୫୫୬୨୮୭୭୭୫

## ଏଇ ଭାରତରେ

ଚାକିରି ଛାଡି ଚାଷ କରି କେରଳର ଓ୍ୱିଲିୟମ ମାଥ୍ୟୁସ ଯୁବପିଢ଼ିଙ୍କୁ ନୂଆ ବାଟ ଦେଖାଇଛନ୍ତି। ୮ ଏକର ଜମିରେ ୫୫୦ ଫଳ ଗଛ ଲଗାଇଛନ୍ତି। ଏମ୍‌ସିଏ ଗ୍ରାଜୁଏଟ୍ ମାଥ୍ୟୁ ରହନ୍ତି କୋଝିକୋଡ୍ ଜିଲାର କାବାତୁମାଲା ଗାଁରେ। ଶିକ୍ଷା ଶେଷ କରିବା ପରେ ସେ ଦୁବାଇରେ ଚାକିରି କରିଥିଲେ। ୨୦୧୦ରେ ଚାକିରି ଛାଡି ଘରକୁ ଫେରି ଫଳଚାଷ ଆରମ୍ଭ କରିଥିଲେ। ୧୦ ବର୍ଷ ମଧ୍ୟରେ ସେ ଏହି ଚାଷରେ ସଫଳତା ପାଇଛନ୍ତି। ତାଙ୍କ ଫାର୍ମରେ ଉତ୍ପାଦିତ ଫଳର ଚାହିଦା କେରଳ ସମେତ ଦେଶର ଅନ୍ୟ ରାଜ୍ୟରେ ବେଶ୍ ଭଲ ରହିଛି। ଫାର୍ମରେ ୩୦ ପ୍ରକାରର ଲେମ୍ବୁ, ୧୯ ପ୍ରକାର ଖଜୁରି କୋଳି, ୭ ପ୍ରକାର ପିଜୁଳି ଓ ୮ ପ୍ରକାର ବିଦେଶୀ ଫଳଚାଷ କରୁଛନ୍ତି। ୨୦୧୦ରେ ସେ ପ୍ରତ୍ୟେକ ଚାରା ୫୦୦ ଟଙ୍କାରେ କିଣିଥିଲେ, ଏବେ ଏହାର ମୂଲ୍ୟ ୧ ହଜାରରୁ ୨ ହଜାର ଟଙ୍କା ହେବ ବୋଲି କହନ୍ତି ୪୨ ବର୍ଷୀୟ ମାଥ୍ୟୁ। ଫଳଚାଷ ସହ ସେ ଦୁଇଟି ପୋଖରୀରେ ମାଛ ଚାଷ କରୁଛନ୍ତି। ମହୁଚାଷ କରିବା ସହ ଅନ୍ୟମାନଙ୍କୁ ଏହି ଚାଷ ସମ୍ପର୍କରେ ଶିକ୍ଷା ମଧ୍ୟ ଦେଉଛନ୍ତି। ଫାର୍ମରେ ସେ ୧୦୦ଟି ମହୁବାକ୍ସ ରଖିଛନ୍ତି ଓ ବିଭିନ୍ନ ଔଷଧୀୟ ବୃକ୍ଷ ମଧ୍ୟ ଲଗାଇଛନ୍ତି । ସେ ମଧ୍ୟ ତାଙ୍କ ଅଞ୍ଚଳର ପିଲାମାନଙ୍କୁ ଆଇଟି କ୍ଷେତ୍ରରେ ଦକ୍ଷ କରିବା ପାଇଁ ଏକ ଅନୁଷ୍ଠାନ ଗଢି ଶିକ୍ଷା ଦେଉଛନ୍ତି।

## ଚିରନ୍ତନୀ

ଶତ ଯୁଦ୍ଧେ ଜୟୀ ଯେହୁ
ବୃଷ୍ଟି ବିନ୍ଦୁସମ
ଗଡ଼ାଇଛି ନରମୁଣ୍ଡ
ଗଣି ନାହିଁ ଭୟ ଅବା ଶ୍ରମ।
ଲୌହର କପାଟ ସମ ଅଭେଦ୍ୟ ଅଟଳ
ହୃଦୟ ବଳ, ଏହି ଦୃଷ୍ଟି ତଳେ ସବୁ
ପଡ଼ିଛି ତରଳି ତୁଟିଅଛି ଲୁହାର ଶିକୁଳି!

(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୨୨ ଏପ୍ରିଲ ୧୯୯୫**

- ଚାଇନାର ଦାକ୍ଷିଣାତ୍ୟ ପ୍ରଦେଶ ଗୁଆଙ୍ଗ ଡେଙ୍ଗରେ ପ୍ରବଳ ଘୂର୍ଣ୍ଣିବାତ୍ୟାରେ ୩୭ଜଣ ବ୍ୟକ୍ତିଙ୍କ ପ୍ରାଣହାନି।
- ଜାତିସଂଘର ଶରଣାର୍ଥୀ ହାଇକମିଶନର ଜାପାନର ସାଡାକୋ ଓମାତାଙ୍କୁ ୧୯୯୫ ବର୍ଷର ସ୍ୱାତନ୍ତ୍ର୍ୟ ପୁରସ୍କାର ଦିଆଯିବା ପାଇଁ ମନୋନୀତ କରାଯାଇଛି।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | 8 | 4 | | | | | | | | B | 9 | E |
| | B | | 5 | | | | 2 | D | | | 4 | 8 | 6 | |
| C | | | | | 2 | E | | 6 | | | | | 0 | 5 |
| | | | | 0 | E | | | | 3 | 2 | | | | 4 |
| | 7 | | B | | D | 1 | | | | | | C | | |
| | 2 | | | | | A | | | | | | E | | 0 |
| E | | | 7 | 8 | 1 | | | | | 6 | | | 5 | |
| | | | | 2 | 0 | 4 | | | | 7 | C | | D | |
| 6 | C | | | | | | | | | 8 | 1 | 4 | | |
| A | 9 | 5 | | | B | | 8 | | | | 2 | 7 | | 1 |
| 9 | 5 | | 2 | | 8 | | | | | 1 | 7 | | E | D |
| | | | | | | | D | | | | | | | 9 |
| 7 | | | | E | | | | 9 | | | B | 1 | 4 | |
| B | 8 | | | | | | | | | | A | | | |
| 1 | D | 0 | 9 | C | | 3 | | E | 6 | | | | | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 9 | 6 | D | E | 7 | C | 2 | 4 | A | 8 | B | 3 | 0 | 5 |
| A | 4 | 8 | 9 | 3 | 0 | 6 | E | 1 | 2 | 5 | D | B | 7 | C |
| C | 2 | D | B | A | 1 | 5 | 3 | 8 | 0 | 6 | 7 | 9 | 4 | E |
| E | 7 | B | 2 | 8 | 5 | 0 | 9 | A | C | 4 | 3 | D | 6 | 1 |
| 3 | 5 | 0 | C | 4 | 6 | D | B | 7 | 9 | 1 | E | 2 | A | 8 |
| 0 | 6 | E | A | 1 | 8 | B | D | 9 | 4 | C | 5 | 7 | 3 | 2 |
| 4 | A | 2 | 3 | D | E | 7 | 6 | 0 | 1 | 9 | 8 | 5 | C | B |
| 7 | C | 1 | 6 | B | 9 | 8 | 4 | 5 | 3 | E | 2 | A | D | 0 |
| 8 | D | 9 | 0 | 5 | 2 | 3 | A | C | 7 | B | 6 | 1 | E | 4 |
| B | 3 | 5 | 7 | C | 4 | E | 1 | 2 | D | A | 0 | 8 | 9 | 6 |
| 9 | 8 | 3 | 4 | 2 | B | A | C | D | 6 | 0 | 1 | E | 5 | 7 |
| 5 | E | C | 1 | 7 | D | 9 | 0 | 6 | B | 2 | A | 4 | 8 | 3 |
| 6 | 0 | A | E | 9 | 3 | 1 | 5 | B | 8 | 7 | 4 | C | 2 | D |
| 2 | B | 7 | 5 | 6 | C | 4 | 8 | 3 | E | D | 9 | 0 | 1 | A |
| D | 1 | 4 | 8 | 0 | A | 2 | 7 | E | 5 | 3 | C | 6 | B | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମଲା କୁକୁଡ଼ା ବେପାର

ମହାଶୟ,

ଏବେ ତ କରୋନା ଭାଇରସ ସଂକ୍ରମିତ ହୋଇ ବ୍ୟାପିବା ଫଳରେ ସମଗ୍ର ପୃଥିବୀରେ ହଇଚଇ ସୃଷ୍ଟି ହୋଇଛି। ଚାଇନା, ଇଟାଲୀ ଓ ଇରାନ ଆଦି ଦେଶରେ ମୋଟରେ ସହସ୍ରାଧିକ ମୃତ୍ୟୁ ହେବାର ଖବର ପ୍ରକାଶ ପାଇଛି। ସେହିପରି ସ୍ୱାଇନ ଫ୍ଲୁ ଓ ବାର୍ଡ ଫ୍ଲୁରେ ଆକ୍ରାନ୍ତ ହେବା ଅବଶ୍ୟ ଖବର ନାହିଁ। ଏବେ ସବୁଠି କୁକୁଡା ମାଂସ ମିଳୁଛି। ତେବେ ଏହି ବ୍ରଏଲର ଯେଉଁ ପରିବେଶରେ ଲାଳିତପାଳିତ ହୋଇ ଖାଦ୍ୟ ରୂପେ ଟେବୁଲ ଉପରକୁ ଆସୁଛି ଜାଣିବା ଦରକାର। ଏସ୍କେରଚିଆ କୋଲି ଦ୍ୱାରା ସଂକ୍ରମିତ କୁକୁଡା ଆର୍ଥ୍ରାଇଟିସ ଓ ଅଷ୍ଟିଓମାଇଲିଟିସର କାରଣ ହୋଇଥିବା ଯୋଗୁ ଏହାକୁ ଖାଇଲେ ପତଳା ଝାଡା, ପେଟ ଯନ୍ତ୍ରଣା, ଜ୍ୱର ଓ ବାନ୍ତିର ସମ୍ଭାବନା ଥାଏ। ଏପରି ରୋଗରେ ଆକ୍ରାନ୍ତ ହୋଇ ଯେତେବେଳେ କୁକୁଡା ମରିଯାଏ, ବ୍ୟବସାୟ ଦୃଷ୍ଟିରୁ ଫୋପଡା ନ ଯାଇ ପୁଣି ଖାଦ୍ୟରେ ତେଲ ମସଲା ଦେଇ ସାମିଲ କରାଯିବା ବେଳେ ବେଳେ ନଜରକୁ ଆସେ। କୁକୁଡା ମାଂସ ବ୍ୟବହାର ଯୋଗୁ କୌଣସି ସଂକ୍ରମଣର ଆଶଙ୍କା ନ ଥିବା କେତେକ ବିଶିଷ୍ଟ ବ୍ୟକ୍ତି ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ତେବେ ବି ସ୍ୱାସ୍ଥ୍ୟ ସୁରକ୍ଷା ଲକ୍ଷ୍ୟରେ ନିଜ ଜୀବନକୁ ବିପଦମୁକ୍ତ ରଖିବାକୁ ଆଗ୍ରହୀ ହେବା ସ୍ୱାଭାବିକ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ମାଗଣା ବିଦ୍ୟୁତ୍ ବଲ୍‌ବ ଯୋଗାଣରେ ଦୁର୍ନୀତିର ଛିଟା

ସୌଭାଗ୍ୟ ଯୋଜନାରେ ମାଗଣାରେ ବିଦ୍ୟୁତ୍ ବଲ୍‌ବ ଯୋଗାଇ ଦିଆଯାଇଥିଲା। ହେଲେ ରାଜ୍ୟର ଅଧିକାଂଶ ଗ୍ରାମ ପରି ଯାଜପୁର ଜିଲାର ଧର୍ମଶାଳା ବ୍ଲକ ଜେନାପୁର ଗ୍ରାମପଞ୍ଚାୟତ ଅଧୀନ ୨ ଓ ୩ ନମ୍ବର ଓ୍ୱାର୍ଡରେ ଅଦ୍ୟାବଧି ରାଶନକାର୍ଡଧାରୀଙ୍କୁ ବିଦ୍ୟୁତ ବଲ୍‌ବ ଯୋଗାଇ ଦିଆଯାଇନାହିଁ। ବିଦ୍ୟୁତ୍ ବିଭାଗର ପାତରଅନ୍ତର ନୀତି ଓ ଦୁର୍ନୀତିଖୋର ମନୋଭାବ ଯୋଗୁ କେବଳ ଗରିବ ଲୋକମାନେ ହିଁ ଏ କ୍ଷେତ୍ରରେ ବଳି ପଡୁଛନ୍ତି। ସରକାର ପ୍ରତିବର୍ଷ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ବିବିଧ ସମସ୍ୟା ପ୍ରତି ଦୃଷ୍ଟି ଦେଇ ଅନେକ ଆକର୍ଷଣୀୟ ଯୋଜନା ପ୍ରଣୟନ କରି ଆସୁଥିଲେ ହେଁ ସେଗୁଡିକର ଉପଯୁକ୍ତ ତଦାରଖର ଅଭାବ ଓ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ତାହା ଶତପ୍ରତିଶତ ସଫଳ ହେବା ଅସମ୍ଭବ ହୋଇପଡୁଛି। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଲେ ଧ୍ୟାନ ଦେବା ତ ଦୂରର କଥା, ଆଦୌ କର୍ଣ୍ଣପାତ କରୁନାହାନ୍ତି। ତେଣୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ରାଶନକାର୍ଡଧାରୀଙ୍କୁ ମାଗଣାରେ ବିଦ୍ୟୁତ୍ ବଲ୍‌ବ ଖୁବଶୀଘ୍ର ଯୋଗାଇଦେବା ସହ ସଂପୃକ୍ତ କର୍ମଚାରୀମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସରକାରଙ୍କ ନିକଟରେ ଦୃଢ ଦାବି।

ମାନସ ମହାନ୍ତି ଓ ସୁଶାନ୍ତ କୁମାର ଖଟୁଆ
ଉତ୍କଳମଣି ସେବା ସଂଗଠନ, ଜେନାପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ହିମାଚଳପ୍ରଦେଶର ସିମଲା ଅନ୍ତର୍ଗତ ସଞ୍ଜୋଲିରେ ଜଣେ ଚୋର ରାତିରେ ଚୋରିକରିବା ଉଦ୍ଦେଶ୍ୟରେ ଜଣେ ପରିଚିତଙ୍କ ଘରକୁ ଯାଇଥିଲେ। ସମ୍ପୃକ୍ତ ଘର ମାଲିକ ଜଣକ ଲକ୍‌ଡାଉନ୍ ହୋଇଥିବାରୁ ପରିବାର ସହିତ ଗାଁକୁ ଚାଲି ଯାଇଥିଲେ। ଚୋରଟି ପ୍ରବଳ ନିଶାରେ ଥିବାରୁ ଚୋରିକରି ବାହାରି ଆସିବା ପରିବର୍ତ୍ତେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ଶୋଇ ପଡ଼ିଥିଲା। ପଡୋଶୀମାନେ ପୋଲିସକୁ ଖବର ଦେଇ ଚୋରକୁ ଥାନାକୁ ପଠାଇ ଦେଇଥିଲେ।



# ଉର୍ବଶୀ ମନେପକାଇଲେ ପୁରୁଣା ସ୍ମୃତି




**ନୂଆଦିଲ୍ଲୀ:** ନିଜର ସୁନ୍ଦରତାକୁ ନେଇ ବହୁ ଦର୍ଶକଙ୍କ ହୃଦୟରେ ରାଜ୍ କରୁଥିବା ଅଭିନେତ୍ରୀ ଉର୍ବଶୀ ରୌତେଲା ନିଜର ବୋଲ୍ଡ ଅନ୍ଦାଜ୍‌କୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଆସିଛନ୍ତି। ଏହି ଲକ୍‌ଡାଉନ୍‌ରେ ମଧ୍ୟ ସେ ତାଙ୍କ ଫ୍ୟାନ୍‌ମାନଙ୍କ ମନକୁ ଜମା ନିରାଶ କରିନାହାନ୍ତି। କିଛିଦିନ ହେଲା ଉର୍ବଶୀ ନିଜର ଅନେକ ସୁନ୍ଦର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ନିକଟରେ ଆଉ ଥରେ ସେ ତାଙ୍କର କିଛି ଥ୍ରୋ ବ୍ୟାକ୍ ଫଟୋ ପୋଷ୍ଟ କରିଛନ୍ତି। ଏହି ଫଟୋଗୁଡ଼ିକ ଏବେ ଭାଇରାଲ ହେବାରେ ଲାଗିଛି। ଉର୍ବଶୀ ୨୦୧୫ ମସିହାରେ ମିସ୍ ୟୁନିଭର୍ସ କଣ୍ଟେଷ୍ଟରେ ଭାଗ ନେଇଥିଲେ। ଭାରତ ପାଇଁ ସେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେହି ସମୟର ବିତାଇଥିବା ଫଟୋଗୁଡ଼ିକ ସେ ଶେୟାର କରିଛନ୍ତି। ଏଥିରେ ସେ ବହୁତ ସୁନ୍ଦର ଦେଖାଯାଉଛନ୍ତି। ଉର୍ବଶୀଙ୍କ ଏହି ସ୍ମୃତିର ସାଇତା ଫଟୋଗୁଡ଼ିକୁ ତାଙ୍କ ପ୍ରଶଂସକମାନେ ବେସ୍ ପସନ୍ଦ କରିବା ସହ ବିଭିନ୍ନ ପ୍ରତିକ୍ରିୟା ରଖୁଛନ୍ତି।

# ୧୫୦ କି.ମି. ଚାଲିବା ପରେ ଟଳିପଡ଼ିଲେ

**ବିଜାପୁର:** ଭିଟାମାଟି ଛୁଇଁବାକୁ ୧୫୦ କି.ମି. ଚାଲିଲା କୁନି ପାଦ। ହେଲେ ଗାଁ ମାଟିକୁ ଆଖି ଭରି ଚାହିଁବା ସତେ ଯେମିତି ଭାଗ୍ୟରେ ନ ଥିଲା। ସ୍ୱପ୍ନରେ ରହିଗଲା ପରିବାର ଲୋକଙ୍କ ପାଖରେ ପହଞ୍ଚିବା ଆଶା। ଘରଠାରୁ ମାତ୍ର ଅଳ୍ପ ବାଟ ବାକି ଥିବାବେଳେ ଟଳିପଡ଼ିଲେ ୧୨ବର୍ଷୀୟା ଜମାଲୋ ମଡ଼କାମ। କରୋନା କଷଣରେ ଏପରି ବିକଳ ଚିତ୍ର ଆସିଛି ଛତିଶଗଡ଼ ରାଜ୍ୟର ବିଜାପୁରରୁ। କୋଭିଡ୍-୧୯ ଅଦୃଶ୍ୟ ପ୍ରହାର ଦିନମଜୁରିଆଙ୍କ ଜୀବନକୁ ବିପନ୍ନ କରିଦେଇଥିବା ବେଳେ ଏହି ହୃଦୟ ବିଦାରକ ଘଟଣା ସଭ୍ୟ ସମାଜ ପାଇଁ ଛାଡ଼ିଯାଇଛି ଅନେକ ପ୍ରଶ୍ନ।

ଜମାଲୋ ତେଲଙ୍ଗାନାର କନ୍ନଇଗୁଡ଼ାର ଏକ ଲଙ୍କା ଖେତରେ କାମ କରୁଥିଲେ। ୧୫ ଏପ୍ରିଲ୍‌ରେ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଘୋଷଣା ହେବାପରେ ଜମାଲୋଙ୍କ ସମେତ ସେଠାରେ କାର୍ଯ୍ୟ କରୁଥିବା ଅନ୍ୟ ଶ୍ରମିକମାନେ ଘରକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ଏକ ଦଳରେ ୧୧ଜଣ ଶ୍ରମଜୀବୀ ନିଜ ଗାଁ ବିଜାପୁରକୁ ଆସିବାକୁ ବାହାରିଥିଲେ। ୩ଦିନ ମଧ୍ୟରେ ସେମାନେ ୧୫୦ କି.ମି. ଦୀର୍ଘପଥ ଅତିକ୍ରମ କରିସାରିଥିଲେ। ୧୮ ଏପ୍ରିଲ୍ ସକାଳେ ସମସ୍ତେ ଘରେ ପହଞ୍ଚିଥାନ୍ତେ। ହେଲେ

**କରୋନା କଷଣ**

ଘରଠାରୁ ଆଉ କିଛି କି.ମି. ଦୂରରେ ଜମାଲୋଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ନେଇ ବିଜାପୁର ସିଏମ୍‌ଏଚ୍‌ଓ କୁହନ୍ତି, ଦୀର୍ଘପଥ ଯାତ୍ରାର କ୍ଳାନ୍ତପଣ, ଜଳୀୟ ଅଂଶ କମିବା କାରଣରୁ ଝିଅଟିର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ମୃତଦେହ ସଂରକ୍ଷଣ କରି ରଖାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ନିୟମ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

କରୋନାଜନିତ ଲକ୍‌ଡାଉନ ଦେଶର ଲକ୍ଷାଧିକ ଗରିବ, ଖଟିଖିଆଙ୍କ ଜୀବିକାକୁ ବିପନ୍ନ କରିଦେଇଛି। ଦାଦନ ଶ୍ରମିକମାନେ ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ହାତରେ କାମ ନ ଥିବାବେଳେ ସକାଳ ହେଲେ ସେମାନଙ୍କୁ ଘାରୁଛି ଖାଇବା ଚିନ୍ତା। ଅନ୍ୟ ଉପାୟ ନ ଥିବାରୁ ହଜାର ହଜାର ଶ୍ରମଜୀବୀ କାର୍ଯ୍ୟକ୍ଷେତ୍ରରୁ ଗଣପଳାୟନ କରିବାକୁ ବାଧ୍ୟ ହେଉଛନ୍ତି। ସେମାନେ ବିଭିନ୍ନ ଉପାୟରେ ଭିଟାମାଟିରେ ପହଞ୍ଚିବାକୁ ଚେଷ୍ଟା ଚଳାଇଛନ୍ତି।



ଜମାଲୋ ମଡ଼କାମଙ୍କ ବାପା ଅନ୍ଦୋରାମ ଓ ମା' ସୁକମତୀ।

# କରୋନା ପରେ ବଢ଼ିପାରେ ଅପରାଧ, ବାଲ୍ୟବିବାହ

**ଜେନେଭା:** କରୋନା ସଂକ୍ରମଣର ତାଣ୍ଡବ ଯୋଗୁ ପୃଥିବୀର ଆର୍ଥିକ ସ୍ଥିତି ଖରାପ ହେବାରେ ଲାଗିଛି। କରୋନା ପରବର୍ତ୍ତୀ ପୃଥିବୀରେ ବହୁ ପରିବର୍ତ୍ତନ ଆସିବା ସହିତ ଆପରାଧୀକ କାର୍ଯ୍ୟକଳାପ ବଢ଼ିବାର ଆଶଙ୍କା ରହିଛି। ପୃଥିବୀର ବିଭିନ୍ନ ଦେଶରେ ଥିବା ଶରଣାର୍ଥୀ ମହିଳା ଏବଂ ବାଳିକାମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହେବେ ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି। ଜାତିସଂଘର ଶରଣାର୍ଥୀଙ୍କ ପାଇଁ କାର୍ଯ୍ୟ କରୁଥିବା ଶାଖା ୟୁଏନ୍‌ଏଚ୍‌ଆର୍‌ସି ଏନେଇ ଏକ ରିପୋର୍ଟ ପ୍ରକାଶ କରିଛି। କରୋନା ପରେ ବହୁ ଲୋକ ଭୋକ ଉପାସରେ କାଳ କାଟିବେ। ଅନାହାର ଓ ଅର୍ଦ୍ଧାହାର ପରିସ୍ଥିତି ବିଭିନ୍ନ ନିଚ କାର୍ଯ୍ୟ କରିବା ଲାଗି ଲୋକଙ୍କୁ ବାଧ୍ୟ କରିବ। ଏଥିରୁ ରକ୍ଷା ପାଇବା ଲାଗି ଶରଣାର୍ଥୀ ମହିଳାମାନେ ଦେହଜୀବୀ ପାଲଟିବାର ଆଶଙ୍କା ରହିଛି। ଏଭଳି ସ୍ଥିତି ଆହୁରି ଅଧିକ ସମସ୍ୟା ସୃଷ୍ଟିକରିବ। ଏହାଦ୍ୱାରା ହୁଏତ ଏଚ୍‌ଆଇଭି ପଜିଟିଭ୍‌ଙ୍କ ସଂଖ୍ୟା ବଢ଼ିପାରେ। ସେହିପରି ଶରଣାର୍ଥୀ ବାଳିକାଙ୍କୁ ଜାଣିଶୁଣି ବାଲ୍ୟବିବାହ କରାଯିବାର ଆଶଙ୍କା ଥିବା ୟୁଏନ୍‌ଏଚ୍‌ଆର୍‌ସିର ସହକାରୀ ଉଚ୍ଚାୟୁକ୍ତ ଗିଲିୟନ୍ ଟ୍ରିଗ୍ସ ସୂଚନା ଦେଇଛନ୍ତି। ଯେଭଳି କୌଣସି ଆପରାଧୀକ କାର୍ଯ୍ୟ ନ ହୋଇପାରିବ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖାଯିବା ସହିତ ଶରଣାର୍ଥୀ ଶିବିରରେ ଆବଶ୍ୟକ ରିଲିଫ୍ ସାମଗ୍ରୀ ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଉଥିବା ସେ କହିଛନ୍ତି।

**ଉତ୍କଟ ହେବ ଖାଦ୍ୟ ସମସ୍ୟା**



# ପର୍ଯ୍ୟଟକଙ୍କ ଆଶ୍ରୟଦାତା ନାଜିର

**ପୁଲୱାମା:** କରୋନା ସଂକ୍ରମଣ ଯୋଗୁ ଭାରତରେ ଲକ୍‌ଡାଉନ୍ ଜାରିରହିଛି। ଫଳରେ ବହୁ ଲୋକ ବିଭିନ୍ନ ସ୍ଥାନରେ ଅଟକି ରହିବାକୁ ବାଧ୍ୟ ହୋଇଛନ୍ତି। ଜମ୍ମୁ-କଶ୍ମୀର ପର୍ଯ୍ୟଟନରେ ଯାଇଥିବା ମୁମ୍ବାଇ ମଲାଡ୍ ଅଞ୍ଚଳର କିଛି ପର୍ଯ୍ୟଟକ ପୁଲୱାମାର ପାତାବାଗସ୍ଥିତ ପାମ୍ପୋରରେ ଅଟକି ରହିଛନ୍ତି। ପର୍ଯ୍ୟଟକମାନେ ୫୫ ବର୍ଷ ବୟସ୍କ ନାଜିର୍ ଅହମ୍ମଦ୍ ଶେଖ୍‌ଙ୍କ ଘରେ ମାସେ ହେଲା ଆଶ୍ରୟ ନେଇଛନ୍ତି। ଲୋକଙ୍କୁ ଏଠାରେ ଆଶ୍ରୟ ଦେବା ପାଇଁ କେହି ରାଜି ହୋଇ ନ ଥିବାବେଳେ ନାଜିର୍ ସେମାନଙ୍କୁ ଘରେ ରଖିବାକୁ ଆଦରରେ ପାଛୋଟି ନେଇଥିଲେ। ଲକ୍‌ଡାଉନ୍ ଅବଧି ସରିଲେ ଜାଭେଦ୍ ଏବଂ ମା' ଖତିଜା ମୁମ୍ବାଇ ବାହୁଡ଼ିବେ। ଏଥିସହ ନାଜିରଙ୍କୁ ସପରିବାର ମୁମ୍ବାଇ ଆସିବା ଲାଗି ଏବେଠୁ ନିମନ୍ତ୍ରଣ ଜଣାଇଥିବା କହିଛନ୍ତି ଜାଭେଦ୍।

ସ୍ଥାନୀୟ ଅଞ୍ଚଳରେ ନାଜିରଙ୍କ ଅତିଥି ସେବା ନେଇ ରହିଛି ସୁଖ୍ୟାତି। ତାଙ୍କ ଘରେ ଆଶ୍ରୟ ନେଇଥିବା ମଲାଡ୍ ଅଞ୍ଚଳର ଜାଭେଦ୍ ରଶିଦ୍ ଶେଖ୍ ଏବଂ ତାଙ୍କ ମା' ଖତିଜା ଶେଖ୍। ନାଜିର୍ ପିଡବ୍ଲ୍ୟୁଡିରେ କାର୍ଯ୍ୟ କରନ୍ତି। ସ୍ତ୍ରୀ, ୨ ପୁଅ ଏବଂ ୩ ଝିଅଙ୍କୁ ନେଇ ତାଙ୍କ ପରିବାର । ସ୍ଥାନୀୟ ଜୱାହର ଟନେଲ୍‌ରେ ଜାଭେଦ୍ ଓ ତାଙ୍କ ମା' ଖତିଜାଙ୍କର କରୋନା ଟେଷ୍ଟ ମାର୍ଚ୍ଚ ୧୭-୧୮ରେ ହୋଇ ସାରିଛି। ଖତିଜାଙ୍କର ଦାନ୍ତରେ ବେଳେବେଳେ ଯନ୍ତ୍ରଣା ହୋଇଥାଏ। ନାଜିର୍ ଅଫିସରୁ ଫେରି ତାଙ୍କୁ ଡାକ୍ତରଙ୍କ ପାଖକୁ ମଧ୍ୟ ନେଇଥିବା ଜାଭେଦ କୁହନ୍ତି। ନାଜିରଙ୍କ ଭଳି ଲୋକ ଖୁବ୍ କମ୍ ଦେଖିବାକୁ ମିଳନ୍ତି। ପ୍ରଥମେ ବାହାର



# ଟି-ଶାର୍ଟରୁ ମାସ୍କ



**ନୂଆଦିଲ୍ଲୀ:** କରୋନା ସଂକ୍ରମଣ ରୋକିବା ପାଇଁ ଏବେ ସମସ୍ତେ ମାସ୍କ ବ୍ୟବହାର କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଉଛି। ସେଥିପାଇଁ ବିଭିନ୍ନ ସ୍ଥାନରେ ଏବେ ଲୋକେ ମାସ୍କ ତିଆରିକରି ବିକ୍ରି କରୁଛନ୍ତି। ପ୍ରାୟ ସମସ୍ତେ କପଡାକୁ କାଟି ସିଲେଇ କରି ମାସ୍କ କରୁଛନ୍ତି। କିନ୍ତୁ ପାଖରେ ମାସ୍କ ନ ଥିଲେ ଟି-ଶାର୍ଟକୁ ବି ମାସ୍କଭାବେ ପିନ୍ଧି ହେବ। ଟି-ଶାର୍ଟକୁ ଏମିତି ମାସ୍କଭାବେ ପିନ୍ଧିବାର ଶୈଳୀ ଦେଖାଇ ଏବେ ସୋସିଆଲ୍ ମିଡିଆରେ ଢେର୍ ଚର୍ଚ୍ଚାକୁ ଆସିଛନ୍ତି ଅଭିନେତା ରୋନିତ୍ ରଏ। ସେ ସୋସିଆଲ୍ ମିଡିଆରେ କହିଛନ୍ତି, ଯେଉଁମାନଙ୍କ ପାଖରେ ମାସ୍କ ଅଭାବ ରହିଛି, ସେମାନେ ଆଦୌ ଟେନ୍‌ସନ୍ ନିଅନ୍ତୁ ନାହିଁ। କାହିଁକିନା ଟି-ଶାର୍ଟକୁ ସ୍ୱତନ୍ତ୍ର ଡିଜାଇନରେ ମାସ୍କଭାବେ ପିନ୍ଧି ହେବ। ରୋନିତଙ୍କ ମାସ୍କ ପିନ୍ଧିବାର ଏହି ଶୈଳୀକୁ ଲୋକେ ପସନ୍ଦ କରିଛନ୍ତି। ସେଥିପାଇଁ ତାଙ୍କ ଭିଡିଓ ପୋଷ୍ଟ ହେବାର ମାତ୍ର ଗୋଟିଏ ଦିନରେ ତାଙ୍କୁ ୭୦ହଜାରରୁ ଅଧିକ ଲୋକ ପସନ୍ଦ କରିଛନ୍ତି। ପ୍ରାୟ ୧୬ ହଜାର ଲୋକ ରିଟୁଇଟ କରିଛନ୍ତି। ଏଭଳି ମାସ୍କ ପିନ୍ଧିବା ଶୈଳୀକୁ ଲୋକେ ଇନୋଭେଟିଭ୍ ଚିନ୍ତାଧାରା ବୋଲି କହିଛନ୍ତି।

# ଚିତ୍ର ଆଙ୍କୁଛନ୍ତି ସୈଫ-ତୈମୁର

**ମୁମ୍ବାଇ:** ଲକ୍‌ଡାଉନ୍ ପାଇଁ ଏବେ ସମସ୍ତେ ଘରେ ରହୁଛନ୍ତି। ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ବଲିଉଡ୍ କଳାକାରମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଘରେ ରହି ସମୟ ବିତାଉଛନ୍ତି। ଏଣୁ ଅନେକ ସମୟ ମିଳୁଥିବାରୁ ବଲିଉଡ୍ କଳାକାରମାନେ ବିଭିନ୍ନ କାର୍ଯ୍ୟକରି ଟାଇମ୍ ପାସ୍ କରୁଛନ୍ତି। ନିକଟରେ କରୀନା କପୁର୍ ଖାନ୍ ସୋସିଆଲ ମିଡିଆରେ ସ୍ୱାମୀ ସୈଫ ଅଲ୍ଲୀ ଖାନ୍ ଏବଂ ପୁଅ ତୈମୁର ଅଲ୍ଲୀ ଖାନ୍‌ଙ୍କ କିଛି ଫଟୋ ଶେୟାର କରିଛନ୍ତି। ଏଥିରେ ବାପା-ପୁଅ ଦୁହେଁ କାନ୍ଥରେ ପେଣ୍ଟିଂ କରୁଥିବା ଦେଖିବାକୁ ମିଳିଛି। ସୈଫ ବାଲ୍‌କୋନି କାନ୍ଥରେ ଫୁଲ ଆଙ୍କୁଥିବା ଦେଖିବାକୁ ମିଳିଛି। ଏହି ଫଟୋକୁ କରୀନା ସୋସିଆଲ ସାଇଡ୍‌ରେ ଶେୟାର କରି କ୍ୟାପ୍‌ସନ୍‌ରେ ଲେଖିଛନ୍ତି ଯେ, ସୈଫ ମୋତେ କହିଥିଲେ ମୁଁ ତୁମ ପାଇଁ ଫୁଲ ନେଇ ଆସିଛି ସେ ସମୟରେ ମୋ ମନରେ ଅଲଗା ଭାବନା ଆସିଥିଲା। ଲାଗିଲା ଯେପରି ମୋ ପାଇଁ ଗିଫ୍ଟ ଆଣିଛନ୍ତି। କିନ୍ତୁ ଗିଫ୍ଟଟି ଏପରି ଥିଲା ବୋଲି ମୁଁ ଆଦୌ ଭାବି ନ ଥିଲି। ଏହାପରେ କରୀନା ପୁଅ ତୈମୁରଙ୍କ ଫଟୋ ଶେୟାର କରିଥିଲେ। ତୈମୁରଙ୍କ ଫଟୋରେ ଲେଖିଛନ୍ତି ଯେ, କୌଣସି କାନ୍ଥ ତୁମର ରଚନାତ୍ମକତାକୁ ରୋକିପାରିବ ନାହିଁ। ଗତ କିଛିଦିନ ହେବ କରୀନା ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ ଅଛନ୍ତି। ସେ କିଛି ନା କିଛି ଫଟୋ ନିଜ ଫ୍ୟାନ୍‌ମାନଙ୍କ ପାଇଁ ଶେୟାର କରୁଛନ୍ତି।



# ସମୁଦ୍ର ଉପକୂଳରେ ରଙ୍ଗିନ ଶାମୁକାର ଚାଦର

**ଫ୍ଲୋରିଡ଼ା:** ଲକ୍‌ଡାଉନ୍ ପାଇଁ ଏବେ ପର୍ଯ୍ୟଟନ ସ୍ଥଳଗୁଡ଼ିକ ବନ୍ଦ ରହିଥିବାରୁ ପ୍ରକୃତିର ବହୁ ସୁନ୍ଦର ବିରଳ ଦୃଶ୍ୟ ଦେଖିବାକୁ ମିଳୁଛି। ଆମେରିକାର ଉତ୍ତର କାରୋଲିନା ସମୁଦ୍ର ଉପକୂଳରେ ଏମିତି ଦୃଶ୍ୟ ଏବେ ଦେଖିବାକୁ ମିଳୁଛି। ପ୍ରକୃତରେ ଏହି ଅଞ୍ଚଳକୁ ଏବେ କୌଣସି ପର୍ଯ୍ୟଟକଙ୍କୁ ଯିବାର ଅନୁମତି ନ ଥିବାରୁ ସମୁଦ୍ର କୂଳ ପୂରା ଶୂନ୍‌ଶାନ୍ ରହିଛି। ଆଉ ଏହି ସୁଯୋଗରେ ଏବେ ସୁନ୍ଦର ସୁନ୍ଦର ବିଭିନ୍ନ ରଙ୍ଗର ଶାମୁକା ସବୁ ସମୁଦ୍ର କୂଳରେ ପଡ଼ିରହିଛି। ରଙ୍ଗବେରଙ୍ଗର ଶାମୁକା ସବୁ ଦେଖିବା ପାଇଁ ପର୍ଯ୍ୟଟକମାନେ ବହୁ ଚେଷ୍ଟା କରି ବି ଦେଖିପାରି ନ ଥାନ୍ତି। କାରଣ ସମୁଦ୍ର କୂଳରେ ପଡ଼ିବା ମାତ୍ରେ ବ୍ୟବସାୟୀମାନେ ତାକୁ ନେଇଯାଇଥାନ୍ତି। ମାତ୍ର ଏଥର ଲକ୍‌ଡାଉନ୍ ଫଳରେ ସମୁଦ୍ର କୂଳକୁ କେହି ଯାଉ ନ ଥିବାରୁ ସବୁଦିନ ରଙ୍ଗିନ ଶାମୁକା ଏକାଠି ହୋଇ ଏକ ସୁନ୍ଦର ଦୃଶ୍ୟ ସୃଷ୍ଟି କରିଛି। ଏତେ ସଂଖ୍ୟାରେ ରଙ୍ଗିନ ଶାମୁକାକୁ ବୋଧହୁଏ ପୂର୍ବରୁ କେହି କେବେ ଦେଖି ନ ଥିବେ। ଏହି ଶାମୁକାର ଏକ ଫଟୋ ଏବେ ସୋସିଆଲ ମିଡିଆରେ କେହି ଜଣେ ଶେୟାର କରିବା ପରେ ଏ ସମ୍ପର୍କରେ ଜଣାପଡ଼ିଛି। ତେବେ ସୋସିଆଲ୍ ମିଡିଆରେ ଏହି ଫଟୋକୁ ଦେଖି ଲୋକେ ସମୁଦ୍ର କୂଳକୁ ଯିବାର ଅନୁମତି ଦେବା ପାଇଁ ଅନୁରୋଧ କରିବା ଆରମ୍ଭ କରିଛନ୍ତି।



# ଲକ୍‌ଡାଉନ୍‌ରେ ମାଗଣା ଅଟୋ ସେବା

**ମୁମ୍ବାଇ:** ଲକ୍‌ଡାଉନ୍ ସମୟରେ ଏବେ ସବୁଆଡ଼େ ବସ୍, ଅଟୋ ସେବାକୁ ବନ୍ଦକରି ଦିଆଯାଇଛି। କିନ୍ତୁ ଜରୁରି ସେବାରେ ଯାଉଥିବା କିଛିଲୋକଙ୍କୁ ବିଭିନ୍ନ ସ୍ଥାନକୁ ଯିବାପାଇଁ ବହୁ ଅସୁବିଧା ଭୋଗିବାକୁ ପଡୁଛି। କାରଣ ସମସ୍ତଙ୍କ ପାଖରେ ନିଜର ଗାଡ଼ି ନ ଥାଏ। ଏଭଳି ଲୋକଙ୍କୁ ସାହାଯ୍ୟ କରିବା ପାଇଁ ମୁମ୍ବାଇର ଜଣେ ମହିଳା ଅଟୋ ଚାଳକ ଶୀତଲ ମାଗଣାରେ ଅଟୋ ସେବା ଯୋଗାଇ ଦେଉଛନ୍ତି। ତେବେ ଶୀତଲ କେବଳ ଜରୁରି କାମରେ ଯାଉଥିବା ଲୋକଙ୍କୁ ହିଁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇଥାନ୍ତି। ଲକ୍‌ଡାଉନ୍ ସମୟରେ ଅଧିକାଂଶ ଲୋକ ଏବେ ଘରୁ ବାହାରି ପାରୁନାହାନ୍ତି। କିନ୍ତୁ ଯେଉଁ କେତେଜଣ ନିଜ କାମରେ ଯାଉଛନ୍ତି ସେମାନେ ନିଜ ନିଜର ଗାଡ଼ି ନେଇ ଯାଉଛନ୍ତି। ଯେଉଁମାନଙ୍କର ଗାଡ଼ି ନାହିଁ ସେମାନେ ଅନ୍ୟ ଉପରେ ନିର୍ଭର କରୁଛନ୍ତି। ତେଣୁ ଏଭଳି ଲୋକଙ୍କୁ ସାହାଯ୍ୟ କରିବାକୁ ଚିନ୍ତାକରି ରାସ୍ତା ଉପରେ ଛିଡ଼ା ହୋଇଥାନ୍ତି ଶୀତଲ। କେଉଁ ଲୋକ ଚାଲି ଚାଲି ଯାଉଥିଲେ, କେଉଁଠିକୁ କି କାମରେ ଯିବ ବୁଝିବା ପରେ ତାଙ୍କୁ ତାଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଇଥାନ୍ତି ସେ। ଲକ୍‌ଡାଉନ୍ ସମୟରେ ନିଜ ନିଜ ଜୀବନକୁ ଭୟକରି କେହି ବାହାରକୁ ବାହାରୁ ନ ଥିବାବେଳେ ଅନ୍ୟମାନଙ୍କ ସୁବିଧା ପାଇଁ ନିଜ ଜୀବନକୁ ବିପନ୍ନ କରି ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି ଶୀତଲ।



## ସଂକ୍ଷେପରେ

### ଆଜିଠୁ ଆଇଏମ୍ଏ ଡାକ୍ତରଙ୍କ ପ୍ରତିବାଦ

#### ଅନ୍ୟାୟ ବିରୋଧରେ ସ୍ୱର

**କଟକ ଅଫିସ, ୨୧।୪:** କରୋନା ରୋଗୀଙ୍କ ଚିକିତ୍ସାରେ ନିୟୋଜିତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ହେଉଥିବା ବାରମ୍ବାର ଆକ୍ରମଣ,ବାସସ୍ଥଳୀରେ କଟକଣା ତଥା ମୃତଦେହ ସଂସ୍କାର ଓ ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ଅନୁମତି ନ ଦେବା ଆଦି ସାମାଜିକ ବାଧକ ଅତ୍ୟନ୍ତ ନିନ୍ଦନୀୟ। ଏ ନେଇ ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍ଏ) ପକ୍ଷରୁ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। କିନ୍ତୁ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଏସବୁ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆଇଏମ୍ଏ ନିଷ୍ପତ୍ତି ନେଇଛି। ଏହି କ୍ରମରେ ୨୨ ଓ ୨୩ତାରିଖରେ ସାରା ଦେଶରେ ପ୍ରତିବାଦ କରାଯିବ। ୨୨ ତାରିଖ ରାତି ୯ଟାରେ ସମସ୍ତ ଡାକ୍ତର ଧଳାକୋଟ୍ ପିନ୍ଧି କ୍ୟାଣ୍ଡେଲ ଜଳାଇବେ। ସେହିପରି ସମସ୍ତେ ୨୩ ତାରିଖରେ କଳାବ୍ୟାଜ୍ ପିନ୍ଧି କାମ କରିବେ। ଏହା ସତ୍ତ୍ୱେ ଯଦି ସରକାର କୌଣସି ପଦକ୍ଷେପ ନ ନିଅନ୍ତି ତେବେ ସଂଘ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଘୋଷଣା କରିବ ବୋଲି ଓଡ଼ିଶା ଶାଖା ଆଇଏମ୍ଏ ତରଫରୁ ଏକ ପ୍ରେସ ଇସ୍ତାହାରରେ କୁହାଯାଇଛି। ଏହି ପ୍ରତିବାଦରେ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ, ମେଡିକାଲ କଲେଜ ଅଧାପକ ସଂଘ, ସେବିକା ସଂଘ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ସାମିଲ ହେବା ପାଇଁ ନିବେଦନ କରାଯାଇଛି।

### ପାରିବାରିକ ବିବାଦକୁ କେନ୍ଦ୍ରକରି ଆକ୍ରମଣ

#### ମହିଳାଙ୍କ ସହ ୨ ଝିଅ ଗୁରୁତର, ସୁନାଗହଣା ଲୁଟ୍

**ନିମାପଡା, ୨୧।୪ (ଡି.ଏନ.ଏ.):** ନିମାପଡା ଥାନା ଅନ୍ତର୍ଗତ ଭଗବାନସୁନ୍ଦରା ଗାଁରେ ପାରିବାରିକ ବିବାଦକୁ କେନ୍ଦ୍ରକରି ସୋମବାର ରାତିରେ ୬ ଜଣ ବ୍ୟକ୍ତି ବଳରାମ ମହାରୀଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ। ବଳାରାମ ଘରେ ନ ଥିବା ବେଳେ ତାଙ୍କ ପତ୍ନୀ କଳ୍ପନା, ୨ ଝିଅ ଲକି, ମିକି ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ଆହତମାନେ ଚିକିତ୍ସା ନିମନ୍ତେ ନିମାପଡା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରେ କଳ୍ପନାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀମାନେ କଳ୍ପନା ଓ ତାଙ୍କ ଦୁଇ ୨ଝିଅଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ନେଇ ଯାଇଥିଲେ। ଏପରି କି ସେମାନେ ବଳରାମଙ୍କ ପରିବାରବର୍ଗଙ୍କୁ ଜୀବନରୁ ମାରି ଦେବେ ବୋଲି ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ବଳରାମ ଆକ୍ରମଣକାରୀ ୬ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

### ମାସକରେ କଟିଛି ୬୦ ଲକ୍ଷ ଚାଲାଣ

**କଟକ ଅଫିସ,୨୧।୪:** କଟକଣା ଲାଗୁ ପରେ ସହରର ପ୍ରତ୍ୟେକ ଛକରେ ପୋଲିସର କଡ଼ା ପ୍ରହରା ଚାଲିଥିଲା। ଛକଗୁଡ଼ିକରେ ପୋଲିସ ଅସ୍ଥାୟୀ ଶିବିର ଖୋଲାଯିବା ସହ ଅନବରତ ପିସିଆର ଭ୍ୟାନର ପାଟ୍ରୋଲିଂ ଦେଖିବାକୁ ମିଳିଥିଲା। ଏହି ପଦକ୍ଷେପ ଏବେ ବି ଜାରି ରହିଛି। ତେବେ ବିନା କାରଣରେ ବାହାରକୁ ଆସୁଥିବା ଲୋକଙ୍କୁ ଜଗିଥିଲା ପୋଲିସ। ବାଇକ ଚାଳକମାନଙ୍କୁ ଅଟକାଇ କାଗଜପତ୍ର ଯାଞ୍ଚ କରିବା ସହ ସେମାନଙ୍କ ଉପରେ ଜରିମାନା ଲଦିଥିଲା। ଏପର୍ଯ୍ୟନ୍ତ ମୋଟ ପ୍ରାୟ ୬୦ ଲକ୍ଷ ଟଙ୍କାର ଚାଲାଣ କଟିଛି ବୋଲି କହିଛନ୍ତି ଟ୍ରାଫିକ ଥାନା ଆଇଆସି ମନୋଜ ରୋଶନ ବିଲୁଙ୍ଗ। ଗତ ସପ୍ତାହରେ ପ୍ରତ୍ୟେକ ଦିନ ୮ଶହରୁ ୧୨ଶହ ପର୍ଯ୍ୟନ୍ତ ବାଇକ ପୋଲିସ ଜବତ କରୁଥିବା ବେଳେ କିଛି ଦିନ ହେବ ଏହା କମିଛି। ଗତ ୭ଦିନରେ ଯଥାକ୍ରମେ ୨୮୪, ୮୫୦, ୭୭୮, ୫୮୨, ୬୮୯, ୬୭୯, ୭୯୭ଟି ଲେଖାଏ ବାଇକ ପୋଲିସ ଜବତ କରି ଫାଇନ କାଟିଛି ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ୪୮ଘଣ୍ଟିଆ ଶଟ୍‌ଡାଉନ ପ୍ରତ୍ୟାହୃତ ହେବା ପରେ ହିଁ ପୋଲିସ ଅଧିକ ମାତ୍ରାରେ ଗାଡ଼ି ଜବତ କରିଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ କେବଳ ଜରୁରୀକାଳୀନ ସେବା ଯୋଗାଉଥିବା ବ୍ୟକ୍ତିବିଶେଷଙ୍କୁ କମିଶନରେଟ ପୋଲିସ ସ୍ୱତନ୍ତ୍ର ପାସ୍ ପ୍ରଦାନ କରିଥିଲା। ଏହା ମଧ୍ୟରେ ମାଲଗୋଦାମ ବ୍ୟବସାୟୀ, ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ଷ୍ଟାଫଙ୍କ ସମେତ ପିଏଚ୍‌ଡି ଅଫିସ, ସେସୁ ଅଫିସର କର୍ମଚାରୀ ଓ ଅଧିକାରୀ ରହିଥିଲେ। ତଥାପି ପାସ୍ ଧରି ଅଫିସିଆଲ କାମ ବାହାନାରେ ଘରୋଇ କାମ କରୁଥିବା କେତେଜଣ ବ୍ୟକ୍ତିଙ୍କର ପୋଲିସ ଚାଲାଣ କାଟିଥିଲା।

# ଥାନାବାବୁଙ୍କୁ ସହଯୋଗ କରି ସେବାୟତ ଅଟକ

## ଶ୍ରୀମନ୍ଦିରରେ କୋଭିଡ୍-୧୯ ନିର୍ଦ୍ଦେଶାବଳୀ ଉଲ୍ଲଂଘନ ପ୍ରସଙ୍ଗ

- ନୋଟିସ୍ ଦେଇ ଛାଡ଼ିଦେଲା ପୋଲିସ
- ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ

ପୁରୀ ଅଫିସ,୨୧।୪

କୋଭିଡ୍-୧୯ ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରି ନିଲମ୍ବିତ ଯାଜପୁର ଜିଲା ବଡ଼ଚଣା ଥାନାଧିକାରୀ ଦୀପକ କୁମାର ଜେନାଙ୍କୁ ସପରିବାର ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ନେବା ସେବାୟତ ଶ୍ୟାମ ପୂଜାପଣ୍ଡାଙ୍କୁ ମହଙ୍ଗା ପଡ଼ିଛି। ତାଙ୍କୁ ପୋଲିସ ଖୋଜୁଥିବା ଜାଣି ଶ୍ୟାମ ମଙ୍ଗଳବାର ପୂର୍ବାହ୍ନରେ ସିଂହଦ୍ୱାର ଥାନାରେ ହାଜର ହୋଇଥିଲେ। ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପରେ ତାଙ୍କୁ ନୋଟିସ୍ ଦେଇ ଛଡ଼ାଯାଇଥିବା ଥାନା ଆଇଆଇସି ଗେହ୍ଲି ସାହୁ କହିଛନ୍ତି। ସେହିପରି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ସେବାୟତଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ୭ ଦିନ ମଧ୍ୟରେ ଏହାର ଉତ୍ତର ରଖିବାକୁ କୁହାଯାଇଛି ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି।

କରୋନା କଟକଣା ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଛି। କୌଣସି ଭକ୍ତଙ୍କୁ ଭିତରକୁ ଛଡ଼ାଯାଉ ନାହିଁ। ଚାରିଦ୍ୱାରରେ ପୋଲିସ ଏବଂ ଜେଟିପି ଜଗିଥିବା ବେଳେ ଗତ ରବିବାର ସନ୍ଧ୍ୟାରେ ଏକ ହଳଦିଆ ବତି ଲାଗିଥିବା ଗାଡ଼ିରେ ଥାନାଧିକାରୀ ଜେନା ସପରିବାର ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାରରେ ପହଞ୍ଚିଥିଲେ। ମନ୍ଦିର ଭିତରକୁ ପ୍ରବେଶ କରିବାବେଳେ କାର୍ଯ୍ୟରତ ପୋଲିସ କର୍ମଚାରୀ ତାଙ୍କୁ ଅଟକାଇଥିଲେ। ହେଲେ ସେ କାହା କଥା ନ ଶୁଣି ଭିତରକୁ ଯାଇଥିଲେ। ମନ୍ଦିରକୁ ଯିବାରେ ସେମାନଙ୍କୁ ଜଣେ ସେବାୟତ ସହଯୋଗ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଥାନାଧିକାରୀ ଜେନା, ତାଙ୍କ ସହଧର୍ମିଣୀ ଏବଂ ସେବାୟତ ଶ୍ୟାମ ପୂଜାପଣ୍ଡାଙ୍କ ନାଁରେ ମାମଲା ରୁଜୁ କରାଯାଇଥିଲା। ତେବେ ନିଜ କ୍ଷମତାର ଦୁରୁପଯୋଗ କରିବା ଏବଂ କରୋନା କଟକଣା ଉଲ୍ଲଂଘନ କରି ମନ୍ଦିରକୁ ପ୍ରବେଶ କରିଥିବାରୁ ଥାନାଧିକାରୀ ଜେନାଙ୍କୁ ଡିଜିପି ନିଲମ୍ବନ କରିଥିଲେ। ଏହି ଘଟଣାର ତଦନ୍ତ ଚାଲିଥିବା ବେଳେ ମଙ୍ଗଳବାର ସମ୍ପୃକ୍ତ ସେବାୟତ ସିଂହଦ୍ୱାର ଥାନାରେ ପହଞ୍ଚିଥିଲେ। ଏ ସମ୍ପର୍କରେ ସିଂହଦ୍ୱାର ଥାନାଧିକାରୀ ସାହୁ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ସେବାୟତ ଶ୍ୟାମ ପୂଜାପଣ୍ଡାଙ୍କୁ ଥାନାରେ ହାଜର ହେବାକୁ କୁହାଯାଇଥିଲା। ତେଣୁ ସେ ଥାନାକୁ ଆସିଥିଲେ। ତାଙ୍କୁ ପଚରାଉଚରା ପରେ ନୋଟିସ୍ ଦିଆଯାଇ ଛଡ଼ାଯାଇଛି। ଆସନ୍ତା ୭ଦିନ ମଧ୍ୟରେ ସେ ପୁଣିଥରେ ଥାନାରେ ହାଜର ହେବେ। ତଦନ୍ତ ଅଧିକାରୀଙ୍କୁ ସହଯୋଗ କରିବା ଲାଗି ତାଙ୍କୁ କୁହାଯାଇଛି।

# ଘରକୁ ଫେରିବା ଲାଗି ଜିଲାପାଳଙ୍କ ଦ୍ୱାରସ୍ଥ

## ଲକ୍‌ଡାଉନ: ଖୋର୍ଦ୍ଧାରେ ଅଟକିଛନ୍ତି ଝାଡଖଣ୍ଡ ଶ୍ରମିକ



ଖୋର୍ଦ୍ଧା ଅଫିସ,୨୧।୪

କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ଦେଶରେ ଲକ୍‌ଡାଉନ ଜାରି ରହିଛି। ଦେଶରେ ଆନ୍ତଃ ରାଜ୍ୟ ବସ୍ ଓ ଟ୍ରେନ ଚଳାଚଳ ସହ କେତେକ କମ୍ପାନୀ ବନ୍ଦ ରହିଛି। ଲକ୍‌ଡାଉନ ଯୋଗୁ ଖୋର୍ଦ୍ଧାରେ ଝାଡଖଣ୍ଡର ବିଭିନ୍ନ ଅଞ୍ଚଳର ୬୭ଜଣ ଶ୍ରମିକ ଘରକୁ ଯାଇ ନପାରି ଅଟକି ରହିଛନ୍ତି। ସେମାନଙ୍କ ୧୪ ଦିନିଆ କ୍ୱାରାଣ୍ଟାଇନ ଶେଷ ହୋଇଯାଇଥିବାରୁ ସେମାନେ ଘରକୁ ଯିବା ଲାଗି ଅନୁମତି ଦେବାକୁ ମଙ୍ଗଳବାର ଜିଲାପାଳଙ୍କୁ ଲିଖିତ ଭାବେ ନିବେଦନ କରିଛନ୍ତି।

ଝାଡଖଣ୍ଡର ୬୭ଜଣ ଶ୍ରମିକ ତାମିଲନାଡୁରେ କାଗ୍ରୋ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଅଧିକାଂଶ ଶ୍ରମିକ ସେମାନଙ୍କ ପରିବାର ସହ ସେଠାରେ ରହୁଥିଲେ। ମାର୍ଚ୍ଚ ୨୩ରୁ ଦେଶରେ ଲକ୍‌ଡାଉନ ଜାରି ହେବା ପରେ କମ୍ପାନୀରେ କାମ ବନ୍ଦ ହୋଇଯାଇଥିଲା। ଲକ୍‌ଡାଉନ ଫିଟିବା ପରେ କାମରେ ଯୋଗ ଦେବାକୁ କମ୍ପାନୀ କର୍ତ୍ତୃପକ୍ଷ କହିଥିଲେ। କମ୍ପାନୀର ମାଲିକ ନିଜ ଏକ କାଗ୍ରୋ ଟ୍ରାନ୍ସପୋର୍ଟ(ବସ)ରେ ସେମାନଙ୍କୁ ଘରକୁ ଫେରିଯିବା ଲାଗି ଅନୁମତି ଦେଇଥିଲେ। ସେହିଦିନ ବସ ଯୋଗେ ସମ୍ପୃକ୍ତ ଶ୍ରମିକମାନେ ପିଲାଛୁଆ ଧରି ଝାଡଖଣ୍ଡ ଅଭିମୁଖେ ବାହାରିଥିଲେ। ରାସ୍ତାରେ ତାମିଲନାଡୁ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ସରକାର ସେମାନଙ୍କ ବିଷୟରେ ଜାଣିବା ପରେ ସେମାନଙ୍କୁ ସୀମାନ୍ତରେ ଛାଡି ଦେଇଥିଲେ। ତେବେ ମାର୍ଚ୍ଚ ୨୫ରେ ଖୋର୍ଦ୍ଧା ସୀମାନ୍ତରେ ଜିଲା ପ୍ରଶାସନ ସେମାନଙ୍କୁ ଅଟକାଇଥିଲେ। ଏକ କଲେଜ ପରିସରରେ ସେମାନଙ୍କୁ ୧୪ଦିନ କ୍ୱାରାଣ୍ଟାଇନ୍‌ରେ ରଖିଥିଲେ। ସେମାନଙ୍କ କ୍ୱାରାଣ୍ଟାଇନ ଶେଷ ହେବା ପରେ ସ୍ୱାସ୍ଥ୍ୟ ପରୀକ୍ଷଣ ସରିଛି। ଝାଡଖଣ୍ଡ ଯିବା ଲାଗି ମହେନ୍ଦ୍ର ସିଂ, ଭୀମା ସିଂ, ରାଜା ସିଂ, ପ୍ରତିମ ରାମଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ଲିଖିତ ନିବେଦନ ପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

# କାର୍‌ରେ କୋଭିଡ-୧୯ ପାସ୍ ଲଗାଇ ମଦ ବେପାର





- ମୁଖ୍ୟ ଅଭିଯୁକ୍ତ ଗିଟୁ ଓ ସହଯୋଗୀ ଗିରଫ
- କାଷ୍ଟିଂକାଉଚ୍ ମାମଲାରେ ମଧ୍ୟ ପୂର୍ବରୁ ଗିଟୁ ଗିରଫ ହୋଇଥିଲେ

ଭୁବନେଶ୍ୱର,୨୧।୪ (ବ୍ୟୁରୋ)

ରାଜଧାନୀରେ କଡ଼ା କଟକଣା ସତ୍ତ୍ୱେ ଚାଲିଛି ବେଆଇନ ମଦ ବେପାର। ଦାମୀ କାର୍‌ରେ ଛୋଟ ମଦୁଆଙ୍କଠାରୁ ଆରମ୍ଭ କରି ବଡ଼ବଡ଼ିଆଙ୍କୁ ଯୋଗାଯାଉଛି ମଦ। ଦାମୀ କାରରେ କୋଭିଡ-୧୯ ପାସ୍ ଲଗାଇ ଚାଲିଥିବା ଏହି କାରବାର ଧରାପଡିଛି। ଏଥିରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଖଣ୍ଡଗିରି ବରମୁଣ୍ଡା ହାଉସିଂବୋର୍ଡ କଲୋନୀର ପ୍ରଦିପ୍ତ କୁମାର ସ୍ୱାଇଁ ଓରଫ ଗିଟୁ ଓ ସହଯୋଗୀ ସତ୍ୟବ୍ରତ ସ୍ୱାଇଁଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ଏଥିରେ ବ୍ୟବହୃତ କ୍ରେଟା କାର (ଓଡି ୦୨ ଏୟୁ ୦୦୫୨) ସହ ୯୬ ବୋତଲ ବିଦେଶୀ ମଦ, ୩ ମୋବିଲ, ୪ ହଜାର ଟଙ୍କା ଜବତ ହୋଇଛି।

ସୂଚନା ମୁତାବକ, ଗିଟୁ ବେଆଇନ ଭାବେ ଚଢ଼ା ଦରରେ ମଦ ବିକ୍ରି କରିବା ସହ ବେଆଇନ ଭାବେ କୋଭିଡ୍-୧୯ କାର୍ ପାସ୍ ହାତେଇ ଏହି କାରବାର ଚଳାଇଥିବା କ୍ୟୁଏଟି ନିକଟରେ ଖବର ପହଞ୍ଚିଥିଲା। ଏହାପରେ ଖଣ୍ଡଗିରି ପୋଲିସ ସହଯୋଗରେ ତାଙ୍କୁ ଧରିବାକୁ ଜାଲ ବିଛାଇଥିଲା କ୍ୟୁଏଟି। ପୋଲିସ ନିଜକୁ ଗରାଖ ବୋଲି ପରିଚୟ ଦେଇ ମଦ କିଣିବାକୁ ତାଙ୍କ ସହ ଡିଲ୍ କରିଥିଲା। ମଙ୍ଗଳବାର ମଧ୍ୟାହ୍ନରେ ବରମୁଣ୍ଡା ହାଉସିଂବୋର୍ଡ କଲୋନୀରେ ୨ ପେଟି ମଦ ଦେବାକୁ ଗିଟୁ ପହଞ୍ଚିବାକ୍ଷଣି ସାଦା ପୋଷାକରେ ଥିବା ଜଗି ରହିଥିବା ପୋଲିସ ସେମାନଙ୍କୁ କାବୁ କରିନେଇଥିଲା। ଅଭିଯୁକ୍ତ ଗିଟୁ ଜଣେ ଚଳଚ୍ଚିତ୍ର ପ୍ରଯୋଜକଙ୍କ ପୁଅ ଓ ତାଙ୍କର ସହରର ବହୁ ରାଜନେତା ତଥା ନାମୀଦାମୀ ଲୋକଙ୍କ ସହ ସୁସମ୍ପର୍କ ରହିଛି। ପୂର୍ବରୁ ୨୦୧୬ରେ କାଷ୍ଟିଙ୍ଗ କାଉଚ୍ ମାମଲାରେ ଓଲିଉଡ ତାରକା ତତ୍ତ୍ୱପ୍ରକାଶ ଶତପଥୀ ଓରଫ ପପୁଙ୍କ ସହ ଅଭିଯୁକ୍ତଗିଟୁପୁରୀରୁଗିରଫହୋଇଥିଲେ।

# ଖବରକାଗଜ ବିତରକଙ୍କୁ ସହାୟତା ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା ଅଫିସ,୨୧।୪

ଲକ୍‌ଡାଉନ ଯୋଗୁ ସାମାଜିକ ଜନଜୀବନ ପ୍ରଭାବିତ ହୋଇଛି। ସରକାର ଦିବ୍ୟାଙ୍ଗ, କଳାକାର, ଶ୍ରମିକ ତଥା ବିଭିନ୍ନ କାର୍ଡ ହିତାଧିକାରୀଙ୍କୁ ଆଗୁଆ ୪ ମାସର ଭତ୍ତା, ଖାଉଟି ସାମଗ୍ରୀ ପ୍ରଦାନ କରିଛନ୍ତି। ଅଥଚ ଦୈନିକ ଖବରକାଗଜ ବିତରକଙ୍କ ଲାଗି କୌଣସି ବ୍ୟବସ୍ଥା କରିନାହାନ୍ତି। ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ଲାଗି ମା’ ବରୁଣେଇ ଖବରକାଗଜ ବିତରକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ମଙ୍ଗଳବାର ପ୍ରଦାନ କରିଛନ୍ତି।



ଏଥିରେ ଦର୍ଶାଯାଇଛି ଯେ, ଖୋର୍ଦ୍ଧାରେ ପ୍ରାୟ ୩୫ରୁ ଉର୍ଦ୍ଧ୍ୱ ଖବରକାଗଜ ବିତରକ ଦୈନିକ ଖବରକାଗଜ ବିତରଣ କରି ପରିବାର ପୋଷଣ କରୁଛନ୍ତି। ଲକ୍‌ଡାଉନ ଯୋଗୁ କେତେକ ଗଣମାଧ୍ୟମ ଛାପା ବନ୍ଦ ରହିଛି। ଆଉ କେତେଗୋଟି ଖବରକାଗଜ ଆସୁଥିବା ବେଳେ ତାହା କେବଳ କାଉଣ୍ଟରରେ ବିକ୍ରି ହେଉଛି। ଫଳରେ ବିତରକମାନଙ୍କ ଦୈନିକ ବେପାର ବନ୍ଦ ହୋଇଯାଇଛି। ଏଥିରୁ ପରିବାର ପୋଷଣ କରୁଥିବା ବିତରକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିତରକମାନଙ୍କୁ ମଧ୍ୟ ସରକାର ଆର୍ଥିକ ସହାୟତା ଘୋଷଣା ଲାଗି ସଂଘ ସଭାପତି ଗଣେଶ ପାଟଶାଣୀ, ସମ୍ପାଦକ ମଧୁସୂଦନ ବେହେରା, ସଦସ୍ୟ ଜଗନ୍ନାଥ ବେହେରା, ଶ୍ୟାମସୁନ୍ଦର ବେହେରା, ସଦାଶିବ ବେହେରା, ମଧୁ ନାୟକ, ଦୀପକ ସାମନ୍ତରାୟ ପ୍ରମୁଖ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

# ବିପଦବେଳେ ବିକୃତ ମାନସିକତା

- କୋଭିଡ଼-୧୯ ହେଲ୍ପ ସେଣ୍ଟର ୧୦୪କୁ ଆସୁଛି ଦିନକୁ ୩ହଜାର ଫେକ୍‌କଲ
- ଫୋନ୍‌ରେ କହୁଛନ୍ତି ମ୍ୟାଡାମ୍ ଆଇ ଲଭ୍ ୟୁ...
- ଅନେକ କହୁଛନ୍ତି ଡାଲି ଛୁଙ୍କ ମାରିବା ବେଳେ କାଶ ହେଲା କ’ଣ କରିବି..
- ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ କର୍ମଚାରୀ

ଭୁବନେଶ୍ୱର,୨୧।୪ (ବ୍ୟୁରୋ)

କରୋନା ସଂକ୍ରମଣ ସମ୍ପର୍କରେ ସ୍ୱାସ୍ଥ୍ୟ ସୂଚନା ପାଇବା ସହ ଡାକ୍ତରଙ୍କ ପରାମର୍ଶ ପାଇଁ ରାଜ୍ୟ ସରକାର କୋଭିଡ଼-୧୯ ହେଲ୍ପ ସେଣ୍ଟର ୧୦୪ ଖୋଲିଛନ୍ତି। ଏଥିରେ ୨୪ ଘଣ୍ଟା ଜାଗ୍ରତ ରହି କର୍ମଚାରୀମାନେ ଲୋକଙ୍କ କରୋନା ସମ୍ପର୍କରେ ପରାମର୍ଶ ଦେଉଛନ୍ତି। ପ୍ରତିଦିନ ୧୬ହଜାରରୁ ଉର୍ଦ୍ଧ୍ୱ ଲୋକେ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ପାଇଁ ଏହି ହେଲ୍ପ ଲାଇନ୍ ୧୦୪କୁ ଫୋନ୍ କରୁଛନ୍ତି। କିନ୍ତୁ ଏଭଳି ବିପଦ ସମୟରେ ଅନେକେ ୧୦୪କୁ ଫୋନ୍ କରି ଥଟ୍ଟାମଜା କରୁଛନ୍ତି। କିଏ କହୁଛନ୍ତି ମ୍ୟାଡାମ ଆଇ ଲଭ୍ ୟୁ, ଆଉ କିଏ କହୁଛନ୍ତି, ଡାଲି ଛୁଙ୍କ କରିବା ସମୟରେ ଛିଙ୍କ ହେଉଛି। ଏସବୁକୁ ନେଇ ୧୦୪ରେ ଥିବା ମହିଳା କର୍ମଚାରୀ ଏବଂ ଡାକ୍ତରମାନେ ବିରକ୍ତ ହୋଇଗଲେଣି। ଏହାସହ ହେଲ୍ପ ସେଣ୍ଟରରେ ଥିବା କର୍ମଚାରୀଙ୍କର ସମୟ ମଧ୍ୟ ଅଯଥାରେ ନଷ୍ଟ ହେଉଛି। ଅନ୍ୟପକ୍ଷରେ ଅନେକ ଲୋକ ଫୋନ୍ ବ୍ୟସ୍ତ ଯୋଗୁ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ପାଇପାରୁ ନାହାନ୍ତି। ଏପରି କି ଅନେକେ ଅଶ୍ଳୀଳ ଭାଷା ମଧ୍ୟ ପ୍ରୟୋଗ କରିବାକୁ ପଛାଉ ନାହାନ୍ତି। ଏଭଳି ଫୋନ୍ କଲ୍ କରୁଥିବା ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ଲାଗି କର୍ମଚାରୀମାନେ ଦାବି କରିଛନ୍ତି। ସେମାନଙ୍କ ବିରୋଧରେ ଏନ୍‌ଏସ୍‌ଏ ଲଗାଇ ଗିରଫ କରିବାକୁ ମଧ୍ୟ କର୍ମଚାରୀମାନେ କହିଛନ୍ତି। ଏହି ଘଟଣାରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

ଫେକ୍ କଲ୍-୧, ଜଣେ ଯୁବକ ୧୦୪କୁ ଫୋନ୍ କରି ମ୍ୟାଡାମ୍ ଆପଣଙ୍କ ନାମ କ’ଣ କୁହନ୍ତୁ। ହେଲ୍ପ ସେଣ୍ଟରରେ ଥିବା ମହିଳା ଜଣଙ୍କ କହିଥିଲେ,ଏହା ସରକାରଙ୍କ ହେଲ୍ପ ସେଣ୍ଟର । ସ୍ୱାସ୍ଥ୍ୟ ସମ୍ପର୍କରେ କିଛି ସହାର୍ଯ୍ୟ ନେବାର ଅଛନ୍ତି କି ? କହିବା ପରେ ଯୁବକ ଜଣଙ୍କ ଫୋନ୍‌ରେ ଜାଣି ଖଣ୍ଡି କାଶ ମାରିଥିଲେ। ଏହାପରେ କହିଥିଲେ ମୋତେ ଡାକ୍ତର କ’ଣ କରିବେ, ମୋର ଔଷଧ ଦରକାର, ଡାକ୍ତର ଦେଇପାରିବେ କି ପଚାରିଥିଲେ। ଏହାପରେ ଯୁବକ ଜଣଙ୍କ କହୁଛନ୍ତି ମ୍ୟାଡାମ ପ୍ଲିଜ୍ ଆପଣଙ୍କ ନାମ କୁହନ୍ତୁ।

ଫେକ୍ କଲ୍-୨, ସେହିପରି ଅନ୍ୟ ଜଣେ ଯୁବକ ଫୋନ୍ କରି କହୁଛନ୍ତି, ମ୍ୟାଡାମ କରୋନା ପାଇଁ ମାଡ଼ଗୋଳ ହୋଇଗଲାଣି। କରୋନା ହୋଇଛି ବୋଲି ଜଣେ ଯୁବକଙ୍କୁ ବାନ୍ଧି ବାଡେଇଲୁ। ହେଲ୍ପ ସେଣ୍ଟରର ଥିବା ମହିଳା କର୍ମଚାରୀ କହିଥିଲେ କେମିତି ଜାଣିଲେ ତାଙ୍କୁ କରୋନା ହୋଇଛି। ପୋଲିସକୁ ଯୋଗାଯୋଗ କରିବା ପାଇଁ କହିବା ପରେ ଯୁବକ ଜଣଙ୍କ କହିଥିଲେ ମ୍ୟାଡାମ୍ ଆଇ ଲଭ୍ ୟୁ ।

ଫେକ୍ କଲ-୩, ଅନ୍ୟ ଜଣେ ଯୁବକ ଫୋନ୍ କରି କହିଥିଲେ ମ୍ୟାଡାମ ମୁଁ ଡାଲି ଛୁଙ୍କ ମାରିବା ସମୟରେ ମୋର ବିରାଟ ଛିଙ୍କ ହେବା ସହ ନାକରୁ ସିଙ୍ଘାଣି ବାହାରିଲା, ମୁଁ କ’ଣ କରିବି।

ଏନେଇ ୧୦୪ ହେଲ୍ପଲାଇନ୍‌ସେଣ୍ଟର ଦାୟିତ୍ୱରେ ଥିବା ସବ୍ୟସାଚୀ ବିଶ୍ୱାଳ କହିଛନ୍ତି, କିଭଳି ଲୋକମାନେ କରୋନା ସଂକ୍ରମଣରୁ ରକ୍ଷା ପାଇବା ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସହଯୋଗ ପାଇପାରିବେ ଆମେ ୨୪ ଘଣ୍ଟା ସେବା ଯୋଗାଉଛୁ। ଏପରିକି ୩୦ ଜଣ କର୍ମଚାରୀ, ୩ଜଣ ଡାକ୍ତର ଲୋକଙ୍କୁ ପରାମର୍ଶ ଦେଉଛନ୍ତି। ହେଲେ ଏଭଳି ସମୟରେ ଦିନକୁ ୩ହଜାରରୁ ଉର୍ଦ୍ଧ୍ୱ ଫେକ୍ କଲ୍ ଆସୁଥିବାରୁ ଆମେ ବିରକ୍ତ ହୋଇଗଲୁଣି। ତେଣୁ ଏଭଳି ଫୋନ୍ କରିବା ଦ୍ୱାରା ଯେଉଁମାନେ ପ୍ରକୃତ କରୋନା ସମ୍ପର୍କିତ ପରାମର୍ଶ ଚାହୁଁଛନ୍ତି ସେମାନେ ଫୋନ୍ ବ୍ୟସ୍ତ ଯୋଗୁ ସୁବିଧା ପାଇପାରୁ ନାହାନ୍ତି। ତେଣୁ ଏଭଳି ଫୋନ୍ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଶ୍ୱାଳ କହିଛନ୍ତି।

# ୫ରୁ ଉର୍ଦ୍ଧ୍ୱ ରାଜ୍ୟକୁ ଓଡ଼ିଶା ଏଫ୍‌ସିଆଇ ଯୋଗାଉଛି ଚାଉଳ

- ଲକ୍‌ଡାଉନ୍‌ରେ ପଠାଯାଇଛି ୨ ଲକ୍ଷରୁ ଉର୍ଦ୍ଧ୍ୱ ମେଟ୍ରିକ୍ ଟନ୍
- ଲୋକଙ୍କ ଆବଶ୍ୟକତାଠାରୁ ଅଧିକ ମହଜୁଦ୍ ରହିଛି

ଭୁବନେଶ୍ୱର, ୨୧।୪(ବ୍ୟୁରୋ)

କରୋନା ଯୁଦ୍ଧରେ ସାମିଲ୍ ହୋଇଛନ୍ତି ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଓଡ଼ିଶା ଶାଖାରେ କାର୍ଯ୍ୟରତ କର୍ମଚାରୀ ଓ ଶ୍ରମିକ। କାମଧନ୍ଦା ଓ ରୋଜଗାର ହରାଇ ବହୁ ଲୋକ ଖାଦ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ଲୋକଙ୍କ ନିକଟରେ ଚାଉଳ, ଗହମ ଆଦି ବିଭିନ୍ନ ଖାଦ୍ୟଶସ୍ୟ ପହଞ୍ଚାଇବାରେ ଏମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। କେବଳ ଓଡ଼ିଶା ନୁହେଁ, ଅନ୍ୟ ରାଜ୍ୟର ଲୋକଙ୍କ ପାଇଁ ନିରବଚ୍ଛିନ୍ନ କାର୍ଯ୍ୟ କରିଚାଲିଛନ୍ତି। ମିଳିଥିବା ସୂଚନାନୁସାରେ, ପ୍ରତିଦିନ ଖୋର୍ଦ୍ଧା ଡିପୋରେ ୧୨ହଜାରରୁ ଉର୍ଦ୍ଧ୍ୱ ଚାଉଳ, ଗହମ ଓ ଅନ୍ୟ ଖାଦ୍ୟ ସାମଗ୍ରୀ ଲୋଡିଂ ଏବଂ ଅନ୍‌ଲୋଡିଂ ହେଉଛି। ରେଳ ପଥରେ ପଶ୍ଚିମବଙ୍ଗ, ବିହାର, ତାମିଲନାଡୁ ଆଦି କେତେକ ରାଜ୍ୟକୁ ଚାଉଳ ପଠାଯାଉଥିବାବେଳେ ଝାଡଖଣ୍ଡ ସହ କେତେକ ପଡୋଶୀ ରାଜ୍ୟକୁ ସଡକ ପଥରେ ପରିବହନ କରାଯାଉଛି। ମାର୍ଚ୍ଚ ୨୪ରୁ ଏଯାଏ ରାଜ୍ୟର ବିଭିନ୍ନ ମିଲ୍‌ରୁ ୧ଲକ୍ଷ ୮୪ହଜାର ୬୭୪ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ କରାଯାଇଛି। ଏହି ସମୟ ମଧ୍ୟରେ ୨ ଲକ୍ଷ ୭ହଜାର ୧୨୬ ମେଟ୍ରିକ ଟନ ଚାଉଳ ଅନ୍ୟ ରାଜ୍ୟର ଅଭାବ ପୂରଣ ପାଇଁ ପଠାଯାଇଛି। ଆହୁରି ମଧ୍ୟ ୧୬ ତାରିଖ ସୁଦ୍ଧା ୬୪ହଜାର ୨୩୪ ମେଟ୍ରିକ ଟନ୍ ସଂଗ୍ରହ କରି ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା କଲ୍ୟାଣ ଯୋଜନାରେ ବଣ୍ଟନ କରାଯାଇଥିବା ସୂଚନା ଦିଆଯାଇଛି।

ଏଫ୍‌ସିଆଇ ଜେନରାଲ ମ୍ୟାନେଜର ଏନ୍.କେ ପ୍ରଧାନଙ୍କ କହିବା ମୁତାବକ, ନିଗମର ଦକ୍ଷ ଅଧିକାରୀ ଓ କର୍ମଚାରୀଙ୍କ ନିରବଚ୍ଛିନ୍ନ ସେବା ଯୋଗୁ ଏହା ସମ୍ଭବ ହୋଇପାରିଛି। ବର୍ତ୍ତମାନ ଜାତୀୟସ୍ତରର ଆବଶ୍ୟକତାଠାରୁ ଅଧିକ ପରିମାଣର ଖାଦ୍ୟଶସ୍ୟ ଏଫ୍‌ସିଆଇ ନିକଟରେ ମହଜୁଦ ଅଛି। ସେହିଭଳି ଓଡ଼ିଶା ଲୋକଙ୍କ ପାଇଁ ପ୍ରଚୁର ଖାଦ୍ୟଶସ୍ୟ ମଧ୍ୟ ରହିଛି ବୋଲି ଏଫ୍‌ସିଆଇର ଜନୈକ ଅଧିକାରୀ ହିରୋ ରାଉତ ସୂଚନା ଦେଇଛନ୍ତି।

### ଯୋଦ୍ଧା ସାଜିଛନ୍ତି କର୍ମଚାରୀ, ଶ୍ରମିକ

କୋଭିଡ୍-୧୯ ଭୟ ସତ୍ତ୍ୱେ ଲକଡାଉନ୍ ସମୟରେ କର୍ମଚାରୀମାନେ ନିଜର କାର୍ଯ୍ୟ ଠିକ୍ ଭାବେ ନିର୍ବାହ କରୁଛନ୍ତି। କରୋନା ଯୁଦ୍ଧରେ ଯୋଦ୍ଧା ସାଜି କୋଟି କୋଟି ଲୋକଙ୍କ ପେଟକୁ ଅନ୍ନ ଯୋଗାଉଛନ୍ତି। ବାତ୍ୟା ହେଉକି ବନ୍ୟା ଅବା ମହାମାରି ସମୟରେ ପ୍ରଥମେ ଏଫସିଆଇ ଛିଡା ହୋଇଛି। ୧୯୯୯ ବାତ୍ୟା ସମୟରେ ସେମାନେ ନିରବଚ୍ଛିନ୍ନ କାର୍ଯ୍ୟ କରିଥିଲେ, ଏବେ କରୋନା ସଂକଟରେ କରୁଛନ୍ତି, ଆଉ ଆଗକୁ ମଧ୍ୟ ଏପରି କାର୍ଯ୍ୟ ଜାରି ରହିବ।

**- ପ୍ରଶାନ୍ତ କୁମାର ଚମ୍ପତି, ଏଫ୍‌ସିଆଇ ୱାର୍କର ୟୁନିୟନ ନେତା, ଖୋର୍ଦ୍ଧାରୋଡ**

# ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ



**ଖୋର୍ଦ୍ଧା ଅଫିସ,୨୧।୪:** ଆସାମ ରାଜ୍ୟପାଳ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୫ମ ଶ୍ରାଦ୍ଧବାର୍ଷିକ ଅବସରରେ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ମଙ୍ଗଳବାର ନିରାଡମ୍ବର ଭାବେ ଶ୍ରଦ୍ଧାଞ୍ଜଳି ପାଳିତ ହୋଇଯାଇଛି। ଜାନକୀ ବଲ୍ଲଭ ପାର୍କସ୍ଥିତ ଜାନକୀଙ୍କ ପ୍ରତିମୂର୍ତ୍ତିରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ମୃତି କମିଟି ପକ୍ଷରୁ ନିରାଶ୍ରୟ, ଅସହାୟଙ୍କୁ ଖାଦ୍ୟ ସହ ମାସ୍କ ବଣ୍ଟା ଯାଇଥିଲା। କମିଟି ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ପ୍ରକାଶ ସାମନ୍ତରାୟ, ଏସ. ପରିଡା, ପଦ୍ମ ଚରଣ ରାୟ, ପ୍ଲାବନ ପଟ୍ଟନାୟକ, ସସ୍ମିତ ମହାନ୍ତି, ସିଳାଦ୍ରି ପଟ୍ଟନାୟକ, ମହମ୍ମଦ କେ. ହବ୍ବାତୁଲ୍ଲା, ଜିତେନ୍ଦ୍ର ଚମ୍ପତି, ବୁଟୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆବଦ୍ଧାଞ୍ଚଳ କଟକଣା କୋହଳ ପାଇଁ ଆଜି ଆଲୋଚନା

ଭୁବନେଶ୍ୱର, ୨୧।୪(ବ୍ୟୁରୋ)

କରୋନା ସଂକ୍ରମଣ ରୋକିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ୱାର୍ଡ଼ ନଂ.୬୭ର ସୁନ୍ଦରପଦା ଏବଂ ୱାର୍ଡ ନଂ.୬୪ର ଯଦୁପୁର ଅଞ୍ଚଳକୁ ଗତ ୫ ତାରିଖରେ ଆବଦ୍ଧାଞ୍ଚଳ ଘୋଷଣା ସହ ସିଲ୍ କରାଯାଥିଲା। ୧୩ ତାରିଖରେ ଏହାକୁ ପ୍ରତ୍ୟାହାର କରି ନିଆଯାଇଥଲେ ମଧ୍ୟ ୭ ଦିନ ଯାଏ ଆକ୍ଟିଭ୍ ସର୍ଭେଲାନ୍ସ ବଳବତ୍ତର ରହିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଥିଲା। ଏବେ ଏହାର କଣ୍ଟ ପୂରିଛି। ୱାର୍ଡ ନଂ ୪୬ର ସୂର୍ଯ୍ୟନଗରକୁ ଏପ୍ରିଲ ୧ରେ ସିଲ୍ କରି ୧୫ରେ ସିଲ୍ ଅଞ୍ଚଳକୁ ହ୍ରାସ କରାଯାଇଥିଲା। ସେବେଠାରୁ ଉକ୍ତ ଅଞ୍ଚଳରେ ଆଉ ନୂଆ କରୋନା ରୋଗୀ ଚିହ୍ନଟ ହୋଇନାହାନ୍ତି। ପୂର୍ବରୁ ସିଲ୍ ହୋଇଥିବା ଅଞ୍ଚଳରେ ମଧ୍ୟ ୭ ଦିନିଆ ଆକ୍ଟିଭ୍ ସେର୍ଭିଲାନ୍ସ କଣ୍ଟ ପୂରଣ ହୋଇଛି। କ୍ୱାରେଣ୍ଟାଇନ୍ ସମୟ ସାଧାରଣତଃ ୧୪ ଦିନ ହୋଇଥିବା ବେଳେ ସୂର୍ଯ୍ୟନଗରରେ ଏହା ୨୧ ଦିନରେ ପହଞ୍ଚିଲାଣି। ଆଉ ନୂଆ କରୋନା ରୋଗୀ ଚିହ୍ନଟ ହୋଇ ନ ଥିବାରୁ ସୂର୍ଯ୍ୟନଗରରୁ ସିଲ୍ ପ୍ରତ୍ୟାହାର ପାଇଁ ଆସନ୍ତା ଦିନେ ଦୁଇଦିନ ଭିତରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ବିଏମ୍‌ସିର ଜନୈକ ଅଧିକାରୀ କହିଛନ୍ତି।

ସତ୍ୟନଗର ସିଲ୍ ହେବାର ୧୪ ଦିନ ବିତିଗଲାଣି। ଉକ୍ତ ଅଞ୍ଚଳରେ ଆକ୍ଟିଭ ସର୍ଭେଲାନ୍ସ ଜାରି ରହିଛି। ଏହା ଭିତରେ ଆଉ ନୂଆ କରୋନା ରୋଗୀ ଚିହ୍ନଟ ହୋଇ ନାହାନ୍ତି। ତେଣୁ ଉକ୍ତ ଅଞ୍ଚଳକୁ ମଧ୍ୟ ସିଲ୍ ମୁକ୍ତ କରିବା ପାଇଁ ବିଏମ୍‌ସି ବିଚାର କରିବ। ବିଦ୍ୟୁତ୍ ମାର୍ଗ ଅଞ୍ଚଳର କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାର ଅଧିକାରୀ କରୋନା ରୋଗୀଙ୍କ ସଂସ୍ପର୍ଶରେ ଆସିବା ପରେ ସମ୍ପୃକ୍ତ କାର୍ଯ୍ୟାଳୟ ସିଲ୍ କରାଯିବା ସହ ଆଇବି କଲୋନୀର ୧୦୦ରୁ ଉର୍ଦ୍ଧ୍ୱ ପରିବାରୁ ହୋମ୍ କ୍ୱାରେଣ୍ଟାଇନ୍‌ରେ ରହିବାକୁ ଏପ୍ରିଲ୍ ୭ ତାରିଖରେ ନିର୍ଦ୍ଦେଶ ଦିଆଯାଇଥିଲା। ସେବେଠାରୁ ୧୪ ଦିନରୁ ଉର୍ଦ୍ଧ୍ୱ ହୋଇଯାଇଥିଲେ ମଧ୍ୟ କୌଣସି ଅଧିକାରୀ ଓ କର୍ମଚାରୀ କୋଭିଡ୍-୧୯ ପଜିଟିଭ୍ ଚିହ୍ନଟ ହୋଇ ନାହାଁନ୍ତି। ବୁଧବାର କିମ୍ବା ଗୁରୁବାର ଆଇବି କଲୋନୀକୁ କଟକଣା ମୁକ୍ତ କରିବା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ସ୍ଥିର କରିବେ ବୋଲି ସମ୍ପୃକ୍ତ ଅଧିକାରୀ କହିଛନ୍ତି। ଦକ୍ଷିଣ-ପୂର୍ବ ମଣ୍ଡଳର ୱାର୍ଡ ନଂ ୩୧ ସ୍ଥିତ ବମିଖାଲ ଅଞ୍ଚଳରେ ୧୪ ଜଣ କୋଭିଡ୍-୧୯ ପଜିଟିଭ୍ ଆସିବା ପରେ ଏଠାରେ ନିୟମିତ ଭାବେ ଲୋକଙ୍କ ରାପିଡ୍ ଟେଷ୍ଟ କରାଯାଉଛି। ଉକ୍ତ ଅଞ୍ଚଳରେ ଆବଦ୍ଧାଞ୍ଚଳ କଟକଣା କୋହଳ ନେଇ ବିଏମ୍‌ସି ଏବେ କିଛି ପଦକ୍ଷେପ ନେବ ନାହିଁ। ରାପିଡ୍ ଟେଷ୍ଟ ଏବଂ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନ ସରିବା ଯାଏ ବିଏମ୍‌ସି ସମ୍ପୃକ୍ତ ଅଞ୍ଚଳକୁ ସିଲ୍ କରି ରଖିବ ବୋଲି ଆଲୋଚନା ହୋଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ସାରା ରାଜ୍ୟରେ ଏବେ ୭୯ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ କେବଳ ଭୁବନେଶ୍ୱରରେ ୪୬ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ବମିଖାଲରେ ସର୍ବାଧିକ ୧୪, ସୂର୍ଯ୍ୟନଗରରେ ୮, ଝାରପଡ଼ାରେ ୬, ସତ୍ୟନଗରରେ ୪ ଓ ଅନ୍ୟ ସ୍ଥାନମାନଙ୍କରେ ଆଶାତୀତ କମ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ପଢ଼ା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠିରେ ପ୍ରସ୍ତାବ ଦେଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର, ୨୧।୪(ବ୍ୟୁରୋ):** ଲକ୍‌ଡାଉନ ଯୋଗୁ ପିଲାମାନଙ୍କ ପାଠପଢ଼ା ଏବଂ ପରୀକ୍ଷା ଆଦିରେ ସମସ୍ୟା ଦେଖାଦେଇଥିବା ବେଳେ ଏହାର ସମାଧାନ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଚିଠି ଲେଖି ଜଣାଇଛନ୍ତି। ଷଡ଼ଙ୍ଗୀ ଚିଠିରେ ଉଲ୍ଲେଖ କରିଛନ୍ତି, ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ବର୍ତ୍ତମାନ ସୁଦ୍ଧା ଦଶମ, ଦ୍ୱାଦଶ ଏବଂ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ପ୍ରକାଶିତ ହେବା କଥା। ମାତ୍ର ଦେଶବ୍ୟାପୀ ଲକ୍‌ଡାଉନ ଯୋଗୁ ଏସବୁ ପରୀକ୍ଷାଗୁଡିକ ଅଧାରେ ଅଟକି ରହିଛି। ଦଶମ ପରୀକ୍ଷା ଶେଷ ହୋଇସାରିଥିବା ବେଳେ ମୂଲ୍ୟାଙ୍କନ ହୋଇପାରି ନାହିଁ। ଅନ୍ୟ ପରୀକ୍ଷାଗୁଡିକ କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡିକରେ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ। ଯାହା ରାଜ୍ୟ ପାଇଁ ସମସ୍ୟା ସୃଷ୍ଟି କରିବା ସହିତ ପ୍ରଫେସନାଲ କୋର୍ସ ପାଇଁ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାଗୁଡ଼ିକରେ ମଧ ବାଧା ସୃଷ୍ଟି ହୋଇଛି। ଅଭିଭାବକମାନେ ପିଲାଙ୍କ ବାକିଥିବା ପରୀକ୍ଷା ଏବଂ ଫଳାଫଳକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ସରକାର ଏହା ଉପରେ କ'ଣ ପଦକ୍ଷେପ ନେବେ ତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଲୋକମାନଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ପରୀକ୍ଷା ପରିଚାଳନା କର୍ତ୍ତୃପକ୍ଷ ବାକିଥିବା ପରୀକ୍ଷା ଏବଂ ଫଳାଫଳ ପ୍ରକାଶ ହେବା ସମ୍ପର୍କରେ ଜଣାଇବା ସହିତ ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ କିଛି ଚୂଡ଼ାନ୍ତ ନିଷ୍ପତ୍ତି ନିଅନ୍ତୁ। ସାମାଜିକ ଦୂରତା ରକ୍ଷାକରି ଅନ୍‌ଲାଇନ ମାଧ୍ୟମରେ ପାଠପଢ଼ା ଆଦି କରାଯିବା ଆବଶ୍ୟକ। ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ସହ ଯୋଗାଯୋଗ କରି ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନେଇ ପିଲାମାନଙ୍କ ଲାଗି କିଛି ବ୍ୟବସ୍ଥା କରାଯାଇପାରିଲେ ଭଲ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

### ସହାୟତା ରାଶି ମାଗିଲେ ଉଠା ଦୋକାନୀ

**ରାୟଗଡ଼ା ଅଫିସ,୨୧।୪:** ରାୟଗଡ଼ା ପୌର ପରିଷଦ ଅଧୀନରେ କାର୍ଯ୍ୟ କରୁଥିବା ଉଠା ଠେଲା ଦୋକାନୀମାନେ ସରକାରୀ ସହାୟତାରୁ ବଞ୍ଚିତ ହେଉଥିବା ନେଇ ମଙ୍ଗଳବାର ଜିଲାପାଳ ପ୍ରମୋଦ ବେହେରାଙ୍କୁ ଦାବିପତ୍ର ଦେଇଛି ଯୁବ ବିକାଶ ବିକାଶ ପରିଷଦ। କରୋନା ସମୟରେ ଉଠା ଦୋକାନୀଙ୍କୁ ୩୦୦୦ ଟଙ୍କା ଲେଖାଏଁ ସହାୟତା ଦେବା ଦ୍ୱାରା କେତେକ ଉପକୃତ ହୋଇଛନ୍ତି। କିନ୍ତୁ ଅନ୍ୟ କେତେକ ପାଇନାହାନ୍ତି। ସହରର ରାଣୀଗୁଡ଼ା ଫାର୍ମ, କସ୍ତୁରୀନଗର, ବ୍ୟାଙ୍କ କଲୋନୀ ପରି ଅନେକ ସ୍ଥାନରେ କେତେକ ଉଠା ଦୋକାନୀ ଏହି ସୁବିଧାରୁ ବଞ୍ଚିତ ରହିଛନ୍ତି। ସେମାନଙ୍କୁ ତୁରନ୍ତ ଏହି ସହାୟତା ଦେବା ପାଇଁ ଦାବି କରିଛନ୍ତି ଯୁବ ବିକାଶ ପରିଷଦ ସଭାପତି ଶିବାଜୀ ଦାଶ।

# ପଶ୍ଚିମବଙ୍ଗ ଫେରନ୍ତାଙ୍କ ତଥ୍ୟ ଯାଞ୍ଚ ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୨୧।୪**

ବାଲେଶ୍ୱର ଜିଲାରେ କରୋନା ଭୂତାଣୁ ସଂକ୍ରମଣ ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡ଼ିସି) ଅନୀଲ କୁମାର ସାମଲ ସମୀକ୍ଷା କରିଛନ୍ତି।

**କରୋନା ସ୍ଥିତି ସମ୍ପର୍କରେ ସମୀକ୍ଷା କଲେ ଆରଡ଼ିସି**


ସମୀକ୍ଷା ବୈଠକରେ ଆରଡ଼ିସି ଅନୀଲ କୁମାର ସାମଲ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀମାନେ।

ସୋମବାର ସ୍ଥାନୀୟ ସର୍କିଟ ହାଉସଠାରେ ଆୟୋଜିତ ବୈଠକରେ ଆରଡିସି ସାମଲ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ, ଫକୀରମୋହନ ମେଡ଼ିକାଲ କଲେଜ ଅଧକ୍ଷ ଡା. ରାମଚନ୍ଦ୍ର ଗିରି ପ୍ରମୁଖଙ୍କ ସହ କୋଭିଡ୍‌-୧୯ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଅନ୍ୟ ରାଜ୍ୟ ବିଶେଷ କରି ପଶ୍ଚିମବଙ୍ଗରୁ ଆସୁଥିବା ଲୋକଙ୍କର ପଞ୍ଚାୟତୱାରି ତାଲିକା ପ୍ରସ୍ତୁତ କରିବା ସହିତ ସେମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରି ତାହାର ଯାଞ୍ଚ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଗତ ୧୪ ଦିନ ମଧ୍ୟରେ ପଡ଼ୋଶୀ ରାଜ୍ୟରୁ ଜିଲାକୁ ଆସିଥିବା ଲୋକମାନଙ୍କୁ ବିଭିନ୍ନ ପଞ୍ଚାୟତରେ ପ୍ରସ୍ତୁତ କରାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବାଧ୍ୟତାମୂଳକ ଭାବେ ରଖିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କଠାରୁ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇବା ଲାଗି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ କୁହାଯାଇଛି।

ମଙ୍ଗଳବାର ବସ୍ତା ବ୍ଲକର ପ୍ରାୟ ୨୫ଟି ନମୁନା ପରୀକ୍ଷା ପାଇଁ ପଠାଯାଇଛି। ପୂର୍ବାହ୍ନରେ ଆରଡ଼ିସି ସାମଲ ସହରର ସଂକ୍ରମଣ ପ୍ରତିରୋଧ ଇଲାକା(କଣ୍ଟେନମେଣ୍ଟ ଜୋନ)କୁ ପରିଦର୍ଶନ କରିଛନ୍ତି। ସେମାନଙ୍କର କଣ୍ଟାକ୍ଟ ଟ୍ରେସିଂ ସରିଯାଇଥିବାବେଳେ ପ୍ରାୟ ୩୦ଜଣଙ୍କର ନମୁନା ତୁରନ୍ତ ପରୀକ୍ଷା ପାଇଁ ପଠାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସେଠାରେ କରାଯାଇଥିବା ବିଭିନ୍ନ ବ୍ୟବସ୍ଥା ଏବଂ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ସନ୍ତୋଷ ପ୍ରକାଶ କରିଥିଲେ। ନୀଳଗିରି ବ୍ଲକ ଧରମପୁର ପଞ୍ଚାୟତ ରିଗିଡି ଗ୍ରାମରେ ଅଢେଇ ବର୍ଷର ଝିଅ ସଂକ୍ରମିତ ଚିହ୍ନଟ ହେବା ପରେ ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯିବା ସହିତ ଆକ୍ଟିଭ ସର୍ଭେଲାନ୍ସ କରାଯାଇଛି। ଘରକୁ ଘର ବୁଲି ସର୍ଭେ କରାଯିବା ସହିତ ସେଠାରୁ ନମୁନା ସଂଗ୍ରହ କରାଯାଇଛି। ସେହି ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ପନିପରିବା ପହଞ୍ଚାଇବା ଲାଗି ବ୍ୟବସ୍ଥା କରିବାକୁ ଆରଡ଼ିସି ଅଧିକାରୀମାନଙ୍କୁ କହିଛନ୍ତି। ବାଲେଶ୍ୱର ଗସ୍ତରେ ଆସିଥିବା ଡିଜିପି ଅଭୟଙ୍କ ସହ ଆରଡ଼ିସି ସାମଲ ସାକ୍ଷାତ କରିବା ସହିତ ପଶ୍ଚିମବଙ୍ଗ ସୀମାକୁ ସିଲ୍ କରିବା ଏବଂ ଅନୁପ୍ରବେଶ ରୋକିବା ସମ୍ପର୍କରେ ଆଲୋଚନା କରିଛନ୍ତି । ଡିଜିପି ଏଥିପ୍ରତି ଦୃଷ୍ଟି ଦେବା ସହିତ କଡ଼ା ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସେ ଜଣାଇଛନ୍ତି।

# ସୀମା ସିଲ୍ ଅଞ୍ଚଳ ପରିଦର୍ଶନ କଲେ ଡିଜିପି

**ବାଲେଶ୍ୱର ଅଫିସ/ଜଳେଶ୍ୱର/ ବାରିପଦା ଅଫିସ, ୨୧।୪(ସ୍ୱ.ପ୍ର.)**


ପଶ୍ଚିମବଙ୍ଗ ସୀମାରେ ଡିଜିପି ଅଭୟ, ଅତିରିକ୍ତ ଡିଜିପି ସୌମେନ୍ଦ୍ର ପ୍ରିୟଦର୍ଶୀ, ପୂର୍ବାଞ୍ଚଳ ଆଇଜି ଦିପ୍ତେଶ ପଟ୍ଟନାୟକ, ଏସ୍‌ପି ବି. ଯୁଗଳ କିଶୋର ଓ ଅନ୍ୟ ପୋଲିସ ଅଧିକାରୀ।

ଓଡ଼ିଶାରେ ଚିହ୍ନଟ ହୋଇଥିବା ସର୍ବାଧିକ କରୋନା ଆକ୍ରାନ୍ତଙ୍କ ପଶ୍ଚିମବଙ୍ଗ ଲିଙ୍କ୍ ରହିଥିବା ଜଣାପଡିବା ପରେ ରାଜ୍ୟ ସରକାର ସୀମାନ୍ତ ଅଞ୍ଚଳରେ ସୁରକ୍ଷା କଡାକଡି ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ସୀମା ସିଲ୍ ଅଞ୍ଚଳର ବାସ୍ତବ ସ୍ଥିତି ପରିଖିବା ପାଇଁ ମଙ୍ଗଳବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଅଭୟ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ଗସ୍ତ କରିଥିଲେ। ଡିଜିପି ଅଭୟ ପୂର୍ବାହ୍ନ ୧୧ଟା ୪୫ ମିନିଟ୍‌ସମୟରେ ବାଲେଶ୍ୱର ପୋଲିସ ଲାଇନ ପଡ଼ିଆରେ ପହଞ୍ଚି ସହରର ଥିବା ଟ୍ରାଫିକ ଥାନା, ଟାଉନ ଓ ସହଦେବଖୁଣ୍ଟା ଥାନା ସହିତ ରିଜର୍ଭ ପୋଲିସ ବାରାକକୁ ପରିଦର୍ଶନ କରିଥିଲେ। ସବୁଠି ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦେଇଥିଲେ। ଆବଦ୍ଧାଞ୍ଚଳ ଘୋଷଣା ହୋଇଥିବା ସ୍ଥାନକୁ ଯାଇ ସେଠାରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ସହ ସ୍ଥିତି ସମ୍ପର୍କରେ ବୁଝିଥିଲେ। ଏହାପରେ ମଧ୍ୟାହ୍ନ ୧୨ଟା ୪୫ରେ ଡିଜିପି ଅଭୟ ଜଳେଶ୍ୱର ଶାନ୍ତିଆ ହେଲିପ୍ୟାଡ଼ଠାରେ ଅବତରଣ କରି ୬୦ନଂ. ଜାତୀୟ ରାଜପଥର ଟୋଲପ୍ଲାଜା ନିକଟରେ ଥିବା ଜଳେଶ୍ୱର ପୋଲିସର ଅସ୍ଥାୟୀ ଚେକ୍‌ଗେଟ୍‌ଠାରେ ପହଞ୍ଚିଥିଲେ। ସେଠାରେ ସେ କେତେକ ପଦସ୍ଥ କର୍ମଚାରୀଙ୍କ ସହ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ପରେ ନିକଟରେ ଥିବା ଅନ୍ୟ ଏକ ଗେଟ୍ ବୁଲି ଦେଖିଥିଲେ। ବାଲେଶ୍ୱରର ସ୍ଥିତି ଗମ୍ଭୀର ଥିଲେ ମଧ ନିୟନ୍ତ୍ରଣରେ ରହିଥିବା ପ୍ରକାଶ କରିଥିଲେ । ଡିଜିପିଙ୍କ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ପୂର୍ବାଞ୍ଚଳ ଆଇଜି ଦିପ୍ତେଶ ପଟ୍ଟନାୟକ, ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର, ଆଇଆଇସି ଧନେଶ୍ୱର ସାହୁ, ରାଇବଣିଆ ଓଆଇସି ଅଜୟ ମୁର୍ମୁ, ସେଠାରେ କାର୍ଯ୍ୟରତ ପ୍ରବେଶନାରୀ ଡିଏସ୍‌ପି ଅଭିଷେକ ପାଣିଗ୍ରାହୀ, ସ୍ୱରାଜ ଦେବତା ଓ ଅଞ୍ଜନା ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ଡିଜିପି ଅଭୟ ମୟୂରଭଞ୍ଜ ଜିଲା ଗସ୍ତ କରି ପଶ୍ଚିମବଙ୍ଗ ସୀମା ଚକଶୁଳିଆପଦାଠାରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ଜିଲା ପୋଲିସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ଜିଲା ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି ଥିବା ବେଳେ ଆଗାମୀ ଦିନରେ ସେଠାରେ ଅଧିକ ଫୋର୍ସ ନିଯୁକ୍ତ କରାଯିବ ବୋଲି ସୂଚନା ଦେଇଥିଲେ। ଯେଉଁମାନେ ସୀମା ଦେଇ ଲୁଚିଛପି ଆସୁଛନ୍ତି ଧରାପଡ଼ିଲେ ସେମାନଙ୍କୁ ୧୪ ଦିନ କ୍ୱାରାଣ୍ଟାଇନରେ ରଖାଯିବା ସହିତ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଜି ଅଭୟ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### କଳିକତାରୁ ଆସୁଥିବା ବ୍ୟବସାୟୀଙ୍କୁ ନେଇ ଗଣ୍ଡଗୋଳ

**ପାରାଦୀପ,୨୧।୪(ସ୍ୱ.ପ୍ର.)**

ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ତେବେ ଏମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗ ଫେରନ୍ତା ଲୋକ ଥିବାରୁ ସେମାନଙ୍କୁ ନେଇ ପାରାଦୀପରେ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ବିଶେଷକରି କଲିକତାରୁ ଆସୁଥିବା ବିଭିନ୍ନ ବ୍ୟବସାୟୀଙ୍କୁ ନେଇ ଅଠରବାଙ୍କି ବାଲିପୁଟ ମାଛ ବଜାର ଓ ଟ୍ରକ୍ ପଣ୍ୟ ପରିବହନ ସ୍ଥଳରେ ମଙ୍ଗଳବାର ଗଣ୍ଡଗୋଳ ହୋଇଥିବା ଦେଖିବାକୁ ମିଳିଛି। କଲିକତାକୁ ମାଛ ନେଇ ଯାତାୟାତ କରୁଥିବା ବେପାରୀ ଓ ଗାଡି ଚାଳକଙ୍କୁ ନେଇ ବାଲିପ୍ଲଟ୍ ଲୋକେ ବିରୋଧ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ଏହାକୁ ନେଇ ବ୍ୟବସାୟୀ ଓ ଲୋକଙ୍କ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ପରେ ପାରାଦୀପ ଆଦର୍ଶ ଥାନା ପୋଲିସ ପହଞ୍ଚି ସମାଧାନ କରିଥିଲା। ସେହିପରି କଲିକତାକୁ ପ୍ରତ୍ୟହ ଯାଉଥିବା ପଣ୍ୟ (କୋଇଲା, ପଲିମର)ଗାଡି ସମ୍ପର୍କରେ ବିବାଦ ଉପୁଜିବାରୁ ମଙ୍ଗଳବାର ତାହାକୁ ବନ୍ଦ କରାଯାଇଛି। ଏ ସମ୍ପର୍କରେ ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର କହିଛନ୍ତି, ପଶ୍ଚିମବଙ୍ଗରୁ ଆସୁଥିବା ଲୋକଙ୍କଠାରେ କରୋନା ପଜିଟିଭ ଜଣାପଡିବା ପରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ସେମାନଙ୍କୁ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯାଇଛି।

### କୃଷି ଋଣ ଉପରେ ୩ ମାସର ମୋରାଟୋରିୟମ

ନୂଆଦିଲ୍ଲୀ,୨୧।୪: କୃଷି ଋଣ ନେଇଥିବା କୃଷକଙ୍କୁ ମିଳିବ ଆଶ୍ୱସ୍ତି । କୃଷି ଋଣ ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମଙ୍ଗଳବାର ୩ ମାସର ମୋରାଟୋରିୟମ ଘୋଷଣା କରିଛି। ଏହି ସମୟରେ ଅଧିକ ହାରରେ ସୁଧ ମଧ କୃଷକଙ୍କୁ ଦେବାକୁ ପଡିବ ନାହିଁ। କିଷାନ କ୍ରେଡିଟ୍ କାର୍ଡରେ ଋଣ ନେଇଥିବା କୃଷକଙ୍କୁ ଏହାର ଲାଭ ଉପଲବ୍ଧ ହେବ। କରୋନା ଯୋଗୁ ଏବେ କୃଷକମାନେ ବିଭିନ୍ନ ଅସୁବିଧା ସାମ୍ନା କରୁଛନ୍ତି। ଏହାକୁ ଧ୍ୟାନରେ ରଖି କୃଷକଙ୍କୁ ଆଶ୍ୱସ୍ତି ଦେବା ଲାଗି ଏଭଳି ପଦକ୍ଷେପ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଇଛି। ଏହା ସହ କୃଷକ ଇଣ୍ଟରେଷ୍ଟ ସବ୍‌ଭେନଶନ ସ୍କିମ୍‌ର ଲାଭ ଉଠାଇବାକୁ ମଧ ସୁବିଧା ପାଇବେ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ୨ ଦିନରେ ୧୩ରୁ ଅଧିକ ବିରାଡ଼ି ମୃତ: କରୋନା ସଂକ୍ରମଣ ନେଇ ଲୋକେ ଆତଙ୍କିତ

**ୱୟାନାଡ଼,୨୧।୪:** କେରଳରେ କରୋନା ସଂକ୍ରମଣ ରୋକିବା ଲାଗି ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ସ୍ଥାନୀୟ ମାନାନ୍ଥାବାଡ଼େ ଏବଂ ମେପାଡ୍ଡି ଅଞ୍ଚଳରେ ବିରାଡ଼ି ମୃତ୍ୟୁକୁ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ଗତ ୨ ଦିନ ମଧ୍ୟରେ ଏଠାରେ ୧୩ରୁ ଅଧିକ ବିରାଡ଼ିଙ୍କ ମୃତ୍ୟୁ ଘଟିଛି। ଗୃହପାଳିତ ପ୍ରାଣୀଙ୍କୁ କରୋନା ସଂକ୍ରମଣ ନେଇ ଲୋକେ ଆଶଙ୍କା କରିଥିଲେ। ଏନେଇ ସ୍ଥାନୀୟ ସ୍ୱାସ୍ଥ୍ୟ ଏବଂ ପ୍ରାଣୀ ଚିକିତ୍ସା ବିଭାଗକୁ ସୂଚିତ କରାଯାଇଥିଲା। ପ୍ରାଣୀ ଚିକିତ୍ସା ବିଭାଗ କର୍ମଚାରୀ ମୃତ ବିରାଡ଼ିଗୁଡ଼ିକୁ ବ୍ୟବଚ୍ଛେଦ କରିବା ପରେ ଜଣାପଡ଼ିଥିଲା ଯେ, ସେମାନଙ୍କର ମୃତ୍ୟୁ ଫିଲାଇନ୍ ପାରଭୋ ଭୂତାଣୁ ଯୋଗୁ ହୋଇଛି। ଏହି ଭୂତାଣୁ ମଣିଷଠାରେ ସଂକ୍ରମଣ ହୋଇପାରେ ନାହିଁ ବୋଲି ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାନାନ୍ଥାବାଡ଼େ ଏବଂ ମେପାଡ୍ଡି ଅଞ୍ଚଳକୁ ସାନିଟାଇଜ୍ କରାଯାଇଛି।

# ପଶ୍ଚିମବଙ୍ଗ ଫେରନ୍ତାଙ୍କ ଗଳାବାଟ ଉପାନ୍ତ ଅଞ୍ଚଳ ଗ୍ରାମ ରାସ୍ତା

**ଜଳେଶ୍ୱର, ୨୧।୪(ସ୍ୱ.ପ୍ର.)**

କରୋନା ସଂକ୍ରମଣ ରୋକିବା ଲାଗି ଲକଡାଉନ୍ ଘୋଷଣା ପରେ ସମସ୍ତ ଆନ୍ତଃ ରାଜ୍ୟ ସୀମା ସିଲ୍ କରାଯାଇଛି। ହେଲେ ପଶ୍ଚିମବଙ୍ଗ-ଓଡ଼ିଶା ଉପାନ୍ତ ଅଞ୍ଚଳର ବହୁ ଗ୍ରାମ୍ୟ ରାସ୍ତା ଦେଇ ଯାନବାହନ ଚଳପ୍ରଚଳ କରୁଛି। ପଶ୍ଚିମବଙ୍ଗ ଫେରନ୍ତାଙ୍କ ପାଇଁ ଏହା ଗଳାବାଟ ପାଲଟିଛି। କେତେକ ମୁଖ୍ୟ ରାସ୍ତାରେ ବାଡ଼ କରାଯାଇଥିଲେ ମଧ ପଶ୍ଚିମବଙ୍ଗପଟୁ ଆସୁଥିବା ଯାନବାହନଗୁଡ଼ିକ ଅସ୍ଥାୟୀ ବାଡ଼କୁ ଉପାଡ଼ି ଯାତାୟାତ କରୁଛନ୍ତି। ବହୁ ଗ୍ରାମ୍ୟ ରାସ୍ତାରେ ବାଡ଼ ହୋଇ ନ ଥିବା ବେଳେ ପୋଲିସ ପକ୍ଷରୁ କେବଳ କାଁ ଭାଁ ହୋମଗାର୍ଡ ମୁତୟନ ହେବା ଓ ନଦୀ ବାଟେ ନୌକା ସାହାଯ୍ୟରେ ବାହାର ରାଜ୍ୟରୁ ଲୋକେ ପଶି ଆସୁଥିବା ନଜରକୁ ଆସିଛି।

୬୦ନଂ. ଜାତୀୟ ରାଜପଥ ବ୍ୟତୀତ ଜଳେଶ୍ୱର-ସୁନାକଣିଆ, ସୁଗୋ-ମାଟିପୁରା, ଆମ୍ବଲିଅଠା-ସୋଲପଟ୍ଟା, ଚୁଡାମଣିପୁର-ଖଡିକା, ଗେଙ୍ଗଟାପାଳ-ଜମ୍ବିରାପାଳ, ରଙ୍ଗାମାଟିଆ-ସାତହାଟିଆ, ପଳାସବଣି-ଝଡାବଣି, ଚନ୍ଦ୍ରପୁର-ଜୟଖୁଣ୍ଟା, ମହୁଡୁମା-ଦୋଳଗାଁ, କୁସଗଡ-ଶାଳଗଡିଆ, ହଳଦିଗୁଣ୍ଡି-ଶାଳଗଡିଆ, ସୁବର୍ଣ୍ଣରେଖା ନଦୀ ଅସ୍ଥାୟୀ ପୋଲ ଯୋଗୁ ଓଲମରା-ଦାନ୍ତୁନ, ମାକିଡିଆ-ଦାନ୍ତୁନ, କୁଅଁରପୁର-ଘୋଲାଇ, ତୋଟାପଡା-ଲଳିତାପୁର, ଡିପିପୁର-ସୋନାକଣିଆ, ଗୁଆଗଡିଆ-ସୁନାକଣିଆ, ଆଡିନଗା-ଧୁଇପଡା, ଛୋଟକଣ୍ଟାବଣି-କଣ୍ଟାବଣି, ବେଲବାରିଆ-ଦୁବାଡିଆ, ସେକ୍ ବେଙ୍ଗଲ-କଣ୍ଟାବଣି, ନେଡୁଆ-ଗୋମୁଣ୍ଡା, କମର୍ଦ୍ଦଛକ-ଖଇର୍ଦ୍ଧା, କମର୍ଦ୍ଦାବଜାର-ବିଲମାଧିଆ, ସାହୁଛକ-ମୋହନପୁର, ମହାଗବ-ବୁଢାଅମର୍ଦ୍ଦା, ବେଣୁଦା- ବୁଢାଅମର୍ଦ୍ଦା ଆଦି ରାସ୍ତା ରହିଛି। ଏହି ରାସ୍ତା ଦେଇ ପଶ୍ଚିମବଙ୍ଗରୁ ପ୍ରତିଦିନ ରାତିରେ ଚୋରାରେ ଶହ ଶହ ଲିଟର ମଦ, ପେଟ୍ରୋଲ, ମାଛ ଜାଆଁଳ ପରିବହନ ହେଉଛି। ୬୦ନଂ. ଜାତୀୟ ରାଜପଥ ନିକଟ କେତେକ ରାସ୍ତାରେ ପଶ୍ଚିମବଙ୍ଗରୁ କେତେକ ୪ଚକିଆ ଯାନ, ପିକ୍‌ଅପ୍, ମାଛ ଭ୍ୟାନ୍ ଯୋଗେ ଲୋକେ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ବହୁ ବ୍ୟକ୍ତି ସାଇକେଲ, ସଡ଼କ ଓ ରେଳଧାରଣାରେ ଚାଲି ଚାଲି ମଧ ଚାଲିଆସୁଛନ୍ତି। ଏସବୁ ରାସ୍ତାରେ ପୋଲିସ ଫୋର୍ସ ମୁତୟନ କରାଯିବା ସହ ବାରମ୍ବାର ପାଟ୍ରୋଲିଂ କରାଗଲେ ଚଳପ୍ରଚଳ ବନ୍ଦ ହୋଇପାରିବ ବୋଲି ଜଣାପଡିଛି। ପୋଲିସ ଡିଜି ଅଭୟ ମଙ୍ଗଳବାର ୬୦ନଂ. ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲପ୍ଲାଜାଠାରେ ପହଞ୍ଚିବା ବେଳକୁ ପଶ୍ଚିମବଙ୍ଗପଟୁ ଶତାଧିକ ୪ ଚକିଆଯାନ, ଆମ୍ବୁଲାନ୍ସ ଧାଡ଼ିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା।

### ବିଦ୍ୟୁତ୍ କର୍ମଚାରୀଙ୍କ ପାଇଁ ପ୍ରୋତ୍ସାହନ ଦାବିକଲା ସଂଘ

**ଭୁବନେଶ୍ୱର,୨୧।୪(ବ୍ୟୁରୋ):** ସାରା ମାନବ ସମାଜ କରୋନା ମୁକାବିଲାରେ ଲାଗିପଡିଛି। ଏହି ଲଢ଼େଇରେ ବିଦ୍ୟୁତ୍ ବିଭାଗର ବହୁତ ଅବଦାନ ରହିଛି। ଏହା କେବଳ ଜରୁରୀ ନୁହେଁ, ଅତ୍ୟନ୍ତ ଆବଶ୍ୟକତା ମଧ। ତେଣୁ ବିଭାଗୀୟ କର୍ମଚାରୀଙ୍କ ପ୍ରତି କେତେକ କ୍ଷେତ୍ରରେ ବିଶେଷ ଦୃଷ୍ଟି ଦେବାକୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ପକ୍ଷରୁ ଦାବି କରାଯାଇଛି। ଏହାର ସାଧାରଣ ସମ୍ପାଦକ ଅକ୍ଷୟ ତ୍ରିପାଠୀ କହିଛନ୍ତି, ବିଦ୍ୟୁତ୍ ବିଭାଗର କର୍ମଚାରୀ ତଥା କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ କରୋନା ପ୍ରଭାବିତ ହଟ୍‌ସ୍ପଟ୍‌ରେ କାର୍ଯ୍ୟ କରୁଛନ୍ତି। ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଇଥିବା ଫ୍ରାଞ୍ଚାଇଜ୍‌କମ୍ପାନୀମାନେ ଘରେ ରହିବାକୁ ଉପଯୁକ୍ତ ମଣିଛନ୍ତି। ଅସ୍ଥାୟୀ କର୍ମଚାରୀମାନେ ଗତ ନଭେମ୍ବରରୁ ଦରମା ପାଇନାହାନ୍ତି। ଏଯାବତ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ପାଇଁ ବୀମା ବ୍ୟବସ୍ଥା ଘୋଷଣା କରାଯାଇନାହିଁ ବୋଲି ଅକ୍ଷୟ କହିଛନ୍ତି। ବିଦ୍ୟୁତ କର୍ମଚାରୀଙ୍କ ପାଇଁ ସରକାର ସହାୟତା ଏବଂ ପ୍ରୋତ୍ସାହନ ରାଶି ଘୋଷଣା କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ନିରଞ୍ଜନଙ୍କ ଚିଠି

**ଭୁବନେଶ୍ୱର, ୨୧।୪(ବ୍ୟୁରୋ)**

କରୋନା ସଂକ୍ରମଣରୁ ରକ୍ଷାପାଇବା ପାଇଁ ସରକାର ଯେଉଁସବୁ ପଦକ୍ଷେପ ଗ୍ରହଣ କରିଆସୁଛନ୍ତି, ତାହା ସ୍ୱାଗତଯୋଗ୍ୟ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି କେତେକ ପ୍ରସ୍ତାବ ରଖିଛନ୍ତି। ନିରଞ୍ଜନ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଲକ୍‌ଡାଉନ କେବେ ହଟିବ ତାହା ଏବେଠାରୁ ଆକଳନ କରିହେବ ନାହିଁ। ତାଲାବନ୍ଦ ଯୋଗୁ ରାଜ୍ୟର ଲକ୍ଷାଧିକ ଚାଷୀ, ଶ୍ରମଜୀବୀ, ଉଠାଦୋକାନୀ ପ୍ରବଳ କ୍ଷତି ସହିଲେଣି। ରାଜ୍ୟ ବାହାରେ ରହୁଥିବା ଶ୍ରମିକମାନେ କଷ୍ଟ ଭୋଗୁଛନ୍ତି। ରାସନ କାର୍ଡ ପାଇ ନ ଥିବା ଲୋକେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଏମାନଙ୍କ ଲାଗି ଘୋଷଣା କରିଥିବା ସହାୟତା ଯଥେଷ୍ଟ ନୁହେଁ। ସେହିପରି ଦୀର୍ଘଦିନ ହେଲା ରାଜ୍ୟର ସମସ୍ତ ଧର୍ମପୀଠ ବନ୍ଦ ହୋଇଥିବାରୁ ସେବାୟତ, ପୂଜକମାନେ ମଧ ଆର୍ଥିକ ଦୁର୍ଗତି ଦେଇ ସମୟ ବିତାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ୨୧୩୦ ସେବାୟତ ପରିବାରକୁ ପରିବାର ପିଛା ୫ହଜାର ଟଙ୍କା ଆର୍ଥିକ ସହାୟତା ଦେବାକୁ ଘୋଷଣା କରାଯାଇଛି। ସେହିପରି ରାଜ୍ୟର ବିଭିନ୍ନ ଧର୍ମପୀଠରେ ସେବାୟତ, ପୂଜକ, ମାଳୀ, ରୋଷେୟା ଆଦି କାମରେ ନିୟୋଜିତ ଏକ ଲକ୍ଷରୁ ଅଧିକ ପରିବାର ନିର୍ଭର କରନ୍ତି। ସେମାନଙ୍କ ଚଳିବାର ଆଉ କୌଣସି ପନ୍ଥା ନାହିଁ, ତେଣୁ ସରକାର ଶ୍ରୀମନ୍ଦିର ସେବାୟତଙ୍କ ଭଳି ଅନୁରୂପଭାବେ ଏମାନଙ୍କୁ ଆର୍ଥିକ ସହାୟତା ଦେବା ଉଚିତ। ଜୁନ୍ ୨୩ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। ଆସନ୍ତା ୨୬ ତାରିଖ ଅକ୍ଷୟତୃତୀୟାଠାରୁ ରଥ ନିର୍ମାଣ ଆରମ୍ଭ ହେବ। ତେଣୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସରକାର ଶ୍ରୀମନ୍ଦିର ପରିଚାଳନା କମିଟି ଓ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସହ ଯଥାଶୀଘ୍ର ବିଚାରବିମର୍ଶକରି ରଥଯାତ୍ରା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ନିରଞ୍ଜନ ଅନୁରୋଧ କରିଛନ୍ତି।

### ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ, ପ୍ରକ୍ରିୟାକରଣକୁ ଅଗ୍ରାଧିକାର

**ଭୁବନେଶ୍ୱର,୨୧।୪(ବ୍ୟୁରୋ):** ରାଜ୍ୟର ଅନୁସୂଚିତ ଜାତି(ଏସ୍‌ଟି) ବହୁଳ ଜିଲା ଗୁଡିକରେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଏବଂ ବିପଣନ ପାଇଁ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଅନୁମତି କ୍ରମେ ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ଏ ନେଇ ସୋମବାର ୧୩ ଜିଲାର ଜିଲାପାଳ ଏବଂ ଏସ୍‌ପିଙ୍କୁ ଚିଠି ଲେଖାଯାଇଛି। ଏହି ଜିଲାଗୁଡିକ ହେଲା-ମାଲକାନଗିରି, କୋରାପୁଟ, ରାୟଗଡା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ସମ୍ବଲପୁର, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡା, ଗଜପତି ଏବଂ ଦେଓଗଡ଼। ଲଘୁ ବନଜାତ ଦ୍ରବ୍ୟକୁ ସାମାଜିକ ଦୂରତା ରଖି ସଂଗ୍ରହ ସହ ଏହା ଯେପରି ଅବାଧରେ ବଜାରରେ ଉପଲବ୍ଧ ହୋଇପାରିବ, ସେଥିପାଇଁ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିବ। ପଞ୍ଚାୟତସ୍ତରରେ ଏହି ପ୍ରକ୍ରିୟାକରଣ, ସଂଗ୍ରହ ଏବଂ ବିପଣନରେ ଭାଗ ନେଉଥିବା ସଂସ୍ଥା ଓ ବ୍ୟକ୍ତିବିଶେଷ ପଞ୍ଜୀକରଣ କରାଇବେ। ଓଏସ୍‌ଏଫଡିସି ଏବଂ ଟିଡିସିସି ଦ୍ୱାରା ପ୍ରାଥମିକ ପ୍ରକ୍ରିୟାକରଣ ତଥା ସଂଗ୍ରହ କରାଯିବ। ସଂଗ୍ରହ ହୋଇ ଏହାକୁ ଗୋଦାମ ଘର ଏବଂ ଶୀତଳ ଭଣ୍ଡାରରେ ରଖିବା ବ୍ୟବସ୍ଥା କରିବାକୁ ବିଭାଗ ପକ୍ଷରୁ ସମ୍ପୃକ୍ତ ଜିଲାପାଳ ଏବଂ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# କ୍ୱାରାଣ୍ଟାଇନରେ ୩ ଡାକ୍ତର, ୧୯ ପାରା ମେଡିକାଲ କର୍ମଚାରୀ

**ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ**

- କରୋନା ମାର୍ଗଦର୍ଶିକା ଆଧାରରେ ପରିଚାଳନା କରନ୍ତୁ: ଜିଲାପାଳ
- ସୀମା ସୁରକ୍ଷା ଦେବାକୁ ଥାନାଧିକାରୀଙ୍କୁ ଏସ୍‌ପିଙ୍କ ନିର୍ଦ୍ଦେଶ

**ଯାଜପୁର ଅଫିସ,୨୧।୪**

ମାର୍ଚ୍ଚ ୨୯ରେ କୋଲକାତାରୁ ଫେରିଥିବା କରୋନା ସଂକ୍ରମିତଙ୍କ ଚିକିତ୍ସାରେ ଡାକ୍ତର ଓ ନର୍ସମାନେ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ମାର୍ଗଦର୍ଶିକାକୁ ଠିକଭାବେ ପାଳନ କରିନାହାନ୍ତି। ତେଣୁ ଜିଲା ସଦର ଡାକ୍ତରଖାନାର ସମ୍ପୃକ୍ତ ୩ ଡାକ୍ତର ଓ ୧୯ ପାରା ମେଡିକାଲ କର୍ମଚାରୀଙ୍କୁ ମଙ୍ଗଳବାର ସଂକ୍ରମଣ ଆଶଙ୍କାରେ କ୍ୱାରାଣ୍ଟାଇନରେ ରଖାଯାଇଛି। ରାଜ୍ୟରେ ପ୍ରଥମ ଜିଲା ଭାବେ ସ୍ୱାସ୍ଥ୍ୟ ବିଭାଗର ଏତେଜଣ କର୍ମଚାରୀ କ୍ୱାରାଣ୍ଟାଇନରେ ରହିଛନ୍ତି। ଏହିକ୍ରମରେ ଜିଲାପାଳ ରଞ୍ଜନ କୁମାର ଦାସ ମଙ୍ଗଳବାର ଭିଡିଓ କନଫରେନ୍ସିଂ ଜରିଆରେ ପ୍ରତ୍ୟେକ ବ୍ଲକର ବିଡିଓ, ତହସିଲଦାର, ଆଇଆଇସି, ସିଡିପିଓ ଓ ମେଡିକାଲ ଅଫିସରଙ୍କୁ କରୋନା ମାର୍ଗଦର୍ଶିକା ଆଧାରରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ବିଶେଷ କରି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ସନ୍ଦିଗ୍ଧ କରୋନା ବା କରୋନା ପଜିଟିଭଙ୍କ ସମ୍ପର୍କରେ ଆସିବାବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ପାଳନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କ୍ୱାରାଣ୍ଟାଇନ ବା ଆଇଶୋଲେସନ ଗୃହରେ ଲୋକଙ୍କୁ ରଖିଲାବେଳେ ସାମାଜିକ ଦୂରତା ବଜାୟ ସହ ସେମାନଙ୍କ ଖାଇବା, ଶୌଚ ବ୍ୟବସ୍ଥା, ପରିଚ୍ଛନ୍ନତା ଇତ୍ୟାଦିକୁ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଲକ୍ଷଣ ପ୍ରକାଶ ପାଉଥିବା ବ୍ୟକ୍ତିଙ୍କୁ ଅଲଗା କୋଠରିରେ ରଖାଯାଇ ସ୍ୱାବ ପରୀକ୍ଷା ରିପୋର୍ଟକୁ ଅପେକ୍ଷା କରାଯିବ। କୋଲକାତା ଓ ଅନ୍ୟ ରାଜ୍ୟରୁ ଆସିଥିବା ସମସ୍ତ ବ୍ୟକ୍ତିଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ଏହାସତ୍ତ୍ୱେ ଯଦି ଆଉ କିଏ କେଉଁଠି ବିନା ପଞ୍ଜୀକରଣରେ ରହିଛନ୍ତି ସେମାନଙ୍କୁ ତୁରନ୍ତ ପଞ୍ଜୀକୃତ କରାଇ ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯାଉ। ବର୍ତ୍ତମାନଠାରୁ ସମସ୍ତ ହୋମ କ୍ୱାରାଣ୍ଟାଇନରେ ରହୁଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖାଯିବ। ଯଦି ସେମାନେ ବାହାରେ ବୁଲି ନିୟମ ଭାଙ୍ଗୁଥିବାର ଜଣାଯିବ ତେବେ ସେମାନଙ୍କ ନାମରେ ମାମଲା ରୁଜୁ କରାଯିବ ବୋଲି ଜିଲାପାଳ ଦାସ ସତର୍କ କରାଇ ଦେଇଛନ୍ତି। ଏସ୍‌ପି ଚରଣସିଂ ମୀନା ଜାତୀୟ ରାଜପଥର ସୀମାଗୁଡ଼ିକୁ ଓ ଅନ୍ୟାନ୍ୟ ଅଞ୍ଚଳର ସୀମାକୁ ସୁରକ୍ଷା ଦେବାକୁ ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମରକ୍ଷୀ ସହ ସରପଞ୍ଚ ତଥା ଅନ୍ୟାନ୍ୟ ଲୋକ ପ୍ରତିନିଧିଙ୍କ ସହ ଯୋଗାଯୋଗରେ ରହି କୋଲକାତା ଓ ଅନ୍ୟାନ୍ୟ ସ୍ଥାନରୁ ଆସୁଥିବା ଲୋକଙ୍କୁ ଚିହ୍ନଟ କରି କ୍ୱାରାଣ୍ଟାଇନକୁ ପଠାଇବା, ଶିଳ୍ପାନୁଷ୍ଠାନରେ ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଓ କଣ୍ଟେନମେଣ୍ଟ ଅଞ୍ଚଳର ସୁରକ୍ଷା କଡାକଡି କରିବାକୁ ଏସପି ମୀନା ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଜିଲା ତଥା ରାଜ୍ୟ ସୀମାନ୍ତ ଅଞ୍ଚଳକୁ ଅଧିକ କଡାକଡି ଭାବେ ସୁରକ୍ଷା ଦିଆଯାଇଥିଲେ ହୁଏତ କୋଲକାତାରୁ ଶତାଧିକ ଶ୍ରମିକ ରାଜ୍ୟ ଭିତରକୁ ଆସିପାରି ନ ଥାନ୍ତେ ଏବଂ କରୋନା ସଂକ୍ରମଣକୁ ପ୍ରତିହତ କରାଯାଇ ପାରିଥାନ୍ତା ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଏହି ଭିଡିଓ କନଫରେନ୍ସିଂରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଯାଜପୁର ଅତିରିକ୍ତ ଜିଲାପାଳ ମିହିରପ୍ରସାଦ ମହାନ୍ତି, ଅତିରିକ୍ତ ଜିଲାପାଳ ରାଜସ୍ୱ ଅକ୍ଷୟ କୁମାର ମଲ୍ଲିକ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସିଡିଏମଓ ସୁଧାଂଶୁ ଶେଖର ବଳ, ପାର୍ଥସାରଥି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ଭିଡିଓ କନ୍‌ଫେରେନ୍ସିଂ ମାଧ୍ୟମରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ମାଛ ବିକ୍ରି ଆରମ୍ଭ କଲା ଏସ୍ଏଚ୍‌ଜି

ଦେବଗଡ,୨୧ା୪(ଡି.ଏନ.ଏ.)

ଲକ୍‌ଡାଉନ ସମୟରେ ଜୀବନ ଓ ଜୀବିକା ଗୁରୁତ୍ୱପୂର୍ଣ୍ଣ । ଏହା ହୃଦୟଙ୍ଗମ କରି ରାଜ୍ୟ ସରକାର କେତେକ କ୍ଷେତ୍ରରେ କରୋନା ପାଇଁ ନିଆଯାଇଥିବା କେତେକ କଟକଣାକୁ ସାମାନ୍ୟ କୋହଳ କରିଛନ୍ତି । ଏହାକୁ ଆଖି ଆଗରେ ରଖି ଦେବଗଡ଼ ଜିଲାର କେତେକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ମାଛ ବିକ୍ରି କରିବା ଆରମ୍ଭ କରିଛନ୍ତି । ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସାମିଲ ହୋଇ ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି । ସେହି ଅର୍ଥ ତାଙ୍କ ପରିବାର ଚଳାଇବାରେ ସହାୟକ ହୋଇଛି ବୋଲି ସେମାନେ କହିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଜିଲାର ତିଲେଇବଣି ବ୍ଲକ ଅନ୍ତର୍ଗତ ବଡଛାପଲ ଗ୍ରାମପଞ୍ଚାୟତ ତିରିବ୍ ଗ୍ରାମର ମା'ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବାରକୋଟ ବ୍ଲକ କାଉଁସିବାହାଲ ଗ୍ରାମପଞ୍ଚାୟତ ସିମିଳିନାଳୀ ଗ୍ରାମର ମା' ବୀଣାପାଣି ସ୍ୱୟଂ ସହାୟକ ଗୋଷ୍ଠୀ ଏହି ସୁଯୋଗର ସଦୁପଯୋଗ କରିଛନ୍ତି। ସେମାନେ ନିଜ ନିଜ ଗାଁ ବନ୍ଧରେ ମାଛଚାଷ କରିଥିଲେ । ଏବେ ସେହି ମାଛ ଅମଳ ସମୟ । ସେମାନେ ସେହି ମାଛକୁ ଧରି ବିକ୍ରି ଆରମ୍ଭ କରିଛନ୍ତି । ମାଛ ଧରିବା ଏବଂ ବିକ୍ରି କରିବା ସମୟରେ ଗୋଷ୍ଠୀର ସଦସ୍ୟାମାନେ ସାମାଜିକ ଦୂରତା ରକ୍ଷା କରିବା ସହିତ ମୁହଁ ଓ ନାକକୁ ଘୋଡାଇ ରଖି ସରକାରଙ୍କ କରୋନା କଟକଣା ନିୟମକୁ ସମ୍ପୂର୍ଣ୍ଣ ଭାବେ ପାଳନ କରୁଛନ୍ତି। ରବିବାର ବନ୍ଧହୁଡାରେ ହିଁ ସମସ୍ତେ ମାଛ ବିକ୍ରୟ କରିଥିଲେ । ମା' ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ ୧ କୁଇଣ୍ଟାଲ ୬୦ କେଜି ଏବଂ ମା' ବୀଣାପାଣି ସ୍ୱୟଂ ସହାୟକ ଗୋଷ୍ଠୀ ୭୦ କେଜି ମାଛ ବିକ୍ରୟ କରିଛନ୍ତି । ସେହିଭଳି ଗତ ଶୁକ୍ରବାର ତିଲେଇବଣି ଗୁଣ୍ଡୁରିପୋଷି ମା'ମହାମାୟୀ ସ୍ୱୟଂ ସହାୟକ ଗୋଷ୍ଠୀ ନିଜ ଗାଁ ବନ୍ଧରୁ ୧କୁଇଣ୍ଟାଲ ମାଛ ଧରି ବିକ୍ରୟ କରିଥିଲେ। ଲକ୍‌ଡାଉନ ସମୟରେ ସରକାରଙ୍କ ପକ୍ଷରୁ ମାଛ ଚାଷ ଉପରୁ କଟକଣା ହଟାଇ ଦିଆଯାଇଥିବାରୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ବେଶ୍ ସକ୍ରିୟ ହୋଇ ଉଠିଛନ୍ତି । ସେମାନେ ଖୁସିରେ ମାଛ ଧରିବା ସହିତ ବିକ୍ରି କାମ କରୁଥିବା ଜିଲା ମତ୍ସ୍ୟ ଅଧିକାରୀ କହିଛନ୍ତି।


ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ନିଜ ଗାଁ ବନ୍ଧରୁ ମାଛ ଧରୁଛନ୍ତି ।

■ଲକ୍‌ଡାଉନ କଟକଣା କୋହଳ ପରେ ନୂଆ ଆଶା ଜାଗିଲା
■ମାଛ ଧରିବା, ବିକ୍ରିରେ ଲାଗିଛନ୍ତି ଗୋଷ୍ଠୀର ସଦସ୍ୟା

# ବିବାହ ଘୁଞ୍ଚାଇ ଚର୍ଚ୍ଚିତ

ସୁନ୍ଦରଗଡ଼, ୨୧ା୪ (ଡି.ଏନ୍.ଏ.)

କରୋନା ଲଢ଼େଇରେ ସବୁଠାରୁ ବଡ଼ ଯୋଦ୍ଧା ପାଲଟିଛନ୍ତି ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ। ଏହି ଲଢେଇ ପାଇଁ ସେମାନେ ଦିନରାତିକୁ ଏକ କରିଦେଇଛନ୍ତି। ଏପରି କି ବ୍ୟକ୍ତିଗତ ସ୍ୱାର୍ଥକୁ ସେମାନେ ପଛରେ ପକାଇ ସାମୂହିକ ସ୍ୱାର୍ଥ ପ୍ରତି ଗୁରୁତ୍ୱାରୋପ କରିଛନ୍ତି। ୨ଟି ଏମିତି ଘଟଣା ଏବେ ସାମ୍ନାକୁ ଆସିଛି। କରୋନା ଡ୍ୟୁଟିରେ ନିଯୁକ୍ତ ସୁନ୍ଦରଗଡ଼ ଜିଲାର ୨ ମହିଳା ପୋଲିସ କର୍ମଚାରୀ ନିଜ ବିବାହ ତାରିଖକୁ ଘୁଞ୍ଚାଇ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ବୀରମିତ୍ରପୁର ଥାନାରେ କାର୍ଯ୍ୟରତ ମହିଳା କନ୍‌ଷ୍ଟେବଳ ସୁନୀତା ଅଡାଙ୍କ ବାହାଘର ପାଇଁ ଏପ୍ରିଲ ୨୫ ତାରିଖ ଲଗ୍ନ ଧାର୍ଯ୍ୟ କରାଯାଇଥିଲା । ଏଥିପାଇଁ ତାଙ୍କ ଘରେ ବି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ଥିଲା । ହେଲେ କରୋନା ଡ୍ୟୁଟି ପାଇଁ ସୁନୀତା ନିଜ ବିବାହ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି । ସେହିପରି ମହିଳା ହୋମଗାର୍ଡ ତିଳୋତ୍ତମା ମେହେରଙ୍କ ବାହାଘର ଗତ ୧୨ତାରିଖରେ ହେବାର ଥିଲା। ଡ୍ୟୁଟି ଯୋଗୁ ସେ ବି ନିଜ ବିବାହ ତାରିଖ ଘୁଞ୍ଚାଇବାକୁ ପରିବାର ଲୋକଙ୍କୁ କହିଥିଲେ । ଏ ନେଇ ବରପକ୍ଷ ଲୋକଙ୍କୁ ଅବଗତ କରାଯାଇଥିଲା । ଶେଷରେ ତାଙ୍କ ବିବାହ ତାରିଖ ମଧ୍ୟ ଘୁଞ୍ଚାଇ ଦିଆଯାଇଥିଲା। ଏହି ୨ ମହିଳା ପୋଲିସ କର୍ମଚାରୀଙ୍କ କର୍ତ୍ତବ୍ୟ ପରାୟଣତାକୁ ପୋଲିସ ମହାନିର୍ଦ୍ଦେଶକ ଅଭୟ ଓ ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ର ପ୍ରଶଂସା କରିଛନ୍ତି।


ସୁନୀତା ଅଡା


ତିଳୋତ୍ତମା ମେହେର

■କରୋନା ଲଢ଼େଇରେ ଉଦାହରଣ
■୨ ମହିଳା ପୋଲିସଙ୍କୁ ପ୍ରଶଂସା କଲେ ଡିଜିପି

## ସଂକ୍ଷେପରେ

### ସଙ୍ଗରୋଧରେ ୧୪ ଶ୍ରମିକ

ମାଲକାନଗିରି,୨୧ା୪ (ଡି.ଏନ୍.ଏ.): ତେଲେଙ୍ଗାନାକୁ କାମ କରିବାକୁ ଯାଇଥିବା ମାଲକାନଗିରି ଜିଲା ପଡ଼ିଆ ଥାନା ଅଧୀନ ଚାର୍କିଗୁଡ଼ା ଏବଂ କମାରଗୁଡା ଅଞ୍ଚଳର ୧୪ଜଣ ଶ୍ରମିକଙ୍କୁ ସଙ୍ଗରୋଧରେ ରଖାଯାଇଛି। ଲକ୍‌ଡାଉନ ପରେ ସମ୍ପୃକ୍ତ ଶ୍ରମିକମାନେ ତେଲେଙ୍ଗାନାର ଭଦ୍ରାଚଳମ୍‌ରୁ ୧୦୦ କିମି ଚାଲିଚାଲି ଘରକୁ ଫେରୁଥିଲେ। ସୂଚନା ପାଇ ନିଲିଗୁଡା ସରପଞ୍ଚ ବୁଦ୍ରା କାର୍ତ୍ତାମୀ ଶ୍ରମିକଙ୍କୁ ଘରେ ପହଞ୍ଚିବା ପୂର୍ବରୁ ଚାର୍କିଗୁଡା ସ୍କୁଲରେ ହୋଇଥିବା ଅସ୍ଥାୟୀ ସଙ୍ଗରୋଧ ଗୃହରେ ନେଇ ରଖିଛନ୍ତି। ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବା ପରେ କରୋନା ଲକ୍ଷଣ ଦେଖା ନ ଗଲେ ସେମାନଙ୍କୁ ଘରକୁ ପଠାଇଦିଆଯିବ ବୋଲି କାର୍ତ୍ତାମୀ ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ଶିଶୁକନ୍ୟା ମୃତ

ଢେଙ୍କାନାଳ ଅଫିସ, ୨୧ା୪: ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅଞ୍ଚଳରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ଦୁଃଖଦ ଦୁର୍ଘଟଣା ଘଟିଛି। ଏକ ଚିପ୍ସ ବୋଝେଇ ଟ୍ରାକ୍ଟର ସହ ବାଇକ୍ ଧକ୍କା ହେବାରୁ ଜଣେ ୪ମାସର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ଏଥିରେ ମୃତ ଶିଶୁଙ୍କ ବାପା ଶ୍ରୀକାନ୍ତ ବେହେରା (୩୦), ମା' ଚାରିଆ ବେହେରା (୨୦) ଗୁରୁତର ହୋଇଛନ୍ତି। ଦମ୍ପତି ଶିଶୁଙ୍କୁ ଧରି ବାଇକ୍‌ରେ ବିମ୍ଭୋଳ ଗ୍ରାମରୁ ଭାପୁର ଆଡ଼କୁ ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଚାରିଆଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ୧୫୪ ଗାଡ଼ି ଜବତ, ୩.୮ ଲକ୍ଷ ଜରିମାନା

ଢେଙ୍କାନାଳ ଅଫିସ, ୨୧ା୪: ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଢେଙ୍କାନାଳ ଟାଉନ ଥାନା ପୋଲିସ ୧୫୪ ଗାଡ଼ି ଜବତ କରିଛି। ସେମାନଙ୍କଠାରୁ ୩ଲକ୍ଷ ୮ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବାବେଳେ ୧୪ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଥାନାଧିକାରୀ ଜ୍ଞାନରଞ୍ଜନ ସାମଲଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ଯାଞ୍ଚ କରିଥିଲେ। ଅମାନିଆ ଗାଡ଼ିଚାଳକଙ୍କୁ ସାବାଡ଼ କରିବାକୁ ପୋଲିସ ପକ୍ଷରୁ ୨୦ ତାରିଖରୁ ଲକ୍‌ଡାଉନ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

### ବିରୋଧ ପରେ ସଙ୍ଗରୋଧରେ ୩

ଭାପୁର, ୨୧ା୪(ଡି.ଏନ.ଏ.): ଭଦ୍ରକରୁ ଆସିଥିବା ଏକ ପରିବାରକୁ ବିରୋଧ କରି ଢେଙ୍କାନାଳ ସଦର ବ୍ଲକ ଭାପୁର ପଞ୍ଚାୟତ ଗୋପୀନାଥ ସାହିରେ ମଙ୍ଗଳବାର ଉତ୍ତେଜନା ସୃଷ୍ଟି ହୋଇଛି। ସମ୍ପୃକ୍ତ ପରିବାରକୁ ସଙ୍ଗରୋଧରେ ରଖିବାକୁ ଦାବି କରି ସାହିବାସୀ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ଜଣେ ମହିଳାଙ୍କ ସମେତ ୩ଜଣ ଦୁଇଦିନ ତଳେ ଭଦ୍ରକରୁ ଆସିଥିଲେ। ଏ ନେଇ ସାହିବାସୀ ପୋଲିସ ଏବଂ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଥିଲେ। ତଥାପି କୌଣସି ପଦକ୍ଷେପ ନିଆ ନ ଯିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ପାଇ ସଦର ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇ, ରାଜସ୍ୱ ନିରୀକ୍ଷକ ଅନ୍ତର୍ଯ୍ୟାମୀ ସାହୁ, ସରପଞ୍ଚ ପୁଷ୍ପଲତା ଭୋଇଙ୍କ ସମେତ ମେଡିକାଲ ଟିମ୍ ପହଞ୍ଚି ୩ଜଣଙ୍କୁ ଢେଙ୍କାନାଳ ବିବି ହାଇସ୍କୁଲରେ ହୋଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଇଥିଲେ।

# ଲକ୍‌ଡାଉନ ଯୋଗୁ ହନ୍ତସନ୍ତ ଶତାୟୁ

ନୂଆପଡ଼ା ଅଫିସ,୨୧ା୪

■ମୁଠାଏ ଦାନା ପାଇଁ ହଇରାଣ
■ପରିବାର ସଦସ୍ୟଙ୍କୁ ସହାୟତା ମିଳୁନି
■ପ୍ରତିଶ୍ରୁତି ଦେଲେ ନିର୍ବାହୀ ଅଧିକାରୀ

ଘରେ ପଡିରହିଛନ୍ତି ଶହେ ବର୍ଷ ବୟସର ଆଈ ବିଶାହୀନ । ୭୫ ବର୍ଷ ବୟସର ବାପା ରେଶମଲାଲ। ଏମାନଙ୍କ ସହିତ ସ୍ତ୍ରୀ ପୁନେଇ(୪୫), ଦୁଇ ପୁଅ ତୁଲେଶ(୧୫) ଓ ହୁତେଶ(୧୩) । ଲକ୍‌ଡାଉନ ଯୋଗୁ ପଦାକୁ ଗୋଡ଼ କାଢ଼ିବାକୁ ଭୟ । ଏପରି ପରିସ୍ଥିତିରେ ଏହି ୬ ପ୍ରାଣୀଙ୍କ ମୁହଁକୁ ଦାନା ମୁଠାଏ ଦେବାରେ ଅସମର୍ଥ ହୋଇପଡିଛନ୍ତି ଯୁଧିଷ୍ଠିର ପଟେଲ(୫୦) । ଆଜିକୁ ଲକ୍‌ଡାଉନ ୨୭ଦିନ ବିତିଛି । ଯାହା ଘରେ ପନିପରିବା, ଚାଉଳ, ଚୁଡ଼ା ମୁଢ଼ି ଥିଲା ତାହା ସରିଛି । କିଛି କିଣି ଆଣିବାକୁ ଟଙ୍କା ବି ନାହିଁ । ଏହି ଦୁଃଖ ସମୟରେ ସାହି ପଡ଼ିଶା ବି କିଛି କରିପାରିବେ ନାହିଁ ବୋଲି କହି ହାତ ଟେକି ଦେଇଛନ୍ତି। କେବଳ ଭାଗ୍ୟ ଭଗବାନଙ୍କୁ ଆଶ୍ରା କରି ଯୁଧିଷ୍ଠିର ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି ।

ସଦର ବ୍ଲକ ଟାନ୍‌ୱାଟ ପଞ୍ଚାୟତ ଅଧୀନ ଖୋକସା ଛକ ନିକଟରେ ଯୁଧିଷ୍ଠିରଙ୍କ ଘର । ତାଙ୍କ ପରିବାରର ଜମିବାଡି କିଛି ନ ଥିଲା । ସରକାରୀ ଜମିରେ ଚାଳିଆ ଖଣ୍ଡେ କରି ମୁଣ୍ଡ ଗୁଞ୍ଜିଛନ୍ତି ତାଙ୍କ ପରିବାର । ଲକ୍‌ଡାଉନ ଯୋଗୁ ମୂଲମଜୁରି ସବୁ ବନ୍ଦ ହୋଇଯାଇଛି । କାହାଠାରୁ ସହାୟତା ବି ମିଳୁନି । କିପରି ନିଜ ପରିବାର ସଦସ୍ୟଙ୍କ ମୁହଁରେ ମୁଠାଏ ଆହାର ଦେବେ ସେହି ଚିନ୍ତାରେ ସେ ଭାଙ୍ଗିପଡିଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ, ଯୁଧିଷ୍ଠିରଙ୍କ ଆଈ ଶଯ୍ୟାଶାୟୀ ଥିଲେ ମଧ୍ୟ ତାଙ୍କୁ ଏଯାବତ କୌଣସି ରନ୍ଧାଖାଦ୍ୟ ମିଳୁନାହିଁ। ବୃଦ୍ଧ ରେଶମଲାଲଙ୍କୁ ମଧ୍ୟ ଭତ୍ତା ମିଳୁ ନ ଥିବା ସେ କହିଛନ୍ତି । ସରକାରୀ ସହାୟତା ପାଇଁ ବାରମ୍ବାର ପଞ୍ଚାୟତକୁ ଦୌଡିଥିଲେ ମଧ୍ୟ ସୁଫଳ ନ ପାଇ ଭଙ୍ଗା ଛପର ଘରେ ତାଙ୍କ ପରିବାର କାଳ କାଟୁଛନ୍ତି ବୋଲି ସେ କ୍ଷୋଭର ସହ କହିଛନ୍ତି । ଏ ସଂକ୍ରାନ୍ତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟପ୍ରକାଶ ମାଝିଙ୍କୁ ପଚାରିବାରୁ ସେ ଏ ସଂକ୍ରାନ୍ତରେ ଅବଗତ ନ ଥିବା କହିଛନ୍ତି। ତୁରନ୍ତ ସେହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।


ଛପର କୁଡିଆ ସମ୍ମୁଖରେ ପରିବାର । ଶଯ୍ୟାଶାୟୀ ବୃଦ୍ଧା ବିଶାହୀନ । (ଇନସେଟ୍)


ଅନୁଗୋଳ ସହର ଉପରେ ମଙ୍ଗଳବାର କଳାବାଦଲ। (ଫଟୋ–ବୁବୁ)

# ଫେରିବା ଅପେକ୍ଷାରେ ୬୦୦୦ ଶ୍ରମିକ

କାମାକ୍ଷାନଗର, ୨୧ା୪(ଡି.ଏନ.ଏ.)

■ସରପଞ୍ଚଙ୍କୁ ସତର୍କ କରାଇଲେ ମନ୍ତ୍ରୀ
■ପଞ୍ଜୀକରଣ ଉପରେ ଗୁରୁତ୍ୱ

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସଭାଗୃହରେ କରୋନା ମୁକାବିଲା ସମ୍ପର୍କିତ ଏକ ଜରୁରୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରି କହିଲେ, କାମାକ୍ଷାନଗର ଉପଖଣ୍ଡ ଅଞ୍ଚଳରୁ ୬୦୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ବାହାର ରାଜ୍ୟରେ କାର୍ଯ୍ୟ କରୁଛନ୍ତି। ଲକ୍‌ଡାଉନ୍ ଅବଧି ଶେଷ ହେବା ପରେ ସେମାନେ ଗାଁକୁ ଫେରିବା ଯଥେଷ୍ଟ ସମ୍ଭାବନା ରହିଛି। ଶ୍ରମିକମାନେ ଫେରିବା ପରେ ସେମାନଙ୍କ ଉପରେ ଦୃଷ୍ଟି ରଖିବାକୁ ମନ୍ତ୍ରୀ ସରପଞ୍ଚଙ୍କୁ ସତର୍କ କରାଇଛନ୍ତି। ଏଥିସହ ପଞ୍ଜୀକରଣ, କ୍ୱାରାଣ୍ଟାଇନ୍ ଉପରେ ଗୁରୁତ୍ୱ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ଉପଖଣ୍ଡ ଅଧୀନ ଭୁବନ ବ୍ଲକର ୧୩୬୪, କାମାକ୍ଷାନଗରର ୧୦୦୨, ପରଜଙ୍ଗର ୨୦୨୩, କଙ୍କଡ଼ାହାଡ଼ର ୧୫୪୧ ଶ୍ରମିକ ରାଜ୍ୟ ବାହାରେ କାମ କରୁଛନ୍ତି। ଆଗାମୀ ଦିନରେ ସେମାନେ ନିଜ ଅଞ୍ଚଳକୁ ଫେରିବେ। ଏହା କରୋନା ସଂକ୍ରମଣ ବଢ଼ାଇବ ଆଶଙ୍କା ରହିଛି। ଏଥିପ୍ରତି ଆଗୁଆ ସତର୍କତାମୂଳକ ପଦକ୍ଷେପ ନେବାକୁ ମନ୍ତ୍ରୀ ବିଡିଓ ବିକାଶ କୁମାର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଲକ୍‌ଡାଉନ୍ ନିୟମ ପାଳନ କଡ଼ାକଡ଼ି କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ କାମାକ୍ଷାନଗର ବ୍ଲକ ଅଧୀନ ୨୨ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ। ସରକାରୀ ନିୟମର କାର୍ଯ୍ୟକାରିତା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା। ତହସିଲଦାର ସଞ୍ଜୟ ରାଉତଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

# ଲକ୍‌ଡାଉନ୍ କଟକଣା ଭାଙ୍ଗି ହରଡ଼ଘଣାରେ ଯୁବତୀ

ମାଲକାନଗିରି,୨୧ା୪ (ଡି.ଏନ୍.ଏ.)

ଜଣେ ଯୁବତୀ ମଙ୍ଗଳବାର ଲକ୍‌ଡାଉନ ନିୟମ ନ ମାନିବାରୁ ତାଙ୍କ ନାମରେ ମାଲକାନଗିରି ଜିଲା ପ୍ରଶାସନ ମାମଲା ରୁଜୁ କରିଛି। ମାର୍ଚ୍ଚ ୮ରେ ଦୁବାଇରୁ ଜଣେ ଯୁବତୀ ଏମ୍‌ଭି–୧୩ ଗ୍ରାମକୁ ଆସିଥିଲେ। ସେ ପୁଣି ୧୦ ତାରିଖରେ ଭୁବନେଶ୍ୱର ଯାଇ ନିଜର ଚିକିତ୍ସାଧୀନ ଭାଇକୁ ଗ୍ରାମକୁ ଆଣିଥିଲେ। ଏହି ଖବର ଜିଲା ପ୍ରଶାସନ ଜାଣିଲା ପରେ ସମ୍ପୃକ୍ତା ଯୁବତୀଙ୍କ ନମୁନା ପରୀକ୍ଷା କରାଯାଇଥିଲା। ତାହାର ରିପୋର୍ଟ ନେଗେଟିଭ୍ ରିପୋର୍ଟ ଆସିଥିଲା। ପ୍ରଶାସନ ପକ୍ଷରୁ ତାଙ୍କୁ ଘରେ ସଙ୍ଗରୋଧ ନିୟମ ପାଳନ କରିବା, ବାହାରେ ବୁଲାବୁଲି ନ କରିବା ଓ ଗ୍ରାମବାସୀଙ୍କ ସହ ମିଳାମିଶା ନ କରିବା ଲାଗି କୁହାଯାଇଥିଲା। ସେ ଏହି ନିୟମ ଉଲ୍ଲଂଘନ କରି ଗ୍ରାମରେ ଏଣେତେଣେ ବୁଲୁଥିବାରୁ ଗ୍ରାମବାସୀ ତାଙ୍କ ନାମରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ତାଙ୍କ ବିରୋଧରେ ମାଲକାନଗିରି ଥାନାରେ ମାମଲା ରୁଜୁ ହୋଇଥିବା ଆଇଆଇସି ରାମ ପ୍ରସାଦ ନାଗ କହିଛନ୍ତି।

# ଘରକୁ ଘର ବୁଲି ଚାଲିଛି ସର୍ଭେ

ଦେବଗଡ଼,୨୧ା୪(ଡି.ଏନ.ଏ)

■ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରୁଛନ୍ତି ଦାୟିତ୍ୱରେ ଥିବା କର୍ମଚାରୀ

ଦେବଗଡ଼ ଜିଲାରେ କରୋନା ସଂକ୍ରମଣକୁ ରୋକିବା ପାଇଁ ମିଶନ ମୁଡ୍‌ରେ ଚାଲିଛି ସର୍ଭେ । ଅଙ୍ଗନୱାଡି କର୍ମୀ, ସହାୟିକା, ଏଏନଏମ୍ ଏବଂ ଆଶାକର୍ମୀଙ୍କ ଟିମ୍ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପ୍ରତି ଘରକୁ ଯାଇ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସର୍ଭେ କରୁଛନ୍ତି। କୌଣସି ପରିବାରରେ କିଏ ବାହାରେ ରହୁଛନ୍ତି। ସେମାନଙ୍କ ଭିତରକୁ କିଏ ଘରକୁ ଫେରଛନ୍ତି ନା ନାହିଁ । ପରିବାର ସଦସ୍ୟଙ୍କୁ ଥଣ୍ଡା,କାଶ କିମ୍ବା ଜ୍ୱର ହୋଇଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝୁଛନ୍ତି। ଘରେ ଥିବା ବୃଦ୍ଧାବୃଦ୍ଧ ଓ ଛୋଟ ପିଲାମାନଙ୍କ ସମ୍ପର୍କରେ ସେମାନେ ବିବରଣୀ ସଂଗ୍ରହ ସହିତ କରୋନା ସତର୍କତା ଉପରେ ସଚେତନ କରୁଛନ୍ତି। ପ୍ରତି ସପ୍ତାହରେ ଏହି ଟମ୍ ୨ଥର ଏଭଳି ସର୍ଭେ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରୁଛନ୍ତି। ଜିଲାପାଳଙ୍କ ସମୀକ୍ଷା ପରେ ରିପୋର୍ଟଗୁଡିକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପାଖକୁ ପଠାଯାଉଛି। ସାମାନ୍ୟ ଥଣ୍ଡା,କାଶରେ ଆକ୍ରାନ୍ତଥିବା ବ୍ୟକ୍ତିଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀମାନେ ଆବଶ୍ୟକ ଔଷଧ ଦେଉଛନ୍ତି। ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଥିବା ବ୍ୟକ୍ତିଙ୍କୁ ସ୍ଥାନୀୟ ଅଞ୍ଚଳରେ ନିୟୋଜିତ ଡାକ୍ତରୀ ଟିମ୍ ଚିକିତ୍ସା କରୁଛନ୍ତି । ଅତି ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରୀ ଟିମ୍ ତାଙ୍କ ଘରକୁ ଯାଇ ଔଷଧ ସେବନ ପାଇଁ ପରାମର୍ଶ ଦେଉଛନ୍ତି ।

# ପିଏମ୍ କେୟାର୍ସ ପାଣ୍ଠିକୁ ସହାୟତା

ବାଙ୍କୀ, ୨୧ା୪(ସ୍ୱ.ପ୍ର.)

ସମ୍ପ୍ରତି କରୋନା ମହାମାରୀର ମୁକାବିଲା ପାଇଁ ବିଭିନ୍ନ ବେସରକାରୀ ସଙ୍ଗଠନ, ଧାର୍ମିକ ଅନୁଷ୍ଠାନ ସରକାରଙ୍କୁ ସହାୟତାର ହାତ ବଢ଼ାଉଛନ୍ତି। ଏହି କ୍ରମରେ କଟକ ଜିଲା ବାଙ୍କୀସ୍ଥିତ ଗାୟତ୍ରୀ ପରିବାର ପକ୍ଷରୁ ପ୍ରଧାନମନ୍ତ୍ରୀ (ପିଏମ୍) କେୟାର୍ସ ଫଣ୍ଡ ଏବଂ ମୁଖ୍ୟମନ୍ତ୍ରୀ(ସିଏମ୍) ରିଲିଫ୍ ପାଣ୍ଠିକୁ ୨ଟି ଚେକ୍ ମାଧ୍ୟମରେ ୧୫,୨୫୦ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଗାୟତ୍ରୀ ପରିବାର ଟ୍ରଷ୍ଟ, ବାଙ୍କୀର ମହାପ୍ରବନ୍ଧକ ଅରୁଣ କୁମାର ବେହେରା, ସହଯୋଗୀ ପ୍ରବନ୍ଧକ ଜିତେନ କୁମାର ରଥ, କୋଷାଧ୍ୟକ୍ଷ ଭରତ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସୋମବାର ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କ ଜରିଆରେ ଏହି ଚେକ୍ ପ୍ରଦାନ କରିଥିଲେ।



ବାଙ୍କୀ ଉପଜିଲାପାଳଙ୍କ ଜରିଆରେ ଗାୟତ୍ରୀ ପରିବାର ପକ୍ଷରୁ ଚେକ୍ ପ୍ରଦାନ କରାଯାଉଛି।

# କରୋନା ସାଙ୍ଗକୁ ଏବେ ଡେଙ୍ଗୁ ଡର

ମୁନିଗୁଡ଼ା,୨୧ା୪(ଡି.ଏନ୍.ଏ.)

■ଟିକରପଡ଼ାରେ ଜଣଙ୍କର ଡେଙ୍ଗୁ ପଜିଟିଭ
■ପୂର୍ବରୁ ୨ ମାସରେ ଅଜଣା ରୋଗ ନେଇଛି ୧୦ ଜୀବନ
■ଏବେ ୧୫ ଜଣ ଚିକିତ୍ସାଧୀନ ଅଛନ୍ତି

କୋଭିଡ୍–୧୯ ବିଶ୍ୱବ୍ୟାପୀ ଆତଙ୍କ ଖେଳାଇଥିବା ବେଳେ ସବୁଠି ଲକ୍‌ଡାଉନ। ଏଭଳି ପରିସ୍ଥିତିରେ ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ ଟିକରପଡ଼ାରେ ଏବେ ଅଜଣା ରୋଗ ଲୋକଙ୍କୁ ଆତଙ୍କିତ କରିଛି। ଗତ ୨ ମାସ ମଧ୍ୟରେ ଏଥିରେ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ୧୫ରୁ ଅଧିକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ଡେଙ୍ଗୁ ପଜିଟିଭ ବାହାରିବା ପରେ ମୁନିଗୁଡ଼ା ସହରରେ ଭୟ ଦ୍ୱିଗୁଣିତ ହୋଇଛି।

ଗତ ୨ ମାସ ମଧ୍ୟରେ ଟିକରପଡ଼ାରେ ରୁକୁନି ଗର, ସୁକ ବାଘ, ବିଭୂକିଶୋର ବାଘ, ଜିତୁ କନ୍ଧପାଣି, ବୀର କରକରିଆ, ରଥ ନାଗ, ସିରେନ୍ଦ୍ର ବାଗଙ୍କ ସମେତ ୧୦ ଜଣଙ୍କ ଅଜଣା ରୋଗରେ ମୃତ୍ୟୁ ହୋଇସାରିଛି। ଏବେ ସେଠାକାର ଜଣେ ରୋଗୀ ଡେଙ୍ଗୁ ଚିହ୍ନଟ ହେବା ଯୋଗୁ ମୁନିଗୁଡ଼ା ସହରରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଘରୋଇ ଡାକ୍ତରଖାନାରେ ଡେଙ୍ଗୁ ପଜିଟିଭ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇଛି। ଗାଁରେ ସୋମବାର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ କ୍ୟାମ୍ପ ପକାଇ ଲୋକଙ୍କୁ ସଚେତନ କରିବା ସହ ଚିକିତ୍ସା ଆରମ୍ଭ କରିଛି। ଏହି ଟିମ୍‌ରେ ରାୟଗଡ଼ା ଜିଲା ମେଡିକାଲ ଅଫିସର ଲକ୍ଷ୍ମୀ ନାରାୟଣ ପୃଷ୍ଟି, ମୁନିଗୁଡ଼ା ବିଡିଓ ଦିଲ୍ଲୀପ ବେହେରା, ତହସିଲଦାର ଦେବାଶିଷ ଗୌଡ଼, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସଞ୍ଜୟ କୁମାର ସାମିଲ ଥିଲେ। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସଞ୍ଜୟ କୁମାର କହିଛନ୍ତି, ଉକ୍ତ ସାହିରୁ ୪ ଜଣ ଏଠାକୁ ଚିକିତ୍ସା ପାଇଁ ଆସିଥିଲେ। ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ରାୟଗଡ଼ା ଜିଲା ମେଡିକାଲକୁ ସୁପାରିଶ କରାଯାଇଥିଲା। କିନ୍ତୁ ସେମାନେ ସେଠାକୁ ନ ଯାଇ ବିଷମକଟକସ୍ଥିତ ଘରୋଇ ହସ୍ପିଟାଲ ପଳାଇଥିବା ପରେ ଜଣାପଡ଼ିଥିଲା। ମୃତ୍ୟୁ ହୋଇଥିବା ରୋଗୀମାନେ ଡେଙ୍ଗୁରେ ମରିନାହାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସାହି ସଫାସୁତରା କରାଯିବା ସହ ମଶାରୀ ବଣ୍ଟନ କରାଯାଉଛି। ବିଡିଓ ଦିଲ୍ଲୀପ ବେହେରା କହିଛନ୍ତି, ପ୍ରଶାସନ ଏହା ଉପରେ ନଜର ରଖିଛି। ଜନସାଧାରଣ ଏଥିପାଇଁ ଭୟଭୀତ ହେବାର କାରଣ ନାହିଁ। ସେମାନଙ୍କୁ ଆବଶ୍ୟକ ଚିକିତ୍ସା ମିଳିବ।


ସ୍ଥାନୀୟ ଲୋକଙ୍କୁ ସଚେତନ କରୁଛି ସ୍ୱାସ୍ଥ୍ୟ ବିଭାଗର ଟିମ୍।

# କପା ଚାଷରେ ସାର ପ୍ରୟୋଗ

କପା ଗଛ ଉଠିବାର ୬ ସପ୍ତାହ ହୋଇଯାଇଥିଲେ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ। ଏହାଦ୍ୱାରା ଗଛ ସିଧା ରହିବ ଓ ମୂଳରେ ପାଣିରେ ଜମିବ ନାହିଁ କି ଘାସ ମଧ୍ୟ ଅଧିକ ରହିବ ନାହିଁ। କୋଡ଼ାଖୁସା ସାରି ଉନ୍ନତ କିସମରେ ଏକର ପ୍ରତି ୧୬କିଗ୍ରା ଯବକ୍ଷାରଜାନ ଏବଂ ହାଇବ୍ରିଡ୍ କିସମରେ ଏକର ପ୍ରତି ୨୪କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଗଛ ୪୫ଦିନର ହୋଇଯାଇଥିଲେ ସାଢ଼େ ୪ଲିଟର ପାଣିରେ ୧ମିଲି ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ। ଜଉ ପୋକ, ପତ୍ରଡିଆଁ ପୋକ ଭଳି ଶୋଷକ ପୋକ ତଥା ଘୋଡ଼ା ପୋକ, ପତ୍ରମୋଡ଼ା ପୋକ ଏବଂ ସଁବାଳୁଆ ପୋକର ଆକ୍ରମଣ ଏହି ସମୟରେ ଫସଲର ବିଶେଷ କ୍ଷତି କରିପାରନ୍ତି ନାହିଁ। ପତ୍ରପ୍ରତି ଦୁଇଟି ପୂର୍ଣ୍ଣାଙ୍ଗ ପତ୍ରଡିଆଁ ପୋକ ବା ୫୦ଟି ପତ୍ରରେ ୫୦-୧୦୦ଅର୍ଭକ



ଦେଖାଗଲେ ପ୍ରତି ଲିଟର ପାଣିରେ ୨ମିଲି ମିଥାଇଲ୍ ଅକ୍ସି ଡେମିଟନ ମିଶାଇ ସକାଳେ ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ।

# ଆମ୍ବର ଉନ୍ନତ କିସମ

ଆମ୍ବ ଚାଷ କରୁଥିଲେ ପ୍ରଥମେ ଏହାର ଉନ୍ନତ କିସମ ପ୍ରତି ଧ୍ୟାନ ଦିଅନ୍ତୁ। କାରଣ ଏଥିରୁ ଭଲ ଆମ୍ବ ମିଳିଥାଏ। ଆମ୍ବର ଉନ୍ନତ କିସମ ମଧ୍ୟରେ ରହିଛି- ବାଗନପଲ୍ଲୀ, ତୋଟାପୁରୀ, ବମ୍ବେଗ୍ରିନ୍, ସୁବର୍ଣ୍ଣରେଖା, ନିଲମ୍, ହିମ ସାଗର, ଲାଙ୍ଗରା, ଦଶରୀ, ଚୌଷା, ଆମ୍ରପଲ୍ଲୀ, ମଲ୍ଲିକା, ରତ୍ନା, ରାମକେଲା, ରୋମା, ଚେରୁକରସମ, ସିନ୍ଧୁ, ଆଲଫାନ୍ସୋ, କେଶରୀ ଆଦି କିସମ। ୧୦x୧୦ ମିଟର ଦୂରତାରେ ୧x୧x୧ ମିଟର ଗାତ କରି ଗଛ ଲଗାନ୍ତୁ। ଏକ ବର୍ଷିଆ କେନାବିହୀନ ସୁସ୍ଥସବଳ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ଗାତ ପିଛା ଦୁଇଝୁଡ଼ି କମ୍ପୋଷ୍ଟ ୮୦ଗ୍ରାମ ଯବକ୍ଷାରଜାନ ୧୦୦ଗ୍ରାମ୍ ଫସଫେଟ୍ ଓ ୬୦ଗ୍ରାମ୍ ପଟାସ ପ୍ରୟୋଗ କରନ୍ତୁ।



# ଉପଯୋଗୀ ଫସଲ ପର୍ଯ୍ୟାୟ



ଡ. ପରେଶ କୁମାର ପଣ୍ଡା





‘କରୋନା ମହାମାରୀ ବ୍ୟାପିବା ସମୟରେ ମଧ୍ୟ ଚାଷୀଭାଇମାନେ ଖାଦ୍ୟ ପ୍ରସ୍ତୁତି ନିମନ୍ତେ ଫସଲର ଯତ୍ନ ଓ ଅମଳ ନିମିତ୍ତ ଅହରହ ପ୍ରଚେଷ୍ଟା ଚଳାଇଛନ୍ତି।’



ଏକ ନିର୍ଦ୍ଦିଷ୍ଟ ଚାଷ ଜମିରେ ଏକ ପ୍ରକାର ଫସଲ ବାରମ୍ବାର ଚାଷ ନ କରି ଭିନ୍ନ ଫସଲ ଚାଷ କରିବାକୁ ଫସଲ ପର୍ଯ୍ୟାୟ କୁହାଯାଏ। ଫସଲ ପର୍ଯ୍ୟାୟ ମୃତ୍ତିକା ପ୍ରକାର, କୃଷି ସମ୍ବଳ, କୃଷକର ସାମାଜିକ ଓ ଆର୍ଥିକ ଅବସ୍ଥା, ଜଳବାୟୁ, ପରିବେଶ ଆଦି ଅନେକ ବିଷୟ ଉପରେ ନିର୍ଭରଶୀଳ। ମୃତ୍ତିକାର ଉର୍ବରତାକୁ ଅକ୍ଷୁଣ୍ଣ ରଖି କିମ୍ବା ହ୍ରାସ ନ ଘଟାଇବା ନିମନ୍ତେ ଉପଯୋଗୀ ଫସଲ ପର୍ଯ୍ୟାୟ ଗ୍ରହଣ କରିବା ଆବଶ୍ୟକ। କାରଣ ବିଭିନ୍ନ ପ୍ରକାର ଫସଲ ଭିନ୍ନ ମାତ୍ରାରେ ମୃତ୍ତିକାରୁ ଖାଦ୍ୟ ଗ୍ରହଣ କରିଥାନ୍ତି। ଅନ୍ୟ ଅର୍ଥରେ କହିବାକୁ ଗଲେ ବାରମ୍ବାର ଏକ ପ୍ରକାର ଫସଲ ଗୋଟିଏ ଜମିରେ ଚାଷ କରିବା ଯୋଗୁଁ ନିର୍ଦ୍ଦିଷ୍ଟ ଖାଦ୍ୟସାର (ବିଶେଷକରି ଅଣୁସାର)ର ଅଭାବ ପରିଲକ୍ଷିତ ହୋଇଥାଏ ଏବଂ ଫସଲ ଆଶାନୁରୂପ ଅମଳ ପ୍ରଦାନ କରି ନ ଥାଏ। ଫସଲ ପର୍ଯ୍ୟାୟକୁ ବିଶେଷ ଉପଯୋଗୀ କରିବାରେ ଡାଲି ଜାତୀୟ ଫସଲର ବିଶେଷ ଭୂମିକା ରହିଛି। ତେଣୁ ଶସ୍ୟ ଜାତୀୟ ଫସଲ ସହ ଡାଲି ଜାତୀୟ ଏବଂ ତୈଳବୀଜ ଫସଲ/ ପନିପରିବା/ ଅର୍ଥକରୀ ଫସଲକୁ ଅନ୍ତର୍ଭୁକ୍ତ କରି ଉପଯୋଗୀ ଫସଲ ପର୍ଯ୍ୟାୟକୁ ପ୍ରବର୍ତ୍ତନ କରିବା ଜରୁରୀ।

କରୋନା ମହାମାରୀ ବ୍ୟାପିବା ସମୟରେ ମଧ୍ୟ କୃଷକମାନେ ଖାଦ୍ୟ ପ୍ରସ୍ତୁତି ନିମନ୍ତେ ଫସଲର ଯତ୍ନ ଓ ଅମଳ ନିମିତ୍ତ ଅହରହ ପ୍ରଚେଷ୍ଟା କରୁଛନ୍ତି। ଚଳିତ ମାସ ୨୬ ତାରିଖରେ ଅକ୍ଷୟତୃତୀୟା। ଏହି ସମୟରେ ଆଗାମୀ ଖରିଫ୍ ଋତୁ ନିମନ୍ତେ ଜମି ପ୍ରସ୍ତୁତି ସହିତ ଅକ୍ଷିମୁଠି ଅନୁକୂଳ କରାଯାଏ। ତେଣୁ ଚାଷୀଭାଇଙ୍କର ଆର୍ଥିକ ସ୍ଥିତି ଓ ମନୋବଳ ଦୃଢ଼ ରଖିବା ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ।

ନିର୍ଦ୍ଦିଷ୍ଟ ଫସଲର ବାରମ୍ବାର ଚାଷରେ ରୋଗ ଜୀବାଣୁ ଓ ପୋକଙ୍କର ଆଶ୍ରୟସ୍ଥଳ ମଜଭୁତ୍ ହୋଇ ସେମାନଙ୍କର ବଂଶବୃଦ୍ଧି ଅଧିକ ଘଟିଥାଏ। ଜଳସେଚିତ ଓ ଅଣଜଳସେଚିତ ଜମିରେ ଫସଲ ପର୍ଯ୍ୟାୟ ଭିନ୍ନ ରୂପେ ନିଆଯାଏ। ଅଣଜଳସେଚିତ ଅଞ୍ଚଳରେ ବର୍ଷା ଜଳ ଉପରେ ନିର୍ଭର କରି ୨ଟି ସ୍ୱଳ୍ପ ଅବଧିର ଫସଲ ଯଥା- ଧାନ ପରେ ସୋରିଷ, ମୁଗ, ବିରି ଆଦି ଚାଷ କରାଯାଇଥାଏ। ଧାନ ଜମିରେ ଧାନ ଅମଳର ୨ ସପ୍ତାହ ବା ୧୫ ଦିନ ପୂର୍ବରୁ ଅମୁହାଁ ବା ଅତୁରା ଫସଲ ରୂପେ ଡାଲି (ମୁଗ, ବିରି ଆଦି) ବା ତୈଳବୀଜ (ସୋରିଷ) ଫସଲକୁ ବୁଣାବୁଣି କରି ସର୍ବନିମ୍ନ ଖର୍ଚ୍ଚରେ ୨ୟ ଫସଲରୁ ଅମଳ ମିଳିଥାଏ। ଅନ୍ୟ ଡାଲି ଫସଲ ଯଥା ମଟର, ବୁଟ, ମସୁର, ଖେସାରୀ, ବରଗୁଡ଼ି ଚାଷରୁ ଭଲ ଅମଳ ହୋଇଥାଏ।

ଏକକ ଜମିରେ ବର୍ଷକ ମଧ୍ୟରେ ଦୁଇ ବା ତା’ଠାରୁ ଅଧିକ ଚାଷ କରାଯିବା ସହ ଗୋଟିଏ ଫସଲରେ ଅନ୍ତଃ ଫସଲ ବା ମିଶ୍ରିତ ଫସଲ ଚାଷ କରାଯାଇଥାଏ। ଏହାଦ୍ୱାରା ଜମିର ସୁବିନିଯୋଗ ସହ ଉର୍ବରତା ବୃଦ୍ଧି ପାଇଥାଏ ଓ କମ୍ ସମୟ ମଧ୍ୟରେ ଅମଳ ଅଧିକ ମିଳିଥାଏ। ସମନ୍ୱିତ କୃଷିର ମୁଖ୍ୟ ଅଙ୍ଗ ରୂପେ ଫସଲ ଯୋଜନା ପୂର୍ବରୁ କେତେକ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଯଥା- ବଜାରର ଚାହିଦା, ବିକ୍ରିବଟାର ସୁବିଧା, ନିଜର ଜମି/ ଜଳସେଚନ/ ଶ୍ରମ ଶକ୍ତି/ କୃଷି ଉପକରଣ/ ଅର୍ଥ ସମ୍ବଳ, ପରିବାରର ଆବଶ୍ୟକତା, ସ୍ଥାନୀୟ ଜଳବାୟୁ ତଥା ପାରିପାର୍ଶ୍ୱିକ ଅବସ୍ଥା, ନିଯୁକ୍ତି ସୁଯୋଗ ସୃଷ୍ଟି ଇତ୍ୟାଦି। ଅଧିକ ଲାଭ ପାଇଁ ନୂଆ ଫସଲ ଯଥା ମିଠା ମକା, ବେବି କର୍ନ(ମକା), ବ୍ରୋକୋଲି, କ୍ୟାପ୍‌ସିକମ୍, ଗାଜର ତଥା ସଙ୍କର ଫସଲ ଇତ୍ୟାଦି ଚାଷ କଲେ ଅଧିକ ଲାଭ ମିଳିଥାଏ। ଫସଲ କରିବାବେଳେ ଅଧିକ ଲୋକ ସାମିଲ ହେଲେ ଜଗାରଖା ଓ ଉତ୍ତମ ବଜାର ସୃଷ୍ଟି ହୋଇଥାଏ। ସଙ୍କଟଜନକ ପରିସ୍ଥିତି ତଥା- ମରୁଡ଼ିରୁ ରକ୍ଷା ପାଇବା ନିମିତ୍ତ ହରଡ଼, ମୁଗ, କୋଳଥ, ବିରି, ପେଶୀ, ରାଶି ଆଦି ଲଗାଯାଏ। ମିଶ୍ରିତ ଫସଲ ବା ଅନ୍ତଃ ଫସଲ ଚାଷ କରାଯାଏ। ବନ୍ୟାଯୋଗୁଁ ଧାନ ଫସଲ ନଷ୍ଟ ହୋଇଗଲେ ଶୀଘ୍ର ଲାଭ ପାଇବା ପାଇଁ ସେହି ପଟୁ ଜମିରେ ତୁରନ୍ତ ଶାଗ, ଧନିଆ, ବିରି, ମଟର, କୋଳଥ ଓ ପନିପରିବା ଚାଷ କରିବା ଆବଶ୍ୟକ। ସନ୍ତସନ୍ତିଆ ଜାଗାରେ ଧାନ, ନଳିତା, ସାରୁ ଚାଷ ଭଲ ହୋଇଥାଏ। ଟାଙ୍ଗରା, ପଥୁରିଆ ଜମିରେ କାଜୁ, ଆତ, ପଣସ, ବେଲ, ଆକାଶିଆ ଚାଷ କରାଯାଇପାରିବ।

ଧାନ ବଦଳରେ ସୁବିଧା ଥିବା ପନିପରିବା ଓ ଅନ୍ୟ ଅର୍ଥକରୀ ଫସଲ ଚାଷ କରିବା ଦ୍ୱାରା ବର୍ଷସାରା ଅର୍ଥ ରୋଜଗାର ହୋଇଥାଏ। ଏଥିରେ ପରିବାରର ଖାଦ୍ୟଶସ୍ୟ ଆବଶ୍ୟକତା ପୂରଣ ସହ ଭଲ ଅର୍ଥ ମଧ୍ୟ ଉପାର୍ଜନ ହୋଇଥାଏ। ବର୍ଷା, ବନ୍ୟା ପରି ପ୍ରାକୃତିକ ବିପ୍ୱାତରେ ଗୋଟିଏ ଫସଲ ନଷ୍ଟ ହେଲେ ତାହାର ଭରଣା ପରବର୍ତ୍ତୀ ଫସଲ କରିଥାଏ। ଗୋଟିଏ ଜିନିଷ ବଦଳରେ ବିଭିନ୍ନ ଫସଲର ଉତ୍ପାଦନ ପଠାଇଲେ ବଜାରରେ ଚାହିଦା ରହିବା ସହ ବିକ୍ରି ସହଜରେ ହୋଇଥାଏ। ଭିନ୍ନ ଫସଲ ଚାଷରେ ରୋଗପୋକ ପରିଚାଳନା ସହଜ ହୁଏ। କମ୍‌ଦିନିଆ ବା ସଅଳ କିସମର ଫସଲ ଚାଷ କଲେ ତା’ପର ସମୟର ଚାଷ କରିବା ସହଜ ହୋଇଥାଏ।

*-ସହକାରୀ ବିହନ ପ୍ରମାଣନ ଅଧିକାରୀ, ଭୁବନେଶ୍ୱର,*
*ମୋ:୭୨୦୫୦୯୬୦୮୦*

# ପ୍ରତିକୂଳ ପରିସ୍ଥିତିରେ ବି ଛାଡ଼ି ନାହାନ୍ତି ଚାଷ

ରବୀନ୍ଦ୍ର କୁମାର ମହାନ୍ତି (ମୋ: ୯୧୭୮୪୭୮୧୭୧), ବାଲେଶ୍ୱର ଜିଲା ଖଇରା ବ୍ଲକର ପଳସା ପଞ୍ଚାୟତ ଅଧୀନ ମଳିହା ଗ୍ରାମରେ ତାଙ୍କ ଘର। ପେସାରେ ସେ ଶିକ୍ଷକ, ତଥାପି ସ୍ଥାନୀୟ ଅଞ୍ଚଳରେ ଜଣେ ଆଗଧାଡ଼ିର ଚାଷୀ ଭାବରେ ବି ଜଣାଶୁଣା। ଲାଭ କ୍ଷତିର ଉତ୍‌ଥାନ ପତନ ଭିତରେ ସେ ଚାଷ ଛାଡ଼ିବା କଥା କେବେ ମୁଣ୍ଡକୁ ନେଇ ନାହାନ୍ତି। ୮ବର୍ଷର ଚାଷ କାର୍ଯ୍ୟ ମଧ୍ୟରେ ବର୍ତ୍ତମାନର ଲକ୍‌ଡାଉନ ଦାଉ ସାଧୁଛି ବୋଲି ସେ କହିଛନ୍ତି। ଜଣେ ସଂସ୍କୃତ ଶିକ୍ଷକ ଭାବେ ଯେତେବେଳେ ଜୀବନ ଆରମ୍ଭ କଲେ ସେତେବେଳେ ବିନା ଦରମାରେ ଶିକ୍ଷାଦାନ କରିଥିଲେ। ବାପା ଅନନ୍ତ ପ୍ରସାଦ ଓ ବଡ଼ବାପା ମହେନ୍ଦ୍ର ପ୍ରସାଦ ବାରିରେ ଅଳ୍ପ ପରିମାଣରେ କରୁଥିବା ଚାଷକୁ ବଢ଼ାଇ ବ୍ୟବସ୍ଥିତ ଢଙ୍ଗରେ ୨୦୧୨ ମସିହାରେ ଚାଷ ଆରମ୍ଭ କରି ଜଣେ ଯୁବ ଚାଷୀ ଭାବେ ସଫଳତା ପାଇଲେ। ନିକଟସ୍ଥ କୁପାରୀ, ଖଇରା, ଡୁଙ୍ଗୁରା ଓ ପତରାଜପୁର ଇତ୍ୟାଦି ସାପ୍ତାହିକ ହାଟରେ ତାଙ୍କ ପରିବାର ଚାହିଦା ମା’ ଯଶୋଦା, ସାନଭାଇ ରମେଶ ସହଯୋଗ କରୁଥିବାରୁ ଆରମ୍ଭରୁ ଖର୍ଚ୍ଚ ତୁଳନାରେ ଆୟ କିଛି ଅଧିକ ହେଉଥିଲା। ହେଲେ ଚଳିତବର୍ଷ ଠିକ୍ ପରିବା ଅମଳ ସମୟରେ ଲକ୍‌ଡାଉନ ଯୋଗୁଁ ସମସ୍ତ ମାଙ୍ଗଳିକ କାର୍ଯ୍ୟ ବନ୍ଦ ହୋଇଯିବାରୁ ପରିବା ନେବାକୁ ବ୍ୟବସାୟୀମାନେ ଆସି ନ ଥିଲେ। ହାଟଗୁଡ଼ିକ ଉପରେ ମଧ୍ୟ ପ୍ରଶାସନ କଟକଣା ଲଗାଇ ଦେବାରୁ ପରିବା ଆଶାନୁରୂପ ବିକ୍ରି ହୋଇ ପାରୁନାହିଁ। ତାଙ୍କ ହିସାବରେ ସେ ଦେଢ଼ ଲକ୍ଷ ଖର୍ଚ୍ଚ କରିଥିବା ବେଳେ ୭୦ହଜାର ଟଙ୍କା ପାଇଛନ୍ତି। ଏବେ ମଧ୍ୟ ଫୁଲକୋବି ଓ ବନ୍ଧାକୋବି ବାରିରେ ପଚି ନଷ୍ଟ ହେବା ତାଙ୍କୁ ବହୁତ କଷ୍ଟ ଦେଉଥିବା କହିଛନ୍ତି। ତାଙ୍କ ଜମି ସମ୍ମୁଖରେ କେନାଲ ଖୋଳା ଯାଇଥିଲେ ହେଁ ଏଥିରୁ ତାଙ୍କୁ କିଛି ଫାଇଦା ମିଳୁ ନାହିଁ। ସରକାର ପରିବା ଚାଷୀଙ୍କ ପାଇଁ କୌଣସି ବୀମା ବ୍ୟବସ୍ଥା କରି ନ ଥିବାରୁ ପ୍ରାକୃତିକ ଦୁର୍ବିପାକରେ କ୍ଷତିରୁ କିଛି ଭରଣା ହୋଇ ପାରୁନାହିଁ। ଏବେ କରୋନା ଭଳି ଅକସ୍ମାତ ମହାମାରୀରେ ପ୍ରାୟ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ତେଣୁ



ନିଜ କ୍ଷେତରେ **ରବୀନ୍ଦ୍ର କୁମାର ମହାନ୍ତି**

ସର୍ବଗ୍ରେ ଥିଲା। ଶିକ୍ଷକତା ଜୀବନରେ ଆଉ ସରକାରଙ୍କ ହାତ ଟେକାକୁ ନ ଚାହିଁ ସାଢ଼େ ୪ ଏକର ଜମିକୁ ଆବଦ୍ଧ କରି ପରିବା ଚାଷ କରିଥିଲେ। ଏହି ଚାଷ କାର୍ଯ୍ୟରେ ପତ୍ନୀ ସାବିତ୍ରୀ, ଚାଷୀଙ୍କର କ୍ଷତିର ଭରଣା ପାଇଁ ସରକାର ଋଣଛାଡ଼ କରିବାକୁ ଖଇରା ପ୍ରତିଭା ପରିବାର ପକ୍ଷରୁ ଆଦର୍ଶ କୃଷକ ଭାବେ ସମ୍ବର୍ଦ୍ଧିତ ରବୀନ୍ଦ୍ର ଦାବି କରିଛନ୍ତି।

**-ଉତ୍କଳବନ୍ଧୁ ପଣ୍ଡା**

# ବାଇଗଣରେ କାଣ୍ଡବିନ୍ଧା ପୋକ ଲାଗିଥିଲେ..



ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡ଼ଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।

# ଆଖୁ ଚାଷରେ ପୋକ ଦମନ



ଆଖୁରେ ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗ୍ରାମା ଚିଲୋନିସ୍ ନାମକ ପରାଶ୍ରୟୀ ଜୀବକୁ ଏକର ପ୍ରତି ୫୦ ହଜାର ସଂଖ୍ୟାରେ ଛାଡ଼ନ୍ତୁ। ଏହାଛଡ଼ା ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ ଅଥବା ଏକର ପ୍ରତି ୨୦୦ ଲିଟର ପାଣିରେ ୪୦୦ମିଲି ମନୋକ୍ରୋଟୋଫସ୍ କିମ୍ବା କୁଇନାଲଫସ୍ ଔଷଧ ମିଶାଇ ସିଞ୍ଚନ କରନ୍ତୁ। ବର୍ତ୍ତମାନ ଦହିଆ ପୋକ ଲାଗିବାର ଆଶଙ୍କା ଅଛି। ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ନାଲି ସଢ଼ାରୋଗର ନିୟନ୍ତ୍ରଣ ଲାଗି ପ୍ରତିଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ + ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।

## ବୃଦ୍ଧାଶ୍ରମକୁ ଶୁଖିଲା ଖାଦ୍ୟ ପ୍ରଦାନ

ନରାଜ,୨୧।୪(ଡି.ଏନ.ଏ.): ବାରଙ୍ଗ ବ୍ଲକ ଅଧୀନ ନରାଜ-ମାର୍ଥାପୁର ପଞ୍ଚାୟତରେ ଥିବା ଏକ ବୃଦ୍ଧାଶ୍ରମକୁ ମଧୁବନ ଗ୍ରାମର ସାମାଜିକ କର୍ମୀ ବାଙ୍କନିଧି ମାଝୀ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଅକ୍ଷୟ ଭଞ୍ଜ, ସୁନୀଲ ସ୍ୱାଇଁ ଓ ସୁଶାନ୍ତ ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ମାଝୀ ଲକଡାଉନ ପରଠାରୁ ବିଭିନ୍ନ ସମୟରେ ବାହାରେ ବୁଲୁଥିବା କୁକୁରଙ୍କୁ ମଧ ଖାଦ୍ୟ ପ୍ରଦାନ କରୁଛନ୍ତି। ମାଝିଙ୍କ ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ସମୁଦ୍ର ପଥ ଉପରେ କଡ଼ା ନଜର

## ଜିଲା ପ୍ରଶାସନର ଚିନ୍ତା ବଢାଇଲା ପଶ୍ଚିମବଙ୍ଗ-ପୁରୀ ସମ୍ପର୍କ

**ପୁରୀ ଅଫିସ,୨୧।୪**

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଆକ୍ରାନ୍ତଙ୍କ ମଧ୍ୟରୁ ପ୍ରାୟ ଏକତୃତୀୟାଂଶଙ୍କ ପଶ୍ଚିମବଙ୍ଗ ଲିଙ୍କ୍ ରହିଛି। ଫଳରେ ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ରାଜ୍ୟ ସରକାର। ତେବେ ପଡ଼ୋଶୀ ପଶ୍ଚିମବଙ୍ଗକୁ ନେଇ ସୀମାନ୍ତବର୍ତ୍ତୀ ଜିଲା ପ୍ରଶାସନ ଯେତିକି ବିବ୍ରତ ତା'ଠାରୁ ଅଧିକ ଚିନ୍ତିତ ପୁରୀ ଜିଲା ପ୍ରଶାସନ। କାରଣ ପଶ୍ଚିମବଙ୍ଗ ସହିତ ପୁରୀର ସମ୍ପର୍କ ବେଶ୍ ନିବିଡ଼। ଲକ୍‌ଡାଉନ ହଟିବା ପରେ ବି ଯେପରି ପଶ୍ଚିମବଙ୍ଗରୁ କେହି ଜିଲାକୁ ପ୍ରବେଶ ନ କରନ୍ତି ତାହା ଉପରେ ଜିଲା ପ୍ରଶାସନ ଗୁରୁତ୍ୱ ଦେଉଛି। ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପୁରୀର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ବିଶେଷକରି ଶ୍ରୀମନ୍ଦିର, ମନୋରମ ବେଳାଭୂମି, ଚିଲିକା, କୋଣାର୍କ ଆଦି ଦର୍ଶନୀୟସ୍ଥଳୀକୁ ରାଜ୍ୟ ବାହାରୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସିଥାନ୍ତି। ପୁରୀକୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ପଶ୍ଚିମବଙ୍ଗର। ବେଙ୍ଗଲୀ ପର୍ଯ୍ୟଟକ ପୁରୀକୁ ଅଧିକ ପସନ୍ଦ କରିଥାନ୍ତି। ଏମାନେ ସହରର ବିଭିନ୍ନ ହୋଟେଲରେ ବହୁଦିନ ଧରି ରହିଥାନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି କୃପାଭିକ୍ଷା ଲାଭ କରିବା ସହ ବେଳାଭୂମିରେ ବୁଲି ମଜା ନେଇଥାନ୍ତି। ପୁରୀ ମଧ ସେମାନଙ୍କୁ ଆତିଥ୍ୟତା ଦେବାରେ କେବେ ହେଳା କରିନି। ଯେଉଁଥିପାଇଁ ପୁରୀ ସହରର ଅର୍ଥନୀତି ପଶ୍ଚିମବଙ୍ଗ ପର୍ଯ୍ୟଟକଙ୍କ ଉପରେ ନିର୍ଭର କରେ ବୋଲି କେହି କେହି କହିଥାନ୍ତି। ସେହିପରି ପଶ୍ଚିମବଙ୍ଗର ଶ୍ରମିକ ଏଠାରେ ରହି ବିଭିନ୍ନ ପ୍ରକାର କାମ ମଧ କରିଥାନ୍ତି। ପୁରୀର କିଛି ବ୍ୟବସାୟୀ କଲିକତାରୁ ବ୍ୟବସାୟିକ ସାମଗ୍ରୀ ଆଣିଥାନ୍ତି। ଏମିତି ପୁରୀ-ପଶ୍ଚିମବଙ୍ଗ ମଧ୍ୟରେ ସମ୍ପର୍କ ଥିବାବେଳେ ବର୍ତ୍ତମାନ ପଶ୍ଚିମବଙ୍ଗ ଫେରନ୍ତା କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ଅଧିକ ସତର୍କ ହୋଇଛି। ଜିଲାରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ଏବଂ ସେ ସୁସ୍ଥ ହୋଇ ଫେରିଥିବା ଜିଲା ପାଇଁ ଏକ ଆଶ୍ୱସ୍ତିକର ଖବର । ଜିଲାରୁ ଯେପରି ଦ୍ୱିତୀୟ ଆକ୍ରାନ୍ତ ନ ବାହାରନ୍ତି ସେ ଦିଗରେ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ।

ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ବାଲେଶ୍ୱର ଏବଂ ଯାଜପୁରରେ ପଶ୍ଚିମବଙ୍ଗ ଫେରନ୍ତା କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପଶ୍ଚିମବଙ୍ଗର ଅଧିକାଂଶ ପର୍ଯ୍ୟଟକ ପୁରୀ ବୁଲିବାକୁ ଆସିଥାନ୍ତି। ତେଣୁ ପୁରୀ ସହିତ ପଶ୍ଚିମବଙ୍ଗର ଲିଙ୍କ୍ ଥିବାରୁ ଆମକୁ ଅଧିକ ସତର୍କ ହେବାକୁ ପଡ଼ିବ। ଜିଲା କିମ୍ବା ରାଜ୍ୟ ବାହାରେ ଅଟକିଥିବା ଜିଲାବାସୀ ଏବେ ଅପେକ୍ଷା କରନ୍ତୁ। ଲକ୍‌ଡାଉନ ଉଠିବାପରେ ସେମାନଙ୍କୁ ଫେରାଇ ଆଣିବାକୁ ସମସ୍ତ ପ୍ରକାର ପ୍ରୟାସ କରାଯିବ। ବିଶେଷକରି ଯଦି କେହି ପଶ୍ଚିମବଙ୍ଗରୁ ଲୁଚି ପଳାଇ ଆସନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ଜିଲା ମଧକୁ ଥିବା ସମସ୍ତ ପ୍ରବେଶ ପଥ ଏବଂ ସମୁଦ୍ର ପଥ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଏଥିଲାଗି ତହସିଲଦାରମାନଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ କୁହାଯାଇଛି। ବାହାର ରାଜ୍ୟରୁ ସମୁଦ୍ର ପଥ ଦେଇ ଯେପରି କେହି ପ୍ରବେଶ ନ କରନ୍ତି ନଜର ରଖିବାକୁ ସାମୁଦ୍ରିକ ଥାନାଗୁଡ଼ିକୁ ପରାମର୍ଶ ଦିଆଯାଇଛି ବୋଲି ଜିଲାପାଳ କହିଛନ୍ତି। ତାମିଲନାଡୁରୁ ଡଙ୍ଗାରେ ସମୁଦ୍ର ଦେଇ କିଛି ବ୍ୟକ୍ତି ଗଞ୍ଜାମ ଆସୁଥିଲେ, ଏଥିରେ କୃଷ୍ଣପ୍ରସାଦର ଜଣେ ବ୍ୟକ୍ତି ଥିଲେ। ଆନ୍ଧ୍ରରେ ସେମାନେ ଧରାପଡିବା ପରେ ସେମାନଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି।। ସେହିପରି ଜଣେ ବ୍ୟକ୍ତି ପଶ୍ଚିମବଙ୍ଗରୁ ସାଇକେଲରେ ଡେଲାଙ୍ଗ ପଳାଇ ଆସିଥିଲେ । ତାଙ୍କୁ ମଧ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଧାନ ବିଲରୁ ହରିଣ ଉଦ୍ଧାର



**ନିମାପଡ଼ା/ଗୋପ, ୨୧।୪ (ଡି.ଏନ.ଏ.)**

ନିମାପଡା ଥାନା ଅନ୍ତର୍ଗତ ଭିଲି ପଞ୍ଚାୟତ ସାତକାବାଦ ଗାଁରେ ଧାନ ବିଲରୁ ଏକ ହରିଣକୁ ଗ୍ରାମବାସୀ ମଙ୍ଗଳବାର ଉଦ୍ଧାର କରିଥିଲେ। ପରେ ଗ୍ରାମବାସୀ ହରିଣଟିକୁ ବନ ବିଭାଗ କର୍ମଚାରୀଙ୍କୁ ଡାକି ହସ୍ତାନ୍ତର କରିଛନ୍ତି। ଉଦ୍ଧାର ଅଣ୍ଡିରା ହରିଣଟିକୁ ୨ବର୍ଷ ହୋଇଥିବା ଫରେଷ୍ଟ ଗାର୍ଡ ଶିଶିର କୁମାର ସାହୁ କହିଛନ୍ତି। ହରିଣକୁ କୁଶୁପୁରସ୍ଥିତ ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ କରାଯାଇ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟରେ ଛାଡ଼ି ଦିଆଯାଇଛି। ଖାଦ୍ୟ, ପାଣି ଅନ୍ୱେଷଣରେ ବହୁ ହରିଣ ଜଙ୍ଗଲ ଛାଡ଼ି ଗ୍ରାମାଭିମୁଖୀ ହୋଇ ନିମାପଡା, ଛାରିଛକ, ଗୋପ ଅଞ୍ଚଳର ଗାଁଗୁଡିକୁ ପଳାଇ ଆସୁଥିବା ରେଞ୍ଜର ବେଣୁଧର ବେହେରା କହିଛନ୍ତି।

## ସଂକ୍ଷେପରେ

### ଚୋରାମଦ ବେପାରୀଙ୍କୁ ପୋଲିସ ଜିମା ଦେଲେ ମହିଳା

**ଖୋର୍ଦ୍ଧା ଅଫିସ,୨୧।୪:** ବାଣପୁର ଥାନା ଅନ୍ତର୍ଗତ ଭବାନୀପୁର ପଞ୍ଚାୟତ ସାହସପୁର ଗାଁରେ ମହିଳାମାନେ ସାହସିକତାର ଉଦାହରଣ ଦେଖାଇଛନ୍ତି। ଗ୍ରାମର ଗଡେଶ୍ୱରପୁର ଆଞ୍ଚଳିକ ମଞ୍ଚର ସଦସ୍ୟାମାନେ ଜଣେ ଚୋରାମଦ ବେପାରୀଙ୍କୁ କାବୁ କରି ମଙ୍ଗଳବାର ପୋଲିସ ଜିମା ଦେଇଛନ୍ତି। ଦୁଇଜଣ ଯୁବକ ବାଇକ୍ ଯୋଗେ ଦେଶୀ ମଦ ନେଇ ଯାଉଥିବା ବେଳେ ମଞ୍ଚର ସଦସ୍ୟାମାନେ ଉଭୟଙ୍କୁ ଧରିଥିଲେ। ଜଣେ ବ୍ୟକ୍ତି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଅନ୍ୟଜଣଙ୍କୁ ସଦସ୍ୟାମାନେ ଧରି ପୋଲିସ ଜିମା ଦେଇଛନ୍ତି। ଲକ୍‌ଡାଉନ ସମୟରେ ସାହାସପୁର ମହିଳାମାନଙ୍କର ଏପରି ସାହସିକତାକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି। ସେହିପରି ବନବାସପୁରରେ ପୋଲିସ ଚଢାଉ କରି ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଅଟକ ରଖିଛି। ଅନ୍ୟ ଜଣେ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ଗ୍ରାମାଞ୍ଚଳରେ ଚୋରାମଦ ବିକ୍ରି ବୃଦ୍ଧି ପାଉଥିବା ଅଭିଯୋଗ ପାଇ ଆଇଆଇସି ସଞ୍ଜୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସର ୩ଟି ଟିମ୍ ପୃଥକ୍ ପୃଥକ୍ ସ୍ଥାନରେ ଚଢାଉ କରି ପ୍ରାୟ ୨୫୦ ପ୍ୟାକେଟ ଦେଶୀ ମଦ ଜବତ କରିଛି। ଏହାସହ ଶତାଧିକ ପ୍ୟାକେଟ ମଦକୁ ପୋଲିସ ନଷ୍ଟ କରି ଦେଇଛି। ବିଭିନ୍ନ ଗାଁ ଉପରେ ଚଢାଉ କରି ଦୁଇଟି ଗାଡି ଜବତ କରାଯାଇଛି।

### ଅଲାରନାଥ ମନ୍ଦିର ସେବାୟତଙ୍କୁ ସହାୟତା ଦାବି

**ବ୍ରହ୍ମଗିରି, ୨୧।୪(ଡି.ଏନ.ଏ):** କରୋନା ଯୋଗୁ ବନ୍ଦ ରହିଛି ପ୍ରଭୁ ଅଲାରନାଥଙ୍କ ମନ୍ଦିର। ଫଳରେ ମନ୍ଦିର ସେବାୟତଙ୍କ ରୋଜଗାର ଠପ୍ ହୋଇଯାଇଛି। ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦେବା ପାଇଁ ମଙ୍ଗଳବାର ଅଲାରନାଥ ନିଯୋଗ କମିଟି ତରଫରୁ ଜିଲାପାଳଙ୍କ ନିକଟକୁ ଏକ ଦାବିପତ୍ର ପଠାଯାଇଛି। ମନ୍ଦିରରେ ୪୭ଟି ସେବାୟତ ପରିବାର ସେବା ପୂଜା କରି ପରିବାର ପ୍ରତିପୋଷଣ କରୁଥିଲେ। ମନ୍ଦିର ବନ୍ଦ ହେବା ଯୋଗୁ ଏମାନେ ଏବେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ସମସ୍ତ ସେବାୟତ ପରିବାରକୁ ସରକାର ଆର୍ଥିକ ସହାୟତା ଯୋଗାଇଦେବା ନିମନ୍ତେ ନାରାୟଣ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ଭାସ୍କର ସୁଆର, ମଧୁସୁଦନ ପଣ୍ଡା ପ୍ରମୁଖ ଦାବି ଜଣାଇ ଜିଲାପାଳ, ତହସିଲଦାର, ହିନ୍ଦୁ ଦେବୋତ୍ତର କମିଶନରଙ୍କୁ ପତ୍ର ପ୍ରେରଣ କରିଚନ୍ତି।

### ଗୋପରେ ଝଡ଼ବର୍ଷା

**ଗୋପ,୨୧।୪(ଡି.ଏନ.ଏ):** ଗୋପ ବ୍ଲକ ଅଞ୍ଚଳରେ ମଙ୍ଗଳବାର ମଧାହ୍ନରେ ପ୍ରବଳ ବେଗରେ ପବନ ବୋହିବା ସହ କୁଆପଥର ବର୍ଷା ହୋଇଛି। ପବନରେ କେତେକ ଗଛ ଭାଙ୍ଗିଯିବା ସହ ବିଦ୍ୟୁତ ତାର ଛିଡ଼ିପଡ଼ିଛି। ଦୀର୍ଘ ୧ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବର୍ଷା ଲାଗି ରହିଥିଲା। କେତେକ ସ୍ଥାନରେ ପିଲାମାନେ କୁଆପଥର ଗୋଟାଉଥିବା ଦେଖିବାକୁ ମିଳିଥିଲା।




ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ସ୍ୟାଣ୍ଡ ଆନିମେଶନ୍‌ରେ କରୋନା ସଚେତନତା।

## ଜୁନ୍ ୧୪ ଯାଏ ସମୁଦ୍ରରେ ମାଛଧରା ବନ୍ଦ

**ପୁରୀ ଅଫିସ,୨୧।୪**

କରୋନା ମୁକାବିଲା ପାଇଁ ସମଗ୍ର ଦେଶରେ ଲକ୍‌ଡାଉନ ଜାରି ରହିଛି। ତେବେ ୨ୟ ପର୍ଯ୍ୟାୟ ଲକ୍‌ଡାଉନ ସମୟରେ କେତେକ କ୍ଷେତ୍ରରେ ନିୟମ କୋହଳ କରାଯାଇଛି। ସେଥିମଧ୍ୟରେ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ମାରିବାକୁ ଯାଇପାରିବେ ବୋଲି କୁହାଯାଇଥିଲା। ମାତ୍ର ଜଳଜୀବ ଏବଂ ମତ୍ସ୍ୟ ସମ୍ପଦର ସୁରକ୍ଷା ନିମନ୍ତେ ପ୍ରତିବର୍ଷ ଭଳି ରାଜ୍ୟ ମତ୍ସ୍ୟ ବିଭାଗ ପକ୍ଷରୁ ୨ମାସ ମାଛ ଧରା ଉପରେ କଟକଣା ଜାରି କରିଛି। ସେହି ଅନୁଯାୟୀ, ପୁରୀ ଜିଲାର ୧୪୦କିମିବ୍ୟାପୀ ବେଳାଭୂମିରେ ଆସନ୍ତା ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ସମୁଦ୍ରରେ ମାଛ ନ ଧରିବା ପାଇଁ ମତ୍ସ୍ୟଜୀବୀଙ୍କୁ ଅନୁରୋଧ କରାଯାଇଛି। କେବଳ ସାଢେ ୮ ମିଟର ଦେଶୀ ଡଙ୍ଗା ମାଧ୍ୟମରେ ମାଛ ଧରିବାକୁ ପରାମର୍ଶ ଦିଆଯାଇଛି। ଉକ୍ତ ଆଇନ ଉଲ୍ଲଂଘନ ଦଣ୍ଡନୀୟ ଅପରାଧ ଭାବେ ବିବେଚନା ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## କୋହଳ ହୋଇନି କଟକଣା: ଜିଲାପାଳ

**ପୁରୀ ଅଫିସ,୨୧।୪**

ପୁରୀ ଜିଲାରେ କରୋନା ମୁକାବିଲା ନିମନ୍ତେ ଜାରି କଟକଣାରେ କୌଣସି କୋହଳ କରାଯାଇ ନାହିଁ। ଲକ୍‌ଡାଉନ କଟକଣା ବଳବତ୍ତର ରହିଛି। ଖାଦ୍ୟ ସାମଗ୍ରୀ ବିକ୍ରୟ ଦୋକାନଗୁଡ଼ିକ ସନ୍ଧ୍ୟା ୬ଟା ସୁଦ୍ଧା ବନ୍ଦ କରିବାକୁ ପୂର୍ବରୁ ଜାରି ନିର୍ଦ୍ଦେଶନାମାକୁ ପାଳନ କରିବା ଲାଗି ଜିଲାପାଳ ବଲୱନ୍ତ ସିଂ ପରାମର୍ଶ ଦେଇଛନ୍ତି। ଅତ୍ୟନ୍ତ ଜରୁରୀ ନ ଥିଲେ ବାହାରକୁ ନ ବାହାରିବା ପାଇଁ କୁହାଯାଇଛି । ଯଦି କୌଣସି କାମ ନ ଥାଇ କେହି ବାହାରେ ବୁଲିଲେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସହରରେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ କେହି ଗାଡ଼ିରେ ଯିବେ ନାହିଁ। ଯଦି ଏହାକୁ କେହି ଅବମାନନା କରନ୍ତି ସେମାନଙ୍କ ଗାଡ଼ିକୁ ଜବତ କରାଯିବା ସହ ଖିଲାପକାରୀଙ୍କ ବିରୋଧରେ ମାମଲା ରୁଜୁ ହେବ। କେତେକ ଅଣ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟ ଦୋକାନ ଲୁଚାଛପାରେ ଖୋଲୁଛନ୍ତି। ଏହାକୁ ପ୍ରଶାସନ ଗୁରୁତର ସହ ନେଇଛି। ସମ୍ପୃକ୍ତ ଦୋକାନୀମାନେ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ପୂର୍ବପରି ପରିବା ବ୍ୟବସାୟୀ ସାହିଗଳିରେ ବୁଲି ବିକ୍ରି କରିପାରିବେ। ତେବେ ପ୍ରତ୍ୟେକ କ୍ଷେତ୍ରରେ ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ମାସ୍କ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି ବୋଲି ଜିଲାପାଳ କହିଛନ୍ତି।

## ଚାଷୀଙ୍କ ସମସ୍ୟା ନେଇ ଉଦ୍‌ବେଗ

**ପିପିଲି, ୨୧।୪(ସ୍ୱ.ପ୍ର)**

କୋରନା ଲକ୍‌ଡାଉନ ବେଳେ ସମସ୍ୟା ଭିତରେ ଚାଷୀ ଗତି କରୁଛି। ବିଲରେ ଫସଲ ନଷ୍ଟ ହେଉଥିବାବେଳେ ଚାଷୀକୁ ତାର ଉପଯୁକ୍ତ ମୂଲ୍ୟ ମିଳି ପାଇପାରୁନି। ଏନେଇ ଆତ୍ମା କମିଟିର ବୈଠକ ମଙ୍ଗଳବାର ତରାକାଜର କୃଷି ଓ ସୂଚନା ପରାମର୍ଶ କେନ୍ଦ୍ରରେ ଅନୁଷ୍ଠିତ ହୋଇଛି । ସରକାରୀ କଟକଣା ଓ ନିୟମ ଭିତରେ ଚାଷୀ ଫସି ଯାଇଥିବା ଅନୁଭବ କରି ଏହି କମିଟି ଜିଲା ପ୍ରଶାସନକୁ ଚିଠି ଲେଖିଛି। ବୈଠକରେ ଆତ୍ମା ଅଧକ୍ଷ ଧରଣୀଧର ସାହୁ ଅଧକ୍ଷତା କରିଥିବାବେଳେ ସହକାରୀ କୃଷି ଅଧିକାରୀ ରାକେଶ ରାଉତ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ରଶ୍ମିରେଖା ପଣ୍ଡା, ମଣ୍ଡଳ କୃଷି ଅଧିକାରୀ ଗୀତାରାଣି ନନ୍ଦ, ମଣ୍ଡଳ ବୈଷୟିକ ପରିଚାଳକ ଉମାକାନ୍ତ ଦଳାଇ, ଟ୍ରେଡ ୟୁନିୟନ ପିପିଲି ସଭାପତି ଅଶୋକ ଅଗ୍ରୱାଲ, ନିୟନ୍ତ୍ରିତ ବଜାର କମିଟି ପ୍ରତିନିଧି ସୁରେନ୍ଦ୍ର ଚନ୍ଦ୍ର ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ପାନଚାଷୀ ଓ ପନିପରିବା ଚାଷୀଙ୍କ ସମସ୍ୟା ନେଇ ଉଦବେଗ ପ୍ରକାଶ ପାଇଥିଲା। ଫସଲ ଅମଳ ହେଉଥିଲେ ହେଁ, ପରିବହନ ଓ ମାର୍କେଟିଂ ଠିକ ଭାବେ ହେଉ ନ ଥିବାରୁ ଚାଷୀ ଉଚିତ ମୂଲ୍ୟ ନ ପାଇ ଅଭାବି ବିକ୍ରି ପାଇଁ ବାଧ ହେଉଛି। ପ୍ରଶାସନ ପିପିଲି ଓ ସାତଶଙ୍ଖ ହାଟକୁ ବନ୍ଦ କରିଦେଇଛି। ସେଥିପାଇଁ ଚାଷୀ କ୍ଷତି ସହୁଛି। ସାମାଜିକ ଦୂରତା ବଜାୟ ରଖି ହାଟ ଖୋଲାଯିବାକୁ ଦାବି ହୋଇଛି। ସରକାର ପରିବା ମଣ୍ଡି ମାଧ୍ୟମରେ ଚାଷୀଙ୍କଠାରୁ ପନିପରିବା କିଣି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପଞ୍ଚାୟତ ମାଧ୍ୟମରେ ଦୁଆରେ ପନିପରିବା ପହଞ୍ଚାଇବା ପାଇଁ ଏହି ବୈଠକରେ ବିଶେଷ ଆଲୋଚନା ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବାକୁ କୃଷି ବିଭାଗ ଓ ଜିଲଶ ପ୍ରଶାସନକୁ ଅନୁରୋଧ କରି ଚିଠି ଲେଖାଯାଇଛି।




ପୁରୀ ବେଳାଭୂମିରେ ମଙ୍ଗଳବାର ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## 'ଭାଷଣ ନୁହେଁ, ରାଶନ ଦିଅ'



**କଟକ ଅଫିସ,୨୧।୪**

କରୋନା ଲକଡାଉନ ଯୋଗୁ ଶ୍ରମିକ, କୃଷକ, କ୍ଷୁଦ୍ର ବ୍ୟବସାୟୀ, ଦିନମଜୁରିଆ ତଥା ପ୍ରବାସୀ ଶ୍ରମିକମାନେ ଭୋକ ଉପାସରେ ଛଟପଟ ହେଉଛନ୍ତି। ଅଥଚ ଦେଶର ମୁଖିଆ କେବଳ ଭାଷଣ ଦେଉଛନ୍ତି। ଫଳରେ କରୋନାରେ ମୃତ୍ୟୁସଂଖ୍ୟା ବଢି ଚାଲିବା ସହିତ କ୍ଷୁଧା ଅନାହାରରେ ମୃତ୍ୟୁସଂଖ୍ୟା ଭୟଙ୍କର ହେବାକୁ ବସିଛି ବୋଲି ସିଆଇଟିୟୁ, କୃଷକ ସଭା, ଛାତ୍ର, ଯୁବ ଓ ମହିଳା ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟାରେ ନିଜ ନିଜର ଘର ଓ କାର୍ଯ୍ୟସ୍ଥଳ ସାମ୍ନାରେ ପ୍ଲାକାର୍ଡ ଧରି ପ୍ରତିବାଦ କରାଯାଇଛି। ସାମାଜିକ ଦୂରତ୍ୱ ରକ୍ଷା କରିବା ସହ 'ଭାଷଣ ନୁହେଁ, ରାଶନ୍ ଦିଅ' ସ୍ଲୋଗାନ୍ ଦିଆଯାଇଛି। ଆୟକର ଦେଉ ନ ଥିବା ପରିବାରକୁ ଅନ୍ୟୁନ ୭୫୦୦ ଟଙ୍କା ଦେବା ଏବଂ ଦୈନିକ କାର୍ଯ୍ୟ ସମୟକୁ ୮ରୁ ୧୨ ଘଣ୍ଟା ବଢାଇବା ସିଦ୍ଧାନ୍ତ ବାତିଲ ପାଇଁ ଦାବି କରାଯାଇଛି। ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ ତ୍ୱରାନ୍ୱିତ ପାଇଁ ମଧ ଦାବି ହୋଇଛି। କଟକ ଜିଲାର ବିଭିନ୍ନ ଅଞ୍ଚଳରେ ଲୋକେ ଏହି ପ୍ରତିବାଦରେ ସାମିଲ ହୋଇଥିବା ସିଆଇଟିୟୁ ଜିଲା ସଭାପତି ରବିନାରାୟଣ ମଲ୍ଲିକ ଓ ସମ୍ପାଦକ ଅଭୟ ସ୍ୱାଇଁ କହିଛନ୍ତି।

## କରୋନା ସଚେତନତା କାର୍ଯ୍ୟକ୍ରମ



**କଟକ ଅଫିସ,୨୧।୪ :**

ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମିଳନୀ ଏବଂ ଜୟ ଜଗନ୍ନାଥ ଚାରଣ ଗୋଷ୍ଠୀର ମିଳିତ ସହଯୋଗରେ ସୋମବାର ରଘୁନାଥଜୀଉ ମନ୍ଦିରଠାରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୩ଶହ ଲୋକଙ୍କୁ ରାଶନ ସାମଗ୍ରୀ, ମାସ୍କ ଏବଂ ସାନିଟାଇଜର ବଣ୍ଟାଯିବା ସହ ସାମାଜିକ ଦୂରତ୍ୱ ରକ୍ଷା ଦିଗରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ସୂର୍ଯ୍ୟକାନ୍ତ ସାଙ୍ଗାନେରିଆ, ଶାଖା ସଭାପତି ସୁରେଶ କମାଣି, ସଚିବ ଦିନେଶ ଯୋଶୀ, ମୋହନଲାଲ ସିଙ୍ଗି ପ୍ରମୁଖ ସାମିଲ ହୋଇଥିଲେ।

## ସାଧୁସନ୍ଥ ହତ୍ୟାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଖୋର୍ଦ୍ଧା ଅଫିସ,୨୧।୪ :**

ସାଧୁସନ୍ଥ ସନାତନ ବୈଦିକ ସଂସ୍କୃତିର ମାର୍ଗଦର୍ଶକ। ସମାଜର ପଥପ୍ରଦର୍ଶକ। ମହାରାଷ୍ଟ୍ରରେ ପୂର୍ବରୁ ଦୁଇଜଣ ସାଧୁଙ୍କ ସମେତ ୩ଜଣଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଏହା ସମଗ୍ର ହିନ୍ଦୁ ସମାଜ ଲାଗି ନିନ୍ଦନୀୟ। ଏହି ଘଟଣାରେ ସମ୍ପୃକ୍ତ ହତ୍ୟାକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ଖୋର୍ଦ୍ଧାସ୍ଥିତ ବହୁ ସାଧୁସନ୍ଥ ସମାଜ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସାଧୁମହନ୍ତଙ୍କ ସମେତ ବୁଦ୍ଧିଜୀବୀ ଶକ୍ତିଶଙ୍କର ମିଶ୍ର, ନିକୁଞ୍ଜ କିଶୋର ପଟ୍ଟନାୟକ, ସଞ୍ଜୀବ ପ୍ରସାଦ, ମିହିର ବିଧାର, ନରେନ୍ଦ୍ର ପୃଷ୍ଟି, ଜୟପ୍ରସାଦ ରଥ ପ୍ରମୁଖ ଦୋଷୀଙ୍କ ବିରୋଧରେ ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ତାଳପତ୍ର କାରିଗରଙ୍କ ହାତ ବାନ୍ଧିଛି କରୋନା

## ଜୀବନ ଉପରେ ପଡ଼ିଛି ଜୀବିକା ବନ୍ଦ ପ୍ରଭାବ

**ପୁରୀ ଅଫିସ,୨୧।୪**

ସମଗ୍ର ବିଶ୍ୱରେ ଭୟାନକ ପରିସ୍ଥିତି ସୃଷ୍ଟି କରିଛି କରୋନା। ଏହି ପ୍ରାଣଘାତୀ ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ଭାରତରେ ଲକ୍‌ଡାଉନ ଚାଲିଛି। ଏଥିଯୋଗୁ ଗରିବ ଶ୍ରେଣୀର ଲୋକେ ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି। ବିଶେଷକରି କୁଟୀରଶିଳ୍ପ ଉପରେ ନିର୍ଭର କରୁଥିବା ଲୋକେ ହତାଶ ହୋଇପଡ଼ିଛନ୍ତି। ପୁରୀର ତାଳପତ୍ର କାରିଗରଙ୍କ ହାତ ବାନ୍ଧି ଦେଇଛି କରୋନା। ଏମିତି କି ପରିବାର ପ୍ରତିପୋଷଣ କରିବା ପାଇଁ ଅନେକ କାରିଗର ଅସମର୍ଥ ହୋଇପଡ଼ିଛନ୍ତି। ଗାଡ଼ି ଚଳାଚଳ କରୁ ନ ଥିବାରୁ ବାହାରକୁ କୌଣସି ସାମଗ୍ରୀ ବିକ୍ରି ପାଇଁ ଯାଉନାହିଁ କିମ୍ବା କଞ୍ଚାମାଲ ଆସିପାରୁ ନାହିଁ। ସେପଟେ ଶ୍ରୀମନ୍ଦିରରେ ଭକ୍ତ ଦର୍ଶନ ବନ୍ଦ ଯୋଗୁ ତାଳପତ୍ର ଭୋଗେଇ ଯୋଗାଡ ନାହାନ୍ତି। କରୋନା ଯୋଗୁ ସେମାନଙ୍କ ଜୀବିକା ବନ୍ଦ ହୋଇଯାଇଥିବାବେଳେ ଏହାର ପ୍ରଭାବ ଜୀବନ ଉପରେ ପଡ଼ିଛି। ସଂକଟ ସମୟ ଦେଇ ଗତି କରୁଛନ୍ତି ତାଳପତ୍ର କାରିଗର।

ପୁରୀ ସିଦ୍ଧମହାବୀର ଚମାର ସାହି। ଏଠାରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ପରିବାର ତାଳପତ୍ରକୁ କୌଳିକ ବୃତ୍ତି ଭାବେ ଆଦରି ନେଇଛନ୍ତି। ସେମାନଙ୍କ ପେଟପାଟଣାର ମାଧ୍ୟମ ସାଜିଛି ତାଳପତ୍ର। ସେମାନେ ତାଳପତ୍ରରେ ବିଭିନ୍ନ ପ୍ରକାର ଘରକରଣା, ଖେଳଣା ଏବଂ ଭୋଗେଇ ଆଦି ତିଆରି କରିଥାନ୍ତି। ବାପ ଅଜା ଅମଳରୁ ଚାଲିଥିବା ଏହି ବେଉସା ପାଲଟିଛି ସେମାନଙ୍କ ବଞ୍ଚିବାର ରାହା। ହେଲେ ଏହି ପରିବାରଙ୍କ ଜୀବନ ଜୀବିକା ଏବେ ସଙ୍କଟରେ। ଗତ ବର୍ଷ ବାତ୍ୟା ଫନୀ ସେମାନଙ୍କ ଆହାର ମୁହଁରେ ପାହାର ଦେଇଥିଲା। ବାତ୍ୟାରେ ପୁରୀ ଜିଲାର ଶହ ଶହ ତାଳଗଛ ଭାଙ୍ଗି ନଷ୍ଟ ହୋଇଯାଇଥିବାରୁ ତାଳପତ୍ର ମିଳୁ ନ ଥିଲା। ହେଲେ ଧୀରେ ଧୀରେ ତାଳପତ୍ରର ଅଭାବ ପୂରଣ ହେବାକୁ ଯାଉଥିବା ବେଳେ ଏବେ କରୋନା ସେମାନଙ୍କ ପାଇଁ କାଳ ସାଜିଛି। ତାଳପତ୍ର କାରିଗରଙ୍କ ସାମଗ୍ରୀ ଏବେ ବିକ୍ରିବଟା ହେଉନାହିଁ। ଲକ୍‌ଡାଉନ ଯୋଗୁ ଗାଡ଼ି ଚଳାଚଳ ବନ୍ଦ ରହିଛି। ସେମାନେ ଉପକରଣ ତିଆରି କଲେ ମଧ ତାହା ବିକ୍ରି ହୋଇପାରୁ ନାହିଁ। ଯେଉଁମାନେ ଅର୍ଡର ଦେଉଥିଲେ ସେମାନଙ୍କ ପାଖରୁ ମଧ କୌଣସି ସୂଚନା ଆସୁନାହିଁ। ମେଳା, ମହୋତ୍ସବ ଆଦି ବନ୍ଦ ଥିବାରୁ ସେମାନଙ୍କ ହାତ ତିଆରି ବିଭିନ୍ନ ପ୍ରକାର ଖେଳଣା ଆଦି ବିକ୍ରି କରିବାର ସୁଯୋଗ ବି ନାହିଁ। ଫଳରେ ତାଳପତ୍ର କାରିଗରମାନେ ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଟୁଲୁ ବେହେରା କହିଛନ୍ତି, ଦୀର୍ଘବର୍ଷ ହେବ ବାପା ଏହି କାମ କରୁଥିବାବେଳେ ଆମେ ବି ଏହି କାମ କରୁଛୁ। ପୂର୍ବରୁ ପଖିଆ, ବିଞ୍ଚଣା, ଚଟେଇ ଇତ୍ୟାଦି ତିଆରି ହେଉଥିଲା। ସେତେବେଳେ ଏସବୁର ଚାହିଦା ଢେର ଅଧିକ ଥିଲା। କିନ୍ତୁ ଏବେ ଚାହିଦା କମିଗଲାଣି। ବର୍ତ୍ତମାନ ତାଳପତ୍ରରେ ବିଭିନ୍ନ ପ୍ରକାର ଖେଳଣା, ବିଞ୍ଚଣା, ଚଟି, ଭୋଗେଇ ଏବଂ ପେଡ଼ି (ମୁଖ୍ୟତଃ ଶ୍ରୀମନ୍ଦିରରେ ଭୋଗ ପ୍ୟାକିଂ ପାଇଁ ଉଦ୍ଦିଷ୍ଟ) ତିଆରି କରାଯାଉଛି। ବାତ୍ୟା ଫନୀରେ ବହୁ ତାଳଗଛ ଭାଙ୍ଗିଯାଇଥିବାରୁ ବାହୁଙ୍ଗା ସଂଗ୍ରହ କରିବା କଷ୍ଟକର ହୋଇ ପଡ଼ିଥିଲା। ମାତ୍ର ଏବେ ତାଳପତ୍ର ସମସ୍ୟା ପ୍ରାୟ ନ ଥିଲା। କିନ୍ତୁ କରୋନା ଯୋଗୁ ଆମେ ସମସ୍ୟାରେ ପଡ଼ିଛୁ। ସାହିର ପ୍ରାୟ ୨୫ରୁ ୩୦ ପରିବାର ତାଳପତ୍ରରେ ଖେଳଣା, ବିଞ୍ଚଣା ତିଆରି କରି ବିକ୍ରି କରିଥାନ୍ତି। ପ୍ରତ୍ୟହ ଶ୍ରୀମନ୍ଦିରକୁ ପ୍ରତି ପରିବାର ପ୍ରାୟ ୪୦୦ରୁ ୫୦୦ ଟଙ୍କାର ତାଳପତ୍ର ଭୋଗେଇ ଦେଇଥାନ୍ତି। କିନ୍ତୁ ଏବେ ମନ୍ଦିରରେ ଦର୍ଶନ ବନ୍ଦ ଯୋଗୁ ଭୋଗେଇ ଯାଉନାହିଁ । ସେହିପରି ଆଖାପାଖ ମେଳଣ, ଉତ୍ସବ ଆଦିକୁ ବିଞ୍ଚଣା, ଖେଳଣା, ଚଟି ଆଦି ନେଇଥାନ୍ତି। ତାହାକୁ ବିକ୍ରି କରି ପରିବାର ଚଳାଇଥାନ୍ତି। ଏମିତି କି ଅନେକଙ୍କ ପାଖକୁ ବାହାର ବ୍ୟବସାୟୀ ଅର୍ଡର ଦେଇ ସାମଗ୍ରୀ ନେଇଥାନ୍ତି। ହେଲେ କରୋନାର ଭୟାବହତା ପରଠାରୁ କାରିଗରମାନେ ଏକପ୍ରକାର ହାତବାନ୍ଧି ବସିଛନ୍ତି। ଯାହା ବି ସାମଗ୍ରୀ ତିଆରି ହୋଇଛି ତାହା ବିକ୍ରି ନ ହୋଇ ଘରେ ପଡ଼ିରହିଛି। ଅନେକଙ୍କ ଭୋଗେଇ ମୂଷା କାଟି ନଷ୍ଟ କରିଦେଲାଣି। ଗାଡ଼ି ଚଳାଚଳ ବନ୍ଦ ଥିବାରୁ ବାହାରୁ ତାଳପତ୍ର ବି ଆସୁନାହିଁ। ଏମିତି ଦୁର୍ଦ୍ଦିନରେ ତାଳପତ୍ର କାରିଗର ଦିନ କାଟୁଛନ୍ତି ବୋଲି କହିଛନ୍ତି ଟୁଲୁ।



ଶ୍ରୀମନ୍ଦିର ପାଇଁ ଚମାର ସାହିର ମହିଳାମାନେ ଭୋଗେଇ ତିଆରି କରୁଛନ୍ତି।

## ସଂକ୍ଷେପରେ

### ଗଛ କାଟି ଯୁବକ ଗିରଫ

**କାଳିଆପାଣି,୨୧।୪(ଡିଏନଏ):** କାଳିଆପାଣି ଥାନା କାଙ୍କଡ଼ପାଳ ପଞ୍ଚାୟତ କରଡ଼ାଗାଡ଼ିଆ ଗ୍ରାମବାସୀଙ୍କ ବିରୋଧ ପରେ ବି ହେମ୍ବ୍ରମ ସାହିରେ ରହୁଥିବା ବିକ୍ରମ ମୁଣ୍ଡା (୨୨) ସଂରକ୍ଷିତ ଜଙ୍ଗଲରୁ ଗଛ କାଟି ଗିରଫ ହୋଇଛନ୍ତି। ବିକ୍ରମ ୨୫ ସିପ୍ଟରୁ ଉର୍ଦ୍ଧ୍ୱ ଶାଳ କାଠ କାଟି ଦେଇଥିଲେ। ଗ୍ରାମବାସୀ ବିରୋଧ କରିବାରୁ ବିକ୍ରମଙ୍କ ପରିବାର ମିଳିତ ଭାବେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏନେଇ ଗ୍ରାମବାସୀ ସୁକିନ୍ଦା ରେଞ୍ଜର ବିପିନ ବିହାରୀ ରାଉତରାୟଙ୍କ ନିକଟରେ ଅଭିଯୋଗ କରିଥିଲେ। ଫରେଷ୍ଟର ନରେଶ ଟୁଡୁଙ୍କ ସହ ଏକ ଟିମ ଘଟଣାସ୍ଥଳକୁ ଯାଇ ଗଛ କଟା ଦେଖି ବିକ୍ରମଙ୍କୁ ଗିରଫ କରିଥିଲେ।

### ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ରସୁଲପୁର,୨୧।୪(ଡିଏନଏ):** ରସୁଲପୁର ବ୍ଲକ ୧୬ନଂ ଜାତୀୟ ରାଜପଥର ବାରବାଟୀ ବଜାର ନିକଟରେ ମଙ୍ଗଳବାର ସକାଳ ୭ଟାରେ କୃଷ୍ଣଚନ୍ଦ୍ର ଜେନା(୬୫)ଙ୍କ ଉପରେ ଟ୍ରକ ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ଘର ବାରବାଟୀ ପଞ୍ଚାୟତର ବେତଣ୍ଡା ଗ୍ରାମର ବାଙ୍କ ସାହିରେ ବୋଲି ଜଣାପଡିଛି। କୃଷ୍ଣଚନ୍ଦ୍ର ରାଜପଥ ପାର ହେଉଥିବା ସମୟରେ କୁଆଖିଆ ଆଡୁ ଜାରକା ଅଭିମୁଖେ ଯାଉଥିବା ଏକ ଟ୍ରକ (ନଂ.ଟିଏସ୦୭ୟୁଇ୨୩୮୯) ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କାଳବୈଶାଖୀରେ ଭୁଶୁଡ଼ିଲା ଘର

**ରସୁଲପୁର,୨୧।୪(ଡିଏନଏ):** ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଓଡଙ୍ଗ ଗ୍ରାମ ନିକଟରେ ରହୁଥିବା ବାବୁଲି ଦାସଙ୍କ ଝାଟିମାଟି ଘର ମଙ୍ଗଳବାର ପୂର୍ବାହ୍ନରେ ହୋଇଥିବା କାଳବୈଶାଖି ଯୋଗୁ ଭୁଶୁଡ଼ି ପଡ଼ିଛି। ଏହି ଘରେ ପରିବାର ୪ଦିନର ଶିଶୁପୁତ୍ର ସହ ୬ଜଣ ରହୁଥିଲେ। ସେମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ହେଲେ ସେମାନେ ବାସଶୂନ୍ୟ ହୋଇଯାଇଛନ୍ତି। ଅତି ଦୟନୀୟ ଅବସ୍ଥାରେ ନବଜାତ ଶିଶୁକୁ ଧରି ଖୋଲା ଆକାଶ ତଳେ ଜୀବନ ବିତାଉଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ରସୁଲପୁର ତହସିଲ ପକ୍ଷରୁ କୌଣସି କ୍ଷେତ୍ରାଧିକାରୀ କ୍ଷତିଗ୍ରସ୍ତ ପରିବାର ଲୋକଙ୍କ ନିକଟରେ ପହଞ୍ଚି ନ ଥିବା ବେଳେ ସ୍ଥାନୀୟ ବାରବାଟୀ ଅଞ୍ଚଳର ସୁଦୀପ୍ତ ନାୟକ, ବିଶ୍ୱଜିତ ନାୟକ, ସଂଗ୍ରାମ ପଣ୍ଡା, ଦୀପକ ଦାସ, ରୁଦ୍ରପସାଦ ବେହେରା, ଭବାନି ସାହୁ ପ୍ରମୁଖ ସେମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି।

### ଗ୍ୟାସ୍ ଟାଙ୍କି ଫାଟି ଘର ଜଳିଗଲା

**ମହାକାଳପଡ଼ା,୨୧।୪(ଡି.ଏନ.ଏ.):** ମହାକାଳପଡ଼ା ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ ଗୁହାଳ କଣି ଗ୍ରାମରେ ମଙ୍ଗଳବାର ଗ୍ୟାସ୍ ଟାଙ୍କି ଫାଟି ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଗଣେଶ ସେନାପତିଙ୍କ ୩ ବଖରା ଘର ଜଳି ପାଉଁଶ ହୋଇଯାଇଛି। ରୋଷେଇ ଘର ଗ୍ୟାସ୍ ଲିକ୍ ହେବାରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି। ମହାକାଳପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇ ଯାଇଥିଲା।

### ଜଳିଗଲା ଦିନ ମଜୁରିଆଙ୍କ ଘର

**ଧର୍ମଶାଳା/ରସୁଲପୁର,୨୧।୪(ଡିଏନଏ):** ଧର୍ମଶାଳା ତହସିଲ ଅରାଳବଳ ପଞ୍ଚାୟତ ମୋହନପୁର ଗ୍ରାମର ଦିନ ମଜୁରିଆ ସାଧୁଚରଣ ସାମଲଙ୍କ ଘରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଜଳିଯିବା ସହ ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ମଙ୍ଗଳବାର ତହସିଲଦାର ସରୋଜ କୁମାର ପଣ୍ଡା ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ପଲିଥିନ ଯୋଗାଇ ଥିବା ଜଣାପଡ଼ିଛି। ଅପରପକ୍ଷେ ସାମାଜିକ କର୍ମୀ ହିମାଂଶୁ ଶେଖର ସାହୁ ସାଧୁଚରଣଙ୍କ ନିକଟରେ ପହଞ୍ଚି ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି।

# ଜାଲ୍ ସାର୍ଟିଫିକେଟରେ ପଦୋନ୍ନତି

**ନୟାଗଡ଼ ଅଫିସ/ଓଡଗାଁ,୨୧।୪(ସ୍ୱ.ପ୍ର.)**

- ଯୋଗ୍ୟତା ନ ଥାଇ ସହକାରୀ ସମ୍ପାଦକ
- ୭ଦିନ ଭିତରେ ତଦନ୍ତ ନିର୍ଦ୍ଦେଶ

ନୟାଗଡ଼ ଜିଲାର ପାଣ୍ଡେରୀପଡା, କୈବଲ୍ୟପୁର ଓ ହନୁମନ୍ତିଆ ପ୍ରାଥମିକ କୃଷି ସେବା ସମବାୟ ସମିତିର ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ଯୋଗ୍ୟତା ନ ଥାଇ ସହକାରୀ ସମ୍ପାଦକ ପଦୋନ୍ନତି ପାଇଥିବା ଅଭିଯୋଗ ହୋଇଛି। ଜାଲ୍ ସାର୍ଟିଫିକେଟ ବଳରେ ସେମାନେ ପଦୋନ୍ନତି ପାଇଥିବା କୁହାଯାଇଛି। ଅଭିଯୋଗ ପରେ ରାଜ୍ୟ ସମବାୟ ବିଭାଗ ରେଜିଷ୍ଟ୍ରାର ଭୁବନେଶ୍ୱର ଏହାର ତଦନ୍ତ କରି ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ଡେପୁଟି ରେଜିଷ୍ଟ୍ରାର କୋଅପରେଟିଭ ସୋସାଇଟି ପୁରୀ ଓ ଏଆର୍‌ସିଏସ୍ ନୟାଗଡଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁସାରେ ପାଣ୍ଡେରୀପଡା ପ୍ରାଥମିକ କୃଷି ସେବା ସମବାୟ ସମିତିର ଚତୁର୍ଥ ଶ୍ରେଣୀ କର୍ମଚାରୀ ସତ୍ୟ ନାରାୟଣ ଭୋଇ ମାଟ୍ରିକ ପାସ୍ କରିନାହାନ୍ତି। କିନ୍ତୁ ଜାଲ୍ ମାଟ୍ରିକ ଓ ଯୁକ୍ତ ୨ ସାର୍ଟିଫିକେଟ ଦାଖଲ କରି ପଦୋନ୍ନତି ନେଇଛନ୍ତି। ସେହିପରି କୈବଲ୍ୟପୁର ଓ ହନୁମନ୍ତିଆ ପ୍ରାଥମିକ କୃଷି ସେବା ସମବାୟ ସମିତିର ଚତୁର୍ଥ ଶ୍ରେଣୀ କର୍ମଚାରୀ ମାଟ୍ରିକ ପାସ୍ ନ କରି ଜାଲ୍ ସାର୍ଟିଫିକେଟ ବଳରେ ପଦୋନ୍ନତି ପାଇଛନ୍ତି।


OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR.
No. XX-22/10 (pt) ୫୫୪୧ /Bank-10/Date ୨୦|୦୪|୨୦୨୦
To
The Deputy Registrar Cooperative Societies, Puri Division, Puri
Sub: Enquiry into the allegation petition of Sri Ramachandra Sahoo and others regarding promotion from peon to Asst. Secretary in the Panderipada and Hanumantia PACS Nayagarh Circle.
Sir,
Enclosed find herewith a copy of the allegation petition Sri Ramachandra Sahoo and others regarding promotion from peon to Asst. Secretary in the Panderipada and Hanumantia PACS Nayagarh Circle which is self explicit.
You are directed to cause an enquiry in to the allegation petition and take appropriate action, submit report alongwith action taken thereof to this Directorate within 7 days positively.
Yours faithfully,
Deputy Registrar
Cooperative Societies,Credit
Memo No ୫୫୪୨ /Dt ୨୦|୦୪|୨୦୨୦
Copy forwarded to the ARCS Nayagarh circle for information and necessary.
Deputy Registrar
Cooperative Societies,Credit
Memo No ୫୫୪୩ /Dt ୨୦|୦୪|୨୦୨୦
Copy to Sri Ramachandra Sahoo At- Panderipada Po. Madanpur Dist. Nayagarh for information and necessary guidance.
Deputy Registrar
Cooperative Societies,Credit

ତଦନ୍ତ ପାଇଁ ରାଜ୍ୟ ସମବାୟ ବିଭାଗ ରେଜିଷ୍ଟ୍ରାର ପଠାଇଥିବା ଚିଠିର ନକଲ

ଏଥିରେ ଲକ୍ଷ ଲକ୍ଷ ଟଙ୍କା କାରବାର ହୋଇଛି। ପଦୋନ୍ନତିରେ ବର୍ତ୍ତମାନର ଏଆର୍‌ସିଏସ୍ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ମଧ୍ୟସ୍ଥତା କରିଥିବା ଅଭିଯୋଗରେ ଦର୍ଶାଯାଇଛି।

### ଅନିୟମିତତା ଚାପିବାକୁ ପ୍ରୟାସ

ଚତୁର୍ଥ ଶ୍ରେଣୀ କର୍ମଚାରୀ ସହକାରୀ ସମ୍ପାଦକକୁ ପଦୋନ୍ନତିରେ ନୟାଗଡ ଏଆର୍‌ସିଏସ୍ ଭାଗିଦାର ଅଛନ୍ତି। ତେବେ ତାଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିବାରୁ ଅନିୟମିତତା ଚାପିବାକୁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ଅଭିଯୋଗ ହୋଇଛି। ଅଭିଯୋଗକାରୀ କହିଛନ୍ତି, ଘଟଣାର କିପରି ତଦନ୍ତ କରାଯାଉଛି ଆମେ ଦେଖୁଛୁ। ଠିକ୍ ଭାବେ ତଦନ୍ତ କରା ନ ଗଲେ ଆନ୍ଦୋଳନ ସହ କୋର୍ଟକୁ ଯିବାକୁ ପଡିବ। ଅନିୟମିତତା ସମ୍ପର୍କରେ ଏସ୍‌ପି କ୍ରାଇମବ୍ରାଞ୍ଚଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି। ଅନ୍ୟପକ୍ଷେ ପଦୋନ୍ନତି ପାଇଥିବା ସହକାରୀ ସମ୍ପାଦକମାନଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେମାନେ ସବୁ କିଛି ଠିକ୍‌ଠାକ ଥିବା କହିଛନ୍ତି। ଏ ନେଇ ଏଆର୍‌ସିଏସ୍ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ କୁହନ୍ତି, ଚତୁର୍ଥ ଶ୍ରେଣୀ କର୍ମଚାରୀ ସହକାରୀ ସମ୍ପାଦକକୁ ପଦୋନ୍ନତିରେ ମୋର କୌଣସି ସମ୍ପୃକ୍ତି ନାହିଁ। ମୋତେ ଅଯଥାରେ ବଦନାମ କରାଯିବାକୁ ଚେଷ୍ଟା କରାଯାଇଛି। ଏହାଛଡା ରାଜ୍ୟ ସମବାୟ ବିଭାଗ ରେଜିଷ୍ଟ୍ରାର ଭୁବନେଶ୍ୱରଙ୍କ ତଦନ୍ତ ନିର୍ଦ୍ଦେଶର ଚିଠି ମିଳିନି। ଚିଠି ମିଳିବା ପରେ ଅନିୟମିତତାର ତଦନ୍ତ କରାଯିବ। ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ଜାଲ୍ ସାର୍ଟିଫିକେଟ ର୍‍ୟାକେଟ ସକ୍ରିୟ

ନୟାଗଡ ଜିଲାରେ ଜାଲ୍ ସାର୍ଟିଫିକେଟ ର୍‍ୟାକେଟ ସକ୍ରିୟ ଥିବା କୁହାଯାଉଛି। ନୟାଗଡ ସ୍ୱାସ୍ଥ୍ୟ ବିଭାଗର କେତେକ ନିଯୁକ୍ତିରେ ଜାଲ୍ ସାର୍ଟିଫିକେଟ ବ୍ୟବହାର ହୋଇଥିବା ଅଭିଯୋଗ ହୋଇଥିଲା। ସେହିପରି ଶିକ୍ଷା ସହାୟକ ନିଯୁକ୍ତି ସମୟରେ କେତେଜଣ ଜାଲ୍ ସାର୍ଟିଫିକେଟ ଦାଖଲ କରିଥିବା ଅଭିଯୋଗ ରହିଛି। ଏବେ ସମବାୟ ବିଭାଗରେ ସମାନ ଅଭିଯୋଗ ଉଠିଥିବାରୁ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ୧୦ଦିନ ହେଲା ଜଳ ଯୋଗାଣ ବନ୍ଦ

**ଖଣ୍ଡପଡ଼ା,୨୧।୪(ସ୍ୱ.ପ୍ର.)**

ସମ୍ପ୍ରତି ଗ୍ରୀଷ୍ମପ୍ରବାହ ସମୟରେ ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ପଞ୍ଚାୟତର ଚାଉପଲ୍ଲୀ ଗ୍ରାମକୁ ୧୦ଦିନ ହେଲା ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ପାଣିମୁନ୍ଦେ ପାଇଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଲକ୍ଷାଧିକ ଟଙ୍କା ବ୍ୟୟରେ ଗ୍ରାମ ନିକଟରେ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି। ମାତ୍ର ପମ୍ପ୍ ହାଉସରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ପ୍ରକଳ୍ପଟି ଅଚଳ ହୋଇପଡିଛି। ବାରମ୍ବାର ଆପତ୍ତି ଅଭିଯୋଗ ସତ୍ତ୍ୱେ ପଞ୍ଚାୟତ ଓ ବ୍ଲକ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ମର୍ଦ୍ଦରାଜପୁର ସରପଞ୍ଚ ବୈକୁଣ୍ଠନାଥ ଗୋଚ୍ଛିଙ୍କୁ ପଚାରିବାରୁ ସେ କହିଥିଲେ, ଚାଉପଲ୍ଲୀ ସହ ମର୍ଦ୍ଦରାଜପୁର ପାନୀୟ ଜଳ ପ୍ରକଳ୍ପ ବନ୍ଦ ରହିଛି। ଏ ନେଇ ବ୍ଲକ କର୍ତ୍ତୃପକ୍ଷ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆଗାମୀ ୨/୩ ଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବ।


ଅଚଳ ହୋଇଥିବା ପ୍ରକଳ୍ପ।

# ଚିନ୍ତା ବଢ଼ାଇଛନ୍ତି କୋଲକାତା ଫେରନ୍ତା

**ବିଞ୍ଝାରପୁର,୨୧।୪(ଡି.ଏନ.ଏ)**

ଯାଜପୁର ଜିଲାରେ ସୋମବାର ଆଉ ୫ଜଣ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ବିଞ୍ଝାରପୁର ଅଞ୍ଚଳରେ କୋକୁଆଭୟ ଦେଖିବାକୁ ମିଳିଛି। ଜିଲାରେ ଚିହ୍ନଟ ହୋଇଥିବା ୫ କରୋନା ସଂକ୍ରମିତଙ୍କର କୋଲକତା ଲିଙ୍କ ଥିବାରୁ ବିଞ୍ଝାରପୁରବାସୀଙ୍କ ଚିନ୍ତା ଆହୁରି ବଢିଯାଇଛି। ବିଞ୍ଝାରପୁର ଅଞ୍ଚଳର ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ଲୋକ କୋଲକାତା ସମେତ ପଶ୍ଚିମବଙ୍ଗରେ କାମଧନ୍ଦା କରି ଆସୁଛନ୍ତି। ଲକ୍‌ଡାଉନ ଘୋଷଣା ହେବାପରେ ସେଠାରେ ଥିବା ବିଞ୍ଝାରପୁର ଅଞ୍ଚଳର ଲୋକେ ଘରମୁହାଁ ହୋଇପଡିଛନ୍ତି। ବସ ଓ ଟ୍ରେନ ଚଳାଚଳ ବନ୍ଦ ହୋଇଯାଇଥିଲେ ମଧ୍ୟ କୋଲକୋତାରେ ଥିବା ଲୋକମାନେ ମାଛ ଗାଡି କିମ୍ବା ଅନ୍ୟାନ୍ୟ ମାଲବାହୀ ଯାନରେ ଲୁଚିଛପି ପଳାଇ ଆସୁଛନ୍ତି। ଲକ୍‌ଡାଉନ ପୂର୍ବରୁ ୧୯୪୫ ଜଣ ପ୍ରବାସୀ ଓଡ଼ିଆ ଶ୍ରମଜୀବୀ ବିଞ୍ଝାରପୁରକୁ ଫେରିଥିଲେ ବୋଲି ପ୍ରଶାସନ ନିକଟରେ ସୂଚନା ରହିଥିଲା। ତେବେ ଲକ୍‌ଡାଉନ ପରେ କୋଲକୋତାରୁ ଫେରିଥିବା ପ୍ରବାସୀ ଶ୍ରମିକଙ୍କ ସମ୍ପର୍କରେ ପ୍ରଶାସନ ନିକଟରେ କୌଣସି ଖବର ନ ଥିବାବେଳେ କୋଲକାତା ଫେରନ୍ତା କ୍ୱାରାଣ୍ଟାଇନରେ ନ ରହି ଖୁଲମଖୁଲା ବୁଲୁଥିବା ଅଭିଯୋଗ ହେଉଛି। କେବଳ କୋଲକୋତା ନୁହେଁ ବରଂ ତେଲଙ୍ଗାନା, ଆନ୍ଧ୍ରପ୍ରଦେଶରୁ ମଧ୍ୟ କିଛିଲୋକ ଲୁଚି ବିଞ୍ଝାରପୁର ପଳାଇ ଆସିଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ କୋଲକୋତା ଫେରନ୍ତାଙ୍କ ସମ୍ପର୍କରେ ଯୋରଦାର ଖୋଳତାଡ କରୁଥିବା ଜଣାପଡିଛି। ପ୍ରଶାସନ ପକ୍ଷରୁ କୋଲକୋତା ଫେରନ୍ତାଙ୍କ ଉପରେ କଡ଼ା ନଜର ରହିଛି ବୋଲି ତହସିଲଦାର ଅସ୍ମିତା ଦାସ କହିଛନ୍ତି।

# ଧନୁଷ୍ଟଙ୍କାରରେ ଭଉଣୀ, ପୁଅଙ୍କୁ ଥାଲାସେମିଆ

**କେନ୍ଦ୍ରାପଡା ଅଫିସ,୨୧।୪**

- କର୍ମ ଅନ୍ୱେଷଣରେ ଅଲେଖ
- ଅସହାୟ ହୋଇପଡ଼ିଛି ପରିବାର
- ସହାୟତା ପାଇଁ ନିବେଦନ

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଗଙ୍ଗାରାମପୁର ପଞ୍ଚାୟତ ଗୁଣ୍ଡୁପୁରପାଟଣା ଗ୍ରାମର ଅଲେଖ ଦାସ ଏବେ ଅସହାୟ ହୋଇପଡିଛନ୍ତି। କରୋନା ପାଇଁ ତାଲାବନ୍ଦ ଘୋଷଣା ତାଙ୍କ ପରିବାର ପାଇଁ ଅଭିଶାପ ପାଲଟିଛି। ଶ୍ରମଜୀବୀ ଅଲେଖଙ୍କ ଭଉଣୀ ଚିନ୍ମୟୀ ଧନୁଷ୍ଟଙ୍କା ରୋଗାଗ୍ରସ୍ତ ହୋଇଥିବାବେଳେ ଏକମାତ୍ର ୩ ବର୍ଷୀୟ ପୁତ୍ର ଥାଲାସେମିଆ ରୋଗରେ ଆକ୍ରାନ୍ତ। ଦେଶରେ ତାଲାବନ୍ଦ ଘୋଷଣା ପରେ ଶ୍ରମ ପାଇଁ ସୁଯୋଗ ନଥିବା ବେଳେ ଭଉଣୀ ଓ ପୁଅର ଚିକିତ୍ସା ସହ ଅର୍ଥାଭାବ ଚିନ୍ତାର କାରଣ ହୋଇଛି। ଅଲେଖ ଜଣେ ଦିନ ମଜୁରିଆ। ଘରେ ଭଉଣୀ, ଝିଅ, ପୁଅ ସହ ସ୍ତ୍ରୀ ଅଛନ୍ତି। ଭଉଣୀର ଚିକିତ୍ସା ପାଇଁ ପ୍ରତି ମାସ ୩ ହଜାର ଟଙ୍କାର ଔଷଧ ଆବଶ୍ୟକତା ଥିବା ବେଳେ ପୁଅର ସୁସ୍ଥ ଜୀବନ ପାଇଁ ପ୍ରତି ୨ ମାସ ମଧ୍ୟରେ ଥରେ ରକ୍ତର ଆବଶ୍ୟକତା ଅଛି ବୋଲି ଗ୍ରାମର ପ୍ରଭାକର ସାମଲ କହିଛନ୍ତି। ସେ କହିଛନ୍ତିଯେ, ପରିବାରର ଆର୍ଥିକ ଆବଶ୍ୟକତା ପାଇଁ ଅଲେଖ ଗତ ୪ ମାସ ପୂର୍ବେ ଶ୍ରମ ଅନ୍ୱେଷଣରେ ହାଇଦ୍ରାବାଦରେ ଅଛନ୍ତି। ତାଲାବନ୍ଦ ଯୋଗୁ ତାଙ୍କୁ କାମ ମିଳୁନାହିଁ। ଏଥିପାଇଁ ପରିବାର ସଦସ୍ୟ ଦିନକୁଦିନ ହତୋତ୍ସାହିତ ହୋଇ ପଡିଛନ୍ତି। ପରିବାର ସମ୍ପର୍କରେ ଚିନ୍ମୟୀ କୁହନ୍ତି ଯେ, ଧନୁଷ୍ଟଙ୍କାର ରୋଗ ତାଙ୍କ ଜୀବନକୁ ଦୁର୍ବିସହ କରିଛି। ଏହି ରୋଗଠାରୁ ଏକମାତ୍ର ପୁତୁରାର ଥାଲାସେମିଆ ଚିକିତ୍ସା ପରିବାରର ନିଦ ହଜାଇଛି। ରକ୍ତର ଆବଶ୍ୟକତାକୁ ଅଣଦେଖା କରି ହେଉନାହିଁ। ରକ୍ତର ଆବଶ୍ୟକତା ପୂରଣ ପାଇଁ କୌଣସି ସ୍ୱେଚ୍ଛାସେବୀ ସଂଗଠନ ଓ ସରକାରୀ ପ୍ରୋତ୍ସାହନକୁ ଅପେକ୍ଷା କରିଛୁ। ସରପଞ୍ଚ ପ୍ରଫୁଲ୍ଲ କୁମାର ତରାଇ କୁହନ୍ତି, ଏହି ପରିବାରର ଆର୍ଥିକ ପରିସ୍ଥିତି ଦୁର୍ବଳ। ଏଥିପାଇଁ ପଞ୍ଚାୟତର ସରପଞ୍ଚ ଭାବେ ବିଭିନ୍ନ ସମୟରେ ସହଯୋଗ କରୁଛି। ତାଲାବନ୍ଦ ପାଇଁ ଚିକିତ୍ସା ବ୍ୟବସ୍ଥାରେ ଶିଥିଳତା ଆସିଛି। ଥାଲାସେମିଆ ରୋଗୀ ପାଇଁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତର ବ୍ୟବସ୍ଥା ସହ ପରିବାରର ଦୁଇ ରୋଗୀଙ୍କ ପାଇଁ ସରକାରୀ ଓ ବେସରକାରୀ ପ୍ରୋତ୍ସାହନ ଜରୁରୀ ହୋଇପଡିଥିବା ସରପଞ୍ଚ ତରାଇ ମତ ଦେଇଛନ୍ତି।


ଅଲେଖଙ୍କ ପରିବାର।

# କରୋନା କଟକଣା ଉଲ୍ଲଂଘନ କଲେ ସରକାରୀ କର୍ମଚାରୀ

**ରତ୍ନଗିରି,୨୧।୪(ଡି.ଏନ.ଏ)**

କରୋନା ପାଇଁ ସରକାର କଡ଼ା ନିୟମ ଲାଗୁ କରିଥିବାବେଳେ ବରୀ ବ୍ଲକ୍ ଅମଠପୁର ପଞ୍ଚାୟତ କାର୍ଯ୍ୟାଳୟରେ ଦୁଇଜଣ ସରକାରୀ କର୍ମଚାରୀ ନିୟମ ଉଲ୍ଲଂଘନ କରିଥିବା ଦେଖିବାକୁ ମିଳିଛି। ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଥିବା ହିତାଧିକାରୀଙ୍କୁ ଏକ ହଜାର ଟଙ୍କା ଦିଆଯିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସମଦୂରତାକୁ ଗୁରୁତ୍ୱ ଦିଆଯାଉଥିବାରୁ ଦାୟିତ୍ୱରେ ଥିବା କର୍ମଚାରୀମାନେ ମାସ୍କ ବ୍ୟବହାର କରି ଘରକୁ ଘର ବୁଲି ଏହି ଅର୍ଥ ରାଶି ବଣ୍ଟନ କରିବା କଥା। ମାତ୍ର ସେମାନେ ନିଜେ ମାସ୍କ ବ୍ୟବହାର କରି ନ ଥିବା ଓ ସମଦୂରତାକୁ ଗୁରୁତ୍ୱ ଦେଇ ନ ଥିବା ଦେଖିବାକୁ ମିଳିଛି। ଏତଦ୍ ବ୍ୟତୀତ କୌଣସି ଦଳୀୟ ନେତା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ରାଜ୍ୟ ସରକାର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଦାୟିତ୍ୱରେ ଥିବା ଦୁଇଜଣ କର୍ମଚାରୀ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତାଙ୍କ ଉପସ୍ଥିତିରେ ଏହି ଅର୍ଥରାଶି ବାଣ୍ଟୁଥିବା ଅଭିଯୋଗ ହୋଇଛି। ସରକାରୀ କର୍ମଚାରୀଙ୍କ ଏଭଳି ଅବହେଳା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି। ଏ ବିଷୟରେ ବରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାଶ୍ୱତ ଜେନାଙ୍କୁ ପଚାରିବାରୁ, ଅଭିଯୋଗରେ ସତ୍ୟତା ଥିଲେ ନିଶ୍ଚିତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବାରବାଟୀ ଦୈନିକ ପରିବା ହାଟ ବନ୍ଦ ପାଇଁ ନିଷ୍ପତ୍ତି

**ରସୁଲପୁର,୨୧।୪(ଡିଏନଏ)**

ଅତ୍ୟାବଶକ ସାମଗ୍ରୀ କିଣାବିକା ଆଳରେ ବହୁ ପରିବା ବ୍ୟବସାୟୀ ଦୈନିକ ବାରବାଟୀ ପରିବା ହାଟକୁ ଆସୁଥିବାରୁ ଏହି ହାଟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିବାକୁ ଯାଜପୁର ଜିଲା ପ୍ରଶାସନ ନିଷ୍ପତି ନେଇଛି। ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଓଡଙ୍ଗସ୍ଥିତ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ବସୁଥିବା ଦୈନିକ ପରିବାହାଟ ବନ୍ଦ କରିବାକୁ ପ୍ରଶାସନିକ ସ୍ତରରେ ହୋଇଥିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ପାଇଁ ମଙ୍ଗଳବାରଠାରୁ ପଦକ୍ଷେପ ଗ୍ରହଣ କରାଯାଇଛି। ହାଟ ନିକଟରେ ସୋମବାର ଏକ ବୈଠକ ଜରିଆରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡା, ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ସମେତ ହାଟ ପରିଚାଳନାରେ ଥିବା କର୍ମକର୍ତ୍ତାମାନଙ୍କୁ ନେଇ ଏହି ଆଲୋଚନା ହୋଇଥିଲା। ଏହି ହାଟକୁ ପଡୋଶୀ ପଶ୍ଚିମବଙ୍ଗ ରାଜ୍ୟ, ବାଲେଶ୍ୱର, ମୟୁରଭଞ୍ଜ, ଭଦ୍ରକ ଆଦି ଜିଲାରୁ ପରିବା ବ୍ୟବସାୟୀମାନେ ଆସି ହାଟରେ ପହଞ୍ଚୁଛନ୍ତି। ଏହି ପ୍ରକ୍ରିୟା କରୋନାକୁ ବଢାଇବାରେ ଢେର ସମ୍ଭାବନା ରହିଥିବାରୁ ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତି ନିଆଯାଇଥିଲା।

# ନିର୍ମାଣ ଶ୍ରମିକଙ୍କୁ ୫ ହଜାର ସହାୟତା ଦାବି

**ରଘୁନାଥପୁର, ୨୧।୪ (ଡି.ଏନ୍.ଏ.)**

କୋଭିଡ୍-୧୯ ଭାଇରସ୍‌କୁ ପ୍ରତିହତ କରିବା ପାଇଁ ସାରାଦେଶରେ ଲକ୍‌ଡାଉନ୍ ଜାରି କରାଯାଇଥିବା ବେଳେ କାମକୁ ଯାଇ ନ ପାରି ଶ୍ରମିକମାନେ ଘରେ ବସି ରହିଛନ୍ତି। ଏଭଳି ସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରମିକମାନଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଧର୍ମକୁ ଆଖିଠାର ଭଳି ହୋଇଛି। ଜଗତ୍‌ସିଂହପୁର ଜିଲାରେ ସଂଗଠିତ ନିର୍ମାଣ ଶ୍ରମିକମାନଙ୍କୁ ୧୫ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ ଅନେକ ଏଥିରୁ ବଞ୍ଚିତ ହୋଇଛନ୍ତି। ଫଳରେ ନିର୍ମାଣ ଶ୍ରମିକ ପରିବାର ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସମସ୍ତ ପଞ୍ଜୀକୃତ ସଂଗଠିତ ଓ ଅଣସଂଗଠିତ ଶ୍ରମିକମାନଙ୍କୁ ସରକାରଙ୍କ ପକ୍ଷରୁ ୫ହଜାର ଟଙ୍କା ଲେଖାଏ ସହାୟତା ଯୋଗାଇ ଦେବା ସହ ରାଶନ ସାମଗ୍ରୀ ଯୋଗାଇ ଦେବାକୁ ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନ ପକ୍ଷରୁ ଦାବି କରାଯାଇଛି। ୟୁନିୟନ ସଦସ୍ୟମାନେ ରାଜ୍ୟ ଉପସଭାପତି ତଥା ରଘୁନାଥପୁର ବ୍ଲକ ତାରପୁର ଆଞ୍ଚଳିକ କମିଟିର ସମ୍ପାଦକ ବିନ୍ଦୁସାଗର ଓଝାଙ୍କୁ ଭେଟି ଦାବି ଉପସ୍ଥାପନ କରିଛନ୍ତି। ଶ୍ରମିକମାନଙ୍କୁ ସ୍ୱଳ୍ପ ସହାୟତା ପ୍ରଦାନ କରିବା ଓ ଅଣସଂଗଠିତ ଶ୍ରମିକଙ୍କୁ ଏଥିରୁ ବାଦ ଦିଆଯିବା ନେଇ ସଂଗଠନର କର୍ମକର୍ତ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତାରପୁର ଆଞ୍ଚଳିକ କମିଟିର ସଂଗଠିତ ଓ ଅଣସଂଗଠିତ ସଂଗଠନର କର୍ମକର୍ତ୍ତାମାନେ ସାମାଜିକ ଦୂରତ୍ୱ ରକ୍ଷା କରିବା ସହ ମାସ୍କ ପିନ୍ଧି ନୀରବ ପ୍ରତିବାଦ ଜଣାଇଛନ୍ତି। ଏଥିରେ ତାରପୁର ଆଞ୍ଚଳିକ କମିଟିର ସଭାପତି ଧନେଶ୍ୱର ରାଉତ, ଉପସଭାପତି ସଚ୍ଚିକାନ୍ତ ମହାରଣା, ସମ୍ପାଦକ ଅକ୍ଷୟ କୁମାର ଓଝା, ଯୁଗଳ ବାରିକ, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରମିଳା ସେଠୀ ପ୍ରମୁଖ ସାମିଲ ଥିଲେ।

# ସରପଞ୍ଚଙ୍କ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ

**ରତ୍ନଗିରି, ୨୧।୪ (ଡି.ଏନ୍.ଏ.):** କରୋନା ସଂକ୍ରମଣ ରୋକିବାକୁ ଲକ୍‌ଡାଉନ୍ କରାଯାଇଥିବାବେଳେ ମାସ୍କ ବ୍ୟବହାର, ସାମାଜିକ ଦୂରତ୍ୱ ଆଦି ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗ୍ରାମାଞ୍ଚଳରେ ଏହି ନିର୍ଦ୍ଦେଶ ଠିକ୍ ଭାବେ ପାଳନ କରାଯିବା ଓ ଲୋକମାନଙ୍କୁ ସଚେତନ କରିବା ସକାଶେ ସରପଞ୍ଚମାନଙ୍କୁ ସରକାର କ୍ଷମତା ପ୍ରଦାନ କରିଛନ୍ତି। ମାତ୍ର ବରୀ ବ୍ଲକ ଅଧୀନ କଳାମାଟିଆ ସରପଞ୍ଚ ସମୀର ମଳିକ ସରକାରଙ୍କ ଏହି ନିର୍ଦ୍ଦେଶ ମାନି ନ ଥିବାରୁ ପୋଲିସ କର୍ମଚାରୀମାନେ ତାଙ୍କୁ ସଚେତନ କରୁଥିବା ଦେଖାଯାଇଛି। ସରପଞ୍ଚ ମଳିକ ବାଇକ୍‌ରେ ଯାଉଥିବା ବେଳେ ମାସ୍କ ପିନ୍ଧି ନ ଥିବା ବେଳେ ହେଲମେଟ୍ ମଧ୍ୟ ପିନ୍ଧି ନ ଥିବାରୁ ବରୀ ମାଉଣ୍ଡରେ ପୋଲିସ କର୍ମଚାରୀ ତାଙ୍କୁ ଅଟକାଇବା ସହ ସଚେତନ କରିଥିବା ଦେଖିବାକୁ ମିଳିଥିଲା।

# ବିଡିଓଙ୍କୁ ଅଶ୍ଳୀଳ ମେସେଜ୍, ଜିଆର୍‌ଏସ୍‌ଙ୍କ ନାଁରେ ମାମଲା

**ନୟାଗଡ଼ ଅଫିସ,୨୧।୪**

ନୟାଗଡ ଜିଲାର ଓଡଗାଁ ବିଡିଓ ସ୍ୱାତିରେଖା ଦାଶଙ୍କୁ ବିଳମ୍ବିତ ରାତ୍ରିରେ ଅଶ୍ଳୀଳ ମେସେଜ ପଠାଇଥିବା ନେଇ ଶରଣକୁଳ ଜିଆରଏସ୍ ଦିବାକର ମିଶ୍ରଙ୍କ ନାଁରେ ଶରଣକୁଳ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ୪୩/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ଆଇଆଇସି କିରଣ ହେମ୍ବ୍ରମ ସୂଚନା ଦେଇଛନ୍ତି।

# ପନିପରିବା ଚାଷୀଙ୍କ ପାଇଁ ଓପନ୍ ମାର୍କେଟ

**ନୟାଗଡ଼ ଅଫିସ,୨୧।୪**

ଲକ୍‌ଡାଉନ ବେଳେ ଚାଷୀଙ୍କ ପନିପରିବା ଅଭାବୀ ବିକ୍ରି ରୋକିବାକୁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ପନିପରିବା ବିକ୍ରି କରିବାକୁ ସରକାରୀ ସ୍ତରରେ ଚାଷୀଙ୍କୁ ସହଯୋଗ ଯୋଗାଇ ଦିଆଯିବ। କେତେ ପରିମାଣର କେଉଁ ପରିବା ରହିଛି, କେଉଁଦିନ ବିକ୍ରି କରିବେ ତା'ର ବିବରଣୀ ଉଦ୍ୟାନ କୃଷି ବିଭାଗ ସଂଗ୍ରହ କରିବ। ଚାଷୀଙ୍କଠାରୁ ସଂଗୃହୀତ ତଥ୍ୟକୁ ଅନ୍‌ଲାଇନରେ ଛଡାଯିବ। ଟ୍ରେଡରମାନେ ଅନ୍‌ଲାଇନ ତଥ୍ୟ ଦେଖି ଓପନ୍ ମାର୍କେଟରେ ଚାଷୀଙ୍କ ସହ କଥାବାର୍ତ୍ତା କରି ପନିପରିବା କିଣିବେ ବୋଲି ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅଜିତ କୁମାର ନାୟକ ସୂଚନା ଦେଇଛନ୍ତି।

# ୪ହଜାର ଟଙ୍କା ଜରିମାନା ଆଦାୟ

**ଭାପୁର,୨୧।୪(ଡି.ଏନ.ଏ.):** ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଭାପୁର ଅଞ୍ଚଳରେ ଅନେକ ବ୍ୟକ୍ତି ଏହି ନିୟମ ପାଳନ କରୁ ନାହାନ୍ତି। ମଙ୍ଗଳବାର ଫତେଗଡ ପୋଲିସ ଭାପୁର ବଜାରରେ ଯାଞ୍ଚ କରି ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ୪ହଜାର ଟଙ୍କା ଜରିମାନା ଆଦାୟ କରିଛି।

# ଜଗତ୍‌ସିଂହପୁର ସହରରେ କଟକଣା ଢିଲା

**ଜଗତ୍‌ସିଂହପୁର ଅଫିସ,୨୧।୪**

- ଅସ୍ଥାୟୀ ହାଟ ଲୋକାରଣ୍ୟ
- ବେଧଡ଼କ ଚାଲୁଛି ଯାନବାହନ

ଲକ୍‌ଡାଉନ୍ ସମୟରେ ଜରୁରି କାମ ଥିଲେ କିମ୍ବା ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ହେଲେ ଲୋକେ ବାହାରକୁ ଯିବା ପାଇଁ ଅନୁମତି ଦିଆଯାଇଛି। ବିନା କାର୍ଯ୍ୟରେ ବାହାରକୁ ଯିବାକୁ ମନା କରାଯାଇଛି। ମାତ୍ର ଲୋକେ ଏହି ନିୟମକୁ ଫୁଁ କରି ଦେଇଛନ୍ତି। ସେହିପରି ସାମାଜିକ ଦୂରତା ଓ ଯାନାବାହନ ଚଳାଚଳ ଉପରୁ ସତେ ଯେପରି କଟକଣା ଉଠିଯାଇ ଥିବାଭଳି ଅନୁଭବ ହେଉଛି। ଯାହାର ପ୍ରମାଣ ଜଗତ୍‌ସିଂହପୁର ସହରରେ ଦେଖିବାକୁ ମିଳୁଛି। ମଙ୍ଗଳବାର ଜଗତ୍‌ସିଂହପୁରରେ ଅସ୍ଥାୟୀ ହାଟ ହୋଇଥିଲା। ଏହି ହାଟରେ ଯେଉଁଭଳି ଗହଳି ହୋଇଥିଲା ତାହା ନ ଦେଖିଲେ ବିଶ୍ୱାସ ଯିବା କଷ୍ଟକର। ଲୋକେ ସାମାଜିକ ଦୂରତା ରଖି ନ ଥିବାବେଳେ ଯାନବାହନ ଚଳାଚଳ ଉପରେ ବିଶେଷକରି ଭାରିଯାନ ଉପରେ ମଧ୍ୟ କଟକଣା ନ ଥିଲା। ସେହିପରି କେତେକ ସ୍ଥାନରେ ପୋଲିସ ଚେକିଂ ପୋଷ୍ଟ କରାଯାଇଥିଲେ ମଧ୍ୟ ସେଠାରେ କୌଣସି କର୍ମଚାରୀ ନ ଥିଲେ। ଫଳରେ ବାଇକ୍‌ଠାରୁ ଆରମ୍ଭ କରି ଭାରୀଯାନ ଗୁଡ଼ିକ ବେଧଡ଼କ ଭାବେ ଯାତାୟାତ କରୁଥିଲା। ଜିଲାରେ ଏ ପର୍ଯ୍ୟନ୍ତ ଜଣେ ବି କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ଆଗକୁ ଯଦି କେହି ଚିହ୍ନଟ ହୁଅନ୍ତି ତେବେ ପରିସ୍ଥିତି କ'ଣ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

ଲକ୍‌ଡାଉନ୍ ପରେ ଜଗତ୍‌ସିଂହପୁର ନୂଆହାଟ ଅଥବା ସୋମନାଥ ହାଟ ସପ୍ତାହରେ ୧ ଦିନ ଅର୍ଥାତ୍ ମଙ୍ଗଳବାର କରାଯାଉଛି। ଅର୍ଥାତ୍ ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ। ଅନୁରୂପ ଭାବେ ବାରମ୍ବାର ହାଟ ସ୍ଥାନ ପରିବର୍ତ୍ତନ କରାଯାଉଛି। ଏହା ଏବେ ରଶ୍ମି ଟକିଜ୍ ନିକଟରୁ ଯୋଗଧାରୀ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଏକ ପାର୍ଶ୍ୱରେ କରାଯିବା ପାଇଁ ଅନୁମତି ରହିଛି। ପାଖାପାଖି ୪ କିଲୋମିଟର ପର୍ଯ୍ୟନ୍ତ ହାଟ ଲମ୍ୱିଥିଲେ ସୁଦ୍ଧା ରଶ୍ମି ଟକିଜ୍ ନିକଟରୁ ପୋଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ପାଖାପାଖି ୧ କିଲୋମିଟର ଆଶାତୀତ ଗହଳି ହୋଇଥିଲା। ଏତେ ଗହଳି ସତ୍ତ୍ୱେ ବାଲିବୋଝେଇ ଟ୍ରକ୍‌ଠାରୁ ଆରମ୍ଭ କରି ଏକାଧିକ ଭାରିଯାନ ଓ କାର ଆଦି ଖୁଲମଖୁଲା ଚଳାଚଳ କରୁଥିଲା। ଏହାଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ସରକାର ଲକ୍‌ଡାଉନ୍ ନିୟମରେ ସାମାନ୍ୟ କୋହଳ କରିଥିବାରୁ ଲୋକେ ଏହାର ଭରପୂର ଫାଇଦା ଉଠାଇ ଚାଲିଛନ୍ତି। ଅନ୍ୟପଟେ ପୋଲିସ, ପ୍ରଶାସନ ମଧ୍ୟ କୋହଳ ମନୋଭାବ ପୋଷଣ କରୁଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, କେତେକ ଜରୁରୀ ସାମଗ୍ରୀ ପରିବହନ କରୁଥିବା ଗାଡ଼ିକୁ କଟକଣା ମୁକ୍ତ କରାଯାଇଛି। ତେବେ ଅନେକ ସମୟରେ କେଉଁ ଗାଡ଼ିକୁ ଛଡ଼ା ଯିବ କେଉଁ ଗାଡ଼ିକୁ ଛଡ଼ାଯିବ ନାହିଁ ତାହା ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବାରୁ ଏଭଳି ସମସ୍ୟା ହେଉଛି।



ପୋଲିସ ଚେକିଂ ପୋଷ୍ଟରେ କର୍ମଚାରୀ ନାହାନ୍ତି।

## ସଂକ୍ଷେପରେ

### ବନ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ, ୩ ଗିରଫ

ଯୋଡା,୨୧।୪(ଡି.ଏନ୍.ଏ.) କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜାମୁପାଣିଠାରେ ଚୋରା କାଠ ବୋଝେଇ ଡମ୍ପର ଜବତ ବେଳେ ବନ କର୍ମଚାରୀମାନେ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରଇଦାସ ଗାଗରାଇ, ସନାତନ ଗାଗରାଇ ଓ ବୁଧରାମ୍। ବାମେବାରୀ ବନପାଳ ଯତୀନ୍ଦ୍ର କୁମାର ସାହୁଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ସୋମବାର ରାତି ପ୍ରାୟ ୯ଟା ସମୟରେ ବନ କର୍ମଚାରୀମାନେ ଜାମୁପାଣି ଜଙ୍ଗଲରେ ଏକ ଚୋରାକାଠ ବୋଝେଇ ଡମ୍ପରକୁ ଅଟକାଇଥିଲେ। ଏହି ସମୟରେ ନିକଟସ୍ଥ ଜାମୁପାଣି ଗ୍ରାମର ପ୍ରାୟ ୧୦ରୁ ୧୫ ଜଣ ଲୋକ ଆସି ବନ କର୍ମଚାରୀଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ବାମେବାରୀ ଫରେଷ୍ଟ ସେକ୍ସନର ଡ୍ରାଇଭର କୁଳମଣି ଆପଟ ଏବଂ ଦୁଇ ବନ କର୍ମଚାରୀ ଚନ୍ଦନ ବାରିକ ଓ ରବିନନ୍ଦନ ମହାନ୍ତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବନବିଭାଗ ଡମ୍ପରଟିକୁ ଜବତ କରି କାଳିମାଟି ବିଟ୍ ହାଉସରେ ରଖିଛି। ଏନେଇ ବାମେବାରୀ ଥାନାରେ ଏକ ମାମଲା(ନଂ.୪୯/୨୦୨୦) ରୁଜୁ ହୋଇଛି। ମଙ୍ଗଳବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଓଆଇସି ଅମିତାଭ ଦାସ ସୂଚନା ଦେଇଛନ୍ତି।

### ବେଆଇନ ବାଲି ଗାଡ଼ିକୁ ଅଟକାଇଲା ପୋଲିସ

ବନ୍ତ, ୨୧।୪(ଡି.ଏନ.ଏ.)-କରୋନା ଲକ୍‌ଡାଉନ୍ ସମୟରେ କେନ୍ଦୁଝର ଜିଲାରୁ ଭଦ୍ରକ ଅଭିମୁଖେ ଯାଉଥିବା ବେଆଇନ ବାଲି ଗାଡିକୁ ନନ୍ଦିପଦା ପୋଲିସ ଅଟକ ରଖିଛି। ମଙ୍ଗଳବାର ଭୋର ସମୟରେ କେନ୍ଦୁଝର ଜିଲାର ବିଭିନ୍ନ ବାଲି ଘାଟରୁ ବେଆଇନ ବାଲି ବୋଝେଇ ଗାଡିଗୁଡିକ ଭଦ୍ରକ ଜିଲାକୁ ଯାଉଥିଲା । ଉଭୟ ଜିଲାର ସୀମାନ୍ତ ଚେକ୍‌ପୋଷ୍ଟ ବସନ୍ତିଆ ବଜାରଠାରେ ଡ୍ୟୁଟି କରୁଥିବା ନନ୍ଦିପଦା ପୋଲିସ ସମ୍ପୃକ୍ତ ଗାଡିଗୁଡିକ ଅଟକ ରଖିଛି।

# ସବୁଠି ଭୟର ବାତାବରଣ

**ବାଲେଶ୍ୱର ଅଫିସ,୨୧।୪**

**ବାଲେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ୮ ଛୁଇଁଲା**

ବାଲେଶ୍ୱର ଜିଲାରେ ମଙ୍ଗଳବାର ଆଉ ୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୮ ଛୁଇଁଛି। ନେଳିଆବାଗ ଲିଙ୍କ୍‌ରୁ ୫ଜଣ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଟୁଇଟ୍ କରିବା ପରେ ଜିଲା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଛନ୍ତି।

ସଂକ୍ରମଣକୁ ନିୟନ୍ତ୍ରଣକୁ ଆଣିବା ପାଇଁ ସହରକୁ ଶଟ୍‌ଡାଉନ୍ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଚାରବିମର୍ଷ ଚାଲୁଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ସହରରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ଥାନୀୟ ଲୋକ ହୋଇଥିବା ବେଳେ ଆଉ କେତେକେ ଦୀର୍ଘଦିନ ହେବ ବସବାସ କରି ଆସୁଛନ୍ତି। ସେମାନେ ପ୍ରାୟତଃ ପଡ଼ୋଶୀ ପଶ୍ଚିମବଙ୍ଗ ସମେତ ଅନ୍ୟ ରାଜ୍ୟରୁ ଆସିଛନ୍ତି। ସହରର ନେଳିଆବାଗ, ଭାସ୍କରଗଞ୍ଜ ଅଞ୍ଚଳରୁ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲା ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଏହି ଦୁଇ ରୋଗୀ କେତେ ଲୋକଙ୍କ ସଂସ୍ପର୍ଶରେ ଆସିଛନ୍ତି, କେଉଁ କେଉଁ ଅଞ୍ଚଳକୁ ଯାଇଛନ୍ତି, ତାହା ବାହାର କରିବା ଏବେ ଜିଲା ପ୍ରଶାସନ ପାଇଁ କାଠିକର ପାଠ ହୋଇଛି। ଓଡ଼ିଶା ତୁଳନାରେ ପଶ୍ଚିମବଙ୍ଗର କରୋନା ସ୍ଥିତି ଅଧିକ ଗମ୍ଭୀର। ସହରର ଏକ ତୃତୀୟାଂଶ ଲୋକ ବିଭିନ୍ନ କାମରେ କୋଲକାତା ଉପରେ ନିର୍ଭର କରନ୍ତି। ଲକ୍‌ଡାଉନ୍ ସତ୍ତ୍ୱେ କୋଲକାତା-ପଶ୍ଚିମବଙ୍ଗ ସୀମାରେ ପୋଲିସ୍‌ର କୋହଳ ଯାଞ୍ଚ ଯୋଗୁ ଶହ ଶହ ଲୋକ ଅବାଧରେ କଲିକତାରୁ ଫେରି ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ ରହୁଛନ୍ତି। ସେମାନେ ମଧ୍ୟ ଏହି ରୋଗର ବାହକ ହୋଇପାରନ୍ତି। ଏସବୁ ସମସ୍ୟାର ସମାଧାନ ପାଇଁ କିଛିଦିନ ସହରକୁ ଶଟ୍‌ଡାଉନ୍ କରିବା ପାଇଁ ଜିଲା ପ୍ରଶାସନ ବିଚାର କରୁଥିବା ଜଣେ ଉଚ୍ଚପଦସ୍ଥ ଅଧିକାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି।

## ୫ କଣ୍ଟେନମେଣ୍ଟ ଜୋନ୍‌ରେ ତନାଘନା



ଏକ ସ୍କୁଲ୍ ପରିସରରେ ରକ୍ତନମୁନା ସଂଗ୍ରହ କରାଯାଉଛି।

**ପଶ୍ଚିମବଙ୍ଗ ଫେରନ୍ତାଙ୍କ ଉପରେ ନଜର**

**ଭଦ୍ରକ ଅଫିସ, ୨୧।୪**

ଭଦ୍ରକ ଜିଲାରେ ସୋମବାର ୫ କରୋନା ରୋଗୀ ଚିହ୍ନଟ ହେବା ପରେ ଜିଲା ପ୍ରଶାସନର ମୁଣ୍ଡବ୍ୟଥା ବଢିଯାଇଛି। ବାସୁଦେବପୁର ବ୍ଲକର ୩ଟି ଓ ଭଣ୍ଡାରିପୋଖରୀର ୨ଟି ପଞ୍ଚାୟତର ୩୯ ଗାଁକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ମଙ୍ଗଳବାର ଏହି ଅଞ୍ଚଳର ୫ କରୋନା ପଜିଟିଭଙ୍କ କଣ୍ଟାକ୍ଟ ଲିଷ୍ଟକୁ ନେଇ ତନାଘନା ହୋଇଛି। ଆକ୍ରାନ୍ତଙ୍କ କଣ୍ଟାକ୍ଟ ତାଲିକାରେ ୭୦ ଜଣ ରହିଥିବା ପ୍ରାଥମିକ ଆକଳନ କରାଯାଇଛି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ଅଜିତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ସମେତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ)ର ବରିଷ୍ଠ ଅଧିକାରୀ ଅର୍ଚ୍ଚନା ଗାୟନ ଭଦ୍ରକ ଜିଲାରେ ଡ଼େରା ପକାଇଛନ୍ତି। ଏହି ଅଧିକାରୀମାନେ ପ୍ରଶାସନିକ ଅଧିକାରୀମାନଙ୍କୁ ସାଙ୍ଗରେ କଣ୍ଟେନ୍‌ମେଣ୍ଟ ଜୋନ୍ ଅଞ୍ଚଳରେ ସ୍ୱାବ ସଂଗ୍ରହ କାର୍ଯ୍ୟର ତଦାରଖ କରୁଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ମାର୍ଚ୍ଚ ୨୭ତାରିଖଠାରୁ ପଶ୍ଚିମବଙ୍ଗରୁ ଫେରିଥିବା ବ୍ୟକ୍ତିଙ୍କ ଉପରେ ନଜର ରଖାଯାଇଛି। ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ଏବଂ ଭଣ୍ଡାରିପୋଖରୀ ବିଡିଓ ଉମେଶ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ରକ୍ତ ନମୁନା ସଂଗ୍ରହ କରାଯାଉଛି।

### ବିଧାୟକଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଭଦ୍ରକ ଜିଲାରେ କରୋନା ପଜିଟିଭ ସଂଖ୍ୟା ୮ ଛୁଇଁଛି। ଏମାନଙ୍କ ମଧ୍ୟରୁ ୨ ଜଣ ସୁସ୍ଥ ହୋଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ମୋବାଇଲ ଯୋଗେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ସହ ଭଦ୍ରକ ବିଧାନସଭା କ୍ଷେତ୍ରର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ସରକାରୀ କଟକଣାକୁ ଜିଲାରେ କିଭଳି ସମ୍ମାନ ଦିଆଯାଉଛି, ସାମାଜିକ ଦୂରତ୍ୱ, ପ୍ରଶାସନିକ ଅଧିକାରୀଙ୍କ ବ୍ୟବହାର ଓ କାର୍ଯ୍ୟକଳାପ ସମ୍ପର୍କରେ ବିଧାୟକଙ୍କୁ ପଚାରିଥିଲେ। ଅଞ୍ଚଳରେ ଯେଭଳି କେହି ଭୋକିଲା ନ ରହିବେ ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିବା ବିଧାୟକ କହିଛନ୍ତି।

## କରୋନା ଆକ୍ରାନ୍ତ ଚିହ୍ନଟ ପରେ ସ୍ୱତନ୍ତ୍ର ନମୁନା ପରୀକ୍ଷା ଶିବିର

**ସଜନାଗଡ଼, ୨୧।୪(ଡି.ଏନ.ଏ.)**



ଅଗ୍ନିଶମ ବିଭାଗ ପକ୍ଷରୁ ରାସ୍ତାଘାଟ ବିଶୁଦ୍ଧୀକରଣ କରାଯାଉଛି।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମ୍ପୁର ଥାନା ଅଞ୍ଚଳରେ ସୋମବାର ଏକ ୨ ବର୍ଷର ଶିଶୁକନ୍ୟା କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଚିହ୍ନଟ ହୋଇଥିବା ଶିଶୁକନ୍ୟାଙ୍କ ସଂସ୍ପର୍ଶରେ ଆସିଥିବା ଲୋକ ଏବଂ ପୂର୍ବରୁ ଚିକିତ୍ସା ଯୋଗାଇଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ଠାବ କରାଯାଇଛି। ମଙ୍ଗଳବାର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ଟିମ୍ ବରହମ୍ପୁରରେ ପହଞ୍ଚି ବରହମ୍ପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁରୋଜ ଜେନାଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀଙ୍କ ସହ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କର ବରହମ୍ପୁର ଅଧୀନ ଗୁଡ଼ିବଣିଆ ପ୍ରାଇମେରୀ ସ୍କୁଲରେ ସ୍ୱାବ୍ ସଂଗ୍ରହ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୫୦ରୁ ୬୦ ନମୁନା ସଂଗ୍ରହ କରାଯାଇଥିବା ଡା. ଜେନା କହିଛନ୍ତି। ଏତଦ୍‌ବ୍ୟତୀତ ନୀଳଗିରି ଅଗ୍ନିଶମ ବିଭାଗ ଦ୍ୱାରା ଆବଦ୍ଧାଞ୍ଚଳ ସହ ବରହମ୍ପୁର ବଜାରକୁ ବିଶୁଦ୍ଧୀକରଣ କରାଯାଇଛି। ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା ପହଞ୍ଚି ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତା ସହ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣର ତଦାରଖ କରିଥିଲେ।

### ୫ମାସ ହେଲା ମିଳିନି ଚାଉଳ

**କେନ୍ଦୁଝର, ୨୧।୪( ସ୍ୱ.ପ୍ର.)-**

ଘଷିପୁରା ବ୍ଲକ ବଳରାମପୁର ପଞ୍ଚାୟତ ଅତାସହି ଗ୍ରାମର ମନ୍ମଥ ସାହୁଙ୍କ ସ୍ତ୍ରୀ ପ୍ରମିଳା ସାହୁଙ୍କ ନାମରେ ରାଶନ କାର୍ଡ (ନମ୍ବର- ୧୮୦୪୦୨୧୨୪୩୨) ରହିଛି। କିନ୍ତୁ ୫ ମାସ ହେଲା ତାଙ୍କ ପରିବାରକୁ ରାଶନ (ଚାଉଳ) ମିଳୁ ନ ଥିବାରୁ ବହୁ ଅସୁବିଧାରେ ଚଳୁଛନ୍ତି। ଗରିବ ଲୋକ ହୋଇଥିବାରୁ ଭୟରେ ଦାବି କିମ୍ବା ଅଭିଯୋଗ କରିପାରୁନାହାନ୍ତି। ତାଙ୍କୁ ଉଦ୍ଦେଶ୍ୟ ମୂଳକ ଭାବରେ ଚାଉଳ ଦିଆଯାଉ ନ ଥିବା ଭାଜପା କୃଷକ ମୋର୍ଚ୍ଚାର ରାଷ୍ଟ୍ରୀୟ ଉପ ସଭାପତି ଅଭିଯୋଗ କରି ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ସଚେତନ କରି ଫେରୁଥିବା ଆଶା କର୍ମୀଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଆନନ୍ଦପୁର, ୨୧।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ଶାଳବଣି ପଞ୍ଚାୟତ ବଳଦୁଆଁ ଗ୍ରାମର ଆଶା କର୍ମୀ ଅଖଜି ଖଣ୍ଡାଙ୍କୁ ଆକ୍ରମଣ ଘଟଣାରେ ପୋଲିସ ସେହି ଗ୍ରାମର ଚନ୍ଦନ ମଣ୍ଡଳଙ୍କୁ ଗିରଫ କରିଛି। ଏନେଇ ଆନନ୍ଦପୁର ଥାନାରେ ମାମଲା(ନଂ. ୬୨/୨୦) ରୁଜୁ କରାଯାଇଛି। ମଙ୍ଗଳବାର ଚନ୍ଦନଙ୍କୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଆଶା କର୍ମୀ ଅଖଜିକୋଭିଡ-୧୯ ପାଇଁ ଗ୍ରାମରେ ସଚେତନତା କାର୍ଯ୍ୟ ସାରି ନିଜ ଘର ଟିକର ସାହିକୁ ଫେରିବା ବେଳେ ପୋଲିସ ଇନଫର୍ମର ବୋଲି ଭାବି ଚନ୍ଦନ ତାଙ୍କୁ ଆକ୍ରମଣ କରିଥିଲେ। ଏହାକୁ ଗୁରୁତର ଭାବେ ଗ୍ରହଣ କରି ଜିଲା ଏସ୍‌ପି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଆନନ୍ଦପୁର ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବଳଦୁଆଁ ଗ୍ରାମ ନିକଟ ଦେଇ ଯାଇଥିବା ଏକ କେନାଲରେ ଅନେକ ସମୟରେ ସଂଘବଦ୍ଧ ଭାବେ କେତେକ ଲୋକ ମାଛ ଧରୁଥିବା ଘଟଣାକୁ ଆଶା କର୍ମୀ ବିରୋଧ କରିଆସୁଥିଲେ। ଶନିବାର ଲୋକେ ମାଛ ଧରିବା ବେଳେ ପୋଲିସ ପାଟ୍ରୋଲିଂ ଗାଡି ଯିବାରୁ ସେମାନେ ଛତ୍ରଭଙ୍ଗ ଦେଇଥିଲେ। ଏହାକୁ ନେଇ ଆଶା କର୍ମୀ ପୋଲିସକୁ ସୂଚନା ଦେଇଥିବା ଅନୁମାନ କରି ତାଙ୍କୁ ଆକ୍ରମଣ ହୋଇଥିବା ଜଣାପଡିଛି।

### ବଜ୍ରପାତରେ ବ୍ୟବସାୟୀ ମୃତ

**ଖଇରା, ୨୦।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ବଡ ନୂଆଗାଁ ଗ୍ରାମ ପଞ୍ଚାୟତ ଅଧୀନ ସଇଁ ଗ୍ରାମରେ ବଜ୍ରପାତ ହୋଇ ପ୍ରଭାକର ଦାସ(୬୮)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ଅପରାହ୍ନରେ ଘର ବାରଣ୍ଡାରେ ବସିଥିବା ବେଳେ ବଜ୍ରପାତ ହୋଇଥିଲା। ସେ ସଂଜ୍ଞାହୀନ ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ କୁପାରୀ ଓ ପରେ ଭଦ୍ରକ ମୁଖ୍ୟ ଡାକ୍ତରଖାନା ନିଆଯାଉଥିବା ବେଳେ ବାଟରେ ପ୍ରାଣବାୟୁ ଉଡିଯାଇଥିଲା । ଭଦ୍ରକ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇଛି ।

## ଉପଜିଲାପାଳଙ୍କୁ ସ୍କ୍ରାପ୍ ୱାଚ୍ ଦେଲା ଆଇଟିଆଇ



ଆଇଟିଆଇ ଅଧକ୍ଷ ଉପଜିଲାପାଳଙ୍କ ସ୍କ୍ରାପ୍ ୱାଚ ପ୍ରଦାନ କରୁଛନ୍ତି।

**ବ୍ରହ୍ମପୁର ଅଫିସ, ୨୧।୪**

କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ରିଲିଫ ପାଣ୍ଠିକୁ ସହାୟତା ରାଶି ପ୍ରଦାନ କରିଥିବା ଜମାକାରୀଙ୍କୁ ପ୍ରୋତ୍ସାହିତ କରାଯିବ। ୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରିଥିବା ଲୋକଙ୍କୁ ବ୍ରହ୍ମପୁର ସରକାରୀ ଆଇଟିଆଇ ଦ୍ୱାରା ପ୍ରସ୍ତୁତ ସ୍କ୍ରାପ୍ ୱାଚ୍ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି । ଏନେଇ ମଙ୍ଗଳବାର ଆଇଟିଆଇ ପକ୍ଷରୁ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବଙ୍କୁ ପ୍ରଥମ ସ୍କ୍ରାପ୍‌ରେ ପ୍ରସ୍ତୁତ ଆଣ୍ଟିକ୍ୟୁ ପିସ୍ ଅଫ୍ ୱାଲ ୱାଚ ପ୍ରଦାନ କରାଯାଇଛି । ଏହି ୱାଚ୍ ଏପ୍ରିଲ ୧୭ ପରଠାରୁ ସରକାରଙ୍କ କୋଭିଡ୍ -୧୯ ରିଲିଫ୍ ପାଣ୍ଠିକୁ ୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଆର୍ଥିକ ସହାୟତା ପ୍ରଦାନ କରିଥିବା ଲୋକଙ୍କୁ ପ୍ରଦାନ କରାଯିବ । ବର୍ତ୍ତମାନ ଦେଶ ଓ ରାଜ୍ୟରେ କରୋନାର ମୁକାବିଲା ପାଇଁ ସରକାରଙ୍କୁ ଆର୍ଥିକ ସହାୟତାର ହାତ ବଢାଇଥିବା ବ୍ୟକ୍ତିଙ୍କୁ ପ୍ରୋତ୍ସାହିତ କରିବା ନେଇ ପ୍ରଶାସନ ଓ ଆଇଟିଆଇ ପକ୍ଷରୁ ମିଳିତ ଭାବେ ଏଭଳି ଉଦ୍ୟମ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୦୦ ଜଣଙ୍କୁ ପ୍ରୋତ୍ସାହନ ସ୍ୱରୂପ ଏହି ୱାଚ ପ୍ରଦାନ କରାଯିବାକୁ ଯୋଜନା କରାଯାଇଛି। ଏହି ୱାଚ ସାଇକେଲର ପୁରୁଣା ଚେନ୍ ଓ କ୍ରାଙ୍କଦ୍ୱାରା ପ୍ରସ୍ତୁତ ହୋଇଥିବା ବେଳେ ପ୍ରତି ୱାଚ ପ୍ରସ୍ତୁତ ପାଇଁ ୧୦୦ ରୁ ୧୩୫ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଖୁବ ଶୀଘ୍ର ଆଇଟିଆଇ ପକ୍ଷରୁ ୧୦୦ ସ୍କ୍ରାପ୍ ସାମଗ୍ରୀରେ ପ୍ରସ୍ତୁତ ୱାଚ ପ୍ରଦାନ କରାଯିବ ନେଇ ଆଇଟିଆଇ ଅଧକ୍ଷ ଡ. ରଜତ ପାଣିଗ୍ରାହୀ ସୂଚାଇଛନ୍ତି ।

### ୧୩ ବସ୍ତା ଗୁଟ୍‌ଖା ଜବତ, ୫ ଗିରଫ

**ଗୋପାଳପୁର,୨୧।୪**

ଗୋଳନ୍ଥରା ପୋଲିସ ସୋମବାର ଚଢାଉ କରି ଚାଲାଣ ହେଉଥିବା ୧୩ ବସ୍ତା ଗୁଟ୍‌ଖା ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ରହ୍ମପୁର ପାଣିଗ୍ରାହୀପେଣ୍ଠ ସାହିର କାହ୍ନୁଚରଣ ପାଣିଗ୍ରାହୀ, ଶ୍ରୀଧର ବେହେରା, ବଡ଼ବଜାର ଗୌଡ଼ସାହିର ବି. ଶ୍ରୀନିବାସ ପାତ୍ର, ସତ୍ୟନାରାୟଣ ଦାଶ ଓ ପାତ୍ରପୁରର ବି. ରଞ୍ଜନ ପାତ୍ର। ଘଟଣାସ୍ଥଳରୁ ୨ ଜଣ ଫେରାର ହୋଇଯାଇଛନ୍ତି। ନଂ.୧୭/୨୦ରେ ମାମଲା ରୁଜୁକରି ୫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସୋମବାର ୭ ବେପାରୀ ୩ ବାଇକରେ ଗୁଟ୍‌ଖା ଧରି ଯାଉଥିବା ଖବର ପାଇ ଗୋଳନ୍ଥରା ପୋଲିସ ଚଢାଉ କରିଥିଲା।

### ୩ ମଦ ବିକ୍ରେତା ଗଲେ ଜେଲ

**ଦିଗପହଣ୍ଡି,୨୧।୪(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ମଙ୍ଗଳବାର କେ. ନୂଆଗାଁ ଥାନା ବଡପଦା ଗାଁର ଦିବାନ ଦଳାଇ ଏବଂ ତୋଫାନ ଦଳାଇଙ୍କୁ ମଦ ବିକ୍ରି ଅଭିଯୋଗରେ ମାମଲା ନଂ.୮୮/୨୦ରେ ଗିରଫ କରି କୋର୍ଟ ଚାଲାଣ କରିଛି। ସୋମବାର ଉଭୟ ବାଇକ (ନଂ.ଓଆର୦୭ଟି-୮୭୯୩) ରେ ଦେଶୀ ମଦ ଚାଲାଣ ବେଳେ ଧରାପଡିଛନ୍ତି। ସେହିପରି କେ.ନୂଆଗାଁ ପୋଲିସ ମେଘଝୋଲି ଗ୍ରାମର ମନୋଜ ନାୟକଙ୍କୁ ମଦ ବିକ୍ରି ଅଭିଯୋଗରେ ଗିରଫ କରି କୋର୍ଟକୁ ଚାଲାଣ କରିଛି।

## ବ୍ରହ୍ମପୁର

### ଏମ୍‌କେସିଜିରେ ୫ କରୋନା ସନ୍ଦିଗ୍ଧ ଭର୍ତ୍ତି

**ବ୍ରହ୍ମପୁର ଅଫିସ,୨୧।୪**

ରାଜ୍ୟରେ ସୋମବାର ୧୩ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ମଙ୍ଗଳବାର ପୁଣି ୫ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ହଠାତ୍ କରୋନା ପଜିଟିଭଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସେହିପରି ଦକ୍ଷିଣ ଓଡ଼ିଶାର ଏକମାତ୍ର ଭରସାଯୋଗ୍ୟ ରେଫରାଲ ହସ୍ପିଟାଲ ଏମ୍‌କେସିଜିରେ ଦିନକୁ ଦିନ କରୋନା ସନ୍ଦିଗ୍ଧଙ୍କ ସଂଖ୍ୟା ବଢିବାରେ ଲାଗିଛି। ସୋମବାର ରାତିରେ ବ୍ରହ୍ମପୁର ଗେଟବଜାର ଅଞ୍ଚଳର ଜଣେ ସନ୍ଦିଗ୍ଧ ଭର୍ତ୍ତି ହୋଇଥିବା ବେଳେ ମଙ୍ଗଳବାର ସକାଳେ ପୋଲିସ ୪ ପଶ୍ଚିମବଙ୍ଗ ଅଞ୍ଚଳ ଲୋକଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଛି। ସେଠାରେ ସେମାନଙ୍କୁ ସ୍କ୍ରିନିଂ କରାଯିବା କରୋନା ୱାର୍ଡରେ ଭର୍ତ୍ତି କରାଯାଇଛି ବୋଲି ମେଡିକାଲ ଅଧୀକ୍ଷକ ଡାକ୍ତର ସନ୍ତୋଷ କୁମାର ମିଶ୍ର କହିଛନ୍ତି। ସେମାନଙ୍କର ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି।

### ପଶ୍ଚିମବଙ୍ଗ ଫେରନ୍ତାଙ୍କୁ କ୍ୱାରାଣ୍ଟାଇନ୍ ନିର୍ଦ୍ଦେଶ

**ବ୍ରହ୍ମପୁର ଅଫିସ,୨୧।୪**

ପଶ୍ଚିମବଙ୍ଗର ଜଣେ ଲୋକ ପୁରୀ ଯାଇ ସେଠାରୁ ଚାଲିଚାଲି ବୁଧବାର ବ୍ରହ୍ମପୁରରେ ପହଞ୍ଚିଥିଲେ। ସେ ବଡବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ ନିକଟ ଧୋବାବନ୍ଧରେ ଗାଧୋଉଥିବା ବେଳେ ଅଞ୍ଚଳବାସୀ ତାଙ୍କୁ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ସ୍କ୍ରିନିଂ ପାଇଁ ଏମ୍‌କେସିଜି ମେଡିକାଲ ପଠାଇଥିଲେ। ସ୍କ୍ରିନିଂ ପରେ ଏବେ ତାଙ୍କୁ ଗୋଳନ୍ଥରା ଥାନା ଅନ୍ତର୍ଗତ ଗାନ୍ଧୀ କଲେଜରେ ଥିବା କ୍ୱାରାଣ୍ଟାଇନ୍ କକ୍ଷରେ ରଖାଯାଇଛି ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି। ପଶ୍ଚିମବଙ୍ଗରୁ ଉକ୍ତ ବ୍ୟକ୍ତି ଜଣଙ୍କ କିପରି ପୁରୀ ଆସିଥିଲେ, ତାଙ୍କ ସହ ଅନ୍ୟ କେଉଁ କେଉଁମାନେ ଆସିଥିଲେ ଏବଂ ସେଠାରୁ ସେ କେଉଁ କେଉଁ ରାସ୍ତା ଦେଇ ବ୍ରହ୍ମପୁର ପହଞ୍ଚିଥିଲେ ସେନେଇ ତାଙ୍କୁ ପ୍ରଶାସନିକ ଅଧିକାରୀମାନେ ପଚରାଉଚରା କରିଛନ୍ତି।

## ସମୁଦ୍ର ବାଟେ ଗଞ୍ଜାମକୁ ପ୍ରବେଶ ଉପରେ ନଜର

**ଛତ୍ରପୁର,୨୧।୪(ଡି.ଏନ୍.ଏ.)**

- କୋଷ୍ଟଗାର୍ଡ, ମେରାଇନ ପୋଲିସକୁ ଚିଠି ଲେଖିଲେ ଜିଲାପାଳ
- ବାହାର ଫେରନ୍ତାଙ୍କ ପଞ୍ଜୀକରଣ ପାଇଁ ଜାରି ହେଲା ଫର୍ମ
- ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲିବ ବ୍ୟାଙ୍କ

ଚେନ୍ନାଇରୁ ଜଳ ପଥରେ ୨୭ ମତ୍ସ୍ୟଜୀବୀ ଡଙ୍ଗାରେ ଆସି ସୋମବାର ଆନ୍ଧ୍ରପ୍ରଦେଶର ଇଚ୍ଛାପୁର ନିକଟ ସମୁଦ୍ର କୂଳରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରେ ୯ ଜଣ ଗଞ୍ଜାମ ଜିଲା ପାତିସୁନ୍ଦପୁର ଅଞ୍ଚଳର। ସମସ୍ତ ଆନ୍ଧ୍ରପ୍ରଦେଶରେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଚିକିଟିବିଡିଓ, ତହସିଲଦାର ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଫେରିଥିବା ଜିଲାପାଳ ସୂଚନା ଦେଇଛନ୍ତି। ବାହାର ରାଜ୍ୟରୁ ସମୁଦ୍ର ବାଟେ ଗଞ୍ଜାମ ଜିଲାକୁ ପ୍ରବେଶ ଉପରେ ନଜର ରଖାଯାଇଛି। ଏ ନେଇ କୋଷ୍ଟଗାର୍ଡ, ଗଞ୍ଜାମ ଓ ବ୍ରହ୍ମପୁର ଏସ୍‌ପି, ୨ ମେରାଇନ ଥାନା ଅଧିକାରୀ, ସମୁଦ୍ର ଉପକୂଳ ଅଞ୍ଚଳର ବିଡ଼ିଓ ଓ ତହସିଲଦାରଙ୍କୁ ପ୍ରଶାସନ ପକ୍ଷରୁ ଚିଠି ଲେଖାଯାଇଥିବା ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ସୂଚନା ଦେଇଛନ୍ତି।

ବାହାରୁ ଗଞ୍ଜାମକୁ ଯେଉଁମାନେ ଆସିବେ ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ସହ କ୍ୱାରାଣ୍ଟାଇନ୍‌ରେ ରଖାଯିବ ବୋଲି ଜିଲାପାଳ କହିଛନ୍ତି। ଜିଲାକୁ ଫେରିବାକୁ ହେଲେ ନାମ ପଞ୍ଜୀକରଣ କରିବାକୁ ହେବ। ନଚେତ ଜିଲାକୁ ପ୍ରବେଶ ଅନୁମତି ମିଳିବନି। ଯେଉଁମାନେ ନିଜ ଅଞ୍ଚଳକୁ ଫେରିବେ ସେମାନେ ତାଙ୍କ ପଞ୍ଚାୟତ ସରପଞ୍ଚଙ୍କ ପାଖରେ ଆଗୁଆ ନାମ ପଞ୍ଜୀକରଣ କରିବେ। ଏଥିପାଇଁ ଜିଲ୍ଲା ପ୍ରସାଶନ ପକ୍ଷରୁ ଏକ ସ୍ୱତନ୍ତ୍ର ଫର୍ମ ଜାରି କରାଯାଇଛି। ଡିଓସିଏସ୍.ଗୁଗୁଲ.କମ୍‌ରେ କ୍ଲିକ୍ ପରେ ଫର୍ମ ପୂରଣ କରି ମୋବାଇଲରେ ମଧ୍ୟ ଦାଖଲ କରିପାରିବେ । ଗାଁକୁ ଫେରିଥିବା ବ୍ୟକ୍ତି ୧୪ ଦିନ ପାଇଁ ପଞ୍ଚାୟତ ନିରୂପିତ କ୍ୱାରାଣ୍ଟାଇନ୍‌ରେ ରହିବେ। ସେମାନଙ୍କ ନିମନ୍ତେ ସମସ୍ତ ସୁବିଧା କରାଯିବ।

ଅନ୍ୟପକ୍ଷରେ ଜିଲାର ସମସ୍ତ ବ୍ୟାଙ୍କ ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲିବ ବୋଲି ଜିଲ୍ଲାପାଳ ମଙ୍ଗଳବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। କରୋନା ସଂକ୍ରମଣ ପ୍ରତିହତ, ଭିଡ଼ କମାଇବା ଏବଂ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି।

### ପରିବା ଭ୍ୟାନରେ ଗଞ୍ଜେଇ ଚାଲାଣ, ୫ ଗିରଫ

**ଜି.ଉଦୟଗିରି/ ଶଙ୍କରାଖୋଲ, ୨୧।୪(ଡି.ଏନ.ଏ.)**

ଲକ୍‌ଡାଉନର ସୁଯୋଗ ନେଇ ପରିବା ଭ୍ୟାନରେ ଗଞ୍ଜେଇ ଚାଲାଣ ବେଳେ ଚକାପାଦ ପୋଲିସ ଦୁଇଟି ପିକଅପ୍ ଭ୍ୟାନ ଜବତ କରିଛି। ସେଥିରୁ ୪୦୦ କେଜି ଗଞ୍ଜେଇ ଓ ନଗଦ ୨ ଲକ୍ଷ ୫୦ ହଜାର ଟଙ୍କା ଜବତ କରି ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆଠଗଡ ତିଗିରିଆ ଅଞ୍ଚଳର ଏମ୍.ଡି. ଆସ୍‌ବୁଲା, ଓସ୍‌ମାନ ଖାଁ, ଲଖନ ଖାଁ, କାହ୍ନୁ ଚରଣ ବର୍ଦ୍ଧନ ଓ ଶରତ ସାହାଣୀ।ଫିରିଙ୍ଗିଆ ଅଞ୍ଚଳରୁ ଦୁଇଟି ପିକଅପ୍ ଭ୍ୟାନରେ ଗଞ୍ଜେଇ ବସ୍ତା ଓ ତା'ଉପରେ ବାଇଗଣ ରଖି ଆଠଗଡ ତିଗିରିଆର ୫ ଜଣ ଗାଁକୁ ଯାଉଥିଲେ। ଚକାପାଦ ପୋଲିସ ସେମାନଙ୍କୁ ରୂପାଗାଁଠାରୁ ପିଛା କରିଥିଲା। ସେମାନେ ଦ୍ରୁତଗତିରେ ଯାଉଥିବାବେଳେ ଚକାପାଦ ବଙ୍ଗଳା ନିକଟରେ ଏକ ବିଦ୍ୟୁତ୍ ଖୁଣ୍ଟରେ ଗୋଟିଏ ଭ୍ୟାନ୍ ପିଟି ହୋଇଯାଇଥିଲା। ଚକାପାଦ ପୋଲିସ ଗାଡି ଦୁଇଟିକୁ ଜବତ କରି ନଂ.୧୮/୨୦ରେ ମାମଲା ରୁଜୁ କରିଛି।

### ପୂଜକଙ୍କୁ ଉଠାଇନେଲା ପ୍ରଶାସନ

**ଭଞ୍ଜନଗର,୨୧।୪(ଡି.ଏନ.ଏ.)**

ଗଞ୍ଜାମରେ ଲକ୍‌ଡାଉନ ସାମାନ୍ୟ କୋହଳ ହୋଇଥିଲେ ମଧ୍ୟ ମନ୍ଦିରରେ ଲୋକଙ୍କ ଗହଳି ଉପରେ କଟକଣା ଜାରି ରହିଛି। ଏହା ସତ୍ତ୍ୱେ ଭଞ୍ଜନଗର-ବେଲଗୁଣ୍ଠା ରାସ୍ତାର ଜାମପଲ୍ଲୀ ଛକରେ ଥିବା ଏକ ମନ୍ଦିର ମଙ୍ଗଳବାର ସକାଳେ ଖୋଲାଥିବାରୁ କେତେଜଣ ଲୋକ ସେଠାକୁ ପୂଜା କରିବାକୁ ଯାଇଥିଲେ। ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ନିକଟରେ ଏହି ଖବର ପହଞ୍ଚିବା ପରେ ତାଙ୍କ ସମେତ ଉପଖଣ୍ଡ ପଞ୍ଚାୟତ ଅଧିକାରୀ ପ୍ରହ୍ଲାଦ ପ୍ରଧାନ ମନ୍ଦିରରେ ଚଢ଼ାଉ କରି ପୂଜକଙ୍କୁ ଉଠାଇ ନେଇ ପୋଲିସକୁ ହସ୍ତାନ୍ତର କରିଥିଲେ। ସେହିଭଳି ଉପଜିଲାପାଳ ବିଭିନ୍ନ ସ୍ଥାନରେ ହେଲମେଟ୍, ମାସ୍କ ବ୍ୟବହାର କରି ନ ଥିବା ଲୋକଙ୍କ ଠାରୁ ୧୬,୨୦୦ ଟଙ୍କା ଜରିମାନା ଆଦାୟ କରିଛନ୍ତି । ଅପରାହ୍ନରେ ଉପ ଜିଲାପାଳ ତାଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଅଧିକାରୀଙ୍କୁ ନେଇ କରୋନା ମୁକାବିଲା ସମ୍ପର୍କିତ ସମୀକ୍ଷା କରିଥିଲେ ।

## କାଳବୈଶାଖୀ: ଗଛ, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଲା

**ଦାରିଙ୍ଗବାଡ଼ି/ରାଇକିଆ, ୨୧।୪(ଡି.ଏନ୍.ଏ.)**



ବଡ଼ବାରବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୋଠା ଉପରେ ପଡିଥିବା ଗଛ।

ଦାରିଙ୍ଗବାଡ଼ି ଓ ରାଇକିଆ ସମେତ ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ ବର୍ଷାପବନ ହୋଇଛି। ଏଥି ଯୋଗୁ ବହୁ ଘର ଛପର ଉଡ଼ିବା ସହ ଗଛ ପଡି କ୍ଷୟକ୍ଷତି ସହ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ଦାରିଙ୍ଗବାଡି ବ୍ଲକ ସିମନବାଡ଼ି ସମେତ ଦାରିଙ୍ଗବାଡ଼ି, ଡିଲୋରୀ ଓ କିରିକୁଟି ଆଦି ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଛି। ସିମନବାଡ଼ି ପାଟଖଣ୍ଡା ମନ୍ଦିର ଉପରେ ବିରାଟ ଗଛ ପଡ଼ି ରୋଷଶାଳ ସହ ମନ୍ଦିରର କ୍ଷତି ହୋଇଛି। ରାଇକିଆ ବ୍ଲକ ବଡ଼ବାରବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୋଠା ଉପରେ ମଧ୍ୟ ଏକ ଗଛ ପଡ଼ି କ୍ଷତି ହୋଇଥିବାବେଳେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି।

### ହୋମ୍ କ୍ୱାରାଣ୍ଟାଇନ୍‌ରେ ୨ କୃଷି କର୍ମଚାରୀ

**ଆସିକା,୨୧।୪(ଡି.ଏନ୍.ଏ.):**

ଆସିକା ଏନଏସି ଇଲାକାକୁ କୃଷି ବିଭାଗର ୨ କର୍ମଚାରୀ ଭୁବନେଶ୍ୱରରୁ ଆସିଥିବା ପ୍ରଶାସନକୁ ଖବର ମିଳିଥିଲା। ସେମାନଙ୍କୁ ହୋମ କ୍ୱାରେନଟାଇନରେ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା କହିଛନ୍ତି । ସେହିପରି କେନ୍ଦୁଝର ଜିଲା ବଡ଼ବିଲରୁ ଜଣେ ବ୍ୟକ୍ତି ଆସିକା କଲେଜ ଛକକୁ ଆସିଥିବା ସୂଚନା ମିଳିଥିଲା। ତେଣୁ ତାଙ୍କୁ କ୍ୱାରାଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିଡିଓ ପ୍ରଦୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ପୋଲିସ ଗାଡ଼ିକୁ ଧକ୍କା ଦେଲା ଟ୍ରକ୍

**ଅନୁଗୋଳ ଅଫିସ, ୨୧।୪–** ତାଳଚେରରେ ପୋଲିସ ସୋମବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଟ୍ରକ୍ ପୋଲିସ ଗାଡ଼ିକୁ ଧକ୍କା ଦେଇ ପଳାଇଯାଇଥିଲା। ଫଳରେ ପାଟ୍ରୋଲିଂ ଭ୍ୟାନରେ ଥିବା ଏସ୍ଆଇ ଅର୍ଚ୍ଚନା ନାୟକ ଏବଂ ଜଣେ ହାବିଲଦାର ଗୁରୁତର ହୋଇଥିଲେ। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ଏସ୍‌ପି ଜଗମୋହନ ମୀନା, ତାଳଚେର ଥାନା ଅଧିକାରୀ ସତ୍ୟବ୍ରତ ରାଉତ ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ।

## ସଂକ୍ଷେପରେ

### ମାସ୍କ, ସାବୁନ ବଣ୍ଟନ



**କଣିହାଁ ୨୧।୪(ଡି.ଏନ.ଏ.):** କଣିହାଁ ବ୍ଲକ ନାରୀ ସଚେତନ ମଞ୍ଚ ତରଫରୁ ୬ଟି ଗ୍ରାମରେ ମାସ୍କ ଓ ସାବୁନ ବଣ୍ଟନ କରାଯାଇଛି। ସଭାନେତ୍ରୀ ରୁନୁ ନାୟକ, ସମ୍ପାଦକ ଲୋକନାଥ ନାୟକ ଓ ଅନ୍ୟ କାର୍ଯ୍ୟକର୍ତ୍ତା ୩ଶହ ଲୋକଙ୍କୁ ଏହି ସାମଗ୍ରୀ ପ୍ରଦାନ କରିଥିଲେ। ଏହାପୂର୍ବରୁ ମଧ ମଞ୍ଚ ପକ୍ଷରୁ ୩ଶହ ଲୋକଙ୍କୁ ମାସ୍କ, ସାବୁନ ବଣ୍ଟନ କରାଯାଇଥିଲା।

### ଦୁର୍ଘଟଣାରେ ମହିଳା ମୃତ

**ତାଳଚେର, ୨୧।୪(ନି.ପ୍ର.):** ଘର ବାହାରେ ଶୋଇଥିବାବେଳେ ଏକ ବୋଲେରୋ (ନଂ. ଓଡି୩୫ଟି-୯୨୭୮) ମାଡ଼ିଯିବାରୁ ତାଳଚେର ପୌରାଞ୍ଚଳ ୪ ନମ୍ବର ୱାର୍ଡର ମଲ୍ଲୀ ଦାସ(୬୨)ଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ପ୍ରଥମେ ଉପଖଣ୍ଡ ଡାକ୍ତରଖାନା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଳଚେର ପୋଲିସ ଗାଡି ସହ ଜଣେ ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

### ଅହିରାଜ ଉଦ୍ଧାର



**ବନ୍ତଳା, ୨୧।୪(ଡି.ଏନ.ଏ.):** ବନ୍ତଳା ରେଞ୍ଜ ଗଡତରାସ ଗ୍ରାମ ଶିବମନ୍ଦିର ପୋଖରୀ ହୁଡାରୁ ମଙ୍ଗଳବାର ଏକ ୧୦ ଫୁଟର ଅହିରାଜକୁ ସର୍ପମିତ୍ର ଆଦିତ୍ୟ ବେହେରା, ଭବାନୀ ଶଙ୍କର ଦେହୁରୀ ଓ ସଞ୍ଜୟ ବେହେରା ଉଦ୍ଧାର କରିଛନ୍ତି। ବନାଞ୍ଚଳ ଅଧିକାରୀ ବିନ୍ଦୁପ୍ରସାଦ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ବନରକ୍ଷୀ ବଶିଷ୍ଟ ଦେହୁରୀଙ୍କ ଉପସ୍ଥିତିରେ ସାପକୁ ଛାଡ଼ି ଦିଆଯାଇଛି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ତାଳଚେର, ୨୧।୪(ନି.ପ୍ର.):** ତାଳଚେର ସଦର ଥାନା ରସାଲପୁର ଗ୍ରାମ ସଅର ସାହିରେ ଦୀପା ଖଟୁଆ (୨୨)ଙ୍କ ସୋମବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ଖଟ ଉପରେ ଦଗ୍ଧ ଶରୀର ପଡ଼ିଥିବା ବେଳେ ସେ କିପରି ଜଳିଗଲେ ତାହା ଜଣାପଡିନାହିଁ। ତାଳଚେର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ପୋଲିସ ଦୀପାଙ୍କ ସ୍ୱାମୀ ଜିତେନ୍ଦ୍ର ଖଟୁଆ ଓ ଶ୍ୱଶୁରଙ୍କୁ ଥାନାକୁ ନେଇ ପଚରାଉଚୁରା କରୁଛି। ନଂ. ୧୪୨/୨୦ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସତ୍ୟବ୍ରତ ରାଉତ ପ୍ରକାଶ କରିଛନ୍ତି।

### ମଦ ଜବତ, ୫ ଗିରଫ

**ବଇଣ୍ଡା/ଆଠମଲ୍ଲିକ, ୨୧।୪(ଡି.ଏନ.ଏ.) :** ଆଠମଲ୍ଲିକ ଏବଂ ବଇଣ୍ଡା ଅବକାରୀ ବିଭାଗ ୭୫ ଲିଟର ଚୋରା ଦେଶୀ ମଦ ଜବତ କରିଛି। ଏଥିସହ କିଶୋରନଗର ଥାନା ହତାନାଳୀର ମୁନା ବେହେରା, ଜେଜରାମ ବେହେରା, ପ୍ରତିମା ବେହେରା, ରଞ୍ଜିତ ବେହେରା, ଆଠମଲ୍ଲିକ ଥାନା ବନ୍ଧୁପାଲିର ନିରଜ ସେଠୀଙ୍କୁ ଗିରଫ କରାଯାଇଛି। ଆଠମଲ୍ଲିକ ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀ, ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ସହକାରୀ ଉପନିରୀକ୍ଷକ ରମାକାନ୍ତ ଚାନ୍ଦ, ଅରୁଣ ଚାଉଳିଆ ପ୍ରମୁଖ ଚଢ଼ାଉ କରିଥିଲେ।

### ଆଦିବାସୀଙ୍କୁ ଖାଦ୍ୟ ବଣ୍ଟନ



**କାମାକ୍ଷାନଗର, ୨୧।୪(ଡି.ଏନ.ଏ.):** କଙ୍କଡ଼ାହାଡ଼ ବ୍ଲକ ପୁଟିପାଳ ଗ୍ରାମର ଆଦିବାସୀ ପରିବାରକୁ ଏଫ୍‌ଇଏସ୍ ପକ୍ଷରୁ ସାବୁନ, ମାସ୍କ, ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ପ୍ରୋଗ୍ରାମ ମ୍ୟାନେଜର ଦାୱା ପି. ସେରପା, ସହକାରୀ ଯନ୍ତ୍ରୀ ଅକ୍ଷୟ ମହାନ୍ତି, କନିଷ୍ଠ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ରହି କରୋନା ସଂକ୍ରମଣରୁ ରକ୍ଷା ପାଇବା ଲାଗି ରହିଥିବା ବିଭିନ୍ନ ନିୟମ ସମ୍ପର୍କରେ ସଚେତନ କରାଇଥିଲେ।

# ଗହଳି ପାରିଲେନି ସମ୍ଭାଳି

**ଅନୁଗୋଳ ଅଫିସ, ୨୧।୪**

- ଅଲଟ୍ରାସାଉଣ୍ଡ ବାରଣ୍ଡାରେ ଲମ୍ବା ଲାଇନ୍
- ସାମାଜିକ ଦୂରତା, ମାସ୍କ ନିୟମ ପାଳନ ନାହିଁ
- ହାତ ଟେକିଦେଲେ ମେଡିକାଲ କର୍ତ୍ତୃପକ୍ଷ

ଲକ୍‌ଡାଉନ୍ ଘୋଷଣା ପରଠାରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସଂଖ୍ୟା ହ୍ରାସ ପାଇଥିଲା। ହେଲେ ୨୦ ତାରିଖରୁ କିଛିଟା କୋହଳ ହୋଇଥିବା ଶୁଣିବା ମାତ୍ରେ ମଙ୍ଗଳବାର ହଠାତ୍ ରୋଗୀ ସଂଖ୍ୟା ବେଶ୍ ବଢ଼ିଯାଇଥିଲା। ବହୁ ସଂଖ୍ୟକ ରୋଗୀ ଓ ସମ୍ପର୍କୀୟ ଆଉଟଡୋରରେ ଭିଡ଼ ଜମାଇଥିବା ବେଳେ ଅଲଟ୍ରାସାଉଣ୍ଡ ପାଇଁ ଗର୍ଭବତୀ ଓ ଅନ୍ୟ ମହିଳାମାନେ ବାରଣ୍ଡାରେ ବସି ରହିଥିଲେ। ତେବେ ସେମାନଙ୍କ ମଧ୍ୟରୁ ଅନେକେ ସାମାଜିକ ଦୂରତା ରକ୍ଷା କରି ନ ଥିଲେ କି ମାସ୍କ ମଧ ପିନ୍ଧି ନ ଥିଲେ। ଏସବୁ ନିୟମ ବାଧ୍ୟତାମୂଳକ ହୋଇଥିଲେ ବି ମେଡିକାଲ କର୍ତ୍ତୃପକ୍ଷ କଟକଣାକୁ କଡ଼ାକଡ଼ି କରିବା ପରିବର୍ତ୍ତେ ହାତ ଟେକିଦେଇଥିବା ଦେଖାଯାଇଥିଲା।

ପ୍ରକାଶ ଯେ, କରୋନା ସଂକ୍ରମଣ ରୋକିବା ପାଇଁ ଲଗାଯାଇଥିବା କଟକଣା ଯୋଗୁ ସହରରେ ଥିବା ବିଭିନ୍ନ ନର୍ସିଂହୋମ୍ ଓ ଘରୋଇ କ୍ଲିନିକ୍‌ରେ ଅଲଟ୍ରାସାଉଣ୍ଡ ବନ୍ଦ ରହିଛି। ଏଥିସହ କରୋନା ଭୟ ଓ ଘରୋଇ ଗାଡ଼ି ଚଳାଚଳକୁ ଅନୁମତି ଦିଆଯାଇ ନ ଥିବାରୁ ବହୁ ସଂଖ୍ୟକ ଗର୍ଭବତୀ ଅଲଟ୍ରାସାଉଣ୍ଡ ପାଇଁ ମେଡିକାଲ ଆସିପାରୁ ନ ଥିଲେ। ତେବେ ୨୦ ତାରିଖର କୋହଳ କଥା ଚର୍ଚ୍ଚା ହେବା ପରେ ସମ୍ପୃକ୍ତ ଗର୍ଭବତୀ ଓ ଅନ୍ୟ ରୋଗୀମାନେ ମଙ୍ଗଳବାର ସକାଳୁ ମେଡିକାଲରେ ପହଞ୍ଚି ଯାଇଥିଲେ। ଫଳରେ ଗହଳି ରୋକିବାରେ କର୍ତ୍ତୃପକ୍ଷ ସକ୍ଷମ ହୋଇପାରି ନ ଥିଲେ। ଏଡିଏମ୍‌ଓ(ମେଡିକାଲ) ଶ୍ୟାମ ପ୍ରସାଦ ଦାସ କହିଛନ୍ତି, ଲକ୍‌ଡାଉନ୍ ବଳବତ୍ତର ଥିବାରୁ ଅତି ଜରୁରୀ ନ ଥିଲେ ମେଡିକାଲ ନ ଆସିବାକୁ ପରାମର୍ଶ ଦିଆଯାଇଥିଲା। ଏପରି କି ଲୋକମାନେ କିପରି ଚିକିତ୍ସାସେବା ପାଇପାରିବେ ସେଥିପାଇଁ ଡାକ୍ତରମାନଙ୍କ ଫୋନ୍ ନମ୍ବର ଜାରି କରାଯାଇଥିଲା। କିନ୍ତୁ ଲୋକମାନେ ଅମାନିଆ ହୋଇ କ'ଣ ଟିକେ ହେଲେ ମେଡିକାଲ ଦୌଡ଼ି ଆସୁଛନ୍ତି। ଦୈନିକ ୧୦ରୁ ୧୫ ଜଣଙ୍କ ଅଲଟ୍ରାସାଉଣ୍ଡ କରାଯିବା ସହ ମେଡିକାଲରେ ରହି ଚିକିତ୍ସିତ ହେଉଥିବା ଗୁରୁତର ରୋଗୀଙ୍କ ପାଇଁ ଉକ୍ତ ମେସିନ୍ ବ୍ୟବହାର କରାଯାଉଛି। କିନ୍ତୁ ଟାର୍ଗେଟ ଠାରୁ ଅଧିକ ଲୋକ ଆସୁଥିବାରୁ ବାଧ୍ୟ ହୋଇ ଅଧିକ ଅଲଟ୍ରାସାଉଣ୍ଡ କରିବାକୁ ପଡୁଛି। ବେଳେ ବେଳେ ଡାକ୍ତରମାନଙ୍କୁ ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ବାରମ୍ବାର ବୁଝାଯାଉଥିବା ସତ୍ତ୍ୱେ ଆସୁଥିବା ଲୋକେ ସାମାଜିକ ଦୂରତା ରକ୍ଷା କରୁନାହାନ୍ତି କି ମାସ୍କ ମଧ ପିନ୍ଧୁନାହାନ୍ତି। ଲୋକେ ନିୟମ ପାଳନ କରୁ ନ ଥିବାରୁ ଏହାକୁ ରୋକିବା କର୍ତ୍ତୃପକ୍ଷଙ୍କ ପକ୍ଷେ ମୁସ୍କିଲ ହୋଇପଡୁଛି ବୋଲି ଏଡିଏମ୍‌ଓ (ମେଡିକାଲ) ଦାସ ପ୍ରକାଶ କରିଛନ୍ତି।



ଅଲଟ୍ରାସାଉଣ୍ଡ ପାଇଁ ଅପେକ୍ଷାରତ ମହିଳାମାନେ ନିୟମ ପାଳନ କରିନାହାନ୍ତି।

## ୧୪, ୬୦୦ ମାସ୍କ ବାଣ୍ଟିଲେଣି ଅର୍ଜୁନ

**ଆଠମଲ୍ଲିକ, ୨୧।୪(ଡି.ଏନ.ଏ.)**

ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ଲୋକଙ୍କୁ କରୋନା ସଂକ୍ରମଣରୁ ଦୂରେଇ ରଖିବାକୁ ବ୍ୟାପକ ସଚେତନତା ଅଭିଯାନ ଚଳାଇଛନ୍ତି ଆଠମଲ୍ଲିକ ବ୍ଲକ ଓଳଥ ଗ୍ରାମର ସାମାଜିକ କର୍ମୀ ତଥା ବିଜେଡି ଯୁବ ନେତା ଅର୍ଜୁନ ସାହୁ। ସେ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ବୁଲି ଲୋକଙ୍କୁ ମାସ୍କ, ସାନିଟାଇଜର ବଣ୍ଟନ କରୁଛନ୍ତି। ଇତିମଧ୍ୟରେ ସେ ପ୍ରାୟ ୧୪ ହଜାର ୬୦୦ ମାସ୍କ ବାଣ୍ଟି ସାରିଛନ୍ତି। ଗତ ୨ ତାରିଖରୁ ସେ ଏହି ଅଭିଯାନ ଆରମ୍ଭ କରିଥିଲେ। ପ୍ରଥମେ ଆଠମଲ୍ଲିକ ଉପଖଣ୍ଡର ପ୍ରଶାସନିକ ଅଧିକାରୀ, ପୋଲିସ, ଉପଖଣ୍ଡ ଚିକିତ୍ସାଳୟ କର୍ମଚାରୀଙ୍କ ସମେତ ବିଭିନ୍ନ ପଞ୍ଚାୟତରେ ମାସ୍କ ଓ ସାନିଟାଇଜର ବାଣ୍ଟିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳଙ୍କ ଉପସ୍ଥିତିରେ ସେ ଆଠମଲ୍ଲିକ ଏନଏସିର ୧୧ଟି ୱାର୍ଡ ତଥା ବ୍ଲକର ଲୁହାସିଙ୍ଗା, ଜାମୁଡୋଲି, ଅଏଡା, ନଅଗାଁ, ଦରୁହା, ମାଳିସାହି, କରୋଡୋସିଙ୍ଗ, ତାଳପଦର, ତେନ୍ତୁଳିପଦର, ପତାକ, ଓଳଥ, ବାହାଳି, ତିତିଗାଁ, ଲିପୋଲଇ, ଠାକୁରଗଡ ଦୈନିକ ହାଟ, ଆଠମଲ୍ଲିକ ଏସ୍‌ବିଆଇ, ଇଣ୍ଡିଆନ୍ ବ୍ୟାଙ୍କରେ ମାସ୍କ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ହରିହର ସାହୁ, ପ୍ରଫୁଲ୍ଲ ବାହିନୀ ପତି, ଯୁବ ବିଜେଡି ନେତା ପିନା ପାଣିଗ୍ରାହୀ, ପ୍ରଦୀପ ସାହୁ ପ୍ରମୁଖ ତାଙ୍କୁ ସହଯୋଗ କରିଥିଲେ। ଯୁବନେତା ଅର୍ଜୁନଙ୍କ ଏପରି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଉଛି।



ସହଯୋଗୀଙ୍କ ସହ ଗାଁ ଗାଁ ବୁଲି ମାସ୍କ ବଣ୍ଟନ କରୁଛନ୍ତି ଅର୍ଜୁନ ସାହୁ।

## ଅନ୍‌ଲାଇନ୍‌ରେ ଚାଲିଛି ପାଠପଢ଼ା

**ଢେଙ୍କାନାଳ ଅଫିସ, ୨୧।୪**

କରୋନା ସଂକ୍ରମଣକୁ ରୋକିବା ଲାଗି ସାରା ରାଜ୍ୟରେ କଡ଼ାକଡ଼ି ପାଳନ ହେଉଛି ଲକ୍‌ଡାଉନ୍ ନିୟମ। ଏହାକୁ ନେଇ ଶିକ୍ଷାନୁଷ୍ଠାନ ବନ୍ଦ ଥିବାବେଳେ ପିଲାମାନଙ୍କ ପାଠପଢ଼ା ପ୍ରଭାବିତ ହୋଇଛି। ତେବେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନଜରରେ ରଖି ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର କେତେଜଣ ଅଧ୍ୟାପକ ଅନ୍‌ଲାଇନରେ ପାଠପଢ଼ା ଆରମ୍ଭ କରିଛନ୍ତି। ଜୁମ୍ ଆପ୍ ସହାୟତାରେ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା ୧୦ଦିନ ହେଲା ଅନର୍ସ ବିଭାଗ ଛାତ୍ରୀଛାତ୍ରଙ୍କୁ କ୍ଲାସ୍ ଜାରି ରଖିଛନ୍ତି। ନେଟୱର୍କ ସମସ୍ୟା ପାଇଁ ଯେଉଁମାନେ ଜୁମ୍ ଆପରେ ଯୋଡ଼ି ହୋଇପାରୁନାହାନ୍ତି, ସେମାନଙ୍କ ଲାଗି ହ୍ୱାଟ୍‌ସ୍‌ଆପ୍‌ରେ ନୋଟ୍ ପଠାଯାଉଛି। ଟେଲି କନଫରେନ୍ସରେ ଆଲୋଚନା କରାଯାଉଛି। ଭଏସ୍ ରେକର୍ଡିଂ ପଠାଇବା ସହ ପାଠ୍ୟଖସଡ଼ା ଅନୁଯାୟୀ ପିଲାମାନଙ୍କୁ ପ୍ରସ୍ତୁତ କରାଯାଉଥିବା ଅଧ୍ୟାପକ ବେହେରା କହିଛନ୍ତି। କମ୍ପ୍ୟୁଟର ବିଜ୍ଞାନ ମୁଖ୍ୟ ଡ. ଦିଲୀପ କୁମାର ନାୟକ ଜୁମ ଆପ୍ ଓ ସ୍କାଇପ୍‌ରେ ପାଠ ପଢ଼ାଉଛନ୍ତି। ସେହିପରି ମନୋବିଜ୍ଞାନ ବିଭାଗ ମୁଖ୍ୟ ଡ. ନମିତା କୁମାର ଦାସ, ରସାୟନ ବିଭାଗ ମୁଖ୍ୟ ଡ. ଦେବାଶିଷ ମହାନ୍ତି, ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଜନୀକାନ୍ତ ଖୁଣ୍ଟିଆ ପ୍ରମୁଖ ଅନ୍‌ଲାଇନରେ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତିରେ ସହାୟତା କରୁଛନ୍ତି।

## ନଗର କଂଗ୍ରେସ ପକ୍ଷରୁ ସହର ସାନିଟାଇଜ୍

**ଅନୁଗୋଳ ଅଫିସ, ୨୧।୪**

ଅନୁଗୋଳ ନଗର କଂଗ୍ରେସ ପକ୍ଷରୁ ପୂର୍ବତନ କାଉନସିଲର ବଳବୀର ସିଂହଙ୍କ ନେତୃତ୍ୱରେ ସହର ବିଶୋଧନ କାର୍ଯ୍ୟ ୨୩ ନମ୍ବର ୱାର୍ଡ଼ଠାରୁ ଆରମ୍ଭ ହୋଇଛି। ସମସ୍ତ ୱାର୍ଡ, ରାସ୍ତା ଓ ଘର ଚତୁଃପାର୍ଶ୍ୱ ସାନିଟାଇଜ୍ କରିବାକୁ ନଗର କଂଗ୍ରେସ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଜିଲା ଛାତ୍ର କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ପାଣିଗ୍ରାହୀ, ଛାତ୍ର କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦ୍ୟୁମ୍ନ ସାହୁ, ଛାତ୍ର କଂଗ୍ରେସ ଉପସଭାପତି ସଂଗ୍ରାମ ବେହେରା ପ୍ରମୁଖ ଉପସ୍ଥିତ ରହି ଏହାକୁ ପରିଚାଳନା କରୁଛନ୍ତି। ଏହି କାର୍ଯ୍ୟ ପାଇଁ ୨୩ ନମ୍ବର ୱାର୍ଡବାସୀ ପୂର୍ବତନ କାଉନସିଲର ବଳବୀର ସିଂହଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କରୋନା ଯୋଦ୍ଧା ସମ୍ବର୍ଦ୍ଧିତ



ସମ୍ବର୍ଦ୍ଧିତ ହୋଇଥିବା ପୋଲିସ ଏବଂ ସଫେଇ କର୍ମଚାରୀମାନେ।

**ଢେଙ୍କାନାଳ ଅଫିସ, ୨୧।୪**

କୋଭିଡ୍-୧୯ ମୁକାବିଲା ଲାଗି ନିଃସ୍ୱାର୍ଥପର ଭାବେ କର୍ତ୍ତବ୍ୟ ପାଳନ କରୁଥିବା କରୋନା ଯୋଦ୍ଧାଙ୍କୁ ମଙ୍ଗଳବାର ଢେଙ୍କାନାଳ ପୌରାଞ୍ଚଳ ଚାନ୍ଦମାରୀ ସାହିର ଜୟ ମା' ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ, ଅନ୍ୟ ପୋଲିସ କର୍ମଚାରୀ ଏବଂ ସଫେଇ କର୍ମଚାରୀଙ୍କୁ ଫୁଲତୋଡ଼ା ଦେଇ ସମ୍ମାନିତ କରାଯାଇଥିଲା। ଏସ୍‌ଏଚ୍‌ଜି ସଦସ୍ୟା ଶୁଭଲକ୍ଷ୍ମୀ ଦେହୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୀତାଞ୍ଜଳି ସାହୁ, ଝିଲ୍ଲିବାଳା ଛୋଟରାୟ, ସଚଳା ନାୟକ, ମିନତି ସିଂ, ଜ୍ୟୋତ୍ସ୍ନାରାଣୀ ବେହେରା, ପ୍ରିୟମ୍ବଦା ପ୍ରଧାନ, ମୋତି ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଶୃଙ୍ଖଳା ଖାଦ୍ୟ ପ୍ରଦାନ



କମ୍ପାନୀ ଅଧିକାରୀମାନେ ଖାଦ୍ୟ ବଣ୍ଟନ କରୁଛନ୍ତି।

**ଛେଣ୍ଡିପଦା, ୨୧।୪(ସ୍ୱ.ପ୍ର.)**

୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଗାୟତ୍ରୀ ପ୍ରୋଜେକ୍ଟ ଲିମିଟେଡ କମ୍ପାନୀ ପକ୍ଷରୁ ଛେଣ୍ଡିପଦା ବ୍ଲକ କତଡା ପଞ୍ଚାୟତର ୩ଶହ ଗରୀବ ହରିଜନ, ଆଦିବାସୀ ପରିବାରକୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। କମ୍ପାନୀ ଭାଇସ୍ ପ୍ରେସିଡେଣ୍ଟ ବି.ଭି.ୟୁ. ଭାସ୍କରଙ୍କ ନିର୍ଦ୍ଦେଶ କ୍ରମେ ଡିଜିଏମ ଜି. ପଦ୍ମନାଭମ ନାନାଜୀଙ୍କ ତତ୍ତ୍ୱାବଧାନରେ ସରପଞ୍ଚ ସଞ୍ଜୟ କୁମାର ପ୍ରଧାନ, ଗ୍ରାମ ସଭାପତି ଗୋକୁଳାନନ୍ଦ ପ୍ରଧାନ, ୱାର୍ଡମେମ୍ବର ପାର୍ବତୀ ନାଏକ, ସାମାଜିକ କର୍ମୀ କୁନା ନାଏକ, କମ୍ପାନୀ ଏଚ୍‌ଆର୍ ଏଜିଏମ୍ ମୁରଲୀ ମୋହନ, ମେକାନିକାଲ ଏଜିଏମ୍ ଅରୁଣ ଛେତ୍ରୀ, ଏସ.ବି. କ୍ରିଷ୍ଣା, ରବି କିରନ, ସି.ଏଚ. ରବି କୁମାର, ରାଜୁ କୁମାର ପ୍ରମୁଖ ଉପସ୍ଥିତ ଶୁଖିଲା ଖାଦ୍ୟ ବଣ୍ଟନ ସହ କୋଭିଡ-୧୯ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ।

## ୨୫ ହଜାର ଜରିମାନା ଆଦାୟ

**ବଅଁରପାଳ/ବଇଣ୍ଡା, ୨୧।୪(ଡି.ଏନ.ଏ.)**

ମାସ୍କ ନ ପିନ୍ଧି ବାହାରେ ବୁଲୁଥିବାରୁ ଅନୁଗୋଳ ଜିଲା ବଅଁରପାଳ ପୋଲିସ ମଙ୍ଗଳବାର ୭୪ ଜଣଙ୍କଠାରୁ ଜରିମାନା ଆଦାୟ କରିଛି। ଥାନା ଅଧିକାରୀ ସୁନୀଲ କରଙ୍କ ତତ୍ତ୍ୱାବଧାନରେ ଏହି ଯାଞ୍ଚ କରାଯାଇ ୧୪ ହଜାର ୫ ଶହ ଟଙ୍କା ଆଦାୟ କରାଯାଇଛି। ସେହିପରି ଆଠମଲ୍ଲିକ ବ୍ଲକ ଠାକୁରଗଡ, ରାଣୀବନ୍ଧ, ସାନହୁଲା, କୁର୍ତ୍ତିବାସପୁର ଅଞ୍ଚଳରେ ମାସ୍କ ପିନ୍ଧି ନ ଥିବା ୫୫ ଜଣ ଯୁବକଙ୍କ ନିକଟରୁ ୧୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଠାକୁରଗଡ ଥାନା ଆଇଆଇସି ଗବାକ୍ଷ ନାୟକ, ସେକେଣ୍ଡ ଅଫିସର ସୁରେଶ ଚନ୍ଦ୍ର ବେହେରା ପ୍ରମୁଖ ଚଢ଼ାଉ କରିଥିଲେ।

## କାଳବୈଶାଖୀ: ମେଡିକାଲରେ ପଶିଲା ପାଣି

**ପାଲଲହଡ଼ା/ଛେଣ୍ଡିପଦା/ ବଅଁରପାଳ/ମାଧପୁର/ କଣିହାଁ/ ଅନୁଗୋଳ ଅଫିସ, ୨୧।୪(ଡି.ଏନ.ଏ.)**

ଅନୁଗୋଳ ଜିଲାରେ ମଙ୍ଗଳବାର କାଳବୈଶାଖୀ ବର୍ଷା ବ୍ୟାପକ କ୍ଷୟକ୍ଷତି ଘଟାଇଛି। ସନ୍ଧ୍ୟାରେ ହୋଇଥିବା ପବନ ସହ ବର୍ଷା ଯୋଗୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟର ସ୍ୱତନ୍ତ୍ର କ୍ୟାବିନ୍‌ରେ ପାଣି ପଶିଯାଇଥିଲା। ଫଳରେ ସେଠାରେ ଥିବା ଜଣେ ପ୍ରସୂତି ଓ ତାଙ୍କ ସନ୍ତାନ ଅସୁବିଧାର ସମ୍ମୁଖୀନ ହୋଇଥିବା ମହିଳାଙ୍କ ସ୍ୱାମୀ ମାନସ ସାହୁ ଅଭିଯୋଗ କରିଛନ୍ତି। ସେହିପରି ଛେଣ୍ଡିପଦା ବ୍ଲକ ତେଣ୍ଟୁଲୋଇ କୋଡାସାହି ପଞ୍ଚାୟତ ହାଣ୍ଡିଗୋଡ଼ା ଛକରେ ଥିବା କେତେକ ଦୋକାନର ଆଜବେଷ୍ଟସ୍ ଉଡ଼ିଯାଇଛି। ବଅଁରପାଳ ଥାନା ବୁଢାପଙ୍କ ଗ୍ରାମରେ ଏକ ତାଳଗଛ ଉପୁଡ଼ି ପଡ଼ିବାରୁ ରାସ୍ତାରେ ଯାଉଥିବା ଯୁବକ ବସବ ସାମଲ ଗୁରୁତର ହୋଇଛନ୍ତି। ଆଠମଲ୍ଲକ ବ୍ଲକ ମାଧପୁର ଅଞ୍ଚଳରେ ଡାଲୁଆ ଧାନ ନଷ୍ଟ ହୋଇଥିବା ବେଳେ ତିତିରିକଟା ଗ୍ରାମର ରାଜେନ୍ଦ୍ର ପ୍ରଧାନଙ୍କ ୨ଟି ଗୋରୁଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। କଣିହାଁ ବ୍ଲକ ଅଞ୍ଚଳରେ ପରିବା ଚାଷ କ୍ଷୟଗ୍ରସ୍ତ ହୋଇଛି। ଅନୁଗୋଳ ବିଇଡି ଛକରେ ଏକ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବା ସୂଚନା ମିଳିଛି।



ପାଲଲହଡ଼ା ମେଡିକାଲ ପରିସରରେ ଡ୍ରେନ୍ ପାଣି ଭରି ରହିଛି।

## ୨୯ ୟୁନିଟ୍ ରକ୍ତ ସଂଗ୍ରହ

**ଢେଙ୍କାନାଳ ଅଫିସ, ୨୧।୪**

କରୋନା ମହାମାରୀ ସମୟରେ ରକ୍ତର ଅଭାବ ପୂରଣ ଲାଗି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶ୍ରେୟା' ପକ୍ଷରୁ ମଙ୍ଗଳବାର ଜିଲା ରକ୍ତଭଣ୍ଡାର ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୨୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ରକ୍ତଭଣ୍ଡାର ଅଧିକାରୀ ଡା. ଜୟନାରାୟଣ ପାଢ଼ୀ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି ଶିବିର ପରିଚାଳନା କରିଥିଲେ। ଶ୍ରେୟା ଅନୁଷ୍ଠାନର ଉପଦେଷ୍ଟା ସାଗରିକା ମିଶ୍ର, ଉପସଭାନେତ୍ରୀ ବନ୍ଦନା ପଣ୍ଡା, ସମ୍ପାଦକ ଜ୍ୟୋତିରଞ୍ଜନ ମହାରଣା, କୋଷାଧ୍ୟକ୍ଷା ସ୍ୱର୍ଣ୍ଣଲତା ମିଶ୍ର, ମନୋରଞ୍ଜନ ପତି, ଦେବେନ୍ଦ୍ରନାଥ ମିଶ୍ର, ସନ୍ତୋଷ କୁମାର ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।




ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

# ବାର ଅନୁଯାୟୀ ଖୋଲିବ ବଜାର

**ଅନୁଗୋଳ ଅଫିସ, ୨୧।୪**

- ସକାଳ ୬ରୁ ଅପରାହ୍ନ ୧ଟା ଯାଏ ବେପାର
- ସାମାଜିକ ଦୂରତ୍ୱ, ମାସ୍କ ବାଧ୍ୟତାମୂଳକ
- ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ପାଳନ କରାଯାଉଛି। ଲକ୍‌ଡାଉନ୍ ପରଠାରୁ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲାରହୁଛି। ତେବେ କଟକଣାରେ ସାମାନ୍ୟ କୋହଳ କରାଯାଇଥିବାରୁ ଏବେ ବାର ଅନୁଯାୟୀ ବଜାରରେ ଥିବା ଅନ୍ୟ ଦୋକାନଗୁଡ଼ିକ ଖୋଲା ରହିବ। ପୂର୍ବରୁ ପନିପରିବା, ଫଳ, ତେଜରାତି ସାମଗ୍ରୀ, କ୍ଷୀର, ମାଛ ଓ ମାଂସ ଦୋକାନ ଖୋଲା ରହୁଥିବା ବେଳେ ଆଗାମୀ ଦିନରେ ବହି, ହାର୍ଡୱେର, ଇଲେକ୍ଟ୍ରି ଦୋକାନ ଆଦି ଖୋଲାଯିବ। ପୂର୍ବ ନିର୍ଦ୍ଧାରିତ ସମୟ ଯଥା ସକାଳ ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଲୋକେ ସାମାଜିକ ଦୂରତ୍ୱ ରଖି ଓ ମାସ୍କ ପିନ୍ଧି ସାମଗ୍ରୀ କିଣାକିଣି କରିପାରିବେ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି।

ଜିଲାପାଳ କହିଛନ୍ତି ଯେ, ପୂର୍ବଭଳି କେବଳ ଔଷଧ ଦୋକାନ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲା ରହିବ। ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡ଼ିକ କେବଳ ପାର୍ସଲ ସହ ହୋମ୍ ଡେଲିଭରି କରିପାରିବେ। ସମସ୍ତ ଶିକ୍ଷାନୁଷ୍ଠାନ, ତାଲିମ ଓ ପ୍ରଶିକ୍ଷଣ କେନ୍ଦ୍ର ବନ୍ଦ ରହିବ। ସରକାରଙ୍କ ପରିବର୍ତ୍ତିତ ନିର୍ଦ୍ଦେଶନାମା ଅନୁଯାୟୀ ରାଜସ୍ୱ ବିଭାଗ ସମେତ କରୋନା ପାଇଁ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀ ନିୟମିତ କାର୍ଯ୍ୟାଳୟକୁ ଆସିବେ। ସବ୍ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ଖୋଲା ରହିବ। କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁ ପାଳନ ସହ ରୁରାଲ୍ ହାଉସିଂ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର ଯୋଜନା, ସ୍ୱଚ୍ଛ ଭାରତ ଯୋଜନା, ପାନୀୟ ଜଳ ଓ ଉଠା ଜଳସେଚନ ଆଦି କାର୍ଯ୍ୟ ଚାଲୁ ରହିବ। ଗ୍ରାମାଞ୍ଚଳ ରାସ୍ତା, ରାଜପଥ ଓ ରେଳପଥ ନିର୍ମାଣ ଚାଲିବ। ଗ୍ରାମାଞ୍ଚଳରେ ନିର୍ମାଣ କାର୍ଯ୍ୟ କେବଳ ସେହି ଅଞ୍ଚଳର କିମ୍ବା କ୍ୟାମ୍ପରେ ଥିବା ଶ୍ରମିକମାନଙ୍କ ଦ୍ୱାରା କରାଯିବ। ବିଭିନ୍ନ ତହସିଲ ଅନ୍ତର୍ଗତ ବାଲିଘାଟ, କ୍ରଶର ୟୁନିଟ ଓ ପଥର ଖଣି କାର୍ଯ୍ୟ ଚାଲୁ ରହିବ। ରବିବାର ଓ ବୁଧବାର ବହି ଦୋକାନ, ସୋମବାର ଓ ଶୁକ୍ରବାର ହାର୍ଡୱେର ଷ୍ଟୋର, ମଙ୍ଗଳ ଓ ଶନିବାର ଇଲେକ୍ଟ୍ରି ସାମଗ୍ରୀ ଦୋକାନଗୁଡ଼ିକ ଖୋଲାଯିବ। ଯେଉଁମାନେ ନିୟମାବଳୀର ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ମହାନ୍ତି ପ୍ରକାଶ କରିଛନ୍ତି।



ଅନୁଗୋଳ ବଜାରରେ ଖୋଲାଥିବା ଏକ ଦୋକାନ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ବରଗଡ଼ ଅଫିସ୍,୨୧।୪: ବରଗଡ଼ ଜିଲା ବୁଢ଼େନ ଥାନା ଅଞ୍ଚଳରେ ଜଣେ ନାବାଳିକା(୧୫)ଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଜଣେ ଅଭିଯୁକ୍ତ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣକ ହେଲେ ବୁଢ଼ାମାଲ ଗ୍ରାମର ପ୍ରକାଶ ବରିହା (୧୯) । ବୁଢ଼େନ ଥାନା ପୋଲିସ ତାଙ୍କ ବିରୋଧରେ ଦଫା ୩୭୬, ୪,୮ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ-୫୩/୨୦) ରୁଜୁ କରିଛି। ମଙ୍ଗଳବାର ଅଭିଯୁକ୍ତ ପ୍ରକାଶଙ୍କୁ ପୋଲିସ ଗିରଫ କରି ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି ।

### ଫାଟିଲାଣି ଜିରା ନଦୀ ବ୍ରିଜ୍

ଭେଡ଼େନ,୨୧।୪ (ଡ଼ି.ଏନ.ଏ.) ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଧୁବେନପାଲି ଓ ଜାଣ୍ଡୋଲ ମଝିରେ ଜୀରା ନଦୀରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ବିଜୁ ସେତୁରେ ଫାଟ ଦେଖାଦେଇଛି। ୨୦୧୭ରେ ଏହି ବ୍ରିଜ ନିର୍ମାଣ ସମୟରେ କଂକ୍ରିଟ କରାଯାଉଥିବା ସମୟରେ ଭୁଶୁଡ଼ିପଡ଼ି ୭ ଜଣ ଶ୍ରମିକ ଆହତ ହୋଇଥିଲେ। ଏହାର ତଦନ୍ତ କରାଯାଇ ୨ ଜଣ ଯନ୍ତ୍ରୀଙ୍କୁ ନିଲମ୍ବନ କରାଯାଇଥିଲା। ପରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ବ୍ରିଜର ପୁନଃ ନିର୍ମାଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବରଗଡ଼ ଗସ୍ତ ସମୟରେ ଏହାକୁ ୨୦୧୯ରେ ମାର୍ଚ୍ଚରେ ଉଦ୍‌ଘାଟନ କରାଯାଇଥିଲା।

# ଅସୁରକ୍ଷିତ ଜଙ୍ଗଲ, ବନ୍ୟପ୍ରାଣୀ

ସମ୍ବଲପୁର,୨୧।୪(ବ୍ୟୁରୋ)

### ସମ୍ବଲପୁର ଜିଲା


ସମ୍ବଲପୁର ସଦର ରେଞ୍ଜ ଅଧୀନ ଜଙ୍ଗଲରେ ନିଆଁ ଲାଗିଛି ।

- ସମ୍ବଲପୁର ଜିଲାରେ ୬୨୦୧ ବର୍ଗ କିମି ସଂରକ୍ଷିତ ଜଙ୍ଗଲ
- କେନ୍ଦୁପତ୍ର, ମହୁଲ ପାଇଁ ଜଙ୍ଗଲରେ ନିଆଁ ଲଗାଯାଉଛି
- ସୁରକ୍ଷା ଦେବାରେ ବିଫଳ ବନ ସୁରକ୍ଷା ସମିତି
- ୯୦ ବନ ସୁରକ୍ଷା ସମିତିରୁ ଅଧିକାଂଶ ନିଷ୍କ୍ରିୟ
- କାଠ ମାଫିଆ, ଶିକାରୀ ହୋଇପଡ଼ିଛନ୍ତି ସକ୍ରିୟ

ସମ୍ବଲପୁର ଜିଲାର ବିଭିନ୍ନ ଜଙ୍ଗଲରେ ଲୋକେ କେନ୍ଦୁପତ୍ର ଓ ମହୁଲ ସଂଗ୍ରହ ପାଇଁ ନିଆଁ ଲଗାଇ ଦେଉଛନ୍ତି। ଫଳରେ ଏହିସବୁ ଜଙ୍ଗଲରେ ଥିବା ବନ୍ୟପ୍ରାଣୀ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ଏହି ବନଖଣ୍ଡରେ ୯୦ଟି ବନ ସୁରକ୍ଷା ସମିତି ଗଠନ କରାଯାଇଥିଲେ ମଧ୍ୟ ଜଙ୍ଗଲକୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି ।

ସମ୍ବଲପୁର ବନଖଣ୍ଡ ଅଧୀନ ସଦର ରେଞ୍ଜ, ଧମା ରେଞ୍ଜ, ପଡିଆବାହାଲ ରେଞ୍ଜ ରହିଛି । ଗତ କିଛିବର୍ଷ ହେଲା ଏହି ରେଞ୍ଜ ଅଧୀନରେ ଥିବା ଜଙ୍ଗଲ ସମ୍ପଦର ବୃଦ୍ଧି ହୋଇଛି। ହେଲେ ଏହିସବୁ ଜଙ୍ଗଲରୁ ଏବେ ଅବାଧରେ ମୂଲ୍ୟବାନ ଗଛ କାଟି ଚୋରାଚାଲାଣ କରାଯାଉଛି। ବନ୍ୟପ୍ରାଣୀ ଶିକାର କରାଯାଇ ମାସଂ ବିକ୍ରି ହେଉଛି। ସେହିପରି ମହୁଲ ସମେତ ଅନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ପାଇଁ ଦୁର୍ବୃତ୍ତମାନେ ସଂରକ୍ଷିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ, ପତ୍ରା ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଫଳରେ ଚାରା ଗଛ, ଔଷଧୀୟ ବୃକ୍ଷଲତା ନଷ୍ଟ ହୋଇଯାଉଛି। ଛୋଟ ଜୀବଜନ୍ତୁ ନିଆଁରେ ପୋଡି ମୃତ୍ୟୁବରଣ କରୁଛନ୍ତି। ଜଙ୍ଗଲ ରାସ୍ତା ପଦା ହେବା ଫଳରେ କାଠ ମାଫିଆ ଓ ଶିକାରୀମାନେ ସକ୍ରିୟ ହୋଇପଡିଛନ୍ତି । ବିଭାଗୀୟ ଅବହେଳା ଓ ବନ ସୁରକ୍ଷା ସମିତି ସୁରକ୍ଷା ଦେବାରେ ବିଫଳ ହେଉଥିବାରୁ ଜଙ୍ଗଲ ପଦା ହେବାରେ ଲାଗିଛି । ଜଙ୍ଗଲ ସୁରକ୍ଷା ପାଇଁ ପ୍ରତ୍ୟେକ ରେଞ୍ଜରେ ବନ ସୁରକ୍ଷା ସମିତି ଗଠନ କରାଯାଇଛି । ସେମାନଙ୍କୁ ତାଲିମ ଦେବା ଠାରୁ ଆରମ୍ଭ କରି ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି। ତାଲିମ ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଜିଲାରେ ହାତଗଣତି ବନ ସୁରକ୍ଷା ସମିତି ଠିକ ଭାବେ କାମ କରୁଥିବା ବେଳେ ଅଧିକାଂଶ ନିଷ୍କ୍ରିୟ ହୋଇ ପଡିଛନ୍ତି। ଜଙ୍ଗଲ ବୃଦ୍ଧି ପାଇଁ ଚାରା ରୋପଣ, ଗାତ ଖୋଳିବା, ରକ୍ଷଣାବେକ୍ଷଣ, ସୁରକ୍ଷା ଦେବା ପାଇଁ ସମିତିକୁ ଟଙ୍କା ଦିଆଯାଉଛି। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ବଜାର ବ୍ୟବସ୍ଥା ଉପରେ ମଧ ସେମାନଙ୍କ ଭୂମିକା ରହିଛି। ବନ ସୁରକ୍ଷା ସମିତିକୁ ସହଯୋଗ କରିବା ପାଇଁ ପ୍ରତ୍ୟେକ ସମିତିରେ ଜଣେ ମହିଳା ଓ ପୁରୁଷଙ୍କୁ ଏମିନେଟର ନିଯୁକ୍ତ କରି ସେମାନଙ୍କୁ ମାସିକ ଦରମା ଦିଆଯାଉଛି। ବନ ସୁରକ୍ଷା ସମିତିକୁ ଆଗେଇନେବା ବନ ବିଭାଗର ଫରେଷ୍ଟର ଓ ଗାର୍ଡ ସମିତିରେ ସଦସ୍ୟ ରହିଛନ୍ତି। କେବଳ କାଗଜ କଲମରେ ସମିତି କାମ ପରିଚାଳନା କରାଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଉଥିବା ଅଭିଯୋଗ ହେଉଛି । ବନ ସୁରକ୍ଷା ସମିତ ସଦସ୍ୟ ପ୍ରଶାନ୍ତ ମିର୍ଦ୍ଧା ଅଭିଯୋଗ କରିଛନ୍ତି, ବନ ବିଭାଗର ଅବହେଳା ଯୋଗୁ ବନ ସୁରକ୍ଷା ସମିତି ସକ୍ରିୟ ହୋଇ ପାରୁନାହାନ୍ତି । ତେଣୁ ସେମାନେ ଜଙ୍ଗଲକୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି। ଏ ନେଇ ଡିଏଫଓ ସଞ୍ଜୀତ କୁମାରଙ୍କୁ ପଚାରିବାରୁ ସେ କହିଲେ, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ବନ ସୁରକ୍ଷା ସମିତିର ଗୁରୁଦାୟିତ୍ୱ ରହିଛି। ଏଥିପାଇ ସମିତିଗୁଡିକୁ ଆର୍ଥିକ ସହାୟତା ସହ ନିଆଁ ଲିଭା ମେଶିନ ଦିଆଯାଇଛି। ତେବେ ଜଙ୍ଗଲରେ ନିଆଁ ନ ଲଗାଇବାକୁ ସେ ଲୋକଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ସମ୍ବଲପୁର ଜିଲାରେ ୬୨୦୧ ବର୍ଗ କିମି ସଂରକ୍ଷିତ ଜଙ୍ଗଲ ରହିଛି। ଏହି ଜଙ୍ଗଲର ସୁରକ୍ଷା ପାଇଁ ପ୍ରାୟ ୯୦ଟି ବନ ସୁରକ୍ଷା ସମିତି ଗଠନ କରାଯାଇଛି। ୨୦୦୬ ମସିହାରେ ପ୍ରଥମ ପର୍ଯ୍ୟାୟ ଓ ୨୦୧୬ ମସିହାରେ ଦ୍ୱିତୀୟ ପର୍ଯ୍ୟାୟ ସମିତି ଗଠନ କରାଯାଇଥିଲା।


ଡା. ସୁସ୍ମିତା ଦାଶ ପ୍ରବାସୀ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ।

# ୩ ଅସୁସ୍ଥ ଯାଯାବର ଶିଶୁଙ୍କ ଚିକିତ୍ସା କରାଗଲା

ବରଗଡ଼ ଅଫିସ୍,୨୧।୪

ବରଗଡ଼ର ମହିଳା ଡାକ୍ତର ସୁସ୍ମିତା ଦାଶ ୩ ଯାଯାବର ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ଯୋଗାଇ ଦେଇଛନ୍ତି । ଏହା ସହିତ ଶିଶୁଙ୍କ ଖାଇବା ପାଇଁ ସେ ମାସକ ପାଇଁ ଗୁଣ୍ଡ ଦୁଗ୍ଧ ମଧ୍ୟ ଯୋଗାଇ ଦେଇଛନ୍ତି। ଡା. ଦାଶଙ୍କ ଏଭଳି ସେବାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସୂଚନା ଅନୁଯାୟୀ, ଯାଯାବର ଜୀବନଯାପନ କରୁଥିବା ଉତ୍ତର ପ୍ରଦେଶର ୬୦ଜଣ ଏଠାକୁ ଆସି ଫସି ରହିଛନ୍ତି । ସେମାନଙ୍କ ପାଖରେ ୩ଶିଶୁ ରହିଛନ୍ତି । ବରଗଡ଼ ରେଲଷ୍ଟେଶନ ପାଖ ଏକ ପଡ଼ିଆରେ ତମ୍ବୁ ଟାଣି ସେମାନେ ରହୁଛନ୍ତି । ସୋମବାର ସ୍ଥାନୀୟ ସାମାଜିକ କର୍ମୀ ମହମ୍ମଦ ଅଲିମ, ଭବାନୀ ପ୍ରସାଦ ସାହୁ, ପବିତ୍ର ଦେହେରୀ, ରମେଶ ମହାପାତ୍ର, ଗୁରୁପ୍ରୀତ ସିଂ ପ୍ରମୁଖ ସମ୍ପୃକ୍ତ ଯାଯାବରଙ୍କୁ ଭେଟି ଶୁଖାଖାଦ୍ୟ ଯୋଗାଇ ଦେଇଥିଲେ। ସେତେବେଳେ ସେଠାରେ ୩ଶିଶୁ ଅସୁସ୍ଥ ରହିଥିବା ଜାଣିବାକୁ ପାଇଥିଲେ । ଏହାପରେ ସାମାଜିକ କର୍ମୀ ଅଲିମ ଡା. ଦାଶଙ୍କୁ ସୂଚନା ଦେଇଥିଲେ। ସମ୍ପୃକ୍ତ ଶିଶୁମାନଙ୍କୁ ତାଙ୍କ ପାଖକୁ ଆଣିବାକୁ ଡା. ଦାଶ କହିଥିଲେ। ଏହାପରେ ଅଲିମ ମଙ୍ଗଳବାର ଏକ ଅଟୋରେ ଶିଶୁମାନଙ୍କୁ ସେମାନଙ୍କ ଅଭିଭାବକଙ୍କ ସହିତ ଧରି ଡା. ଦାଶଙ୍କ ପାଖକୁ ଆଣିଥିଲେ । ଡା. ଦାଶ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସମୟରେ ସାମାଜିକ କର୍ମୀ ସବିତା ମଲ୍ଲିକ, ସଞ୍ଜୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ବରଗଡ଼ରେ ଘୂର୍ଣ୍ଣିଝଡ଼, ବ୍ୟାପକ କ୍ଷୟକ୍ଷତି

ବରଗଡ଼ ଅଫିସ୍,୨୧।୪

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର କାଳବୈଶାଖି ଅନୁଭୂତ ହୋଇଛି। ଅପରାହ୍ନ ପ୍ରାୟ ୪ଟା ୧୫ ମିନିଟରୁ ଘୂର୍ଣ୍ଣିଝଡ ସାଙ୍ଗକୁ ବର୍ଷା ଓ କରାମାଡ (କୁଆପଥର ବୃଷ୍ଟି) ହୋଇଥିଲା । ଏହାର ପ୍ରଭାବରେ ଗଛରୁ ଆମ୍ବ ଝଡିପଡିଥିବା ବେଳେ ଧାନ ଓ ପରିବା ଫସଲ ପ୍ରଭାବିତ ହୋଇଛି । ଧାନ ପାକଳ ଅବସ୍ଥାରେ ଥିବାରୁ କରାମାଡ଼ରେ ତାହା ନଷ୍ଟ ହୋଇଛି। ସେହିପରି ପ୍ରବଳ ବେଗରେ ପବନ ବହିବାରୁ ଧାନଗଛ ଗୁଡିକ କ୍ଷେତରେ ଶୋଇ ପଡିଛି । ରାସ୍ତାରେ ଗଛଗୁଡିକ ଭାଙ୍ଗି ପଡିଛି । ଫଳରେ ବିଦ୍ୟୁତ୍ ସରବରାହ ଠପ୍ ପଡିଯାଇଛି । କରାମାଡରେ ଗାଇସିଲେଟ ବ୍ଲକ ଖୁଣ୍ଟପାଲି ଗ୍ରାମରେ ୬ଟି ଗାଈ, ବଳଦର ମୃତ୍ୟୁ ଘଟିଛି। ଜିଲାର ବରଗଡ଼, ଅତାବିରା, ପାଇକମାଳ, ଗାଇସିଲେଟ ଆଦି ବ୍ଲକରେ କାଳବୈଶାଖି ତାଣ୍ଡବରେ ଏଭଳି କ୍ଷୟକ୍ଷତି ହୋଇଛି ।


ମଙ୍ଗଳବାର ଘୂର୍ଣ୍ଣିଝଡରେ ପାଇକମାଳ ଅଞ୍ଚଳରେ ଭାଙ୍ଗି ପଡିଥିବା ଗଛ ।

### ଟାୟାର ଚୋରି କରି ୨ ଗିରଫ

ରେଙ୍ଗାଲି,୨୧।୪(ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ କାରଖାନାର ପାର୍କିଂରେ ଥିବା ୨ଟି ୧୪ ଚକିଆ ଟ୍ରକରୁ ୧୫ଟି ଟାୟାର ଚୋରି ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ବରଗଡ ଜିଲା ବରଗଡାଡେଙ୍ଗର ପ୍ରତାପ ସାହୁ (୩୦) ଏବଂ ସମ୍ବଲପୁର ଜିଲା ଚାରମାଲ ଥାନା ପଥରଡେଙ୍ଗର ଚିନ୍ତାମଣି ଜିବିଲା (୨୨)। ଲକ୍‌ଡାଉନ ଯୋଗୁ ବରଗଡ ଜିଲାର ଦିନେଶ ଅଗ୍ରୱାଲଙ୍କ ୨ଟି ୧୪ ଚକିଆ ଟ୍ରକ୍ (ଓଡି ୧୫ କେ- ୬୬୯୨ ଏବଂ ଓଡି ୧୫ ଏମ- ୯୮୫୮) ଶ୍ୟାମ ମେଟାଲିକ୍ସ ପାର୍କିଂରେ ଛିଡା ହୋଇଥିଲା। ଏହି ୨ ଟ୍ରକରୁ ୧୫ଟି ଟାୟାର ଖୋଲି ଏମାନେ ଏପ୍ରିଲ ୧୮ ତାରିଖ ବିଳମ୍ବିତ ରାତିରେ ଅନ୍ୟ ଏକ ଟ୍ରକ (ଓଡି ୧୭ ଡି- ୪୭୩୨)ରେ ନେଇଯାଉଥିଲେ। ଖବର ପାଇ ରେଙ୍ଗାଲି ପୋଲିସ ଚଢ଼ାଉ କରିଥିଲା ।

# କ୍ଷତିଗ୍ରସ୍ତ ଧାନଜମି ଦେଖିଲେ କୃଷି ଅଧିକାରୀ

### ପାଣି ଅଭାବରୁ ଚାଷ ନଷ୍ଟ ଘଟଣା

ଜୁନାଗଡ,୨୧।୪(ଡି.ଏନ୍.ଏ.)

ଧରିତ୍ରୀ ପ୍ରଭାବ

କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ଦକ୍ଷିଣ କେନାଲ ଅନ୍ତର୍ଗତ ଜୁନାଗଡ ବ୍ଲକ ତଳଜାରିଙ୍ଗ ପଞ୍ଚାୟତରେ କେନାଲ ପାଣି ତଳମୁଣ୍ଡରେ ପହଞ୍ଚି ପାରି ନ ଥିବାରୁ ରବିଧାନ ଫସଲ ଏବେ ମରିବାକୁ ବସିଛି। ରବିଚାଷ ଆରମ୍ଭ ପୂର୍ବରୁ କେନାଲ ବିଭାଗ ୨୫ କ୍ୟୁବିକ ପାଣି ଦେବା ପାଇଁ ସର୍ତ୍ତ ରଖିଥିଲେ ମଧ ବିଜୁଳି ଉତ୍ପାଦନ ହେଉ ନ ଥିବା କାରଣ ଦର୍ଶାଇ ୧୫କ୍ୟୁବିକ ଦେବାରୁ ଏହି ପରିସ୍ଥିତି ସୃଷ୍ଟି ହେଲା ବୋଲି ଚାଷୀମାନେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ୨୧ ତାରିଖ ଧରିତ୍ରୀରେ ଖବର ପ୍ରକାଶନ ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚେତା ପଶିଛି। ମଙ୍ଗଳବାର ଜୁନାଗଡ କୃଷି ଜିଲା ଅଧିକାରୀ ପରମେଶ୍ୱର ମଲ୍ଲିକ, ସହକାରୀ କୃଷି ଅଧିକାରୀ ଗଜାନନ ସାହୁ ଓ ଗ୍ରାମ୍ୟ କୃଷି କର୍ମଚାରୀ ହେମନ୍ତ ରାଉତ ପ୍ରମୁଖ ତଳଜାରିଙ୍ଗ ପଞ୍ଚାୟତର ଘଣ୍ଟବାହାଲି, ଗୁଞ୍ଜୁଗୁଡା ଓ ଲବଣୀପୁର ଗ୍ରାମର ରବିଧାନ କ୍ଷେତ ପରିଦର୍ଶନ କରିଥିଲେ। ଏହି ସମୟରେ ପାଣି ଅଭାବରୁ ନଷ୍ଟ ହେବାକୁ ବସିଥିବା ଚାଷ ଜମି ବୁଲି ଦେଖିଥିଲେ। ପରେ ସେମାନେ ଇନ୍ଦ୍ରାବତୀ ଏସ୍‌ଡିଓଙ୍କୁ ଶୀଘ୍ର ଏହି ଅଞ୍ଚଳକୁ ପାଣି ଯୋଗାଇଦେବା ପାଇଁ ଫୋନ୍ ଯୋଗେ କଥା ହୋଇଥିଲେ। ତେବେ ଦୁଇଦିନ ଭିତରେ ଏହି ଅଞ୍ଚଳକୁ ଆବଶ୍ୟକ ପରିମାଣର ପାଣି ଯୋଗାଇ ଦିଆଯିବ ବୋଲି ଏସ୍‌ଡିଓ କହିଥିଲେ।


ଜୁନାଗଡ କୃଷି ବିଭାଗ ଅଧିକାରୀମାନେ କ୍ଷତିଗ୍ରସ୍ତ ଧାନଜମି ବୁଲି ଦେଖୁଛନ୍ତି।

# ଲକ୍‌ଡାଉନ୍ ଉଲ୍ଲଂଘନ: ୪୯,୩୦୦ ଟଙ୍କା ଜରିମାନା ଆଦାୟ

ବରଗଡ଼ ଅଫିସ୍,୨୧।୪

କରୋନା (କୋଭିଡ୍-୧୯) ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଦେଶବ୍ୟାପୀ ଲକ୍ ଡାଉନ୍ କଟକଣା ଲାଗୁ ହୋଇଛି । ଏହି କ୍ରମରେ ବରଗଡ଼ ଜିଲାରେ ଏହି କଟକଣାର କାର୍ଯ୍ୟକାରିତାକୁ ଜିଲା ପୋଲିସ, ପ୍ରଶାସନ ଗୁରୁତ୍ୱର ସହିତ ନେଇଛି । ମୁହଁରେ ମାସ୍କ, ରୁମାଲ କିମ୍ବା ଗାମୁଛା ବାନ୍ଧିବା ସହିତ ସାମାଜିକ ଦୂରତ୍ୱ ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଉଛି। ଏହାକୁ ଯେଉଁମାନେ ଉଲ୍ଲଂଘନ କରୁଛନ୍ତି ସେମାନଙ୍କଠାରୁ ପୋଲିସ ନିର୍ଦ୍ଧାରିତ ମତେ ଜରିମାନା ଅସୁଲ କରୁଛି । ଇତିମଧ୍ୟରେ ୨୪୫ଜଣ ଅମାନିଆଙ୍କଠାରୁ ପୋଲିସ ମୋଟ୍ ୪୯ହଜାର ୩୦୦ ଟଙ୍କା ଜରିମାନା ଆଦାୟ କରିଛି । ସେଥିମଧ୍ୟରୁ ମାସ୍କ ପିନ୍ଧି ନ ଥିବା ୨୪୪ଜଣଙ୍କଠାରୁ ୪୮ହଜାର ୮୦୦ଟଙ୍କା ଏବଂ ଲକ୍‌ଡାଉନ ସମୟରେ ଦୋକାନ ଖୋଲିଥିବା ଯୋଗୁ ଆଉଜଣଙ୍କଠାରୁ ୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି ।

# କାଠ ବୋଝେଇ ଟ୍ରାକ୍ଟର ଜବତ, ଡ୍ରାଇଭର ଗିରଫ

ଖପ୍ରାଖୋଲ, ୨୧।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ହରିଶଙ୍କର ରେଞ୍ଜ ସାନ ବାଂଜିପାଲି ଗାଁ ନିକଟରେ ଜଙ୍ଗଲ ବିଭାଗ ଚଢାଉ କରି ସୋମବାର ବିଳମ୍ବିତ ରାତିରେ ଖଇର କାଠ ବୋଝେଇ ଏକ ଟ୍ରାକ୍ଟର ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିଛି। ଗିରଫ ଡ୍ରାଇଭର ହେଲେ ଝାଲବାହାଲ ଗାଁର ଦୁର୍ଯ୍ୟୋଧନ ବରିହା। ଘଟଣାସ୍ଥଳରୁ ଅନ୍ୟମାନେ ଫେରାର ହୋଇଯାଇଥିବା ବେଳେ ଏକ ବାଇକ ଓ ୫ଟି ସାଇକେଲ ବନ ବିଭାଗ ଜବତ୍ କରିଛି। ଜବତ କାଠର ମୂଲ୍ୟ ୨୦ ହଜାର ଟଙ୍କା ହେବ ବୋଲି ବନ ବିଭାଗ ସୂତ୍ରରୁ ଜଣାଯାଇଛି । ଏ ନେଇ ହରିଶଙ୍କର ରେଞ୍ଜରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବାବେଳେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜ ଅଧିକାରୀ ଶ୍ରୀବସ୍ତ କୁମୁରା ପ୍ରକାଶ କରିଛନ୍ତି। ହରିଶଙ୍କର ରେଞ୍ଜ ଅଧିକାରୀ କୁମୁରାଙ୍କ ନେତୃତ୍ୱରେ କରାଯାଇଥିବା ଚଢାଉରେ ବନପାଳ ଗୁଣନିଧି ପରିଡା, ପିଙ୍କୁ ଭୋଇ, ବନରକ୍ଷୀ ଡିଲେଶ୍ୱର ହୋତା, ଏସ କାଲସାଏ ପ୍ରମୁଖ ସାମିଲ ହୋଇଥିଲେ।

# ଲକ୍‌ଡାଉନ କୋହଳ, ବଢ଼ିଲା ଭିଡ଼

ବଲାଙ୍ଗୀର ଅଫିସ, ୨୧।୪

ବଲାଙ୍ଗୀର ଜିଲା ଗ୍ରୀନ୍ ଜୋନ୍‌ରେ ରହିଛି। ଏଭଳି କ୍ଷେତ୍ରରେ ଏପ୍ରିଲ ୨୦ ତାରିଖ ପରେ ଗ୍ରୀନ୍ ଜୋନ୍ ଜିଲାଗୁଡିକରେ ଲକ୍‌ଡାଉନ୍ କୋହଳ କରାଯିବ ବୋଲି ଆଲୋଚନା ହେଉଥିଲା। ପୂର୍ବରୁ ମେଡିକାଲ ଷ୍ଟୋର, ଗ୍ରୋସରୀ ଦୋକାନ, ଡେଲିମାର୍କେଟ, ଓମ୍‌ଫେଡ ଦୋକାନ, ଫଳ ଦୋକାନ ଖୋଲା ରହିଥିଲା। ମଙ୍ଗଳବାରଠାରୁ ସହରରେ ବହି ଦୋକାନ, ଗାଡିମଟର ପଞ୍ଚର ସେଣ୍ଟର, ଲୁହାଦୋକାନ୍, ବିଦ୍ୟୁତ୍ ସାମଗ୍ରୀ ଦୋକାନ, ଏସି, କୁଲର ଦୋକାନ, ମୋବାଇଲ ସେଣ୍ଟର ସହ ଅନ୍ୟ କେତେକ ଦୋକାନ ଖୋଲିଛି । କିଛି ଦୋକାନ ଖୋଲିବା ପରେ ହଠାତ୍ ସକାଳୁ ସହରରେ ଭିଡ ପରିଲକ୍ଷିତ ହୋଇଥିଲା । ବିଭିନ୍ନ ରାସ୍ତାରେ ଲୋକେ ଯାନବାହନ ଧରି ବୁଲାବୁଲି କରୁଥିବା ଦେଖାଯାଇଥିଲା। ପୋଲିସ ପକ୍ଷରୁ ଚେକିଂ କରାଯାଉ ନ ଥିବା ଜାଣିବା ପରେ ପୂର୍ବାହ୍ନ ୯ରୁ ୧୦ଟା ମଧ୍ୟରେ ସହରରେ ଭିଡ ବଢ଼ି ଯାଇଥିଲା। ଡେଲିମାର୍କେଟରେ ବାଇକ ଓ ଲୋକଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ସବୁଠୁ ସାମାଜିକ ଦୂରତ୍ୱ ଉଲ୍ଲଂଘନ ହୋଇଥିବା ଦେଖାଯାଇଥିଲା । ଦୋକାନରେ ସାମାଜିକ ଦୂରତ୍ୱ ଅବଲମ୍ବନ ପାଇଁ ମାର୍କିଂ କରାଯାଇଥିଲେ ମଧ ଲୋକେ ସେସବୁ ମାନି ନ ଥିବା ଦେଖାଯାଇଥିଲା। ଗୋଟିଏ ଦିନରେ ସହର ଅର୍ଦ୍ଧେକ ଚଳଚଞ୍ଚଳ ହୋଇଥିବାରୁ ୧ ମାସର ଲକ୍‌ଡାଉନ୍ ନିଷ୍ଫଳ ହୋଇଯିବାର ଆଶଙ୍କା ବୃଦ୍ଧି ପାଇଲାଣି।


ଲକ୍‌ଡାଉନ୍ କୋହଳ ହେବା ପରେ ବଲାଙ୍ଗୀର ସହରରେ ଭିଡ।

### ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗୁଟଖା, ପାନମସଲା ଜବତ

ଝାରସୁଗୁଡା ଅଫିସ,୨୧।୪

କରୋନା ଭଳି ପରିସ୍ଥିତିରେ ଝାରସୁଗୁଡା ସହରର କେତେକ ଅସାଧୁ ବ୍ୟବସାୟୀ ଦୋକାନ ଓ ଗୋଦାମ ଖୋଲି ଗୁଟଖା ଓ ପାନମସଲା ବିକ୍ରୟ କରୁଛନ୍ତି। ଏ ନେଇ ଖବର ମିଳିବା ପରେ ଝାରସୁଗୁଡା ଥାନାଧିକାରିଣୀ ସାବିତ୍ରୀ ବଳଙ୍କ ନେତୃତ୍ୱରେ ଜିଲା ପ୍ରଶାସନର ବିଭିନ୍ନ ଟିମ ଗଠନ କରାଯାଇଥିଲା। ସହରର ୬ଟି ସ୍ଥାନରେ ଥିବା ୯ଟି ଗୋଦାମ ଘରେ ମଙ୍ଗଳବାର ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ବିପୁଳ ପରିମାଣର ଗୁଟଖା ଓ ପାନମସଲା ଜବତ କରାଯାଇଛି। ସହରର ୬ଜଣ ବ୍ୟକ୍ତିଙ୍କ ନାମରେ ଏହି ସବୁ ଗୋଦାମର ମାଲିକାନା ରହିଥିବା ଜଣାପଡିଛି। ଲକଡାଉନ କଟକଣାକୁ ନମାନି ଏହି ବ୍ୟକ୍ତିମାନେ ଉପରୋକ୍ତ ସାମଗ୍ରୀ ବିକ୍ରୟ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳକୁ ମଧ୍ୟ ଯୋଗାଉଥିଲେ। ଜବତ ସାମଗ୍ରୀ ଗୁଡିକର ମୂଲ୍ୟ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଥାନାଧିକାରିଣୀ ବଳ କହିଛନ୍ତି। ସେହିପରି ଜବତ ସାମଗ୍ରୀକୁ ସେଲ ଟ୍ୟାକ୍ସ ବିଭାଗକୁ ହସ୍ତାନ୍ତର କରାଯାଇଛି।

# ଜୈବିକ କୃଷି ଉପରେ ଗୁରୁତ୍ୱ

ନୂଆପଡା ଅଫିସ,୨୧।୪

ଚାଷୀମାନେ ଦେଶର ମେରୁଦଣ୍ଡ। ଦେଶ ବିଭିନ୍ନ ସମୟରେ ନାନାଦି ଦୁର୍ବିପାକ ଦେଇ ଗତି କରିଛି। ତଥାପି ଚାଷୀମାନେ ଲୋକଙ୍କ ମୁହଁରେ ଅନ୍ନ ଦେବା ବନ୍ଦ କରି ଦେଇନାହାଁ। ସବୁ ପରିସ୍ଥିତିରେ ନିଜକୁ ଜଳାଞ୍ଜଳି ଦେଇ ଓ ନିରନ୍ତର ଝାଳ ବୁହାଇ ଚାଷୀ ଦେଶବାସୀଙ୍କୁ ଅନ୍ନ ଯୋଗାଇଛି। ବର୍ତ୍ତମାନର କରୋନା ଲଢେଇରେ ମଧ ଚାଷୀମାନେ ଜଣେ ଜଣେ ଯୋଦ୍ଧା ଭାବେ ଦଣ୍ଡାୟମାନ। ଏଣୁ ଚାଷୀଙ୍କ ସହ ପ୍ରଶାସନ ରହିଛି ବୋଲି ଜିଲାପାଳ ମଧୁସ୍ମିତା ସାହୁ କହିଛନ୍ତି। ଏହି ବାର୍ତ୍ତା ନେଇ ଜିଲାପାଳ କ୍ଷେତ ପରିଦର୍ଶନ କରି ଚାଷୀଙ୍କ ସହ କଥା ହେଉଛନ୍ତି।

ଦେଶସାରା ଲକଡାଉନ। ଗୋଟିଏ ପଟେ ସଚେତନତା ପାଇଁ ଜିଲାର ସବୁ ପ୍ରଶାସନିକ ବିଭାଗ ଅଣ୍ଟା ଭିଡିଥିବାବେଳେ ଜିଲାପାଳ ଗୋଟିଏ ପାଦ ଆଗକୁ ଆସି ଚାଷୀଙ୍କ ନିକଟକୁ ଖୋଦ ଯାଉଛନ୍ତି। ଏହିକ୍ରମରେ ଜିଲାପାଳ ସାହୁ ପ୍ରଥମେ ସଦର ବ୍ଲକ ଜେଙ୍ଗୋରା ଗାଁକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ଚାଷୀମାନେ କିପରି ଜୈବିକ ସାର ବ୍ୟବହାର କରି ଚାଷକୁ ଦ୍ୱିଗୁଣିତ କରିବାକୁ ପ୍ରୟାସ ଜାରି ରଖିଛନ୍ତି ତାହାକୁ ନିଜେ ଦେଖିଥିଲେ। ଚାଷୀମାନେ ହାଣ୍ଡିଖତ (ସାର) ପ୍ରସ୍ତୁତ କରି ତାହାକୁ କୃଷି ବିଭାଗର ପରାମର୍ଶ ନେଇ ବେଶ୍ ସଫଳ ଚାଷ କରିଥିବା ଦେଖି ଜିଲାପାଳ ଖୁସି ପ୍ରକଟ କରିଥିଲେ। ତେବେ କରୋନା ଲକଡାଉନ ଯୋଗୁଁ ଠିକ୍ ସମୟରେ ସାର, କୀଟନାଶକ ନ ପାଇ ହଇରାଣ ହେଉଥିବାରୁ ହତୋତ୍ସାହିତ ହେଉଥିବା ଚାଷୀମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିଭଳି ଜିଲାପାଳ ସହୁ ଦର୍ଲିନୂଆପଡା ଗାଁକୁ ଯାଇ ଆଗ୍ରୋ ଫରେଷ୍ଟ୍ରି ଯୋଜନାରୁ ଧାନ ଏବଂ ଅଣଧାନ ଚାଷ କରିଥିବା ୧୬ଜଣ ଚାଷୀଙ୍କ କ୍ଷେତ ପରିଦର୍ଶନ କରିଥିଲେ। ଚୁହୁରି ଗାଁରେ ସିଞ୍ଚନ ପ୍ରଣାଳୀରେ ହୋଇଥିବା ବିଭିନ୍ନ ଚାଷ ବୁଲି ଦେଖିଥିଲେ। ଜିଲାପାଳଙ୍କ ସହ ସହକାରୀ କୃଷି ଅଧିକାରୀ ହିମାଂଶୁ ଶେଖର ମହାପାତ୍ର, ବିରଞ୍ଚି ନାରାୟଣ ମହାପାତ୍ର ଉପସ୍ଥିତ ଥିଲେ।


ଜିଲାପାଳ ମଧୁସ୍ମିତା ସାହୁ ଚାଷ କ୍ଷେତ୍ର ପରିଦର୍ଶନ କରୁଛନ୍ତି ।

ଧରିତ୍ରୀ
DHARITRI
ବୁଧବାର, ଏପ୍ରିଲ ୨୨, ୨୦୨୦



## ଯୋଗାଣ ଅଧିକାରୀଙ୍କୁ ଘେରିଲେ ଟ୍ରକ୍ ମାଲିକ, କର୍ମଚାରୀ

ରାୟଗଡ଼ା ଅଫିସ,୨୧।୪

ରାୟଗଡ଼ା ମା' ମଝିଘରିଆଣୀ ଲୋକାଲ ଟ୍ରକ ଆସୋସିଶନର କର୍ମଚାରୀ ଓ ଟ୍ରକ ମାଲିକମାନେ ଦ୍ରବ୍ୟ ପରିବହନ କ୍ଷେତ୍ରରେ ଅବ୍ୟବସ୍ଥା ନେଇ ଭାରପ୍ରାପ୍ତ ଯୋଗାଣ ଅଧିକାରୀଙ୍କୁ ଘେରିବା ସହ ରାଜରାସ୍ତାକୁ ଓହ୍ଲାଇଛନ୍ତି। ରାୟଗଡ଼ା ଲୋକାଲ ଟ୍ରକ ଆସୋସିଏଶନର ସଦସ୍ୟ ତଥା ଗାଡ଼ି ମାଲିକ ନାଗେଶ୍ୱର ଦୋରା କହିଛନ୍ତି, ସ୍ଥାନୀୟ ବାସିନ୍ଦ ଭାବେ ସେମାନେ ଦୀର୍ଘ ଦିନ ଧରି ଚାଷୀଙ୍କୁ ସାର ଯୋଗାଇ ଆସୁଛନ୍ତି। ଚାଷ କାର୍ଯ୍ୟରେ ନିୟୋଜିତ ଦ୍ରବ୍ୟର ଉଠାଣ ଅନୁମତି ମିଳିଥିଲେ ବି ଯୋଗାଣ


ଟ୍ରକ ମାଲିକ ଓ କର୍ମଚାରୀମାନେ ଯୋଗାଣ ଅଧିକାରୀଙ୍କୁ ଘେରାଉ କରିଛନ୍ତି ।

ବିଭାଗ ସେମାନଙ୍କୁ ଅଣଦେଖା କରୁଛି। ଏଫ୍‌ସିଆଇ ଗୋଦାମର ଚାଉଳ ଆସିଲେ ମଧ ସମ୍ପୂର୍ଣ୍ଣ ଜିଲାକୁ ସେମାନେ ଟ୍ରକ୍ ଦ୍ୱାରା ଦ୍ରବ୍ୟ ଉପଭୋକ୍ତାଙ୍କ ପାଖରେ ପହଞ୍ଚାଇଥାନ୍ତି। କିଛି ଦିନ ହେଲା ମିଲର୍ସ ଓ ଯୋଗାଣ ବିଭାଗ କୌଣସି ଦ୍ରବ୍ୟ ନେବାକୁ ଅନୁମତି ଦେଉନାହାଁନ୍ତି। ଦୀର୍ଘ ୫ ମାସ ହେଲା ସେମାନେ ଅନେକ ସମସ୍ୟା ଭିତରେ ଥିବାବେଳେ ଏବେ ଲକ୍‌ଡାଉନ ଯୋଗୁ ସେମାନଙ୍କ ଖରାପ ଅବସ୍ଥା ଦ୍ୱିଗୁଣିତ ହୋଇଛି। ବାହାର ଗାଡ଼ିକୁ ଅନୁମତି ମିଳୁଥିବାରୁ ସେମାନଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି ବୋଲି ଟ୍ରକସଂଘର ସଭାପତି ଧନିରାମ ନାୟକ କହିଛନ୍ତି। ଦାବି ଜଣାଇବା ବେଳେ ସମ୍ପାଦକ ପ୍ରଭାକର ମହାରଣା, ପୂର୍ବତନ ସଭାପତି ଜି. ରାମ ମୋହନ ରାଓ ଏବଂ ଅନ୍ୟ ଟ୍ରକ କର୍ମଚାରୀ ଉପସ୍ଥିତ ଥିଲେ। ଏନେଇ ଭାରପ୍ରାପ୍ତ ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର ନାୟକ କହିଛନ୍ତି, ତୁରନ୍ତ ଏହାର ସମାଧାନ କରାଯିବ। ଲକ୍‌ଡାଉନ ପାଇଁ ଏଭଳି ହୋଇଛି। ପରେ ଦ୍ରବ୍ୟ ଉଠାଣ କ୍ଷେତ୍ରରେ ଅବ୍ୟବସ୍ଥା ହେବନାହିଁ।



## ଓଲଟିଲା ଗ୍ୟାସ୍ ଟ୍ୟାଙ୍କର

ଜୟପୁର,୨୧।୪(ନି.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ବାରିଣିପୁଟ ଓଏଚ୍‌ପିସି ଛକଠାରେ ଏକ ଗ୍ୟାସ୍ ଟ୍ୟାଙ୍କର ଓଲଟିପଡ଼ିଛି। ସୋମବାର ବିଳମ୍ବିତ ରାତିରେ ଏହି ଟ୍ୟାଙ୍କର ବିଶାଖାପାଟଣାରୁ ଜୟପୁର ଦେଇ ଛତିଶଗଡ଼ର ରାୟପୁର ଯାଉଥିଲା। ଖବରପାଇ ସଦରଥାନା ପୋଲିସ, ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚିଥିଲେ। ଯାଞ୍ଚ ବେଳେ ଗ୍ୟାସ୍ ଲିକ୍ ହେଉ ନ ଥିବା ଜଣାପଡ଼ିବା ପରେ ଦୁଇଟି କ୍ରେନ ଦ୍ୱାରା ମଧ୍ୟାହ୍ନରେ ଗୋଟାଏରେ ଟ୍ୟାଙ୍କରକୁ ଉଠାଇଥିଲା।

## ସଂକ୍ଷେପରେ

### ବିଡିଓ, ତହସିଲଦାରଙ୍କ ଯାଞ୍ଚ

ଖଇରପୁଟ,୨୧।୪(ଡି.ଏନ୍.ଏ.)- ମାଲକାନଗିରି ଜିଲା ଖାଇରପୁଟ ବ୍ଲକର ବିଡିଓ ହୃଦାରଞ୍ଜନ ସାହୁ ଓ ତହସିଲଦାର ରାମକୃଷ୍ଣ ନାୟକ ବ୍ଲକର ବିଭିନ୍ନ ଆଭ୍ୟନ୍ତରୀଣ ଅଞ୍ଚଳକୁ ଯାଇ ଲୋକଙ୍କୁ ସଚେତନ କରିଛନ୍ତି। ସଙ୍ଗରୋଧ ଗୃହଗୁଡିକର ତଦରଖ କରିଛନ୍ତି। ବାହାରୁ ଆସୁଥିବା ଲୋକଙ୍କୁ ସଙ୍ଗରୋଧ ଗୃହରେ ରଖୁଛନ୍ତି। ଲକ୍‌ଡାଉନ ସମୟରେ କେହି ଯେପରି ଭୋକିଲା ନ ରହିବେ ସେଥିପ୍ରତି ଗୁରୁତ୍ୱ ଦେଇ ପ୍ରତି ପଞ୍ଚାୟତର ଗରିବ,ଅସହାୟ ଲୋକଙ୍କୁ ଖାଦ୍ୟ ବିତରଣ ବ୍ୟବସ୍ଥା କରିଛନ୍ତି।

### ଗରିବଙ୍କୁ ପୋଲିସର ସହାୟତା

ଏମ୍‌ଭି ୭୯,୨୧।୪(ଡି.ଏନ୍.ଏ.)- ଲକ୍‌ଡାଉନ ସମୟରେ ଗ୍ରାମାଞ୍ଚଳରେ ବୁଲି ପାଟ୍ରୋଲିଂ କରି ଲୋକଙ୍କୁ ସଚେତନ କରୁଥିବା ପୋଲିସ ଗରିବ ଲୋକଙ୍କୁ ରନ୍ଧାଖାଦ୍ୟ ଦେଇ ମାନବିକତାର ପରିଚୟ ଦେଇଛନ୍ତି। ମୋଟୁ ଆଇଆଇସି ରଘୁନାଥ ମାଝି, ଏସ୍‌ଆଇ ପ୍ରଶାନ୍ତ କୁମାର ନିସିକା, ଅଜୟ ଖୋସଲା, ଏଆର୍‌ଆଇ କାହ୍ନୁରଣ ସ୍ୱାଇଁ ଗରିବଙ୍କୁ ଖାଦ୍ୟ ବଣ୍ଟନରେ ସାମିଲ ହୋଇଛନ୍ତି।

### ଘରକୁ ଯାଇ ଶିକ୍ଷକ ଦେଉଛନ୍ତି ପାଠ୍ୟପୁସ୍ତକ



ନବରଙ୍ଗପୁର,୨୧।୪(ବି.ପ୍ର.)- ଲକ୍‌ଡାଉନ ଜାରି ରହିଥିବା ବେଳେ ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ୍ୟପୁସ୍ତକ ବଣ୍ଟନ କରାଯାଇଛି। ଜିଲାପାଳ ଡ. ଅଜିତ କୁମାର ମିଶ୍ର ଓ ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ର ଶେଖର ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ନବରଙ୍ଗପୁର ବ୍ଲକ ଓ ପୌରାଞ୍ଚଳର ୧୩୭ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ୪ହଜାର ଛାତ୍ରୀଛାତ୍ରଙ୍କୁ ସୋମବାର ସୁଦ୍ଧା ଶିକ୍ଷକମାନେ ଘରଘର ବୁଲି ପାଠ୍ୟପୁସ୍ତକ ବଣ୍ଟନ କରିଛନ୍ତି। ଆସନ୍ତା ୨୪ ସୁଦ୍ଧା ସମସ୍ତ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ବଣ୍ଟନ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

### ଗଛ ପଡ଼ି ଘାଟି ରାସ୍ତା ବନ୍ଦ

କୋରୁକୋଣ୍ଡା, ୨୧।୪(ଡି.ଏନ.ଏ)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଘାଟିରେ ଏକ ପୁରାତନ ବୃକ୍ଷ ମଙ୍ଗଳବାର ଉପୁଡ଼ିପଡ଼ି ରାସ୍ତାରେ ପଡିଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଲକ୍‌ଡାଉନ ଯୋଗୁ ବହୁ ସଂଖ୍ୟାରେ ଗାଡିମୋଟର ଚଳାଚଳ କରୁ ନ ଥିଲେ ମଧ ଜରୁରୀ ସେବାରେ ନିୟୋଜିତ ଗାଡ଼ି, ଆମ୍ବୁଲାନ୍ସ ଏବଂ ଯେଉଁ ବାଇକ୍ ଆରୋହୀମାନେ ଘାଟି ରାସ୍ତା ଦେଇ ଯାଉଛନ୍ତି ସେମାନେ ହଇରାଣ ହୋଇଥିଲେ। ଡାଇଙ୍କ-୩ ରାସ୍ତା ଦେଇ ଚିତ୍ରକୋଣ୍ଡାକୁ ଯାଇଥିଲେ। ଖବର ପାଇ ବାଲିମେଳା ବନ ବିଭାଗ କର୍ମଚାରୀ ପହଞ୍ଚି ଗଛଟିକୁ କାଟି ଗାଡି ଚଳାଚଳ ସ୍ୱାଭାବିକ କରିଥିଲେ।

### ରିଲିଫ ପାଣ୍ଠିକୁ ସହାୟତା

କାଲିମେଳା/ଚନ୍ଦାହାଣ୍ଡି,୨୧।୪ (ଡି.ଏନ.ଏ.)- କରୋନା ବିପଦ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲୋକମାନଙ୍କ ଜୀବନ ରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରି ଚାଲିଛନ୍ତି। କାଲିମେଳା ବ୍ଲକସ୍ଥିତ ଓଡ଼ିଶା ଜୀବିକା ମିଶନ ପକ୍ଷରୁ କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୫ ହଜାର ଟଙ୍କା ଏବଂ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିକୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ବ୍ଲକ ପରିଚାଳିକା ରୋଜାଲିନ ଦାସ,ସଂଯୋଜକ ଦୀପକ ବାଇନ ଓ ରତନ ଗୋଲଦାରଙ୍କ ତତ୍ତ୍ୱାବଧାନରେ କାଲିମେଳା, କାଙ୍ଗୁରୁକୋଣ୍ଡା, ଭେଙ୍କଟାପଲମ, ନାଲାଗୁଣ୍ଠି ଓ ଗୁମୁକା ପଞ୍ଚାୟତର ଥିବା କର୍ମଚାରୀ ଏହି ଅର୍ଥ ଦେଇଛନ୍ତି। ସେହିପରି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାନାବେଡ଼ା ପଣ୍ଡରାମାଳି ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୨୧ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସମାଜ ସଭାପତି ଗୌରହରି ନାୟକ, ଉପସଭାପତି ମହେନ୍ଦ୍ର ନାୟକ, ମଧୁସୂଦନ ନାଗେଶ, ସହସମ୍ପାଦକ ସୁରେଶ ନାୟକଙ୍କ ସମେତ ଅନ୍ୟମାନେ ଏ ବାବଦ ଚେକ୍ ବିଡିଓ ଧର୍ମରାଜ ମାଝିଙ୍କୁ ଦେଇଛନ୍ତି। ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧୦ହଜାର ଟଙ୍କା ସହାୟତା ଦେଇଛନ୍ତି। ସଂଘ ସଭାପତି ସନ୍ତୋଷ ଜଗତ, ଉପସଭାପତି ଭାଗୀରଥି ରଥ, ସମ୍ପାଦକ ମୀନକେତନ ସାହୁ, ବଦନ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଘଣ୍ଟା ରାସ୍ତାରେ ଫସିଲେ ବିଡିଓ, ଗର୍ଭବତୀ ମହିଳା

ଚନ୍ଦ୍ରପୁର,୨୧।୪(ଡି.ଏନ୍.ଏ.)

### ଗଛ ପଡ଼ି ଅବରୋଧ

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ନିକଟସ୍ଥ ବଣ୍ଡିଲି ଗ୍ରାମ ନିକଟରେ ମଙ୍ଗଳବାର ଅପରାହ୍ନରେ ଅତ୍ୟଧିକ ପବନ ସାଙ୍ଗକୁ ବର୍ଷା ଯୋଗୁ ୩ଟି ବଡ଼ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଛି। ଏହି ସମୟରେ ସେହି ରାସ୍ତାରେ ଯାଉଥିବା ଚନ୍ଦ୍ରପୁର ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ ମୁନିଗୁଡ଼ାରୁ ଫେରୁଥିବା ବେଳେ ୨ ଘଣ୍ଟାରୁ ଅଧିକ ସମୟ ସେଠାରେ ଫଶିରହିଥିଲେ। ଖବର ପାଇ ବିଦ୍ୟୁତ ବିଭାଗ କର୍ମଚାରୀ ଓ ସ୍ଥାନୀୟ ଯୁବକମାନେ ସେଠାରେ ପହଞ୍ଚି ଗଛ କାଟି ରାସ୍ତା ସଫା କରିଥିଲେ। ବିଡିଓଙ୍କ ପରେ ପରେ ଚନ୍ଦ୍ରପୁର ବ୍ଲକ ଟିଡ଼ାଗୁଡ଼ି ଗ୍ରାମର ଗର୍ଭବତୀ ମହିଳା ବାସନ୍ତୀ ବ୍ରେକେବେଡ଼ା (୩୦) ରାୟଗଡ଼ା ମେଡିକାଲରୁ ଅସ୍ତ୍ରୋପଚାର ସାରି ଫେରିବା ବେଳେ ମଧ ପରିବାର ସଦସ୍ୟଙ୍କ ସହ ସେଠାରେ ଫଶିଥିଲେ।

## ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସହାୟତା

ଗୁଣପୁର/ବୈପାରୀଗୁଡ଼ା, ୨୧।୪(ଡି.ଏନ୍.ଏ.):

ରାୟଗଡ଼ା ଜିଲା ଗୁଣପୁର ଗ୍ରାମ୍ୟ ନିର୍ମାଣ ବିଭାଜନ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ଟଙ୍କାର ସହାୟତା ଦିଆଯାଇଛି। ନିର୍ବାହୀ ଯନ୍ତ୍ରୀ ସରୋଜ ପାଢ଼ୀ ତାଙ୍କ କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ସଂଗୃହୀତ ଏହି ଅର୍ଥକୁ ଚେକ୍ ଆକାରରେ ଉପଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କୁ ପ୍ରଦାନ କରିଛନ୍ତି। ସେହିପରି ବୈପାରିଗୁଡ଼ା ବ୍ଲକ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୪୧ ହଜାର ଟଙ୍କା ନଗଦ ରାଶି ପ୍ରଦାନ କରିଛି। ବ୍ଲକ ବିଜେଡି ସଭାପତି ଜୟ ସାମନ୍ତରାୟଙ୍କ ନେତୃତ୍ୱରେ ଯୁବ ବିଜେଡି ସଭାପତି ବିଶ୍ୱଜିତ ନାୟକ, ମନୋଜ ମହାପାତ୍ର, ସୁପ୍ରକାଶ ମହାନ୍ତି, ସାଥିରାମ ନାୟକ, ଆର୍ ଶ୍ରୀନିବାସ ରାଓ, ପ୍ରଦିପ ଗୌଡ଼ ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କୁ ଏହି ରାଶି ପ୍ରଦାନ କରିଛନ୍ତି।

## କ୍ୱାରାଣ୍ଟାଇନରେ ରହୁନାହାନ୍ତି ଦାଦନ ଫେରନ୍ତା

ଲମତାପୁଟ,୨୧।୪(ଡି.ଏନ୍.ଏ.)

କରୋନା ସଂକ୍ରମଣ ରୋକିବା ପାଇଁ ଜାରି ହୋଇଥିବା ଲକ୍‌ଡାଉନ ବେଳେ ବାହାର ରାଜ୍ୟରୁ ଫେରୁଥିବା ଦାଦନ ଶ୍ରମିକଙ୍କୁ ସଙ୍ଗରୋଧରେ ରଖିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଛି। କିନ୍ତୁ ଲମତାପୁଟ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ଏହି କେନ୍ଦ୍ରରେ ଦାଦନ ଶ୍ରମିକମାନେ ରହୁନାହାନ୍ତି। ବରଂ ଏଣେତେଣେ ବୁଲିବା ଦ୍ୱାରା ସ୍ଥାନୀୟ ବାସିନ୍ଦା ସଂକ୍ରମଣ ଭୟରେ ରହୁଛନ୍ତି। ଭୁବନେଶ୍ୱର ଓ ଗଞ୍ଜାମରୁ କେତେକ ସରକାରୀ କର୍ମଚାରୀ ଫେରି ଲମତାପୁଟ ସଦରରେ ଆସି ରହୁଥିବାରୁ ଗ୍ରାମବାସୀ ତହସିଲଦାର ଓ ଜିପିଓଙ୍କୁ ଘେରିଛନ୍ତି। ପରେ ପୋଲିସ, ଜିପିଓ ଏବଂ ତହସିଲଦାର ବାହାର ଅଞ୍ଚଳରୁ ଫେରିଥିବା ଲୋକଙ୍କ ଘରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରି ହୋମ କ୍ୱାରାଣ୍ଟାଇନକୁ ପଠାଇଛନ୍ତି।

## ଆରମ୍ଭ ହେଲା ଏମ୍‌ଜିଏନ୍‌ଆରଇଜିଏସ୍ କାମ

କାଶୀନଗର,୨୧।୪(ଡି.ଏନ୍.ଏ.)

ଲକ୍‌ଡାଉନକୁ ସାମାନ୍ୟ କୋହଳ କରାଯିବା ପରେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଗଜପତି ଜିଲା କାଶୀନଗର ବ୍ଲକରେ ଆରମ୍ଭ ହୋଇଛି ଏମ୍‌ଜିଏନ୍‌ଆରଇଜିଏ କାମ। ସେହିପରି ବ୍ଲକ୍‌ର ୩୭୭୭ ଜବ୍‌କାର୍ଡଧାରୀ ଶ୍ରମିକଙ୍କୁ ୧୫ଶହ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। ବଳକା ୧୦ ପ୍ରତିଶତ ଶ୍ରମିକ ଅନୁପସ୍ଥିତ ଥିବା ଯୋଗୁ ସେମାନଙ୍କୁ ମିଳିପାରିନାହିଁ ବୋଲି ବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା କହିଛନ୍ତି। ସେହିପରି ୧୪୩୭୧ ରାଶନକାର୍ଡଧାରୀଙ୍କୁ ମଧ ୧ହଜାର ଟଙ୍କା ଲେଖାଏ ସହାୟତା ରାଶି ମିଳିଛି। ଲକ୍‌ଡାଉନକୁ କିଛିଟା କୋହଳ କରାଯାଇଥିଲେ ମଧ ଅନ୍ୟ କଟକଣା ସହ ସାମାଜିକ ଦୂରତ୍ୱ ବଳବତ୍ତର ରହିଥିବା ସେ କହିଛନ୍ତି। ବ୍ଲକ୍‌ର ସମସ୍ତ ୧୨ ପଞ୍ଚାୟତରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ସେହିପରି କାଶୀନଗର, ଖାଣ୍ଡବା, ସିଆଳି ପଞ୍ଚାୟତରେ ଗୋଟିଏ ଲେଖାଏ ଏବଂ ଅଲଡ଼ା ପଞ୍ଚାୟତରେ ୨ଟି ସଙ୍ଗରୋଧ କେନ୍ଦ୍ର ଖୋଲିଛି। କାଶୀନଗର କେନ୍ଦ୍ରରେ ୩୩ ଜଣଙ୍କୁ ସଙ୍ଗରୋଧରେ ରଖାଯାଇଛି। ସେହିପରି ରାଜ୍ୟ ବାହାରୁ ଯେପରି କେହି ପ୍ରବେଶ ନ କରିବେ ସେଥିପାଇଁ କଡ଼ା ନଜର ରଖାଯାଇ ୩ ଅସ୍ଥାୟୀ ଗେଟ୍ ନିର୍ମାଣ କରାଯାଇଛି।

## ଗୁଣପୁରକୁ ଆସିଲା ୧୦୮ ଆମ୍ବୁଲାନ୍ସ



ଗୁଣପୁରକୁ ଆସିଥିବା ଆମ୍ବୁଲାନ୍ସ ।

ଗୁଣପୁର,୨୧।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପାଇଁ ଆସିଛି ନୂତନ ୧୦୮ ଆମ୍ବୁଲାନ୍ସ। ମଙ୍ଗଳବାର ଏହି ଆମ୍ବୁଲାନ୍ସକୁ ବ୍ଲକ କାର୍ଯ୍ୟାଳୟ ପରିସରରେ ପୂଜାର୍ଚ୍ଚନା କରାଯାଇ ଶୁଭ ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ବିଡିଓ ଶାନ୍ତିପ୍ରଭା ପ୍ରଧାନଙ୍କ ସମେତ ଡବ୍ଲୁଇଓ ଏ. ଶ୍ରୀନିବାସ ଆଚାରୀ, ଜିପିଇଓ ପତିତପାବନ ବିଷୋୟୀ, ମୁଖ୍ୟ କିରାଣି ପ୍ରାଣକୃଷ୍ଣ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପୂର୍ବରୁ ରହିଥିବା ଆମ୍ବୁଲାନ୍ସଟି ପୁରୁଣା ଓ ଅନେକ ସମୟରେ ମରାମତି ହେଉଥିବା ଯୋଗୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୋଟିଏ ନୂତନ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି।

## ବିକ୍ରି ନ ହୋଇ ଶଢ଼ୁଛି ଅମଳ ପରିବା

ଟିକିରି,୨୧।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ପନିପରିବା ଉତ୍ପାଦନ ହୁଏ। କିନ୍ତୁ ଲକ୍‌ଡାଉନ ସ୍ଥିତି ଯୋଗୁ ଏବେ ଅମଳ ହୋଇଥିବା ପରିବା ବିକ୍ରି ହୋଇପାରୁ ନାହିଁ। ଫଳରେ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। କାଶୀପୁର ବ୍ଲକ ଦୈନିକ ବଜାର ପରିବା ବେପାରୀ କହିଛନ୍ତି ଯେ ସେମାନେ ଅଧିକ ପନିପରିବା କିଣିବା ପାଇଁ ଚାହାନ୍ତି, କିନ୍ତୁ ଦୋକାନ ଅଳ୍ପ ସମୟ ପାଇଁ ଖୋଲୁଥିବାରୁ ଅଧିକ କିଣିବା ସମ୍ଭବ ନୁହେଁ। ଅନ୍ୟପକ୍ଷରେ ଚାଷୀଙ୍କ ପରିବା ଅମଳ ହୋଇ ଏବେ ନଷ୍ଟ ହେବାକୁ ବସିଛି। ଅନ୍ୟପକ୍ଷରେ ଗାଁର ଚାଷୀ ଯେଉଁମାନେ ଟିକିରି ବଜାରରୁ ଯଥେଷ୍ଟ ଦୂରରେ ରହୁଛନ୍ତି, ସେମାନେ ପରିବା ନେଇ ସକାଳୁ ପହଞ୍ଚିବା ବେଳକୁ ଡେରି ହୋଇଯାଉଛି। ତେଣୁ ସେମାନେ ନିଜ ପରିବା ବିକିପାରୁ ନାହାନ୍ତି।

## ଖୋଲିଲା ହାଲ୍, ଜିଲାପାଳଙ୍କୁ ଦେଲା ସହାୟତା

ସୁନାବେଡ଼ା,୨୧।୪(ସ୍ୱ.ପ୍ର.)



କୋଭିଡ-୧୯ ନିର୍ଦ୍ଦେଶାବଳୀ ଅନୁଯାୟୀ ହାଲ୍ କୋରାପୁଟ ପ୍ରଭାଗ ମାର୍ଚ୍ଚ ୨୪ ମଧରାତ୍ରିରୁ ଚଳିତ ମାସ ୧୯ ଯାଏ ତାଲାବନ୍ଦ କରିଛି। ଜିଲାପାଳଙ୍କ ଅନୁମତିକ୍ରମେ ୨୦ ତାରିଖ ସୋମବାରଠାରୁ ୩ଟି ପାଳି (ପ୍ରତି ପାଳି ୫ ଘଣ୍ଟା ଓ ୩୩ ପ୍ରତିଶତ ଉପସ୍ଥାନ)ରେ ହାଲ୍ କାର୍ଯ୍ୟ ଆରମ୍ଭ କରିଛି। ଦେଶର ଏକ ଦାୟିତ୍ୱସମ୍ପନ୍ନ ରାଷ୍ଟ୍ରୀୟ ରକ୍ଷା ଉଦ୍ୟୋଗ ହିସାବରେ କୋରାପୁଟ ପ୍ରଭାଗ ୧୦ ହଜାର ମାସ୍କ, ଏକ ହଜାର ଲୁଗା ସଫା ଓ ହାତଧୁଆ ସାବୁନ, ୧୭୦ ବୋତଲ ଫିନାଇଲ, ୧୦୦ ପ୍ୟାକେଟ ମଶାଧୂପ, ୧୦୦ ପ୍ୟାକେଟ ସାନିଟାରୀ ପ୍ୟାଡ୍, ୧୦୦ ବୋତଲ ନଡ଼ିଆ ତେଲ, ୭୦୦ ପ୍ୟାକେଟ ସାମ୍ପୁ ପାଉଚ, ୨୬୨ଟି ଟୁଥପେଷ୍ଟ, ୧୫୫ଟି ଛୋଟ ଟାୱେଲ, ୧୦ ହଜାର ବିସ୍କୁଟ ପ୍ୟାକେଟ ପ୍ରଦାନ କରିଛି। ପ୍ରଭାଗର ବରିଷ୍ଠ ସମ୍ପାଦକ (ଔଦ୍ୟୋଗିକ ସମ୍ପର୍କ ଓ ସାମାଜିକ ଉତ୍ତରଦାୟିତ୍ୱ) ସୂର୍ଯ୍ୟକାନ୍ତ ରାଉତ, ଉପପ୍ରବନ୍ଧକ ରାହୁଲ କୁମାର ଓ ରଞ୍ଜନ କୁମାର ବୋଇତାଇ କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଭେଟି ଉପରୋକ୍ତ ସାମଗ୍ରୀ ଦେଇଛନ୍ତି।

## ଡ୍ରାଇଭରଙ୍କୁ ହତ୍ୟା ଘଟଣା: ୨ ସୁପାରିକିଲର ଗିରଫ

ପାରଳାଖେମୁଣ୍ଡି, ୨୧।୪ (ସ୍ୱ.ପ୍ର.)

ଗତ ଜାନୁୟାରୀ ମାସରେ ସଙ୍ଗଠିତ ଏକ ସୁପରିକଳ୍ପିତ ହତ୍ୟା ଘଟଣାରେ ଗଜପତି ଜିଲା ଅଡବା ପୋଲିସ ୨ଜଣ ସୁପାରିକିଲରଙ୍କୁ ଗିରଫ କରିଛି । ଅଡବା ଥାନା ଅଧିକାରୀ ଆଲୋକ ରଞ୍ଜନ ଜଗଦଲ ସୂଚନା ଦେଇ କହିଛନ୍ତି ଯେ, ଗତ ଜାନୁୟାରୀ ୧ରେ ଅଡବା ମୁଖ୍ୟ ରାସ୍ତାରେ ବେଡ୍‌ସିଟ୍ ବନ୍ଧାହୋଇ ଜଣେ ଡ୍ରାଇଭରଙ୍କ ମୃତଦେହ ପଡିଥିଲା। ମୃତକ ଜଣକ ରାୟଗଡା ଜିଲା ମୁନିଗୁଡା ବ୍ଲକ ଅଫିସରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଦେବରାଜ ଚଣ୍ଡୀ ବୋଲି ଜଣାପଡିଥିଲା।


ଗିରଫ ୨ ଅଭିଯୁକ୍ତ ।

ତେବେ ତାଙ୍କ ସ୍ତ୍ରୀ ଅନ୍ୟ ଜଣଙ୍କ ସହ ପ୍ରେମ ସମ୍ପର୍କ ଥିବାରୁ ସୁପରିକଳ୍ପିତ ଭାବେ ମୁନିଗୁଡାସ୍ଥିତ ନିଜ ଘରେ ଦେବରାଜଙ୍କୁ ହତ୍ୟାକରି ପ୍ରାୟ ଦେଢ଼ଶହ କିଲୋମିଟର ଦୂରରେ ଗଜପତି ଜିଲାର ଅଡବା ମୁଖ୍ୟ ରାସ୍ତାରେ ମୃତଦେହ ଫିଙ୍ଗି ଦେଇଥିଲେ। ସେତେବେଳେ ଅଡବା ପୋଲିସ ମୃତଦେହ ଜବତକରି ହତ୍ୟାକାଣ୍ଡରେ ସମ୍ପୃକ୍ତ ତାଙ୍କ ସ୍ତ୍ରୀ ଓ ତାଙ୍କ ପ୍ରେମିକଙ୍କୁ ଗିରଫ କରିଥିଲା । ମାତ୍ର ହତ୍ୟାକାଣ୍ଡରେ ସାମିଲ ଥିବା ୩ଜଣ ସୁପାରି କିଲର ସେବେଠାରୁ ଫେରାର ଥିଲେ। ବର୍ତ୍ତମାନ ଏହି ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଗଞ୍ଜାମ ଜିଲା ଖରିଡ଼ା ଗ୍ରାମର ପ୍ରମୋଦ ବେହେରା ଏବଂ ଖଡଭାଗ ଗ୍ରାମର ଅନିଲ ବେହେରା । ଉଭୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏଥିରେ ଜଡିତ ଅନ୍ୟ ଜଣେ ସୁପାରିକିଲର ବର୍ତ୍ତମାନ ସୁଦ୍ଧା ଧରାପଡିନାହାନ୍ତି। ଏନେଇ ତଦନ୍ତ ଜାରି ରହିଥିବା ଥାନାଅଧିକାରୀ ଜଗଦଲ କହିଛନ୍ତି।

## ମାସ୍କ ଦେଇ ସଚେତନ କଲେ ବିଧାୟକ, ଏସ୍‌ପି

ନବରଙ୍ଗପୁର,୨୧।୪(ବି.ପ୍ର.)-

କରୋନା ଭାଇରସ୍ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସରକାର ଲକ୍‌ଡାଉନ କରିବା ସହ ଜିଲା ପ୍ରଶାସନ ପକ୍ଷରୁ ୧୪୪ ଜାରି କରାଯାଇଛି। ମାସ୍କ ପିନ୍ଧିବା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି । ମାସ୍କ ନ ପିନ୍ଧିରେ ୨ ଶହ ଟଙ୍କା ଜରିମାନା ଓ ତୃତୀୟ ଥର ଧରାପଡିଲେ ୫ଶହ ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ନିୟମ କରାଯାଇଛି । ଏନେଇ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ୨ ହଜାର ମାସ୍କ ନବରଙ୍ଗପୁର ଥାନା ସମ୍ମୁଖ ଚେକ୍ ପୋଷ୍ଟ ନିକଟରେ ଏସ୍‌ପି ନୀତିନ କୁସଲକରଙ୍କ ସହ ମିଶି ଗରିବ ଲୋକଙ୍କୁ ବିତରଣ କରିଥିଲେ। ବିଧାୟକ ପ୍ରଧାନୀ ନାଲ୍‌କୋକୁ ୧୦ ହଜାର ମାସ୍କ ଯୋଗାଇଦେବାକୁ ଅନୁରୋଧ କରିଥିଲେ । ନବରଙ୍ଗପୁର ୬ ନମ୍ବର ୱାର୍ଡର ତ୍ରିନାଥ ଆଞ୍ଚଳିକ ମହିଳା ସ୍ୱୟଂ ସହାୟକ ଦଳକୁ ସିଲେଇ କରାଯିବାକୁ କୁହାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୨ ହଜାର ମାସ୍କ ସ୍ୱୟଂ ସହାୟକ ଦଳ ବିଧାୟକ ପ୍ରଧାନୀଙ୍କୁ ହସ୍ତାନ୍ତର କରିଛି। ଆଉ ୮ ହଜାର ମାସ୍କ ସିଲେଇ କରି ସ୍ୱୟଂ ସହାୟକ ଗୋଷ୍ଠୀ ଦେବ । ମାସ୍କ ପ୍ରସ୍ତୁତ ପାଇଁ ନାଲ୍‌କୋ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମ ସମୟରେ ଉପଜିଲାପାଳ ଭାସ୍କର ରଇତୋ, ପୌର ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ, ରାଜେଶ ପଟ୍ଟନାୟକ, ଥାନା ଅଧିକାରୀ ତାରିକ ଅହମ୍ମଦ, ଏସ୍‌ଆଇ ରାକେଶ ବେହେରା, ଏଏସ୍‌ଆଇ ଅଶୋକ ଦେଓ ପ୍ରମୁଖ ଉପସ୍ଥିତ ଥିଲେ ।


ବିଧାୟକ ସଦାଶିବ ପ୍ରଧାନୀ ଜଣେ ଗରିବ ଲୋକଙ୍କୁ ମାସ୍କ ପିନ୍ଧାଇ ସଚେତନ କରୁଛନ୍ତି।

## ବଣ୍ଡା ଜନଜାତିଙ୍କୁ ସଚେତନ କଲେ ଖବରଦାତା

ମାଲକାନଗିରି,୨୧।୪ (ଡି.ଏନ୍.ଏ.)


ବଣ୍ଡା ଜନଜାତିଙ୍କୁ ମାକ୍ସ ବଣ୍ଟନ କରାଯାଇଛି ।

- ନୀତିନିୟମ ସମ୍ପର୍କରେ ବୁଝାଇଲେ
- ଗ୍ରାମ ବିଶୋଧନ ସହ ମାସ୍କ ବାଣ୍ଟିଲେ
- କରୋନାକୁ ଗ୍ରାମରେ ପୂରାଇ ଦେବୁନି

କରୋନା ମହାମାରୀ ଯେପରି ମାଲକାନଗିରି ଜିଲାକୁ ପ୍ରବେଶ ନ କରିପାରିବ ସେନେଇ ଜିଲା ପ୍ରଶାସନ ଅନେକ ପଦକ୍ଷେପ ନେଇଛି। ମାଲକାନଗିରି ଜିଲାର ଖଇରପୁଟ ବ୍ଲକରେ ରହୁଥିବା ବଣ୍ଡା ଜନଜାତିଙ୍କ ନିକଟରେ ଯେପରି ଏହି ରୋଗ ସମ୍ପର୍କିତ ସଚେତନତା ପହଞ୍ଚିପାରିବ, ସେମାନେ ସଚେତନ ହେବେ ସେଥିପାଇଁ ଜିଲାପାଳ ମନୀଷ ଅଗ୍ରୱାଲ ଜିଲା ଉତ୍କଳ ସାମ୍ବାଦିକ ସଂଘକୁ ଅନୁରୋଧ କରିଥିଲେ। ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ରଙ୍କ ନେତୃତ୍ୱରେ ସଂଘ ସଦସ୍ୟମାନେ ମଙ୍ଗଳବାର ବଣ୍ଡା ଜନଜାତିର ୭୮ ପରିବାର ରହୁଥିବା ମୁଦୁଲିପଡ଼ା ପଞ୍ଚାୟତର କଡେଇଗୁଡ଼ା ଗ୍ରାମକୁ ଯାଇଥିଲେ। ଗ୍ରାମର ବୃଦ୍ଧାବୃଦ୍ଧଙ୍କୁ ଇଷ୍ଟଦେବୀଙ୍କ ମନ୍ଦିର ସାମାଜିକ ଦୂରତା ରକ୍ଷାକରି ବସାଇ କରୋନା ରୋଗ ସମ୍ପର୍କରେ ବୁଝାଇଥିଲେ। ଏନେଇ ରହିଥିବା ନୀତିନିୟମ ବିଷୟରେ ଅବଗତ କରାଇଥିଲେ। ୨୫୦ ବୃଦ୍ଧାବୃଦ୍ଧ ଏବଂ ଯୁବକ ଯୁବତୀଙ୍କୁ ମାସ୍କ ବଣ୍ଟନ ସହ ଚୁଡ଼ା, ଚିନି, ବିସ୍କୁଟ ଏବଂ ହାତ ଧୋଇବା ପାଇଁ ସାବୁନ ବିତରଣ କରିଥିଲେ। ପରେ ସଭାପତି ପାତ୍ର ଗ୍ରାମବାସୀଙ୍କୁ କରୋନାରୁ ମୁକ୍ତି ପାଇବା ନିୟମ ବିଷୟରେ ଶପଥ ପାଠ କରାଇଥିଲେ । କରୋନା ସମ୍ପର୍କରେ ଜାଣି ନ ଥିବା ଏହି ଜନଜାତି ଜାଣିବା ପରେ ନିଜେ ସତର୍କ ରହିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଗ୍ରାମରେ ୭୮ ପରିବାରକୁ ୩ମାସର ଚାଉଳ, କିରୋସିନ, ବାର୍ଦ୍ଧକ୍ୟ ଭତ୍ତା, ଶ୍ରମିକଙ୍କୁ ୧୫ଶହ ଲେଖାଏ ଟଙ୍କା, ଦରିଦ୍ର ସୀମାରେଖା ତଳେ ଥିବା ଅସହାୟ ବୃଦ୍ଧାବୃଦ୍ଧଙ୍କୁ ରନ୍ଧାଖାଦ୍ୟ ପ୍ରଶାସନ ପକ୍ଷରୁ ବିତରଣ କରାଯାଇଥିଲା। ସଂଘ ତରଫରୁ ଦୁଇଟି ସ୍ପ୍ରେ ମେଶିନ ଦ୍ୱାରା ଗ୍ରାମର ମନ୍ଦିର ପରିସର, ପୌରାଣିକ ସୀତାକୁଣ୍ଡ, ପ୍ରତି ପରିବାରର ଗାଧୁଆଘର, ଗୋଶାଳାଗୁଡିକ ବିଶୋଧନ କରାଯାଇଥିଲା। ଶ୍ରୀନିବାସ ପାତ୍ର, ସୀମାଞ୍ଚଳ ପାଣିଗ୍ରାହୀ, ସନୁ ଅନୁଗୁ, ସତ୍ୟନାରାୟଣ ଦାସ, ସଞ୍ଜୟ ଡାଲି, ହୃଷୀକେଶ ସେଠୀ, ପ୍ରଭାକର ସୁନା, ଭଗବାନ ସାହୁ, କୁନୁ ସାହାଣୀ, ଜିଲା ସହକାରୀ ଶ୍ରମ ଅଧିକାରୀ, ପିଇଓ ବିଜୟ ପଣ୍ଡା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପାଣ୍ଡ୍ରିପାଣି, ପାଙ୍ଗାମ,ମାଥିଲି ଖଇରପୁଟ ବ୍ଲକ ସଦର ମହକୁମାରେ ସଂଘ ପକ୍ଷରୁ ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବୁଧବାର, ଏପ୍ରିଲ ୨୨/୨୦୨୦ Wednesday, April 22/2020

## ସଂକ୍ଷେପରେ

### ଇନ୍‌ଭେଷ୍ଟ ଇନ୍ ଇଣ୍ଡିଆର ପଦକ୍ଷେପ

**ନୂଆଦିଲ୍ଲୀ,୨୧।୪:** ଦେଶର ଅଭିବୃଦ୍ଧି ଫେରାଇ ଆଣାଯିବ ବୋଲି ଶିଳ୍ପଜଗତ ସହ ମିଳିତ ହୋଇ କାମ କରୁଥିବା ଇନ୍‌ଭେଷ୍ଟ ଇଣ୍ଡିଆର ଏମ୍‌ଡି ତଥା ସିଇଓ ଦୀପକ ବାଗଲା କହିଛନ୍ତି। ଭାରତ-କାନାଡା ବିଜ୍‌ନେସ କରିଡରର ୧୫୦ ଅଂଶୀଦାରଙ୍କୁ ଏକ ୱେବିନାରରେ ସେ ସମ୍ବୋଧିତ କରିଛନ୍ତି। ଇଣ୍ଡୋକାନାଡିଆନ ବିଜ୍‌ନେସ ଚାମ୍ବର ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦ୍ୱିପାକ୍ଷିକ ବାଣିଜ୍ୟ ନେଇ ବିଭିନ୍ନ ଆଲୋଚନା କରାଯାଇଛି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟକୁ ନୂଆ ସୁଯୋଗ ଭାବେ ଗ୍ରହଣ କରିବା ଦିଗରେ ପଦକ୍ଷେପ ନିଆଯାଉଥିବା ଚାମ୍ବରର ସିଇଓ ନାଦିରା ହମିଦ କହିଛନ୍ତି।

### ରାଜସ୍ଥାନ ସରକାରଙ୍କ ସ୍ୱତନ୍ତ୍ର ପଦକ୍ଷେପ

**ନୂଆଦିଲ୍ଲୀ,୨୧।୪:** ଲକ୍‌ଡାଉନରେ ଅର୍ଥ ବ୍ୟବସ୍ଥାକୁ ଗତିଶୀଳ କରିବା ଲାଗି ରାଜସ୍ଥାନ ସରକାର ସ୍ୱତନ୍ତ୍ର ପଦକ୍ଷେପ ହାତକୁ ନେଇଛନ୍ତି। ଅଶୋକ ଗେହଲଟଙ୍କ ନେତୃତ୍ୱାଧୀନ ରାଜସ୍ଥାନ ସରକାର ଭିଲୱାଲା ଅଞ୍ଚଳରେ ସମ୍ପୂର୍ଣ୍ଣ କର୍ଫ୍ୟୁ ଜାରି କରିଛନ୍ତି। ଦେଶ ସାରା ଲକ୍‌ଡାଉନ ପୂର୍ବରୁ ଏହି ରାଜ୍ୟ ଲକ୍‌ଡାଉନ ଅବଧି ବଢ଼ାଇଥିଲା। ସ୍ୱତନ୍ତ୍ର ଗ୍ରୁପ୍ ଗଠନ, କୃଷି ଶ୍ରମିକଙ୍କ ଅଗ୍ରିମ ପେମେଣ୍ଟ ସହ ଅନ୍ୟ ଯୋଜନା ହାତକୁ ନିଆଯାଇଛି।

# ୨୦ ବର୍ଷର ନିମ୍ନ ସ୍ତରରେ ବ୍ରେଣ୍ଟ କ୍ରୁଡ୍

**ନୂଆଦିଲ୍ଲୀ,୨୧।୪**



କରୋନା ଭାଇରସ୍ ସଂକ୍ରମଣ ଯୋଗୁ ଲକ୍‌ଡାଉନ ପାଇଁ ଏବେ ସାରା ବିଶ୍ୱରେ ତୈଳ ଚାହିଦା ଖସିଯାଇଛି। ଏଥିଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ସର୍ବନିମ୍ନ ସ୍ତରକୁ ଖସିବା ଧାରା ଜାରି ରହିଛି। ସୋମବାର ଆମେରିକାର ବେଞ୍ଚମାର୍କ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ(ଡବ୍ଲ୍ୟୁଟିଆଇ) ଅଶୋଧିତ ତୈଳ ଦର ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା। ମାତ୍ର ମଙ୍ଗଳବାର ବ୍ରେଣ୍ଟ କ୍ରୁଡ୍ ଦର ବ୍ୟାରେଲ ପିଛା ୨୦ ବର୍ଷର ସର୍ବନିମ୍ନ ସ୍ତରକୁ ଖସିବା ସହ ୨୦ ଡଲାର ରହିଛି। ୨୦୦୧ ପରଠାରୁ ବ୍ରେଣ୍ଟ କ୍ରୁଡ୍ ଅଶୋଧିତ ତୈଳ ଦର କ୍ଷେତ୍ରରେ ଏହା ସର୍ବନିମ୍ନ ସ୍ତର। ୟୁରୋପୀୟ ମାନକ ବ୍ରେଣ୍ଟ ଅଶୋଧିତ ତୈଳ ଦର ମଙ୍ଗଳବାର କାରବାର ସମୟରେ ଉତ୍ଥାନ ପତନ ସହ ୧୮.୧୦ ଡଲାରକୁ ଖସିଥିଲା। ଏଥିରେ ସୁଧାର ଦେଖାଯିବା ସହ ବ୍ୟାରେଲ ପିଛା ଦର ୨୧.୫୧ ଡଲାର ସ୍ତରରେ ରହିଛି।

ଚାହିଦାରେ ଐତିହାସିକ କ୍ଷତି ସହ ମୂଲ୍ୟରେ ପ୍ରଥମ ଥର ଏଭଳି ନକାରାତ୍ମକ ସ୍ଥିତି ଦେଖାଯାଇଛି। ସୋମବାର ଆମେରିକାର ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ ତୈଳ ଦର କ୍ଷେତ୍ରରେ ମେ ମାସର ଫ୍ୟୁଚର ଟ୍ରେଡିଂରେ ତେଲ ଦର ବ୍ୟାରେଲ ପିଛା ୪୦ ଡଲାର ଖସିଛି। ଏହାର ଅର୍ଥ ହେଲା ଉତ୍ପାଦନକାରୀ କମ୍ପାନୀଗୁଡିକ ତେଲ କିଣୁଥିବା ଅଂଶୀଦାରଙ୍କୁ ଅର୍ଥ ପ୍ରଦାନ କରିବେ। ଏହାର ପ୍ରଭାବ ଭାରତ ଉପରେ କିଭଳି ରହିବ ତାକୁ ପ୍ରଥମେ ଧ୍ୟାନଦେବା।

### କାହିଁକି ଖସିଲା ଦର?

୨୦୧୯ର ଶେଷ ଆଡକୁ ଚାଇନାରେ କରୋନା ଭାଇରସ୍ ବ୍ୟାପିବା ଯୋଗୁ ଅନ୍ତର୍ଜାତୀୟ ବଜାରରେ ତେଲ ଦର ଲଗାତର ଭାବେ ଖସୁଛି। ଚାଇନା ପରେ ଭୂତାଣୁ ଏବେ ସାରା ବିଶ୍ୱକୁ ନିଜ କବଳରେ କରିନେଇଛି। ଲକ୍‌ଡାଉନ ପାଇଁ ପରିବହନ, କଳକାରଖାନା ଏବଂ ବିମାନ ଶିଳ୍ପ ଏବେ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏହା ଫଳରେ ଚାହିଦା ସମ୍ପୂର୍ଣ୍ଣ ଭାବେ ଖସିଯାଇଛି। ତେଲ ଚାହିଦା ଏବେ ୨୫ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଛି। ଏଭଳି ସ୍ଥିତିରେ ମଧ୍ୟ ତେଲ ଉତ୍ପାଦନକାରୀ ଦେଶଗୁଡିକ ଉତ୍ପାଦନ ଜାରି ରଖିଛନ୍ତି। ଯୋଗାଣ ଅଧିକ ରହିଥିବା ବେଳେ ଚାହିଦା କମିବା ଯୋଗୁ ତେଲ ବଜାରରେ ସନ୍ତୁଳନ ବିଗିଡିଛି।

### ଭାରତ ଉପରେ କ'ଣ ପ୍ରଭାବ

ତେଲର ଅତ୍ୟଧିକ ଉତ୍ପାଦନ ଏବଂ ଯୋଗାଣ ସ୍ଥିତି ଆମେରିକାରେ ରହିଛି। ଅନ୍ୟ ଦେଶଗୁଡିକରେ ଚାହିଦା କମିଛି ହେଲେ ଓଭରଫ୍ଲୋ ସ୍ଥିତି ନାହିଁ। ଆମେରିକାର ତୈଳ ଉତ୍ପାଦନକାରୀ କମ୍ପାନୀଗୁଡିକ ଦୈନିକ ୧ କୋଟି ବ୍ୟାରେଲ ତୈଳ ଉତ୍ପାଦନ କରୁଛନ୍ତି। ଅଏଲ ଷ୍ଟୋରେଜ ଟ୍ୟାଙ୍କଗୁଡିକ ଭରି ହୋଇ ରହିଥିବା ବେଳେ କମ୍ପାନୀ ବଳକା ତେଲକୁ କୌଣସି ବି ସ୍ଥିତିରେ ବିକିବାକୁ ଚାହୁଁଛନ୍ତି। ବାକି ଦେଶରେ ତେଲ ଦର କମିଥିଲେ ମଧ୍ୟ ଶୂନ ସ୍ତରକୁ ଖସିଛି। ଭାରତ କଥା ବିଚାର କଲେ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ(ଡବ୍ଲ୍ୟୁଟିଆଇ) ମୂଲ୍ୟ କ୍ଷେତ୍ରରେ ଆସିଥିବା ପରିବର୍ତ୍ତନ କୌଣସି ପ୍ରଭାବ ପକାଇବ ନାହିଁ। ଭାରତ ସାଧାରଣତଃ ବ୍ରେଣ୍ଟ କ୍ରୁଡ୍ ଅଏଲ ଉପରେ ନିର୍ଭର କରିଥାଏ। ଏହାକୁ ଇଣ୍ଟରନ୍ୟାଶନାଲ ବେଞ୍ଚମାର୍କ ଅଏଲ ପ୍ରାଇସ ବୋଲି ବିଚାର କରାଯାଏ। ବ୍ରେଣ୍ଟ କ୍ରୁଡ୍ ଏବେ ବ୍ୟାରେଲି ପିଛା ପ୍ରାୟ ୨୫ ଡଲାର ରହିଛି। ଜାନୁୟାରୀରୁ ବର୍ତ୍ତମାନ ପର୍ଯ୍ୟନ୍ତ ବ୍ରେଣ୍ଟ ମୂଲ୍ୟରେ ୨%ରୁ ଅଧିକ ହ୍ରାସ ଘଟିଛି। ଯାହା ୧୮ ବର୍ଷର ସର୍ବନିମ୍ନ ସ୍ତର। ଭାରତକୁ ତେଲ ଶସ୍ତାରେ ମିଳୁଥିଲେ ମଧ୍ୟ ଶୂନ ସ୍ତରକୁ ଆସିବା ଭଳି ସ୍ଥିତି ଉପୁଜି ନାହିଁ।

ଅଶୋଧିତ ତୈଳ ଦର ଖସିବା ଯୋଗୁ ଚଳିତ ବର୍ଷ ପେଟ୍ରୋଲ ଡିଜେଲ ଦର ହ୍ରାସ ହେବା ମଧ୍ୟ ସମ୍ଭାବନା ଉପୁଜିଛି। ଅଶୋଧିତ ତୈଳ ଦର ଖସିବା ଭଳି ପେଟ୍ରୋଲ ଡିଜେଲ ଦର ଯେ ବୃହତ୍ ପରିମାଣରେ ହ୍ରାସ ହେବ ସେ ନେଇ ଚିନ୍ତା କରିବା ଠିକ୍ ହେବ ନାହିଁ। ଏହାର କାରଣ ହେଲା ରିଫାଇନେରିଠାରୁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ତେଲକୁ ବିକ୍ରି କରିବା ଲାଗି ଆଣିବାରେ କମ୍ପାନୀଗୁଡିକର ଟିକସ, ଡିଲର କମିଶନ ଏବଂ ଲାଭ ମଧ୍ୟ ବିଚାର କରାଯାଇଥାଏ। ଭାରତୀୟ ତୈଳ ବିଶୋଧନାଗାରଗୁଡିକ ପ୍ରଥମେ ଅଶୋଧିତ ତୈଳ କ୍ରୟ କରିଥାନ୍ତି। ସେଥିରୁ ପେଟ୍ରୋଲ, ଡିଜେଲ ସମେତ ଅନ୍ୟ ପେଟ୍ରୋଲିୟମ ପ୍ରଡକ୍ଟ ଉତ୍ପାଦନ କରାଯାଇଥାଏ। ତେଲ କମ୍ପାନୀ ସେମାନଙ୍କ ଲାଭ ରଖିବା ସହ ଏହାକୁ ପେଟ୍ରୋଲ ପମ୍ପ ନିକଟରେ ପହଞ୍ଚାଇଥାନ୍ତି। ପେଟ୍ରୋଲ ପମ୍ପ ମାଲିକ ଲିଟର ପିଛା ନିର୍ଦ୍ଧାରିତ କମିଶନ ମଧ୍ୟ ନେଇଥାନ୍ତି। ରିଟେଲ ପ୍ରାଇସ ଉପରେ ଉତ୍ପାଦନ ଶୁଳ୍କ ଏବଂ ଭାଟ ମଧ୍ୟ ଲାଗୁ ହୁଏ। ଏଥିଯୋଗୁ ଉପଭୋକ୍ତାଙ୍କୁ ନିଜ ପକେଟରୁ ଅଧିକ ଖର୍ଚ୍ଚ କରିବାକୁ ପଡେ।

### ନିବେଶକଙ୍କ କ୍ଷତି ୩.୩୦ ଲକ୍ଷ କୋଟି



**ନୂଆଦିଲ୍ଲୀ, ୨୧।୪:** ମଙ୍ଗଳବାର ଦେଶର ପୁଞ୍ଜିବଜାରରେ କାରବାର ଗଭୀର ଭାବେ ପ୍ରଭାବିତ ହୋଇଥିବା ଜଣାପଡିଛି। ଏହି ସମୟରେ ନିବେଶକଙ୍କ ୩.୩୦ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ଅଶୋଧିତ ତୈଳ ଦର ଅତ୍ୟଧିକ ଖସିବା ଏବଂ ବିଶ୍ୱ ଶେୟାର ବଜାରଗୁଡିକର କାରବାର ନିମ୍ନରେ ରହିବା ଯୋଗୁ ନିବେଶକଙ୍କ ମନୋଭାବକୁ ଏହା କ୍ଷତି ପହଞ୍ଚାଇଛି। ଏହି ସମୟରେ ସେନ୍‌ସେକ୍ସ ୧.୦୧୧.୨୯ ପଏଣ୍ଟ ବା ୩.୨୦% ଖସିବା ଯୋଗୁ କାରବାର ୩୦,୬୩୬.୭୧% ସ୍ତରରେ ରହିଛି। ଲକ୍‌ଡାଉନ ଏବଂ ବିଶ୍ୱ ବଜାର କାରବାର ପ୍ରଭାବିତ ହେବା ଯୋଗୁ ଭାରତୀୟ ପୁଞ୍ଜି ବଜାରର ନିବେଶକ ଏହା ଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି ବୋଲି ଜିଓଜିତ ଫାଇନାନ୍ସିଆଲ ସର୍ଭିସର ମୁଖ୍ୟ ବିନୋଦ ନାୟାର କହିଛନ୍ତି।

## ପ୍ରତି ବ୍ୟକ୍ତିଙ୍କ ଯୋଗଦାନ ଜରୁରୀ: ସୁବ୍ରତ ରାୟ

**ମୁମ୍ବାଇ,୨୧।୪:** କୋଭିଡ୍-୧୯ ଯୋଗୁ ବର୍ତ୍ତମାନ ଉପୁଜିଥିବା ସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ସୁଚିନ୍ତିତ ପଦକ୍ଷେପ ଲୋଡ଼ା ରହିଛି। କରୋନା ବିରୋଧରେ ଲଢ଼େଇ କେବଳ ସରକାରଙ୍କ କାମ ନୁହେଁ। ପ୍ରତି ବ୍ୟକ୍ତି ବିଶେଷଙ୍କ ଯୋଗଦାନ ଏ କ୍ଷେତ୍ରରେ ଜରୁରୀ ହୋଇ ପଡିଛି ବୋଲି ସାହାରା ଗ୍ରୁପ୍ ଅଧ୍ୟକ୍ଷ ସୁବ୍ରତ ରାୟ ରବିବାର ଏହା କହିଛନ୍ତି। ବିଶ୍ୱର ସ୍ଥିତିକୁ ସଙ୍କଟାପନ୍ନ କରିଥିବା ଏହି ମହାମାରୀ ବିରୋଧରେ ଲଢିବା ଲାଗି ବ୍ୟକ୍ତି ଲୋକଙ୍କର ସମାନ ଉତ୍ତରଦାୟିତ୍ୱ ରହିଛି। ଏହି ଲଢ଼େଇ ସମଗ୍ର ମାନବ ଜାତିର। ଏଥିରେ ପ୍ରତି ବ୍ୟକ୍ତି ଜଣେ ଜଣେ ଯୋଦ୍ଧା। ଏହି ଲଢ଼େଇରେ ଲୋକମାନେ ଯୋଗଦାନ ରଖିଲେ ଭାରତ ନିଶ୍ଚିତ ପକ୍ଷେ ବିଜୟୀ ହେବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ସାମାଜିକ ଦୂରତ୍ୱ ରକ୍ଷା ସହ ସରକାର କହିଥିବା ବିଭିନ୍ନ ନିୟମ ମାନିବାକୁ ସେ ଲୋକଙ୍କୁ ନିବେଦନ କରିଛନ୍ତି।

## ହିରୋ ପକ୍ଷରୁ ସ୍ୱତନ୍ତ୍ର ରିଲିଫ କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୨୧।୪:** ହିରୋ ମୋଟୋକର୍ପ ପକ୍ଷରୁ ସ୍ୱତନ୍ତ୍ର ରିଲିଫ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୫ ହଜାରରୁ ଉର୍ଦ୍ଧ୍ୱ ଲିଟରର ସାନିଟାଇଜର ଲୋକଙ୍କୁ ବଣ୍ଟନ କରିଛି। କମ୍ପାନୀ ୪ ଲକ୍ଷ ଲୋକଙ୍କୁ ମାସ୍କ, ୩ ଲକ୍ଷ ଲୋକଙ୍କୁ ଭୋଜନ ବିତରଣ କରିଛି। କମ୍ପାନୀ ଏହାର ଉତ୍ପାଦନକୁ ବର୍ତ୍ତମାନ ବନ୍ଦ ରଖିଛି। ମାର୍ଚ୍ଚ ୨୨ଠାରୁ କମ୍ପାନୀର ଉତ୍ପାଦନ ବନ୍ଦ ରଖାଯାଇଛି। ୬୦ ଆମ୍ବୁଲାନ୍ସକୁ ଏହା



ସହାୟତା କାର୍ଯ୍ୟରେ ନିୟୋଜିତ କରିଛି। ରିଲିଫ ସହାୟତା ଲାଗି ୨୦୦୦ ମୋଟର ସାଇକେଲ ପ୍ରଦାନ କରାଯାଇଛି। ପ୍ରତିଦିନ ୧୫ ହଜାର ଭୋଜନ ଲୋକଙ୍କୁ ପ୍ରଦାନ କରାଯାଉଛି। କୋଭିଡ୍-୧୯ ଲାଗି ପିଏମ୍ କେୟାର୍ସ ଫଣ୍ଡକୁ ୫୦ କୋଟି ଏବଂ ରିଲିଫ କାର୍ଯ୍ୟ ଲାଗି ଅବଶିଷ୍ଟ ୫୦ କୋଟି ଏବଂ ୨୦୦ ଶଯ୍ୟା ବିଶିଷ୍ଟ ଆଇସୋଲେଶନ ସେଣ୍ଟର ସୁବିଧା କରାଯାଇଛି।

# ଖେଳ ଖବର

### ଗଲ୍ଫର ଅର୍ଜୁନ ସଂଗ୍ରହ କଲେ ୩.୩ ଲକ୍ଷ ଟଙ୍କା



**ନୂଆଦିଲ୍ଲୀ,୨୧।୪ (ପି.ଟି.):** କୋଭିଡ୍-୧୯ ମୁକାବିଲା ପାଇଁ ଯୁବ ଗଲ୍ଫର ଅର୍ଜୁନ ଭାଟି ପ୍ରୟାସ ଜାରି ରଖିଛନ୍ତି। ସେ ୩.୩ ଲକ୍ଷ ଟଙ୍କାର ପାଣ୍ଠି ସଂଗ୍ରହ କରିଛନ୍ତି। ନିଜର ଫଟା ଜୋତା ବିକ୍ରି କରି ସେ ଏହି ରାଶି ସଂଗ୍ରହ କରିଛନ୍ତି। ୨୦୧୮ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍ ଅବସରରେ ଅର୍ଜୁନ ଏହି ଜୋତା ପିନ୍ଧି ଚାମ୍ପିୟନ ହୋଇଥିଲେ। ଗ୍ରେଟର ନୋଏଡାର ଏହି ୧୫ ବର୍ଷୀୟ ଗଲ୍ଫର ପୂର୍ବରୁ ନିଜର ୧୦୨ଟି ଟ୍ରଫି ବିକ୍ରି କରି ୪.୩୦ ଲକ୍ଷ ଟଙ୍କା ପ୍ରଧାନମନ୍ତ୍ରୀଙ୍କ କେୟାର୍ସ ଫଣ୍ଡକୁ ପ୍ରଦାନ କରିଥିଲେ। ଛିଣ୍ଡା ଜୋତା ବିକ୍ରି କରି ସେ ୩,୩୦, ୦୦୦ ଟଙ୍କା ପ୍ରଧାନମନ୍ତ୍ରୀ କେୟାର୍ସ ଫଣ୍ଡକୁ ଦେଇଛନ୍ତି ବୋଲି ଅର୍ଜୁନ କହିଛନ୍ତି।

## ଫନ୍ ଫିଟ୍‌ନେସ ଚ୍ୟାଲେଞ୍ଜ

**ବେଙ୍ଗାଲୁରୁ, ୨୧।୪**



କରୋନା ଭାଇରସ୍ ସଂକ୍ରମଣ ଯୋଗୁ ପ୍ରଭାବିତ ହୋଇଥିବା ଗରିବ ଓ ପ୍ରବାସୀ ଶ୍ରମିକଙ୍କ ପାଇଁ ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ଭାରତୀୟ ମହିଳା ହକି ଦଳ ପକ୍ଷରୁ ଫନ୍ ଫିଟନେସ ଚ୍ୟାଲେଞ୍ଜ ଆରମ୍ଭ ହୋଇଛି। ଏହାପ୍ରତି ଲୋକମାନଙ୍କ ବଦାନ୍ୟତା ମନୋଭାବପ୍ରତି କୃତଜ୍ଞତା ଜଣାଇଛନ୍ତି ଭାରତୀୟ ଦଳ ମିଡ୍‌ଫିଲ୍ଡର ସୁଶିଳା ଚାନୁ। "ଭାରତୀୟ ମହିଳା ହକି ଦଳ ୧୦୦୦ ଲୋକଙ୍କୁ ଖାଦ୍ୟ ଯୋଗାଇବାକୁ ଲକ୍ଷ୍ୟ ରଖିଛି। ଏଥିପ୍ରତି ଲୋକଙ୍କ ସମର୍ଥନ ଓ ଭଲପାଇବା ଆମକୁ ଅଭିଭୂତ କରିଛି" ବୋଲି ମଣିପୁର ଇମ୍ଫାଲର ଚାନୁ ପ୍ରକାଶ କରିଛନ୍ତି। ଚାନୁଙ୍କ ବାପା ଜଣେ ଡ୍ରାଇଭର ଭାବେ କାର୍ଯ୍ୟରତ। ଭାରତୀୟ ଦଳ ୪ ଦିନ ମଧ୍ୟରେ ୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସଂଗ୍ରହ କରିଛି। ଏହି ପ୍ରକ୍ରିୟା ଲକ୍‌ଡାଉନ୍ ଶେଷ ଅର୍ଥାତ୍ ମେ' ୩ ପର୍ଯ୍ୟନ୍ତ ଚାଲିବ। "ଆମେ ଏଇଥିପାଇଁ ଖୁସି ଯେ, ଲୋକମାନେ କେବଳ ଆର୍ଥିକ ସାହାଯ୍ୟ କରୁନାହାନ୍ତି, ସେମାନେ ଫିଟ୍‌ନେସ ଚ୍ୟାଲେଞ୍ଜରେ ଅଂଶଗ୍ରହଣ ମଧ୍ୟ କରୁଛନ୍ତି। ସମସ୍ତେ ଶାରୀରିକଭାବେ ସକ୍ରିୟ ରହିବା ଗୁରୁତ୍ୱପୂର୍ଣ୍ଣ। ଫିଟ୍‌ନେସ ଚ୍ୟାଲେଞ୍ଜ୍ ପାଇଁ ଆମେ ଯେଉଁ ଡିଜାଇନ୍ ପ୍ରସ୍ତୁତ କରିଛୁ କଷ୍ଟକର ନୁହେଁ, ଏହାକୁ ଘର ମଧ୍ୟରେ ରହି କରିହେବ" ବୋଲି ଚାନୁ କହିଛନ୍ତି । ଚାନୁ, ପୁନମ ରାଣୀ ଓ ଲିଲି ଚାନୁ ମାୟେଙ୍ଗବାମ୍ ମିଶି ଲୋକମାନଙ୍କୁ '୨୦ ପୁଶ୍‌ଅପ୍ ଏବଂ ୨୦ ଡିପ୍' ପାଇଁ ଚ୍ୟାଲେଞ୍ଜ କରିଛନ୍ତି। ଚାନୁ ଭାରତୀୟ ପୁରୁଷ ହକି ଦଳର ସଦସ୍ୟ କୋଥାଜିତ ସିଂ ଓ ଚିଙ୍ଗଲେନସାନା ସିଂଙ୍କୁ ଚ୍ୟାଲେଞ୍ଜ ଦେଇଥିଲେ। ବକ୍ସର ସରିତା ଦେବୀ ମଧ୍ୟ ତାଙ୍କ ନିକଟରୁ ଚ୍ୟାଲେଞ୍ଜ ପାଇଥିଲେ। ପ୍ରକାଶ ଯୋଗ୍ୟ ଯେ, ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ଟ୍ରେନିଂ ନେଉଥିବା ଭାରତୀୟ ମହିଳା ହକି ଦଳର ୨୪ଜଣିଆ କୋର୍ ସଦସ୍ୟା ସମ୍ପ୍ରତି ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ରହିଛନ୍ତି। ସେମାନେ ଆଇସୋଲେଶନରେ ବ୍ୟକ୍ତିଗତ ଫିଟ୍‌ନେସ ରୁଟିନ ପ୍ରସ୍ତୁତ କରି ତାହାକୁ କାର୍ଯ୍ୟକାରୀ କରୁଛନ୍ତି।

### ଅଲିମ୍ପିକ୍ସ ସ୍ଥଗିତଜନିତ ବ୍ୟୟଭାରକୁ ନେଇ ଦ୍ୱନ୍ଦ୍ୱ

**ଟୋକିଓ, ୨୧।୪ (ଏପି):** କରୋନା ସଂକ୍ରମଣ ଆଶଙ୍କାରେ ଟୋକିଓ ଅଲିମ୍ପିକ୍ସକୁ ସ୍ଥଗିତ ରଖାଯାଇଛି। ଗେମ୍ସକୁ ବର୍ଷେ ଘୁଞ୍ଚାଇ ଦିଆଯିବା ଦ୍ୱାରା ଏବାବଦ ବ୍ୟୟଭାର କିଏ ବହନ କରିବ ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଅଲିମ୍ପିକ୍ସ ସ୍ଥଗିତ ହେବା ବାବଦ ଅଧିକାଂଶ ଖର୍ଚ୍ଚ ବହନ କରିବାକୁ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ରାଜିଥିବା ସୁଇଜରଲାଣ୍ଡରେ ଅବସ୍ଥିତ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ୱେବସାଇଟ୍‌ରେ ପ୍ରକାଶ କରିଛି। ଟୋକିଓ ମୁଖପାତ୍ର ମାସା ଟାକାୟା କିନ୍ତୁ ଏହାକୁ ଅସ୍ୱୀକାର କରି ଏହି ଟିପ୍ପଣୀ ପ୍ରତ୍ୟାହାର କରିନେବା ଲାଗି ଆଇଓସିକୁ କହିଛନ୍ତି। ଜାପାନ ଗଣମାଧ୍ୟମ ରିପୋର୍ଟ ଅନୁସାରେ କରୋନା ଭାଇରସ୍ ମହାମାରୀ ଯୋଗୁ ଅଲିମ୍ପିକ୍ସ ବର୍ଷେ ବିଳମ୍ବ କରାଯିବା ଦ୍ୱାରା ଅତିରିକ୍ତ ୨ରୁ ୬ ବିଲିୟନ ଡଲାର ବ୍ୟୟ ହେବ। ହେଲେ ଉଭୟ ପକ୍ଷ ଏପର୍ଯ୍ୟନ୍ତ ଏନେଇ ସେମାନଙ୍କ ଆକଳନ ପ୍ରକାଶ କରିନାହାନ୍ତି।

## ଭାରତ, ଅଷ୍ଟ୍ରେଲିଆ ମଧ୍ୟରେ ଟି୨୦ ବିଶ୍ୱକପ୍ ବଦଳ ହେଉ

**ନୂଆଦିଲ୍ଲୀ,୨୧।୪(ପି.ଟି.):** କୋଭିଡ-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଭାରତୀୟ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଛନ୍ତି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଟି୨୦ ବିଶ୍ୱକପ୍ ଆୟୋଜନ ନେଇ ଅଦଳବଦଳ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଅଷ୍ଟ୍ରେଲିଆ ଚଳିତ ବର୍ଷ ୨୦୨୦ ବିଶ୍ୱକପ ଆୟୋଜନ କରିବ। ସେହିପରି ଭାରତ ୨୦୨୧ରେ ମଧ୍ୟ ଏହି ମେଗା ଇଭେଣ୍ଟ ଆୟୋଜନ କରିବ। କିନ୍ତୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏହି ଇଭେଣ୍ଟର ଆୟୋଜନ ନେଇ ଅଦଳବଦଳ ହେବା ଉପରେ ସେ ମତ ରଖିଛନ୍ତି। ଆସନ୍ତା ବର୍ଷ ବଦଳରେ ଭାରତ ଚଳିତ ବର୍ଷ ଓ ଚଳିତ ବର୍ଷ ବଦଳରେ ଅଷ୍ଟ୍ରେଲିଆ ଆସନ୍ତା ବର୍ଷ ଟି୨୦ ବିଶ୍ୱକପ୍ ଆୟୋଜନ କରନ୍ତୁ ବୋଲି କହିଛନ୍ତି।

କୋଭିଡ-୧୯ ସଂକ୍ରମଣ କାରଣରୁ ବିଶ୍ୱକ୍ରୀଡ଼ା ଏବେ ସ୍ଥାଣୁ ପ୍ରାୟ



ହୋଇଯାଇଛି। ଅଷ୍ଟ୍ରେଲିଆରେ ଆଗାମୀ ଅକ୍ଟୋବର ୧୮ରୁ ନଭେମ୍ବର ୧୫ ତାରିଖ ମଧ୍ୟରେ ଟି୨୦ ବିଶ୍ୱକପ ଖେଳାଯିବ। ତେବେ ଏହି ଭାଇରସ୍ କାରଣରୁ ବିଶ୍ୱକପ୍ ଆୟୋଜନ ଏବେ ଅନିଶ୍ଚିତତା ଆଡକୁ ଚାଲିଯାଇଛି। ପୁଣି ଅଷ୍ଟ୍ରେଲିଆ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ତା'ର ସୀମା ସିଲ କରିଛି। ଟୁର୍ନାମେଣ୍ଟ ଅକ୍ଟୋବର ମଝିରେ ଆରମ୍ଭ ହେଉଥିବାରୁ ଏହାର ଆୟୋଜନ ନିଶ୍ଚିତ ଭାବେ କଷ୍ଟକର ବୋଲି ଗାଭାସ୍କର କହିଛନ୍ତି।

## ନାସିର ହୁସେନଙ୍କ ପସନ୍ଦ ବିରାଟ କୋହଲି

**ଲଣ୍ଡନ, ୨୧।୪:** ବିଶ୍ୱର ବିଖ୍ୟାତ କ୍ରିକେଟରଙ୍କ ମଧ୍ୟରୁ ୪ ଜଣଙ୍କ ଖେଳ ସେ ସର୍ବଦା ଦେଖିବାକୁ ପସନ୍ଦ କରିବେ ବୋଲି କହିଛନ୍ତି ପୂର୍ବତନ ଇଂଲଣ୍ଡ କ୍ରିକେଟ ଅଧିନାୟକ ନାସିର ହୁସେନ। ସେମାନଙ୍କ ମଧ୍ୟରେ ୩ ଜଣ ପୂର୍ବତନ ଓ ଜଣେ ସକ୍ରିୟ କ୍ରିକେଟର। ତେବେ ସକ୍ରିୟ କ୍ରିକେଟର ଜଣଙ୍କ ହେଉଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି।



କ୍ରିକେଟ ଜଗତର ଜଣେ ପ୍ରତିଷ୍ଠିତ ବିଶ୍ଳେଷକ ଏବଂ ଭାଷ୍ୟକାର ଭାବେ ପରିଚିତ ହୁସେନ ପ୍ରଥମେ ପାକିସ୍ତାନର କିମ୍ବଦନ୍ତୀ ଓପନର ସଇଦ ଅନୱରଙ୍କ ନାମ ନେଇଛନ୍ତି। ଅନୱରଙ୍କ ଦୃଷ୍ଟି ଅନ୍ୟମାନଙ୍କ ଅପେକ୍ଷା ଭଲଭାବେ ବଲ୍ ଉପରେ କେନ୍ଦ୍ରିତ ହୋଇଥାଏ। ଏହା ବ୍ୟତୀତ ସେ ଅଫ୍-ସାଇଡ୍‌ରେ ଖେଳିବାରେ ମାହିର। ଅନ୍ତର୍ଜାତୀୟ କ୍ୟାରିୟରରେ ପାଖାପାଖି ୧୩,୦୦୦ରନ କରିଥିବା ଅନୱର ପାକିସ୍ତାନର ଅନ୍ୟତମ ଶ୍ରେଷ୍ଠ ଖେଳାଳି। ଉଜ୍ଜ୍ୱଳମୟ ୧୪ ବର୍ଷର କ୍ୟାରିୟରରେ ସେ ଉଭୟ ଟେଷ୍ଟ ଓ ଏକଦିବସୀୟରେ ଚମତ୍କାର ପ୍ରଦର୍ଶନ କରିଥିଲେ।

ନାସିର ଦ୍ୱିତୀୟ ଓ ତୃତୀୟରେ ୱେଷ୍ଟଇଣ୍ଡିଜ ଲିଜେଣ୍ଡ ବ୍ରାଏନ ଲାରା ଏବଂ ବିରାଟ କୋହଲିଙ୍କ ବ୍ୟାଟିଂ ଦେଖିବାକୁ ପସନ୍ଦ କରିବେ ବୋଲି କହିଛନ୍ତି। ମୁଁ ଲାରାଙ୍କ ପୁରୁଣା ଫୁଟେଜ୍ ଦେଖିଛି। ତାଙ୍କର ବ୍ୟାକ୍-ଲିଫ୍ଟ ଅତୁଳନୀୟ। ସେହିପରି କୋହଲି ୫୦ ଓଭର ଫର୍ମାଟରେ ରନଚେଜ୍ ମାଷ୍ଟର। ସ୍କୋର ଯେତେ ଥାଉନା କାହିଁକି ବିରାଟ ସବୁବେଳେ ତାହାକୁ ଚେଜ୍ କରିବାର ଦକ୍ଷତା ରଖିଛନ୍ତି ।

ଚତୁର୍ଥରେ ହୁସେନ ଇଂଲଣ୍ଡ କ୍ରିକେଟ ଲିଜେଣ୍ଡ ଡେଭିଡ ଗାୱାରଙ୍କୁ ପସନ୍ଦ କରିଛନ୍ତି। ତାଙ୍କ କଭର ଡ୍ରାଇଭ୍ ଦର୍ଶନୀୟ। "ଗାୱାର ହେଉଛନ୍ତି ମୋ ପିଲା ଦିନର ଆଦର୍ଶ। କେଣ୍ଟରେ ଜନ୍ମିତ ଗାୱାର ଇଂଲଣ୍ଡ ପକ୍ଷରୁ ୧୯୭୮ରୁ ୧୯୯୨ ମଧ୍ୟରେ ୧୧,୩୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୨୫ ଶତକ ଏବଂ ୫୧ ଅର୍ଦ୍ଧଶତକ ସାମିଲ।

### ଲିଗ୍ କମିଟିର ପ୍ରସ୍ତାବ ଗୃହୀତ

## ମୋହନ ବାଗାନ ଚାମ୍ପିୟନ

**ନୂଆଦିଲ୍ଲୀ,୨୧।୪ (ପି.ଟି.)**

ଦେଶର ଅନ୍ୟତମ ପ୍ରମୁଖ ଫୁଟବଲ ପ୍ରତିଯୋଗିତା ଆଇ- ଲିଗ୍‌ର ଚାମ୍ପିୟନ ଦଳ ସଂକ୍ରାନ୍ତରେ ଘୋଷଣା କରାଯାଇଛି। ମୋହନ ବାଗାନକୁ ଏଥର ଆଇ- ଲିଗ୍ ଚାମ୍ପିୟନ ଭାବେ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଘୋଷଣା କରିଛି। ଏଆଇଏଫ୍‌ଏଫ୍ କାର୍ଯ୍ୟକାରୀ ପ୍ୟାନେଲ ଏନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଲିଗ୍ କମିଟିର ସୁପାରିସ୍‌କୁ ଏହି ପ୍ୟାନେଲ ଗ୍ରହଣ କରିଛି। କୋଭିଡ-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଆଇ- ଲିଗ୍‌ରେ ବାକିଥିବା ୨୮ଟି ମ୍ୟାଚ୍‌କୁ ବାତିଲ କରିବାକୁ କମିଟି ସୁପାରିସ୍ କରିଥିଲା। ଶେଷରେ ଏହାକୁ ଗ୍ରହଣ କରିନିଆଯାଇଛି। ଫଳରେ ପଏଣ୍ଟ ତାଲିକା ଶୀର୍ଷରେ ଥିବା ମୋହନ ବାଗାନ କ୍ଲବ ଚାମ୍ପିୟନ ବୋଲି ଘୋଷଣା କରାଯାଇଛି। ଖେଳାଳି, ଅଫିସିଆଲ ଓ ପ୍ରଶଂସକଙ୍କ



ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଏଆଇଏଫଏଫ୍ ଏଭଳି ନିଷ୍ପତ୍ତି ନେଇଛି।

କରୋନା ଭାଇରସ ସଂକ୍ରମଣ ପାଇଁ ଏବେ ସାରା ଦେଶରେ ଫୁଟବଲ ସମେତ ଅନ୍ୟାନ୍ୟ କ୍ରୀଡ଼ା କେବେ ଆରମ୍ଭ ସେ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଫଳରେ ଲିଗ୍ କମିଟି ବାକି ସବୁ ମ୍ୟାଚ୍ ବାତିଲ କରିବାକୁ ପ୍ରସ୍ତାବ ଦେଇଥିଲା। ଫଳରେ ଆଇ- ଲିଗ୍‌ର ୨୦୧୯-୨୦ ସେସନକୁ ଶେଷ ହେଲା ଓ ମୋହନବାଗାନକୁ ଚାମ୍ପିୟନ ବୋଲି ଘୋଷଣା କରାଯାଇଛି। ଚାମ୍ପିୟନ ଦଳର ପୁରସ୍କାର ରାଶିକୁ ବାଦ୍ ଦେଲେ ବାକି ପୁରସ୍କାର ରାଶିକୁ ଅଂଶଗ୍ରହଣ କରିଥିବା ବାକି ୧୦ ଦଳ ମଧ୍ୟରେ ସମାନ ଭାବେ ବାଣ୍ଟି ଦିଆଯିବ ବୋଲି କୁହାଯାଇଛି। ତେବେ କୌଣସି ଖେଳାଳିଙ୍କୁ ବାଦ୍ ଦିଆଯିବ ନାହିଁ ଓ କାହାକୁ ବ୍ୟକ୍ତିଗତ ଭାବେ ପୁରସ୍କୃତ କରାଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ବର୍ତ୍ତମାନ ଚଳିତ ସେସନ୍‌ର ସବୁ ଯୁବ ଲିଗ୍ ଯଥା, ସବୁ ଜୁନିୟର ଲିଗ୍, ଜୁନିୟର ଲିଗ୍, ଏଲାଇଟ ଲିଗ୍, ୧୭ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ବାଳିକା ଲିଗ୍‌କୁ ଶେଷ କରାଯାଇଛି ଓ ଏହା ୨୦୨୦-୨୧ ସେସନ୍‌ରେ ନୂଆ କରି ଆରମ୍ଭ ହେବ ବୋଲି କୁହାଯାଇଛି। ୨୦୨୦-୨୧ ସେସନ କ୍ୱାଲିଫିକେଶ ପାଇଁ ସେକେଣ୍ଡ ଡିଭିଜନ କ୍ଲବଗୁଡିକୁ ନେଇ ଏକ ଅପେକ୍ଷାକୃତ ଛୋଟିଆ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଏଆଇଏଫ୍‌ଏଫ୍ ମନସ୍ଥ କରିଛି। ତେବେ ଏ ନେଇ ଏସିଆନ ଫୁଟବଲ କନଫେଡେରେଶନ (ଏଏଫ୍‌ସି) ସହିତ ଆଲୋଚନା କରାଯିବ ବୋଲି ଏଆଇଏଫ୍‌ଏଫ୍ ତରଫରୁ କୁହାଯାଇଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ